# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ସେପ୍ଟେମ୍ବର ୩୦/୨୦୨୩ (୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, September 30/2023 Page 16 ₹ 7.00

୪୯ଶ ଭାଗ ୩୦୬ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 49 ISSUE 306 ମୂଲ୍ୟ ₹୭/-




**ଶଟ୍ ପୁଟ୍‌ରେ ପଦକ ଜିତିଲେ କିରଣ ବଲିୟାନ**

ଏସିଆନ ଗେମ୍ସର ଆଥଲେଟିକ୍ସ ଇଭେଣ୍ଟରୁ ଭାରତ ପାଇଁ ପ୍ରଥମ ପଦକ ଜିତିଛନ୍ତି ଶଟ୍‌ପୁଟର କିରଣ ବଲିୟାନ।

୧୪

୧୧

**ଲେହେଙ୍ଗାରେ ଶ୍ରଦ୍ଧାଞ୍ଜଳି**

ଅଭିନେତ୍ରୀ ପରିଣୀତି ଚୋପ୍ରା ପରିଧାନ କରିଥିବା ବିବାହ ଲେହେଙ୍ଗାରେ ଛଲ୍ଲା ଲଗାଇଥିଲେ। ଜେଜେମା'ଙ୍କ ସ୍ମୃତିରେ ପରିଣୀତି ଏହି ଛଲ୍ଲାକୁ ଲେହେଙ୍ଗାରେ ଲଗାଇ ଶ୍ରଦ୍ଧାଞ୍ଜଳି ଦେଇଛନ୍ତି।



# ପୁଣି ରତ୍ନଭଣ୍ଡାର ଖେଳ

## ୬୦ ଦିନରେ ଉଚ୍ଚସ୍ତରୀୟ କମିଟି ଗଠନ କରନ୍ତୁ ରାଜ୍ୟ ସରକାର: ହାଇକୋର୍ଟ

**ପୁରୀ ଶ୍ରୀମନ୍ଦିର ରତ୍ନଭଣ୍ଡାରର ମରାମତି କରାଯାଉ ଏବଂ ତା' ଭିତରେ ଥିବା ମହାପ୍ରଭୁଙ୍କ ରତ୍ନ ସବୁ ଗଣତି ହେଉ। ଏନେଇ ବିଭିନ୍ନ ମହଲରୁ ଦାବି ହୋଇଆସୁଛି। ରତ୍ନଭଣ୍ଡାର ଚାବି ହଜିବା ପରେ ସମସ୍ତଙ୍କ ସନ୍ଦେହ ବଢ଼ିଥିବାରୁ ଏହି ଦାବି ଅଧିକ ଗୁରୁତ୍ୱବହନ କରୁଛି। ସମୟ ଗଡ଼ିଚାଲିଛି, ହେଲେ ରତ୍ନଭଣ୍ଡାର ଖୋଲିବା ନେଇ ସେଭଳି କୌଣସି ଅଗ୍ରଗତି ହୋଇନାହିଁ। ହାଇକୋର୍ଟରେ ବିଚାରାଧୀନ ଏ ସଂକ୍ରାନ୍ତ ମାମଲାରେ ମୁଖ୍ୟ ବିଚାରପତି ଶୁଭାଶିଷ ତାଳପତ୍ର ଓ ବିଚାରପତି ସାବିତ୍ରୀ ରଥଙ୍କୁ ନେଇ ଗଠିତ ଖଣ୍ଡପୀଠ ଶୁଣାଣି କରି ୬୦ ଦିନ ମଧ୍ୟରେ ଉଚ୍ଚସ୍ତରୀୟ କମିଟି ଗଠନ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବରୁ ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ୨୦୧୮ ଏପ୍ରିଲ ୪ରେ ରତ୍ନଭଣ୍ଡାରର ଭିତର କୋଠରି ଖୋଲିବା ଉଦ୍ୟମ ହୋଇଥିଲା। ହେଲେ ସେଥିରୁ କୌଣସି ସୁଫଳ ମିଳିପାରି ନ ଥିଲା। ତେଣୁ ଏବେକାର ରାୟ ପରେ କେଉଁଭଳି ପଦକ୍ଷେପ ନିଆଯିବ ସେନେଇ ସନ୍ଦେହ ଉପୁଜିଛି। କେତେକେ ଏହାକୁ ପୁଣି ଏକ ରତ୍ନଭଣ୍ଡାର ଖେଳ ବୋଲି କହିଲେଣି।**



**କଟକ,୨୯।୯ (କାର୍ତ୍ତିକ ସାହୁ)**

ରତ୍ନଭଣ୍ଡାର ମରାମତି ଓ ରତ୍ନ ଗଣତି ପାଇଁ ଉଚ୍ଚସ୍ତରୀୟ କମିଟି ଗଠନ ନିମନ୍ତେ ରାଜ୍ୟ ସରକାରଙ୍କୁ ପତ୍ର ଲେଖିବାକୁ ରିଜୋଲୁଶନ ହୋଇଥିବା ନେଇ ଶ୍ରୀମନ୍ଦିର ପରିଚାଳନା କମିଟି ପକ୍ଷରୁ ହାଇକୋର୍ଟରେ ସତ୍ୟପାଠ ଦାଖଲ ହୋଇଛି। ହାଇକୋର୍ଟ କିମ୍ବା ସୁପ୍ରିମକୋର୍ଟର ଜଣେ ଅବସରପ୍ରାପ୍ତ ବିଚାରପତିଙ୍କ ଅଧ୍ୟକ୍ଷତାରେ ଏହି କମିଟି ଗଠନ ହେବ ବୋଲି ସତ୍ୟପାଠରେ ଦର୍ଶାଯାଇଛି। ତେବେ ଶ୍ରୀମନ୍ଦିର ପରିଚାଳନା କମିଟି ରାଜ୍ୟ ସରକାରଙ୍କୁ ଏନେଇ ଅନୁରୋଧ କରିବା ଦିନଠାରୁ ଆରମ୍ଭ କରି ୬୦ ଦିନ ମଧ୍ୟରେ ଉଚ୍ଚସ୍ତରୀୟ କମିଟି ଗଠନ ଦିଗରେ ରାଜ୍ୟ ସରକାର ପଦକ୍ଷେପ ନେବେ ବୋଲି ହାଇକୋର୍ଟ ତାଙ୍କ ନିର୍ଦ୍ଦେଶରେ ସ୍ପଷ୍ଟ କରିଛନ୍ତି। ଏହି ଉଚ୍ଚସ୍ତରୀୟ କମିଟି ରତ୍ନଭଣ୍ଡାର ରତ୍ନ ଗଣତିରେ ଶ୍ରୀମନ୍ଦିର ପରିଚାଳନା କମିଟିକୁ ସହାୟତା କରିବ। ମାତ୍ର ଉକ୍ତ ଉଚ୍ଚସ୍ତରୀୟ କମିଟି ରତ୍ନଭଣ୍ଡାର ଭିତର ପାର୍ଶ୍ୱ କାନ୍ଥ ମରାମତି ଓ ରତ୍ନ ଗଣନା ନେଇ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନର ଗତ ଅଗଷ୍ଟ ୪ ତାରିଖ ବୈଠକରେ ସୁପରିଣ୍ଟେଣ୍ଡିଂ ଆର୍କିଓଲୋଜିଷ୍ଟଙ୍କ ପରାମର୍ଶ କ୍ରମେ ହୋଇଥିବା ଯୋଜନାରେ କୌଣସି ହସ୍ତକ୍ଷେପ କରିପାରିବେ ନାହିଁ ବୋଲି ହାଇକୋର୍ଟ କହିଛନ୍ତି। ହାଇକୋର୍ଟ ଆହୁରି କହିଛନ୍ତି, ଆମକୁ ଶ୍ରୀମନ୍ଦିର ପରିଚାଳନା କମିଟି ଉପରେ ରତ୍ନଭଣ୍ଡାର ପରିଚାଳନା ଓ ମରାମତି ସଂକ୍ରାନ୍ତରେ ବିଶ୍ୱାସ ରଖିବା ଉଚିତ୍। କୌଣସି ଜରୁରୀ କାର୍ଯ୍ୟର ଆବଶ୍ୟକତା ଥିଲେ ସୁପରିଣ୍ଟେଣ୍ଡିଂ ଆର୍କିଓଲୋଜିଷ୍ଟ ନିଶ୍ଚିତ ଭାବେ ଶ୍ରୀମନ୍ଦିର ପରିଚାଳନା କମିଟିକୁ ପରାମର୍ଶ ଦେବେ ବୋଲି ଆମ୍ଭେମାନେ ☞ପୃଷ୍ଠା-୨

# ମହିଳା ସଂରକ୍ଷଣ ବିଲ୍ ହେଲା ଆଇନ

**■ନାରୀଶକ୍ତି ବନ୍ଦନ ଅଧିନିୟମରେ ରାଷ୍ଟ୍ରପତିଙ୍କ ମୋହର**

**ନୂଆଦିଲ୍ଲୀ,୨୯।୯**

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶୁକ୍ରବାର ନୂଆ ମହିଳା ସଂରକ୍ଷଣ ବିଲ୍‌ରେ ସ୍ୱାକ୍ଷର କରିଛନ୍ତି। ଫଳରେ ଏହା ଏବେ ଆଇନରେ ପରିଣତ ହୋଇଛି। ଏହି ଆଇନ ବଳରେ ଲୋକ ସଭା ଓ ରାଜ୍ୟ ବିଧାନସଭାଗୁଡ଼ିକରେ ମହିଳାମାନଙ୍କୁ ୩୩% ଆସନ ସଂରକ୍ଷଣ ପ୍ରଦାନ ସୁବିଧା ରହିଛି। ସଂସଦର ସ୍ୱତନ୍ତ୍ର ଅଧିବେଶନରେ ସରକାରଙ୍କ ପକ୍ଷରୁ ଆଇନମନ୍ତ୍ରୀ ଅର୍ଜୁନରାମ ମେଘୱାଲ ସମ୍ବିଧାନ ସଂଶୋଧନ ବିଲ୍ ଆଗତ କରିଥିଲେ। ଲୋକ ସଭାରେ ଏଆଇଏମ୍ଆଇଏମ୍‌ର ୨ ସଦସ୍ୟଙ୍କୁ ଛାଡ଼ିଦେଲେ ସମସ୍ତ ସଦସ୍ୟ ଏହାକୁ ସମର୍ଥନ କରିଥିଲେ। ରାଜ୍ୟ ସଭାରେ ସର୍ବସମ୍ମତିକ୍ରମେ ବିଲ୍ ପାରିତ ହୋଇଥିଲା। ଗୁରୁବାର ରାଜ୍ୟ ସଭା ଅଧ୍ୟକ୍ଷ ତଥା ଉପରାଷ୍ଟ୍ରପତି ଜଗଦୀପ ଧନକର ଏହା ଉପରେ ସ୍ୱାକ୍ଷର କରିଥିଲେ। ଏହା ପରେ ନାରୀଶକ୍ତି ବନ୍ଦନ ଅଧିନୀୟମ, ୨୦୨୩କୁ ରାଷ୍ଟ୍ରପତିଙ୍କ ନିକଟକୁ ଅନୁମୋଦନ ପାଇଁ ପଠାଯାଇଥିଲା। ପରବର୍ତ୍ତୀ ଜନଗଣନା ଏବଂ ଲୋକ ସଭା ଓ ବିଧାନସଭା ନିର୍ବାଚନମଣ୍ଡଳୀଗୁଡ଼ିକର ସୀମା ପୁନଃ ନିର୍ଦ୍ଧାରଣ ପ୍ରକ୍ରିୟା ବେଳେ କେଉଁ ଆସନ ମହିଳା ପ୍ରାର୍ଥୀମାନଙ୍କ ☞ପୃଷ୍ଠା-୨



କଟକ ଚୌଧୁରୀବଜାରଠାରେ ଥିବା ଶାଢ଼ି ଶୋ'ରୁମ୍‌ରେ ଶୁକ୍ରବାର ଲାଗିଥିବା ନିଆଁକୁ ଅଗ୍ନିଶମ କର୍ମଚାରୀ ଲିଭାଉଛନ୍ତି।

# ଚୌଧୁରୀ ବଜାରରେ ଭୟାବହ ଅଗ୍ନିକାଣ୍ଡ

**କଟକ,୨୯।୯ (କାର୍ତ୍ତିକ ସାହୁ)**

### ଶାଢ଼ି ଶୋରୁମ୍ ଜଳିଗଲା

କଟକ ଚୌଧୁରୀବଜାରଠାରେ ଥିବା ସାଲାସର ନାମକ ଏକ ବଡ଼ ଶାଢ଼ି ଶୋ'ରୁମ୍‌ରେ ଶୁକ୍ରବାର ସକାଳେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ୪ ମହଲା ବିଶିଷ୍ଟ ଉକ୍ତ ବିଲ୍ଡିଂର ତଳ ମହଲା ସମେତ ୩ଟି ମହଲାକୁ ଅଗ୍ନି ସମ୍ପୂର୍ଣ୍ଣ ବ୍ୟାପୀ ଛାରଖାର କରିଦେଇଛି। ଅଗ୍ନିକାଣ୍ଡରେ ଲକ୍ଷାଧିକ ଟଙ୍କାର ଶାଢ଼ି ସମେତ ଅନ୍ୟାନ୍ୟ ସାମଗ୍ରୀ ପୋଡି ପାଉଁଶ ହୋଇଯାଇଛି। ଆଗକୁ ପୂଜା ଆସୁଥିବାରୁ ବହୁ ପରିମାଣର ଶାଢ଼ି ଗଚ୍ଛିତ ଥିଲା। ନିଆଁର ପ୍ରକୋପ ଏତେ ଥିଲା ଯେ ସହରର ପ୍ରାୟ ୭ଟି ଦମକଳ ବାହିନୀର ୫୦ ଜଣ କର୍ମଚାରୀ ନିଆଁକୁ ଆୟତ୍ତ କରିବା ପାଇଁ ଦୀର୍ଘ ୪ ଘଣ୍ଟା ପରିଶ୍ରମ କରିବାକୁ ପଡ଼ିଥିଲା। ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ଥିଲେ ମଧ୍ୟ ବିଦ୍ୟୁତ୍ ଶର୍ଟସର୍କିଟ୍‌ରୁ ନିଆଁ ଲାଗିଥିବା ଅନୁମାନ କରାଯାଉଛି। ଏତେବଡ଼ ଶାଢ଼ି ବ୍ୟବସାୟ ପ୍ରତିଷ୍ଠାନ ହୋଇଥିଲେ ବି ଅଗ୍ନି ନିର୍ବାପକ ବ୍ୟବସ୍ଥା ନ ଥିଲା ବୋଲି ଜିଲା ☞ପୃଷ୍ଠା-୨







# ସହମତି ବୟସ ୧୬କୁ କମାଅ ନାହିଁ

## କେନ୍ଦ୍ରକୁ ଲ' କମିଶନଙ୍କ ପରାମର୍ଶ



ଜଷ୍ଟିସ୍ ରିତୁରାଜ ଅୱସ୍ତି



ନୂଆଦିଲ୍ଲୀ,୨୯।୯

ଭାରତରେ ସହମତି ବୟସ ୧୮ ବର୍ଷ ରହିଛି। କିଶୋର ଯୌନ ସମ୍ପର୍କକୁ ନେଇ ବିତର୍କ ଜାରି ରହିଥିବାବେଳେ ୨୨ତମ ଲ' କମିଶନ ନିଜ ରିପୋର୍ଟରେ ଯୌନ ଅପରାଧରୁ ଶିଶୁଙ୍କୁ ସୁରକ୍ଷା ଦେବା ପାଇଁ ଉଦ୍ଦିଷ୍ଟ ପୋକ୍ସୋ ଆଇନ ଅଧୀନରେ ସର୍ବନିମ୍ନ ବୟସକୁ ୧୬କୁ କମାଇବାକୁ ବିରୋଧ କରିଛନ୍ତି। କମିଶନ ବୁଧବାର ଆଇନ ମନ୍ତ୍ରଣାଳୟରେ ଉକ୍ତ ରିପୋର୍ଟ ଦାଖଲ କରିଛନ୍ତି।

ଲ' କମିଶନ ନିଜ ରିପୋର୍ଟରେ କେତୋଟି ସୁପାରିସ କରିଛନ୍ତି। ପୋକ୍ସୋ ଆଇନରେ ସହମତି ବୟସ ସୀମା ହ୍ରାସ କରାଯିବା ଅନୁଚିତ ବୋଲି କେନ୍ଦ୍ର ସରକାରଙ୍କୁ ପରାମର୍ଶ ଦେଇଛନ୍ତି। ପୋକ୍ସୋ ଆଇନ, ୨୦୧୨ ଅନୁସାରେ ୧୮ ବର୍ଷରୁ କମ୍ ବୟସର ପିଲାଙ୍କ ସହ କୌଣସି ପ୍ରକାର ଯୌନ ଆଚରଣ କଲେ ତାହା ଅପରାଧର ପର୍ଯ୍ୟାୟଭୁକ୍ତ। ନାବାଳକ ଓ ନାବାଳିକାଙ୍କ ସହମତିରେ ଉଭୟଙ୍କ ଯୌନ ସମ୍ପର୍କକୁ ମଧ୍ୟ ଅପରାଧ ବିବେଚନା କରାଯାଇଥାଏ। ୨୦୧୨ ନଭେମ୍ବରରେ ଶାରୀରିକ ସମ୍ପର୍କର ସର୍ବନିମ୍ନ ବୟସ ୧୬ରୁ ୧୮କୁ ବୃଦ୍ଧି କରାଯାଇଥିଲା। ଏହି ଆଇନ ଅନୁସାରେ ମହିଳାଙ୍କ ବୟସ ୧୮ରୁ କମ୍ ହୋଇଥିଲେ ତାଙ୍କ ସହମତିରେ ହେଉ କି ବିନା ସହମତିରେ ତାଙ୍କ ସହ ଯୌନ ସମ୍ପର୍କ ରଖିଲେ ତାକୁ 'ବଳାତ୍କାର' ରୂପେ ଧରାଯିବ। ନିକଟରେ ସୁପ୍ରିମକୋର୍ଟ ଏବଂ ନାଗରିକ ସମାଜ ସଙ୍ଗଠନଗୁଡ଼ିକ କିଶୋରଙ୍କ ମଧ୍ୟରେ ସମ୍ପର୍କର ଅପରାଧୀକରଣକୁ ନେଇ ଚିନ୍ତାବ୍ୟକ୍ତ କରିଥିଲେ। ଏପରି କି ୨୦୨୨ ଡିସେମ୍ବରରେ ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼ ସହମତି ବୟସ ଉପରେ ସମୀକ୍ଷା କରାଯିବା ଆବଶ୍ୟକ ବୋଲି ଆଇନ ପ୍ରଣେତାମାନଙ୍କ ଉଦ୍ଦେଶ୍ୟରେ କହିଥିଲେ। ଅନେକ ବେସରକାରୀ ସଙ୍ଗଠନ (ଏନ୍‌ଜିଓ) ମଧ୍ୟ ଏନେଇ ଅଦାଲତଙ୍କ ଦ୍ୱାରସ୍ଥ ହୋଇଛନ୍ତି।

କର୍ଣ୍ଣାଟକ ହାଇକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ରିତୁରାଜ ଅୱସ୍ତି ଅଧ୍ୟକ୍ଷତା କରୁଥିବା ଲ' କମିଶନ କହିଛନ୍ତି, ଏହି ଆଇନର ସବୁ ଦିଗ ଏବଂ ମିଳିଥିବା ପ୍ରସ୍ତାବଗୁଡ଼ିକୁ ଅନୁଧ୍ୟାନ କରାଯାଇଛି। ସହମତି ବୟସ କମାଇଲେ ବାଲ୍ୟବିବାହ ଓ ଶିଶୁ ଚାଲାଣ ନିରୋଧୀ ଅଭିଯାନ ଉପରେ ପ୍ରତ୍ୟକ୍ଷ ତଥା ନକାରାତ୍ମକ ପ୍ରଭାବ ପଡ଼ିବ। ତେଣୁ ଅଦାଲତଗୁଡ଼ିକ ଏହି କ୍ଷେତ୍ରରେ ସତର୍କତା ଅବଲମ୍ବନ କରନ୍ତୁ ବୋଲି ସେ ପରାମର୍ଶ ଦେଇଛନ୍ତି।

### ଅନ୍‌ଲାଇନ ଏଫ୍‌ଆଇଆର୍ ପଞ୍ଜୀକରଣକୁ ଗୁରୁତ୍ୱ

ଲ' କମିଶନ ଆଇନ ମନ୍ତ୍ରଣାଳୟରେ ବୁଧବାର ଦାଖଲ କରିଥିବା ରିପୋର୍ଟ ଶୁକ୍ରବାର ସାର୍ବଜନୀନ ହୋଇଛି। ଦେଶରେ ଅନ୍‌ଲାଇନ୍ ଜରିଆରେ ଇ-ଏଫ୍‌ଆଇଆର୍ ପଞ୍ଜୀକରଣ ପାଇଁ ଏଥିରେ ସୁପାରିସ କରାଯାଇଛି। ପ୍ରଥମେ ୩ ବର୍ଷ ଜେଲ ଦଣ୍ଡାଦେଶ ହେଉଥିବା ଅପରାଧ କ୍ଷେତ୍ରରେ ଏବଂ ପର୍ଯ୍ୟାୟକ୍ରମେ ଅନ୍ୟ ମାମଲାଗୁଡ଼ିକୁ ଅନ୍‌ଲାଇନ୍‌ରେ ରୁଜୁକରିବା ପାଇଁ ଏଥିରେ ସରକାରଙ୍କୁ ପରାମର୍ଶ ଦିଆଯାଇଛି। ଏହି ପ୍ରକ୍ରିୟାକୁ ସୁଗମ କରିବା ପାଇଁ ଏକ କେନ୍ଦ୍ରୀଭୂତ ଜାତୀୟ ପୋର୍ଟାଲ ଖୋଲିବାକୁ ମଧ୍ୟ ଲ' କମିଶନ କହିଛନ୍ତି। ଇ-ଏଫ୍‌ଆଇଆର୍ କରାଯିବା ଦ୍ୱାରା ଏତଲା ପଞ୍ଜୀକରଣରେ ବିଳମ୍ବ ସମସ୍ୟା ଦୂର ହେବ। ଏଥିସହ ନାଗରିକମାନେ ବେଳ ଥାଉ ଥାଉ ଅପରାଧ ସମ୍ପର୍କରେ ରିପୋର୍ଟ କରିପାରିବେ। ବର୍ତ୍ତମାନର ପୁରୁଣାକାଳିଆ ବ୍ୟବସ୍ଥାରେ ଏସବୁ ସମ୍ଭବ ହୋଇପାରୁ ନ ଥିବାରୁ ଇ-ଏଫ୍‌ଆଇଆର୍ ଉପରେ ଗୁରୁତ୍ୱ ଦେବା ପାଇଁ ଆଇନମନ୍ତ୍ରୀ ଅର୍ଜୁନରାମ ମେଘୱାଲଙ୍କୁ ଲେଖିଥିବା ପତ୍ରରେ ଲ' କମିଶନ ଅଧ୍ୟକ୍ଷ ଜଷ୍ଟିସ୍ ରିତୁରାଜ ଅୱସ୍ତି ଉଲ୍ଲେଖ କରିଛନ୍ତି।

## ୨୦୨୪ରେ ନୁହେଁ, ୨୦୨୯ରେ ହେବ ଏକକାଳୀନ ନିର୍ବାଚନ

ନୂଆଦିଲ୍ଲୀ,୨୯।୯

୨୦୨୪ରେ ଲୋକ ସଭା ଓ ବିଧାନସଭାଗୁଡ଼ିକର ଏକକାଳୀନ ନିର୍ବାଚନ ହେବନାହିଁ। ୨୦୨୯ରେ ଏହାକୁ କାର୍ଯ୍ୟକାରୀ କରାଯାଇପାରିବ ବୋଲି ଲ' କମିଶନ ମତ ଦେଇଥିବା ସୂତ୍ରରୁ ଜଣାପଡ଼ିଛି। 'ଏକ ଦେଶ ଏକ ନିର୍ବାଚନ'କୁ ନେଇ ବିତର୍କ ଜାରି ରହିଥିବାବେଳେ ଲ' କମିଶନ ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ନିଜ ରିପୋର୍ଟ ପ୍ରକାଶ କରିପାରନ୍ତି। ସବୁ ନିର୍ବାଚନକୁ ଏକାଥରକେ କରିବାକୁ ହେଲେ ସମ୍ବିଧାନ ସଂଶୋଧନ ଜରୁରୀ। ତେଣୁ ବର୍ତ୍ତମାନ ଏହାକୁ କାର୍ଯ୍ୟକାରୀ କରାଯାଇପାରିବ ନାହିଁ ବୋଲି କମିଶନ କହିଛନ୍ତି। ପ୍ରକାଶ ଯେ, ୨୦୨୨ ଡିସେମ୍ବରରେ ୨୨ତମ ଲ' କମିଶନ ଏହା ଉପରେ ୬ଟି ପ୍ରଶ୍ନକୁ ନେଇ ଜାତୀୟ ଦଳଗୁଡ଼ିକ ସମେତ ବିଭିନ୍ନ ପକ୍ଷଙ୍କ ମତାମତ ଲୋଡ଼ିଥିଲେ। ପୂର୍ବରୁ ୨୦୧୮ରେ ୨୧ତମ ଲ' କମିଶନ ଏକକାଳୀନ ନିର୍ବାଚନ ସମ୍ପର୍କିତ ଚିଠା ରିପୋର୍ଟ ଆଇନ ମନ୍ତ୍ରଣାଳୟ ନିକଟରେ ଦାଖଲ କରିଥିଲେ। ଏହାଦ୍ୱାରା ନିର୍ବାଚନ ପରିଚାଳନା ବାବଦ ଖର୍ଚ୍ଚ ଏବଂ ପ୍ରଶାସନିକ ବୋଝ ହ୍ରାସ ହେବ ବୋଲି କମିଶନ ଦର୍ଶାଇଥିଲେ।

## ସଂକ୍ଷେପରେ

### ଜ୍ଞାନବାପି ମସ୍‌ଜିଦ ସର୍ଭେ ବନ୍ଦ ଆବେଦନ ଖାରଜ

**ବାରାଣସୀ,୨୯।୯:** ଜ୍ଞାନବାପି ମସ୍‌ଜିଦ ପରିସରରେ ଭାରତର ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା (ଏଏସ୍‌ଆଇ) ପକ୍ଷରୁ କରାଯାଉଥିବା ବିଜ୍ଞାନଭିତ୍ତିକ ସର୍ଭେକୁ ବନ୍ଦ କରିବା ଲାଗି ମସ୍‌ଜିଦ ପରିଚାଳନା କମିଟି କରିଥିବା ଆବେଦନକୁ ବାରାଣସୀର ଏକ ଅଦାଲତ ଖାରଜ କରିଦେଇଛନ୍ତି। ସର୍ଭେ ପାଇଁ ଆଲ୍ଲାହାବାଦ ହାଇକୋର୍ଟ ଏବଂ ସୁପ୍ରିମକୋର୍ଟ ଅନୁମତି ଦେଇଥିବାରୁ ଏହାକୁ ବନ୍ଦ କରାଯାଇ ପାରିବ ନାହିଁ ବୋଲି ଜିଲା ଜଜ୍ ଏ.କେ. ବିଶ୍ୱେଷ କହିଥିଲେ। ଅଞ୍ଜୁମନ୍ ଇନ୍ତେଜାମିଆ ମସ୍‌ଜିଦ କମିଟି ପକ୍ଷରୁ ସର୍ଭେ ବନ୍ଦ ପାଇଁ ଆବେଦନ କରାଯାଇଥିଲା। ସପ୍ତଦଶ ଶତାବ୍ଦୀର ଏହି ମସ୍‌ଜିଦ ନିର୍ମାଣ ପୂର୍ବରୁ ସେଠାରେ ହିନ୍ଦୁ ମନ୍ଦିର ଥିଲା କି ନାହିଁ, ତାହା ନିର୍ଦ୍ଧାରଣ କରିବା ନିମନ୍ତେ ଜ୍ଞାନବାପି ମସ୍‌ଜିଦ ପରିସରର ସର୍ଭେ ଚାଲିଛି।

### ଶାନ୍ତ କୁମାର ପିଟିଆଇ ମୁଖ୍ୟ

**ନୂଆଦିଲ୍ଲୀ,୨୯।୯(ପି.ଟି.):** ଡେକାନ୍ ହେରାଲ୍ଡର ପ୍ରକାଶନୀ ସଂସ୍ଥା ଦି ପ୍ରିଣ୍ଟର୍ସ (ମହୀଶୂର) ପ୍ରାଇଭେଟ୍ ଲିମିଟେଡ୍‌ର ଶାନ୍ତ କୁମାର ଶୁକ୍ରବାର ପ୍ରେସ୍ ଟ୍ରଷ୍ଟ ଅଫ୍ ଇଣ୍ଡିଆ (ପିଟିଆଇ) ଅଧ୍ୟକ୍ଷ ନିର୍ବାଚିତ ହୋଇଛନ୍ତି। ଲଗାତର ୨ ଥର ଅଧ୍ୟକ୍ଷ ପଦ ସମ୍ଭାଳିଥିବା ଅଭିକ ସରକାରଙ୍କ ସ୍ଥାନରେ ସେ ଅବସ୍ଥାପିତ ହେବେ ଏବଂ ପିଟିଆଇ ବୋର୍ଡ ଅଫ୍ ଡାଇରେକ୍ଟର୍ସ ମୁଖ୍ୟ ଭାବେ ୧ ବର୍ଷ ଦାୟିତ୍ୱ ତୁଲାଇବେ।



୬୨ ବର୍ଷୀୟ ଶାନ୍ତ କୁମାର ୧୯୮୩ରୁ ଉପରୋକ୍ତ ପ୍ରକାଶନୀ ସଂସ୍ଥାର ବିଭିନ୍ନ ପଦପଦବୀରେ ରହିଆସିଛନ୍ତି। ସେ ଅଡିଟ୍ ବ୍ୟୁରୋ ଅଫ୍ ସର୍କୁଲେଶନ୍ (ଏବିସି)ର ମଧ୍ୟ ଅଧ୍ୟକ୍ଷ ଥିଲେ। ଏହା ପୂର୍ବରୁ ମଧ୍ୟ ୨୦୧୩-୧୪ରେ ସେ ପିଟିଆଇ ଅଧ୍ୟକ୍ଷ ପଦ ସମ୍ଭାଳିଥିଲେ। ନୂଆଦିଲ୍ଲୀସ୍ଥିତ ନ୍ୟୁଜ୍ ଏଜେନ୍ସି ମୁଖ୍ୟାଳୟରେ ଅନୁଷ୍ଠିତ ବାର୍ଷିକ ସାଧାରଣ ବୈଠକରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା।

### ଆଫଗାନ ଦୂତାବାସ ବନ୍ଦ ହେଲା

**ନୂଆଦିଲ୍ଲୀ,୨୯।୯:** ପାଣ୍ଠି ଅଭାବ ଏବଂ କୂଟନୀତିଜ୍ଞମାନଙ୍କ ମଧ୍ୟରେ ବିବାଦ ଯୋଗୁ ନୂଆଦିଲ୍ଲୀରେ ଥିବା ଆଫଗାନ ଦୂତାବାସକୁ ବନ୍ଦ କରିଦିଆଯାଇଛି। ଏହି ମର୍ମରେ ଏକ ରିପୋର୍ଟ ଭାରତ ସରକାରଙ୍କୁ ଦିଆଯାଇଛି ଓ ଏହାକୁ ଅନୁଧ୍ୟାନ କରାଯିବ ବୋଲି କେନ୍ଦ୍ର କହିଛି। ଆଫଗାନିସ୍ତାନ ରାଷ୍ଟ୍ରଦୂତ ଅନେକ ମାସ ହେଲା ଭାରତ ବାହାରେ ରହୁଥିଲେ। ଦୂତାବାସ କର୍ମଚାରୀଙ୍କ ମଧ୍ୟରେ ବିବାଦ ଲାଗିରହିଥିବାବେଳେ କୂଟନୀତିଜ୍ଞମାନେ ଅନ୍ୟଦେଶରେ ଆଶ୍ରୟ ପାଇଁ ଚାଲିଯାଇଥିଲେ। ଭାରତରେ ଶିକ୍ଷା ଜାରି ରଖିବା ପାଇଁ ଆଫଗାନ୍ ଛାତ୍ରୀଛାତ୍ରଙ୍କୁ ଭିଜା ଦିଆଯାଉ ନ ଥିବାରୁ ସେମାନେ ଅସୁବିଧାରେ ପଡ଼ିଥିଲେ। ଭିଜା ପାଇଁ ଭାରତ ସରକାରଙ୍କୁ ବହୁଥର ପତ୍ର ଲେଖାଯାଇଥିଲେ ମଧ୍ୟ କିଛି ଫଳ ହୋଇ ନ ଥିଲା ବୋଲି ଆଫଗାନ ଛାତ୍ର ସଂଗଠନର ପ୍ରତିନିଧିତ୍ୱ କରୁଥିବା ଓନିବ୍ ଡାଓ୍ୱାର କହିଛନ୍ତି।

# ପାକିସ୍ତାନରେ ବିସ୍ଫୋରଣ: ୫୬ ମୃତ

କରାଚୀ,୨୯।୯(ପି.ଟି.)





ବିସ୍ଫୋରଣରେ ଆହତମାନଙ୍କୁ କ୍ୱେଟା ହସ୍ପିଟାଲରେ ଭର୍ତ୍ତି କରାଯାଉଥିବାବେଳେ ବାହାରେ ଲୋକଙ୍କ ଭିଡ଼।

ପାକିସ୍ତାନରେ ଶୁକ୍ରବାର ଦୁଇଟି ଆତ୍ମଘାତୀ ବିସ୍ଫୋରଣରେ ଅନ୍ୟୂନ ୫୬ ଜଣଙ୍କ ମୃତ୍ୟୁ ଘଟିବା ସହ ୬୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ପ୍ରଥମ ବିସ୍ଫୋରଣ ବେଲୁଚିସ୍ତାନ ପ୍ରଦେଶରେ ଥିବା ଏକ ମସ୍‌ଜିଦରେ ପ୍ରଫେଟ୍ ମହମ୍ମଦଙ୍କ ଜନ୍ମଦିନ ପାଳନ ବେଳେ ଘଟିଥିଲା। ଏଥିରେ ୫୨ ଜଣଙ୍କ ଜୀବନ ଯିବା ସହ ଅନ୍ୟ ୫୦ ଜଣ ଆହତ ହୋଇଛନ୍ତି। ଏହାର କିଛି ଘଣ୍ଟା ପରେ ଖାଇବର ପାଖତୁନ୍‌ଖ୍ୱାର ହଙ୍ଗୁ ସହରରେ ଥିବା ଏକ ମସ୍‌ଜିଦରେ ବିସ୍ଫୋରଣ ଘଟି ୪ ଜଣ ପ୍ରାଣ ହରାଇବା ସହ ୧୨ ଅହତ ହୋଇଛନ୍ତି।

ବେଲୁଚିସ୍ତାନର ମସ୍ତୁଙ୍ଗ ଜିଲାର ଅଲ୍ ଫଲାହ ରୋଡ୍‌ରେ ଥିବା ମଦିନା ମସ୍‌ଜିଦ ନିକଟରେ ଆତ୍ମଘାତୀ ବିସ୍ଫୋରଣ ଘଟିଥିଲା। ଏହି ଆକ୍ରମଣ ପାଇଁ କୌଣସି ସଂଗଠନ ନିଜକୁ ଦାୟୀ କରିନାହାନ୍ତି। ଡିଏସ୍‌ପିଙ୍କ କାର୍ ନିକଟରେ ଆତ୍ମଘାତୀ ବୋମାଧାରୀ ନିଜକୁ ବିସ୍ଫୋରଣରେ ଉଡ଼ାଇ ଦେଇଥିଲେ। ମସ୍ତୁଙ୍ଗ ଜିଲାରେ ଆତଙ୍କବାଦ ନିରୋଧୀ ବିଭାଗର ଏନ୍‌କାଉଣ୍ଟରରେ ପ୍ରମୁଖ ଆଇଏସ୍ କମାଣ୍ଡର ନିହତ ହେବାର ଦିନକ ପରେ ଆତ୍ମଘାତୀ ବିସ୍ଫୋରଣ କରାଯାଇଛି। ଆହତମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯିବା ସହ ସେଠାରେ ଜରୁରୀ ସ୍ଥିତି ଜାରି ହୋଇଛି। ସେମାନଙ୍କ ମଧ୍ୟରୁ କେତେଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି। ଗୁରୁତର ଆହତଙ୍କୁ କ୍ୱେଟା ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଘଟଣାସ୍ଥଳକୁ ଉଦ୍ଧାରକାରୀ ଟିମ୍ ପଠାଯାଇଥିବା ବେଲୁଚିସ୍ତାନ ଅନ୍ତରୀଣ ସୂଚନା ମନ୍ତ୍ରୀ ଜାନ୍ ଆଚକଜାଇ କହିଛନ୍ତି। ବେଲୁଚିସ୍ତାନରେ ଧର୍ମୀୟ ସହିଷ୍ଣୁତା ଏବଂ ଶାନ୍ତି ନଷ୍ଟ କରିବାକୁ ଶତ୍ରୁ ଚାହାନ୍ତି। ବିସ୍ଫୋରଣ ପାଇଁ ଯେଉଁମାନେ ଦାୟୀ ସେମନାଙ୍କୁ ତୁରନ୍ତ ଗିରଫ କରିବା ପାଇଁ କାମଚଳା ମୁଖ୍ୟମନ୍ତ୍ରୀ ଅଲି ମର୍ଦାନ ଡୋମ୍‌କି ନିର୍ଦ୍ଦେଶ ଦେଇଛନ୍ତି। ଆତଙ୍କବାଦ ବିରୋଧରେ ଦେଶବାସୀ ଏକାଠି ହେବାକୁ ମୁଖ୍ୟମନ୍ତ୍ରୀ ଡୋମ୍‌କି ଆହ୍ୱାନ ଦେଇଛନ୍ତି। ଇସ୍‌ଲାମ ହେଉଛି ଶାନ୍ତିର ଧର୍ମ। ଯେଉଁମାନେ ଏଭଳି ବୀଭତ୍ସ ଆକ୍ରମଣ ଘଟାଉଛନ୍ତି, ସେମାନଙ୍କୁ ମୁସଲ୍‌ମାନ କୁହାଯିବ ନାହିଁ ବୋଲି ସେ କହିଛନ୍ତି। ମୃତକମାନଙ୍କ ପାଇଁ ବେଲୁଚିସ୍ତାନରେ ୩ ଦିନିଆ ଶୋକ ଘୋଷଣା କରାଯାଇଛି।

ମସ୍ତୁଙ୍ଗରେ ୧୫ ଦିନ ମଧ୍ୟରେ ଏହା ଦ୍ୱିତୀୟ ବଡ଼ ବିସ୍ଫୋରଣ। ଚଳିତ ମାସ ଆରମ୍ଭରେ ଅନ୍ୟ ଏକ ବିସ୍ଫୋରଣରେ ୧୧ ଜଣ ଆହତ ହୋଇଥିଲେ। ଏହି ଜିଲା ଆତଙ୍କବାଦୀଙ୍କ ଟାର୍ଗେଟରେ ରହିଆସିଛି। ୨୦୧୮ ଜୁଲାଇରେ ଜିଲାରେ ଘଟିଥିବା ସବୁଠୁ ଭୟାବହ ବିସ୍ଫୋରଣରେ ୧୨୮ ଜଣଙ୍କ ମୃତ୍ୟୁ ଘଟିଥିଲା।

# କଠୋରପନ୍ଥୀ ତତ୍ତ୍ୱଙ୍କୁ ଆଶ୍ରୟ ଦେଇଛି କାନାଡା

## ଆମେରିକାକୁ ଜଣାଇଲେ ଜୟଶଙ୍କର

ନୂଆଦିଲ୍ଲୀ,୨୯।୯



କାନାଡା କଠୋରପନ୍ଥୀ ତତ୍ତ୍ୱଙ୍କୁ ଆଶ୍ରୟ ଦେଇଥିବା ଭାରତର ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର କହିବା ସହ ଏନେଇ ନୂଆଦିଲ୍ଲୀର ଉଦ୍‌ବେଗ ଆମେରିକାକୁ ଜଣାଇଛନ୍ତି। କାନାଡା ସହ ଦେଖାଦେଇଥିବା କୂଟନୈତିକ ବିବାଦ ସମ୍ପର୍କରେ ଜୟଶଙ୍କର ଆମେରିକା ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍‌ଏସ୍‌ଏ) ଜାକ୍ ସୁଲିଭାନ୍ ଏବଂ ପରରାଷ୍ଟ୍ର ସଚିବ ଆଣ୍ଟୋନି ବ୍ଲିଙ୍କେନ୍‌ଙ୍କୁ ଅବଗତ କରାଇଥିଲେ। ହଡ୍‌ସନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଥିଙ୍କ୍‌ଟ୍ୟାଙ୍କରେ ଏକ ପ୍ରଶ୍ନର ଉତ୍ତର ଦେଇ ଜୟଶଙ୍କର କହିଥିଲେ, ଗୁରୁବାର ବ୍ଲିଙ୍କେନ୍‌ଙ୍କ ସହ ଆଲୋଚନା ବେଳେ କାନାଡା କରିଥିବା ଅଭିଯୋଗ ପ୍ରସଙ୍ଗ ସ୍ଥାନ ପାଇଥିଲା। ବ୍ଲିଙ୍କେନ୍ ଏବଂ ସୁଲିଭାନ୍ ସମୁଦାୟ ସ୍ଥିତି ଉପରେ ଆମେରିକାର ମତାମତ ପ୍ରକାଶ କରିଥିଲେ। ଖଲିସ୍ତାନୀ ଆତଙ୍କବାଦୀ ହରଦୀପ୍ ସିଂ ନିଜ୍ଜର ହତ୍ୟା ସମ୍ପର୍କିତ ନିର୍ଦ୍ଦିଷ୍ଟ ତଥା ଉପଯୁକ୍ତ ତଥ୍ୟ ଦେଲେ ଭାରତ ଏହାକୁ ଅନୁଧ୍ୟାନ କରିବ ବୋଲି ଜୟଶଙ୍କର କହିଛନ୍ତି। କାନାଡା ଆତଙ୍କବାଦୀଙ୍କ ଭୂସ୍ୱର୍ଗ ପାଲଟିଥିବା ଗତ ସପ୍ତାହରେ ନୂଆଦିଲ୍ଲୀ କହିଥିଲା।

# ଭାରତ ସହ ଘନିଷ୍ଠ ସମ୍ପର୍କ ରଖିବାକୁ ପ୍ରତିଶ୍ରୁତିବଦ୍ଧ: ଟ୍ରୁଡୋ

ମୋଣ୍ଟ୍ରିଲ୍,୨୯।୯



ଖଲିସ୍ତାନୀ ଆତଙ୍କବାଦୀ ହରଦୀପ୍ ସିଂ ନିଜ୍ଜର ହତ୍ୟାକାଣ୍ଡରେ ଭାରତ ସରକାରଙ୍କ ସମ୍ପୃକ୍ତି ଥିବାର ବିଶ୍ୱାସଯୋଗ୍ୟ ଅଭିଯୋଗ ସତ୍ତ୍ୱେ କାନାଡା ଭାରତ ସହ ଘନିଷ୍ଠ ସମ୍ପର୍କ ରଖିବାକୁ ପ୍ରତିଶ୍ରୁତିବଦ୍ଧ ବୋଲି ଏହାର ପ୍ରଧାନମନ୍ତ୍ରୀ ଜଷ୍ଟିନ୍ ଟ୍ରୁଡୋ କହିଛନ୍ତି। ବିଶ୍ୱବ୍ୟାପୀ ଭାରତର ପ୍ରଭାବ ବଢ଼ୁଥିବାବେଳେ କାନାଡା ଏବଂ ଏହାର ସହଯୋଗୀ ଦେଶଗୁଡ଼ିକ ନୂଆଦିଲ୍ଲୀ ସହ ସମ୍ପର୍କରେ ରହିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଟ୍ରୁଡୋ ମୋଣ୍ଟ୍ରିଲ୍‌ରେ ଏକ ଖବରଦାତା ସମ୍ମିଳନୀକୁ କହିଛନ୍ତି। ଭାରତ ଅଭିବୃଦ୍ଧିଶୀଳ ଆର୍ଥିକ ଶକ୍ତି ଏବଂ ଭୂରାଜନୈତିକ ପରିପ୍ରେକ୍ଷୀରେ ଏହାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଆମେ ଗତବର୍ଷ ଭାରତ-ପ୍ରଶାନ୍ତ ମହାସାଗରୀୟ ରଣନୀତିରେ ସାମିଲ ହୋଇଥିବାରୁ ଭାରତ ସହ ଘନିଷ୍ଠ ସମ୍ପର୍କ ସ୍ଥାପନକୁ ଅତ୍ୟନ୍ତ ଗମ୍ଭୀରତାର ସହ ନେଉଛୁ ବୋଲି ଟ୍ରୁଡୋ ଖବରଦାତାମାନଙ୍କୁ କହିଛନ୍ତି।

# କର୍ଣ୍ଣାଟକ ବନ୍ଦ: ଜୀବନଯାତ୍ରା ବ୍ୟାହତ

## ୪୪ ବିମାନ ବାତିଲ, ଶତାଧିକ ଅଟକ

ବେଙ୍ଗାଲୁରୁ,୨୯।୯



ବେଙ୍ଗାଲୁରୁରେ ଆକ୍ଟିଭିଷ୍ଟ ଭଟଲ ନାଗରାଜଙ୍କୁ ପୋଲିସ ଟେକିନେଉଛି।

ତାମିଲନାଡୁକୁ କାବେରୀ ନଦୀଜଳ ଛାଡ଼ିବାକୁ ବିରୋଧ କରି ଶୁକ୍ରବାର କର୍ଣ୍ଣାଟକ ବନ୍ଦ ଯୋଗୁ ସ୍ୱାଭାବିକ ଜୀବନଯାତ୍ରା ବାଧାପ୍ରାପ୍ତ ହୋଇଥିଲା। କେମ୍ପେଗୌଡ଼ା ଅନ୍ତର୍ଜାତୀୟ ବିମାନବନ୍ଦରରେ ୪୪ ବିମାନ ଉଡ଼ାଣକୁ ବାତିଲ କରିଦିଆଯିବାରୁ ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ବନ୍ଦ ଯୋଗୁ ବସ୍‌ଷ୍ଟାଣ୍ଡ ଏବଂ ରେଳଷ୍ଟେଶନଗୁଡ଼ିକୁ ଜନଶୂନ୍ୟ ହୋଇଯାଇଥିଲା। ବନ୍ଦ ଦ୍ୱାରା ସର୍ବାଧିକ ପ୍ରଭାବିତ ହୋଇଥିବା କାବେରୀ ଅବବାହିକା ଜିଲା ମହୀଶୂର, ମାଣ୍ଡ୍ୟାରେ ରାଜ୍ୟ ପରିବହନ ନିଗମ ବସ୍ ସେବାକୁ ବାତିଲ କରିଦେଇଥିଲା। ଦିବସବ୍ୟାପୀ ବନ୍ଦ ଯୋଗୁ ବିମାନ, ବସ୍ ଏବଂ ଟ୍ରେନ୍ ଯାତ୍ରୀମାନେ ନାହିଁ ନ ଥିବା ହୀନସ୍ତା ହୋଇଛନ୍ତି।

କନ୍ନଡ ସପକ୍ଷବାଦୀ ସଂଗଠନଗୁଡ଼ିକ ପକ୍ଷରୁ ରାଜ୍ୟବ୍ୟାପୀ ବନ୍ଦ ଡାକରା ଦିଆଯାଇଥିଲା। ସକାଳ ୬ରୁ କନ୍ନଡ଼ ସପକ୍ଷବାଦୀ କର୍ମୀମାନେ ବିଭିନ୍ନ ସ୍ଥାନରେ ସ୍ଲୋଗାନ ଦେଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବିଭିନ୍ନ ସ୍ଥାନରେ ବିକ୍ଷୋଭରେ ସାମିଲ ହୋଇଥିବା ଶତାଧିକ କର୍ମୀଙ୍କୁ ଅଟକ ରଖାଯାଇଛି। ରାଜଧାନୀ ବେଙ୍ଗାଲୁରୁ ସମେତ ବିଭିନ୍ନ ସ୍ଥାନରେ ଅନେକ ବିକ୍ଷୋଭ ରାଲି କରାଯାଇଥିଲା। ବେଙ୍ଗାଲୁରୁ ଓ ମାଣ୍ଡ୍ୟା ଜିଲାରେ ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ ରହିବା ସହରରେ ୧୪୪ ଧାରା ଜାରି ହୋଇଥିଲା। ରାଜ୍ୟର ସମସ୍ତ ଦୋକାନ ବଜାର, ମଲ୍, ଅନ୍ୟାନ୍ୟ ବ୍ୟବସାୟିକ ପ୍ରତିଷ୍ଠାନ ବନ୍ଦ ରହିଥିଲା। ହୋଟେଲ, ରେଷ୍ଟୁରାଣ୍ଟ, ଚଳଚ୍ଚିତ୍ର ଏବଂ ଟ୍ୟାକ୍ସିସେବା ମଧ୍ୟ ବନ୍ଦ ରହିଥିଲା। ଜାତୀୟ ରାଜପଥ ଓ ସମସ୍ତ ଟୋଲ୍‌ଗେଟକୁ ଅବରୋଧ କରାଯାଇଥିଲା।

କାବେରୀ ନଦୀଜଳ ବଣ୍ଟନ ପ୍ରସଙ୍ଗକୁ ନେଇ ତାମିଲନାଡୁ ଓ କର୍ଣ୍ଣାଟକ ମଧ୍ୟରେ ବହୁ ଦଶନ୍ଧି ହେଲା ବିବାଦ ଲାଗିରହିଛି। ସେପ୍ଟେମ୍ବର ୧୩ରୁ ୧୫ ଦିନ ପାଇଁ ଦୈନିକ ତାମିଲନାଡୁକୁ ୫,୦୦୦ କ୍ୟୁସେକ୍ ଜଳ ଛାଡ଼ିବା ପାଇଁ କାବେରୀ ଜଳ ପରିଚାଳନା କର୍ତ୍ତୃପକ୍ଷ (ସିଡବ୍ଲ୍ୟୁଏମ୍ଏ) କର୍ଣ୍ଣାଟକକୁ ନିର୍ଦ୍ଦେଶ ଦେଇଥିଲେ। ଏହାକୁ କର୍ଣ୍ଣାଟକ ସରକାର ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିବାବେଳେ ଉକ୍ତ ପିଟିଶନ ଖାରଜ ହୋଇଯାଇଛି। କର୍ଣ୍ଣାଟକରେ ପାନୀୟ ଜଳ ଓ ଜଳସେଚନ ପାଇଁ ନଦୀଜଳର ଆବଶ୍ୟକତା ଜରୁରୀ ଥିବାରୁ ଏହା ତାମିଲନାଡୁକୁ ଜଳ ଛାଡ଼ିବା ସ୍ଥିତିରେ ନ ଥିବା କହିଛି।

## ମାନେକାଙ୍କୁ ୧୦୦ କୋଟିର ମାନହାନି ନୋଟିସ

ନୂଆଦିଲ୍ଲୀ,୨୯।୯

ଇଣ୍ଟରନ୍ୟାଶନାଲ ସୋସାଇଟି ଫର୍ କ୍ରିଷ୍ଣା କନ୍‌ସିଅସ୍‌ନେସ୍ (ଇସ୍କନ୍) ବିରୋଧରେ ଗୋରୁ ବିକ୍ରି ଅଭିଯୋଗ ଆଣିଥିବା ଭାଜପା ଏମ୍‌ପି ମାନେକା ଗାନ୍ଧୀଙ୍କ ନିକଟକୁ ଏହି ଧର୍ମୀୟ ସଂସ୍ଥା ୧୦୦ କୋଟି ଟଙ୍କାର ମାନହାନି ନୋଟିସ ପଠାଇଛି। ପୂର୍ବତନ କେନ୍ଦ୍ରମନ୍ତ୍ରୀ ମାନେକାଙ୍କ ମତରେ ଇସ୍କନ ଦେଶରେ ସବୁଠୁ ବଡ଼ ଠକ। ଏହି ସଂସ୍ଥା ଗୋଶାଳା ପରିଚାଳନା କରି ସରକାରଙ୍କଠାରୁ ବିସ୍ତୃତ ଜମି ହାତେଇବା ପରେ ଗୋରୁଙ୍କୁ କଂସେଇଙ୍କ ହାତରେ ଟେକିଦେଉଛି। ଇସ୍କନ ଉପାଧ୍ୟକ୍ଷ ରାଧାରମଣ ଦାସ ଶୁକ୍ରବାର କହିଛନ୍ତି, ମାନେକାଙ୍କ ପାଖକୁ ଆମେ ୧୦୦ କୋଟିର ମାନହାନି ନୋଟିସ ପଠାଇଛୁ। ତାଙ୍କ ଭିତ୍ତିହୀନ ଅଭିଯୋଗକୁ ନେଇ ବିଶ୍ୱବ୍ୟାପୀ ଇସ୍କନ ସମର୍ଥକ ମର୍ମାହତ।

## ଆଣ୍ଡାମାନ ସାଗରରେ ସକ୍ରିୟ ଆଗ୍ନେୟଗିରି

# ଠାବକଲେ ଭାରତୀୟ ବୈଜ୍ଞାନିକ

ବେଙ୍ଗାଲୁରୁ,୨୯।୯

ଆଣ୍ଡାମାନ ସାଗରରେ ଏକ ସକ୍ରିୟ ଆଗ୍ନେୟଗିରି ପାଣିରେ ବୁଡ଼ି ରହିଛି। ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଓସନୋଗ୍ରାଫି (ଏନ୍‌ଆଇଓ)ର ଦୁଇଜଣ ଭାରତୀୟ ବୈଜ୍ଞାନିକ ଏହି ଆଗ୍ନେୟଗିରିକୁ ଆବିଷ୍କାର କରିଛନ୍ତି। ୨୦୦୭ରେ ପ୍ରଥମେ ଦେଖାଯାଇଥିବା ସିସ୍‌ମିକ୍ ଜୋନ୍‌ର ଏହା କେନ୍ଦ୍ରସ୍ଥଳ ବୋଲି କୁହାଯାଉଛି। ସମୁଦ୍ର ଗର୍ଭସ୍ଥ ଆଗ୍ନେୟଗିରି ବା କ୍ରାଟର ସିମାଉଣ୍ଟରୁ ଯେକୌଣସି ସମୟରେ ଲାଭା ଉଦ୍‌ଗିରଣ ହୋଇପାରେ, ଯାହା ଭୂକମ୍ପ କରାଇବା ସହ ଜାଭା-ସୁମାତ୍ରା ଅଞ୍ଚଳରେ ସୁନାମୀ ଘଟାଇପାରେ।





ତେବେ ଉକ୍ତ ଆଗ୍ନେୟଗିରିରୁ କେବେ ଲାଭା ଉଦ୍‌ଗିରଣ ହେବା ତାହା ନିର୍ଦ୍ଦିଷ୍ଟ ଭାବେ କୁହାଯାଇପାରିବ ନାହିଁ। ଏନ୍‌ଆଇଓର ବରିଷ୍ଠ ବୈଜ୍ଞାନିକ ଶ୍ରୀରାମ ଗୁଲ୍ଲାପାଲ୍ଲୀ ଏବଂ ବରିଷ୍ଠ ପ୍ରମୁଖ ବୈଜ୍ଞାନିକ ପୱନ ଦେୱାଙ୍ଗନ ୨୦୧୮ରେ ପ୍ରଥମେ ଆଣ୍ଡାମାନ-ନିକୋବର ଭଲ୍‌କାନିକ୍ ଆର୍କର ୫୦୦ ମିଟର ଗଭୀରରେ ବୁଡ଼ିରହିଥିବା ଆଗ୍ନେୟଗିରିରୁ ଗ୍ୟାସ୍ ଉପରକୁ ଉଠୁଥିବାର ଦେଖିବାକୁ ପାଇଥିଲେ। ସେମାନେ ୨୦୨୧ରେ ପୁନର୍ବାର ସେମାନଙ୍କ ଆବିଷ୍କାରକୁ ଅନୁଧ୍ୟାନ କରି ଆଣ୍ଡାମାନ୍-ନିକୋବର ଆର୍କରେ ସମୁଦ୍ର ଗର୍ଭରେ ଆଗ୍ନେୟଗିରି ଥିବା ସ୍ପଷ୍ଟ ହୋଇଥିଲେ। ସହକର୍ମୀମାନଙ୍କ ଦ୍ୱାରା ଏହାର ସମୀକ୍ଷା ପାଇଁ ପଠାଯାଇଥିଲା। ଗତ ଜୁଲାଇରେ ଉକ୍ତ ସନ୍ଦର୍ଭ ଜିଓ-ମେରାଇ୍ ଲେଟର୍ସ ନାମକ ପତ୍ରିକାରେ ପ୍ରକାଶ ପାଇଥିଲା।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ସେପ୍ଟେମ୍ବର ୩୦/୨୦୨୩ | Bhubaneswar, Saturday, September 30/2023


# ଶୁଟିଂରେ ଭାରତକୁ ଶ୍ରେଷ୍ଠ ସଫଳତା

**ଏସିଆନ ଗେମ୍ସ**

## ୬ଷ୍ଠ ଦିବସରେ ୨ ସ୍ୱର୍ଣ୍ଣ ସହ ମୋଟ ୮ ପଦକ

ହାଙ୍ଗଝୋ, ୨୯।୯ (ପି.ଟି.)

ଚଳିତ ଏସିଆନ ଗେମ୍ସର ଶୁଟିଂ ରେଞ୍ଜରେ ଭାରତୀୟ ଶୁଟରମାନେ ଅତ୍ୟନ୍ତ ପ୍ରଭାବୀ ପ୍ରଦର୍ଶନ କରିଛନ୍ତି। ଫଳରେ ଏଥର ଶୁଟିଂରେ ଭାରତକୁ ଶ୍ରେଷ୍ଠ ସଫଳତା ମିଳିଛି। ଭାରତର ଯୁବ ଶୁଟରମାନେ ପ୍ରତିପକ୍ଷ ପ୍ରତିଦ୍ୱନ୍ଦ୍ୱୀଙ୍କୁ କଡ଼ା ଚ୍ୟାଲେଞ୍ଜ ଦେଇ ଶୁକ୍ରବାର ୨ଟି ସ୍ୱର୍ଣ୍ଣ ଓ ୩ ରୌପ୍ୟ ପଦକ ହାସଲ କରିଛନ୍ତି। ଫଳରେ କୌଣସି ଗୋଟିଏ ସଂସ୍କରଣରେ ଏଥର ଶୁଟରମାନେ ସର୍ବାଧିକ ପଦକ ହାସଲରେ ରେକର୍ଡ କରିଛନ୍ତି। ଗତ ୬ ଦିନରେ ଭାରତୀୟ ଶୁଟରମାନେ ୧୮ଟି ପଦକ ହାସଲ କରି ସାରିଛନ୍ତି। ଏହା ମଧ୍ୟରେ ୬ ସ୍ୱର୍ଣ୍ଣ ଓ ୭ ରୌପ୍ୟ ପଦକ ସାମିଲ। ଏହା ପୂର୍ବରୁ ୨୦୦୬ ଦୋହା ଏସିଆନ ଗେମ୍ସରେ ଭାରତ ଶୁଟିଂରୁ ସର୍ବାଧିକ ୧୪ ପଦକ ପାଇଥିଲା। ଏଥର ଏହାକୁ ଅତିକ୍ରମ କରିଯାଇଛି। ଶୁକ୍ରବାର ଅନୁଷ୍ଠିତ ମହିଳା ୧୦ ମିଟର ଏୟାର ପିସ୍ତଲ ବ୍ୟକ୍ତିଗତ ଇଭେଣ୍ଟରେ ଭାରତର ପଲକ ଗୁଲିଆ ସ୍ୱର୍ଣ୍ଣ ଓ ଇଶା ସିଂ ରୌପ୍ୟ ପଦକ ପାଇଛନ୍ତି। ସେହିପରି ମହିଳା ୧୦ ମିଟର ଏୟାର ପିସ୍ତଲ ଦଳଗତ ଇଭେଣ୍ଟରେ ପଲକ, ଇଶା ଓ ଦିବ୍ୟା ଥାଡିଗୋଲ ରୌପ୍ୟ ପଦକ ହାସଲ କରିଛନ୍ତି। ପୁରୁଷ ୫୦ ମିଟର ରାଇଫଲ ୩ ପୋଜିଶନ୍ସର ଦଳଗତ ବିଭାଗରେ ଐଶ୍ୱର୍ଯ୍ୟ ପ୍ରତାପ ସିଂ ତୋମାର, ସ୍ୱପ୍ନିଲ କୁସାଲେ ଓ ଅଖିଲ ଶେଓରନ ସ୍ୱର୍ଣ୍ଣ ପଦକ ଜିତି ଦେଶକୁ ଗର୍ବିତ କରିଛନ୍ତି। ୨୨ ବର୍ଷୀୟ ଐଶ୍ୱର୍ଯ୍ୟ ପୁରୁଷ ରାଇଫଲ ୩ ପୋଜିଶନ୍ସ ବ୍ୟକ୍ତିଗତ ଇଭେଣ୍ଟରେ ରୌପ୍ୟ ପଦକ ଅର୍ଜନ କରିଛନ୍ତି। ଶୁଟିଂ, ଟେନିସ, ସ୍କ୍ୱାଶ୍ ଓ ଆଥଲେଟିକ୍ସକୁ ମିଶାଇ ୬ଷ୍ଠ ଦିବସରେ ଭାରତକୁ ମୋଟ ୮ଟି ପଦକ ମିଳିଛି।

ଭାରତର ଦୁଇ ଟିନ୍‌ଏଜ୍ ଶୁଟର ପଲକ ଓ ଇଶା ୧୦ ମିଟର ଏୟାର ପିସ୍ତଲ ଇଭେଣ୍ଟରେ ୱାନ୍-ଟୁ ଫିନିଶ୍ କରି ଅନ୍ୟ ପ୍ରତିଦ୍ୱନ୍ଦ୍ୱୀଙ୍କୁ ନିରାଶ କରିଥିଲେ। ଶୀର୍ଷସ୍ଥାନ ☞ପୃଷ୍ଠା-୨


ରୌପ୍ୟ ଓ ସ୍ୱର୍ଣ୍ଣ ପଦକ ବିଜୟିନୀ ଭାରତର ଇଶା ସିଂ (ବାମ) ଓ ପଲକ ଗୁଲିଆ।

# ଲଘୁଚାପ: ୩ ଦିନ ପ୍ରବଳ ବର୍ଷିବ

ଭୁବନେଶ୍ୱର,୨୯।୯(ଅନିଲ ଦାସ)

ଉତ୍ତର-ପୂର୍ବ ଏବଂ ତତ୍‌ସଂଲଗ୍ନ ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗରରେ ଶୁକ୍ରବାର ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଆସନ୍ତା ୪୮ ଘଣ୍ଟା ମଧ୍ୟରେ ଏହା ଉତ୍ତର-ପଶ୍ଚିମ ଦିଗ ଦେଇ ଉତ୍ତର ଓଡ଼ିଶା ଏବଂ ପଶ୍ଚିମବଙ୍ଗ ଉପକୂଳକୁ ଗତି କରିବ। ଏହାର ପ୍ରଭାବରେ ରାଜ୍ୟରେ ୩ ଦିନ ପ୍ରବଳ ବର୍ଷା ହେବ। ଆସନ୍ତା ୨୪ ଘଣ୍ଟା ମଧ୍ୟରେ କେନ୍ଦୁଝର, ମୟୂରଭଞ୍ଜ, ଯାଜପୁର, ଭଦ୍ରକ ଏବଂ ବାଲେଶ୍ୱର ଜିଲାର କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ(୭ରୁ ୨୦ସେ.ମି.) ବର୍ଷା ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଏହିସବୁ ଜିଲା ପାଇଁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ଏହି ସମୟରେ ସୁନ୍ଦରଗଡ଼, ଦେବଗଡ଼, ସମ୍ବଲପୁର, ଅନୁଗୋଳ, ଢେଙ୍କାନାଳ, କଟକ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର ଏବଂ ଖୋର୍ଦ୍ଧା ଜିଲାରେ ମଧ୍ୟ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ସେହି ଜିଲାଗୁଡ଼ିକ ପାଇଁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ସେହିପରି ଅକ୍ଟୋବର ୧ ତାରିଖରେ ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ଅନୁଗୋଳ, ଦେବଗଡ଼, ସମ୍ବଲପୁର, ବରଗଡ଼, ଝାରସୁଗୁଡ଼ା, ସୋନପୁର ଏବଂ ବଲାଙ୍ଗୀର, ୨ ତାରିଖରେ ବରଗଡ଼, ଝାରସୁଗୁଡ଼ା, ସୁନ୍ଦରଗଡ଼, ସମ୍ବଲପୁର, ଦେବଗଡ଼, କେନ୍ଦୁଝର ଏବଂ ମୟୂରଭଞ୍ଜ ଜିଲାରେ ଅତି ପ୍ରବଳ ବର୍ଷା ହେବା ନେଇ ପୂର୍ବାନୁମାନ କରାଯାଇଛି। ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

କାର୍ଯ୍ୟକାଳ ବୃଦ୍ଧିକୁ ଅସ୍ୱୀକାର

**ଆଜିର ମନ୍ତବ୍ୟ**

“ଗୋଟିଏ ଚିପ୍ ଥିବା ଏପରି କୌଣସି ମେଶିନ୍ ନାହିଁ, ଯାହାକୁ ହ୍ୟାକ୍ କରାଯାଇ ପାରିବ ନାହିଁ। ଶାସକ ଦଳ ଇଲେକ୍ଟ୍ରୋନିକ୍ ଭୋଟିଂ ମେଶିନ (ଇଭିଏମ୍)ରେ ଜାଲିଆତି କରିପାରେ। ବିରୋଧୀ ସତର୍କ ରହିବା ଆବଶ୍ୟକ।
-ଦିଗ୍‌ବିଜୟ ସିଂ, କଂଗ୍ରେସ ନେତା

KISS
KALINGA INSTITUTE OF SOCIAL SCIENCES (KISS)
Bhubaneswar, Odisha, India
KISS HUMANITARIAN AWARD 2022
Welcome


Chief Guest
Prof. Ganeshi Lal
Hon'ble Governor of Odisha


Award Recipient
Her Excellency Mama Rachel Ruto, EGH
First Lady of the Republic of Kenya

Her Excellency Mrs. Rachel Ruto is the First Lady of the Republic of Kenya. She is a thought leader on the Environment and Climate Action, Financial inclusion and Women Empowerment. She is the Founder and Patron of Mama Doing Good and a champion of Faith Diplomacy, Mental Health and Wellness. She has received various awards notably, the State Commendation Elder of the Golden Heart (EGH).

30th September 2023 | KISS, Bhubaneswar, India
www.kiss.ac.in
www.kiit.ac.in
www.achyutasamanta.com
facebook.com/kissfoundation
facebook.com/KIITUniversity
facebook.com/dr.a.samanta

DSPL - 249
#BeAwareBeSafe
#CyberSafeOdisha

ସାଇବର ସୁରକ୍ଷା ଅଭିଯାନ
(୩୦ ସେପ୍ଟେମ୍ବର - ୧୫ ଅକ୍ଟୋବର ୨୦୨୩)
ଓ
ସାଇବର ସୁରକ୍ଷା ରଥର ଶୁଭାରମ୍ଭ
ମାନ୍ୟବର ମୁଖ୍ୟମନ୍ତ୍ରୀ
ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ
କରକମଳରେ


୩୦ ସାଇବର ସୁରକ୍ଷା ରଥ ସମଗ୍ର ରାଜ୍ୟରେ
୬୦୦+ ପୋଲିସ୍ ଷ୍ଟେସନ ମାଧ୍ୟମରେ
୩୧୪ ବ୍ଲକରେ

ସନ୍ଧ୍ୟା ୫ ଘଟିକା, ୩୦ ସେପ୍ଟେମ୍ବର ୨୦୨୩
କଳିଙ୍ଗ ଷ୍ଟାଡିୟମ, ଭୁବନେଶ୍ୱର


OIPR-12050/13/0001/2324

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଝୁଣ୍ଟିଆ ନାଦ**
**କମ୍ପେଇ ଦେଉଛି ତିନି ବ୍ରହ୍ମାଣ୍ଡ।**

ଯୁଗ ଯୁଗରୁ ଅଳଙ୍କାର ପ୍ରତି ମହିଳାମାନଙ୍କର ରହିଆସିଛି ଅନେକ ଦୁର୍ବଳତା। ଭଲ ଗହଣା ଗାଣ୍ଠି ପିନ୍ଧି ନିଜକୁ ସଜ୍ଜିତ କରାଇ ଅନ୍ୟ ଆଗରେ ଦେଖେଇ ହେବାରେ ସେମାନେ ଖୁସି ଆନନ୍ଦ ପାଇଥାନ୍ତି। ଏଭଳି ସ୍ଥିତିରେ ଅଳଙ୍କାର ପରିହିତ ମହିଳା ଜଣକ ଅନ୍ୟ ଆଗରେ ନିଜର ଆତ୍ମବଡ଼ିମା ଦେଖାଇ ହେଉଥିବା ନେଇ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଝୁରନା ଝୁରନା ଝୁରିଲେ ମରିବୁଟି**
**କର୍ପୂର ପରି ସହଣିକ ହେଲେ**
**କର୍ପୂର ଚୂରିବୁଟି।**

ଯେ ସକଳ ବାଧା ବିଘ୍ନକୁ ଅତିକ୍ରମ କରି ବାଟ ଚାଲିଥାଏ ସେ ହିଁ ସଫଳ ହୋଇଥାଏ। ସେହିପରି ଯାହାର ସହିବା ଶକ୍ତି ଯେତେ ଅଧିକ ହୋଇଥାଏ ତା'ର ବ୍ୟକ୍ତିତ୍ୱ ଓ ମହାନତା ସେତେ ବୃଦ୍ଧି ପାଇଥାଏ। କର୍ପୂରକୁ ଚୂରିଲେ ଯେମିତି ବାସ ଚହଟି ଥାଏ, ସେମିତି ସହିଷ୍ଣୁତା ଗୁଣ ମଣିଷକୁ ଆହୁରି ମହନୀୟ କରି ଗଢ଼ି ତୋଳୁଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

# କଳରାପତରିଆ ବାଘ ଚମଡ଼ା ଜବତ

## ଅଭିଯୁକ୍ତ ଅଟକ

ବାରିପଦା,୨୯।୯
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ଶିମିଳିପାଳ ୱାଇଲ୍ଡ ଲାଇଫ୍ ଇଣ୍ଟେଲିଜେନ୍ସ ନେଟ୍‌ୱର୍କ ଟିମ୍ ଶୁକ୍ରବାର ଚଢ଼ାଉକରି ଏକ କଳରାପତରିଆ ବାଘ ଚମଡ଼ା ଜବତ କରିଛି। ଏହି ଘଟଣାରେ ବଡ଼ସାହି ଥାନା ଅଧୀନ ଯଦୁନାଥପୁର ବନ୍ଧସାହି ଅଞ୍ଚଳର ଭୁବନ ସିଂ(୩୫)ଙ୍କୁ ଅଟକ ରଖି ପଚରାଉଚରା କରାଯାଉଛି।

ସୂଚନା ଅନୁଯାୟୀ, ବାଘ ଚମଡ଼ା ବିକ୍ରି ପାଇଁ ଡିଲ୍ ଚାଲିଥିବା ନେଇ ବନ ବିଭାଗ ବିଶ୍ୱସ୍ତ ସୂତ୍ରରୁ ଖବର ପାଇଥିଲା। ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଦକ୍ଷିଣ ଡିଭିଜନର ଉପ ନିର୍ଦ୍ଦେଶକ ସମ୍ରାଟ ଗୌଡ଼ାଙ୍କ ନିର୍ଦ୍ଦେଶକ୍ରମେ ଶିମିଳିପାଳ ୱାଇଲ୍ଡ ଲାଇଫ୍ ଇଣ୍ଟେଲିଜେନ୍ସ ନେଟ୍‌ୱର୍କ ଟିମ୍ ଚଢ଼ାଉ କରିବାକୁ ପ୍ରସ୍ତୁତ ହୋଇଥିଲେ। ଗ୍ରାହକ ସାଜି ବାଘ ଚମଡ଼ା କିଣିବାକୁ ଯୋଜନା କରି ଅଭିଯୁକ୍ତଙ୍କୁ ଢୁକୁରାକୁ ଡକାଇଥିଲେ। ବାଘ ଚମଡ଼ା ଧରି ସେ ପହଞ୍ଚିବା ପରେ କର୍ମଚାରୀଙ୍କୁ ଦେଖି ଖସିଯିବାକୁ ଉଦ୍ୟମ କରିଥିଲେ। ଢୁକୁରା ଡାକ୍ତରଖାନା ପାର୍ଶ୍ୱ ପୋଖରୀ ନିକଟରେ ତାଙ୍କୁ କାବୁ କରିବା ସହ ଚମଡ଼ାକୁ ଜବତ କରାଯାଇଥିଲା। ତେବେ ବାଘ ଶିକାର ଓ ଚମଡ଼ା ବିକ୍ରି ଘଟଣାରେ ଅନ୍ୟ କେଉଁମାନଙ୍କ ସମ୍ପୃକ୍ତି ରହିଛି ସେଥିନେଇ ବନ ବିଭାଗ ତଦନ୍ତ ଜାରି ରଖିଛି। ଏ ନେଇ ଶନିବାର ଖବରଦାତା ସମ୍ମିଳନୀରେ ବିସ୍ତୃତ ଭାବେ ସୂଚନା ପ୍ରଦାନ କରାଯିବ ବୋଲି ଉପ ନିର୍ଦ୍ଦେଶକ ଗୌଡ଼ା ଏକ ପ୍ରେସ୍ ବିବୃତିରେ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଶିମିଳିପାଳକୁ ସୁରକ୍ଷା ଦେବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ଟାସ୍କ ଫୋର୍ସ ଗଠନ ହୋଇଥିବା ବେଳେ ଶିକାର ରୋକାଯାଇ ପାରୁ ନ ଥିବା ଉକ୍ତ ଘଟଣାରୁ ସ୍ପଷ୍ଟ ପ୍ରମାଣିତ ହୋଇଛି। ବନ୍ୟପ୍ରାଣୀ ଓ ଶିମିଳିପାଳକୁ ସୁରକ୍ଷା ଦେବାରେ ପ୍ରଶାସନର ଅବହେଳାକୁ ନେଇ ପ୍ରାଣୀପ୍ରେମୀଙ୍କ ମଧ୍ୟରେ ଅସନ୍ତୋଷ ଦାନା ବାନ୍ଧୁଛି।



# ଜରାଜୀର୍ଣ୍ଣ ଅବସ୍ଥାରେ ରାଜ୍ୟର ୧୫୭ ଡାକବଙ୍ଗଳା

ଭୁବନେଶ୍ୱର, ୨୮।୯(ସୁନିତ୍ ମିଶ୍ର)

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧୀନ ୧୫୭ଟି ଡାକବଙ୍ଗଳା (ଆଇବି) ଏବେ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ସେଥିମଧ୍ୟରୁ କେନ୍ଦୁଝରରେ ସର୍ବାଧିକ ୨୩ଟି ଆଇବି ଏବଂ ରେଷ୍ଟ ସେଡ୍ ଜରାଜୀର୍ଣ୍ଣ ଅବସ୍ଥାରେ ଅଛି। ସେହିପରି ବୌଦ୍ଧ ଜିଲାର ୧୨ଟି, ଗଞ୍ଜାମ ଜିଲାର ୧୪, ଅନୁଗୋଳର ୯, ବରଗଡ଼ର ୪, ଭଦ୍ରକର ୩, ବଲାଙ୍ଗୀରର ୩, କଟକର ୧, ଦେବଗଡ଼ର ୧, ଗଜପତିର୯, ଯାଜପୁରର ୪, ଝାରସୁଗୁଡ଼ାର ୭, କଳାହାଣ୍ଡିର ୬, କନ୍ଧମାଳର ୧୫, କେନ୍ଦ୍ରାପଡ଼ାର ୬ଟି ଡାକବଙ୍ଗଳା ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ସେହିପରି କୋରାପୁଟର ୫, ମାଲକାନଗିରିର ୩, ମୟୂରଭଞ୍ଜର ୫, ନବରଙ୍ଗପୁରର ୫, ନୟାଗଡର ୨, ନୂଆପଡ଼ାର ୪, ପୁରୀର ୩, ରାୟଗଡ଼ାର ୪, ସମ୍ବଲପୁରର ୬, ଏବଂ ସୁନ୍ଦରଗଡ଼ର ୩ଟି ଜରାଜୀର୍ଣ୍ଣ ଭାବେ ପଡ଼ିରହିଛି। ବାଲେଶ୍ୱର, ଢେଙ୍କାନାଳ, ଜଗତ୍‌ସିଂହପୁର, ଖୋର୍ଦ୍ଧା, ସୁବର୍ଣ୍ଣପୁର ଜିଲାରେ ସେମିତି କିଛି ଡାକବଙ୍ଗଳା ଜରାଜୀର୍ଣ୍ଣ ଅବସ୍ଥାରେ ନାହିଁ। ତେବେ ଜିଲାଗୁଡିକରୁ ପ୍ରସ୍ତାବ ନ ଆସିବା ଯୋଗୁ ଉପରୋକ୍ତ ୧୫୭ଟି ଡାକବଙ୍ଗଳା ଜରାଜୀର୍ଣ୍ଣ ଅବସ୍ଥାରେ ରହିଥିବା ମନ୍ତ୍ରୀ ସୁଦାମ ମାରାଣ୍ଡି ତାଙ୍କ ଉତ୍ତରରେ କହିଛନ୍ତି।

# ଓଏସ୍‌ଓୟୁ ସୁରକ୍ଷା ପାଇଁ ମାନବ ଶୃଙ୍ଖଳ

ସମ୍ବଲପୁର,୨୯।୯ (ଶୁଭାଶିଷ ପାଢ଼ୀ)

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଓଏସ୍‌ଓୟୁ) ବନ୍ଦ ହେବାକୁ ବସିଛି। ପୂର୍ବରୁ ଓଏସ୍‌ଓୟୁ ବଞ୍ଚାଓ ଅଭିଯାନ ଏହି ପ୍ରସଙ୍ଗ ଉଠାଇ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ପଦକ୍ଷେପ ଗ୍ରହଣ କରିବାକୁ ଦାବି କରିଥିଲା। ଏବେ ଏହି ଅଭିଯାନ ଜନ ଆନ୍ଦୋଳନରେ ପରିଣତ ହୋଇଛି। ବିଭିନ୍ନ ସଙ୍ଗଠନ ଓଏସ୍‌ଓୟୁ ସୁରକ୍ଷା ଦାବିକରି ରାସ୍ତାକୁ ଓହ୍ଲାଇଛନ୍ତି। ଶୁକ୍ରବାର ସମ୍ବଲପୁର ଆର୍‌ଡିସି ଅଫିସ ସମ୍ମୁଖରେ ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା ମାନବ ଶୃଙ୍ଖଳ କରି ପ୍ରତିବାଦ କରିଥିଲେ। ସମସ୍ତେ ସେଭ୍ ଓଏସ୍‌ଓୟୁ ପ୍ଲାକାର୍ଡ ଧରି ନାରାବାଜି କରିଥିଲେ। ସେମାନେ ଦର୍ଶାଇଥିଲେ, ଓଏସ୍‌ଓୟୁ କର୍ମଜୀବୀ, ଡ୍ରପ୍‌ଆଉଟ୍ ପିଲା, ବିଚାରାଧୀନ କଏଦୀ, ଗ୍ରାମାଞ୍ଚଳ ପିଲାଙ୍କୁ ଶିକ୍ଷାଦାନ କରିଆସୁଥିଲା। ସାରା ରାଜ୍ୟରେ ଏହି ବିଶ୍ୱବିଦ୍ୟାଳୟ ଘରେ ଘରେ ପହଞ୍ଚିପାରିଥିଲା। ହେଲେ ଏହା ଏବେ ବନ୍ଦ ହେବାକୁ ବସିଛି। ଅଧା ପାଠ୍ୟକ୍ରମ ଏପରି କି ସ୍ନାତକ ଓ ସ୍ନାତକୋତ୍ତର ପାଠ୍ୟକ୍ରମ ବନ୍ଦ ହୋଇଯାଇଛି।

୨୦୧୫ରେ ସମ୍ବଲପୁରରେ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ସ୍ଥାପନ ହୋଇଥିଲା। ଏଥିପାଇଁ ରାଜ୍ୟ ବିଧାନସଭାରେ ସ୍ୱତନ୍ତ୍ର ଆଇନ ମଧ୍ୟ ହୋଇଛି। ପ୍ରଥମବର୍ଷ ୨୨୫ ଛାତ୍ରୀଛାତ୍ର ନାମ ଲେଖାଇଥିବା ବେଳେ ଏବେ ସଂଖ୍ୟା ୧ଲକ୍ଷରୁ ଊର୍ଦ୍ଧ୍ୱ ହୋଇସାରିଛି। ଏଠାରୁ ପ୍ରାୟ ୪୨ ହଜାରରୁ ଅଧିକ ଛାତ୍ରୀଛାତ୍ର ପାସ୍ ଆଉଟ୍ ହୋଇସାରିଛନ୍ତି। ଗୋଶାଳା ବସନ୍ତପୁରରେ ୪୦ଏକର ଜମି ବିଶ୍ୱବିଦ୍ୟାଳୟ ନାମରେ କରାଯାଇଛି। ସ୍ଥାୟୀ କ୍ୟାମ୍ପସ୍ ନିର୍ମାଣାଧୀନ ରହିଛି। ଆବଶ୍ୟକ ଗୃହ ଠିକ୍ ସମୟରେ ତିଆରି ହୋଇପାରିଲା ନାହିଁ। ଶିକ୍ଷକ, ଅଣଶିକ୍ଷକ ଅଭାବ ସାଙ୍ଗକୁ ନିଜସ୍ୱ ଘର ନ ଥିବାରୁ ଏହା ନାକ୍ ସ୍ୱୀକୃତି ହରାଇଥିଲା। ନାକ୍ ଅନୁମତି ନ ଥିବାରୁ ୟୁଜିସି ପାଠ୍ୟକ୍ରମ ପାଇଁ ଅନୁମତି ମିଳିଲା ନାହିଁ। ସରକାର ଏହି ପ୍ରସଙ୍ଗକୁ ଗମ୍ଭୀରତାର ସହ ଗ୍ରହଣକରି ନାହାନ୍ତି। ଏହି ପରିପ୍ରେକ୍ଷୀରେ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ ପଦବୀ ସୃଷ୍ଟି କରି ନିଯୁକ୍ତି ଦେବା ଆବଶ୍ୟକ। ଏହାସହ କିଭଳି ୟୁଜିସି ମାନ୍ୟତା ମିଳିବ ସେ ଦିଗରେ ପଦକ୍ଷେପ ନେବାକୁ କର୍ମକର୍ତ୍ତାମାନେ ଦାବି କରିଥିଲେ। ଏହି ସମାବେଶରେ ଓଏସ୍‌ଓୟୁ ବଞ୍ଚାଓ ଅଭିଯାନର ମହେନ୍ଦ୍ର ମିଶ୍ର, ପରବେଜ ଅଲ୍ଲି ଖାନ, ସୁଧୀର ବହିଦାର, ସୂର୍ଯ୍ୟ ପାଣିଗ୍ରାହୀ, ମଧୁ ମୋଦକ, ଲଳିତ ବେବର୍ତ୍ତା, ବବ୍‌ଲୁ ସିଂ, ନନ୍ଦକିଶୋର ମିଶ୍ର, ରାଜା ସାହୁ, ଦେବାଶିଷ ପାତ୍ର, ମୁନା ମୁଣ୍ଡା ପ୍ରମୁଖଙ୍କ ସମେତ ୧୫ରୁ ଊର୍ଦ୍ଧ୍ୱ ସଙ୍ଗଠନର କର୍ମକର୍ତ୍ତା ସାମିଲ ଥିଲେ।



ସମ୍ବଲପୁର ଆର୍‌ଡିସି ଅଫିସ ସମ୍ମୁଖରେ ମାନବ ଶୃଙ୍ଖଳ।

# ୨ ବର୍ଷରେ ହାତୀ ଆକ୍ରମଣରେ ୨୫୯ ମୃତ୍ୟୁ

## କୁମ୍ଭୀର ନେଇଛି ୧୧ ଜୀବନ

ଭୁବନେଶ୍ୱର, ୨୯।୯
(ସୁନିତ୍ ମିଶ୍ର)

ବିଧାୟକ ନିତ୍ୟାନନ୍ଦ ଗଣ୍ଡ ବିଧାନସଭାରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁଦାମ ମାରାଣ୍ଡିଙ୍କୁ ଗତ ୨ ବର୍ଷରେ କେତେଜଣ ବାଘ, କୁମ୍ଭୀର ଓ ହାତୀ ଆକ୍ରମଣରେ ମୃତ୍ୟୁବରଣ କରିଥିବା କଥା ପଚାରିଛନ୍ତି। ମନ୍ତ୍ରୀ ମାରାଣ୍ଡି ତାଙ୍କ ଉତ୍ତରରେ କହିଛନ୍ତି ଯେ, ୨୦୨୧-୨୨ ଏବଂ ୨୦୨୨-୨୩ ଆର୍ଥିକ ବର୍ଷର ସରକାରୀ ତଥ୍ୟ ଅନୁଯାୟୀ ବାଘ ଆକ୍ରମଣରେ କାହାର ମୃତ୍ୟୁ ଘଟିନାହିଁ। ହେଲେ କୁମ୍ଭୀର ଆକ୍ରମଣରେ ଗତ ୨ ବର୍ଷରେ ୧୧ ଜଣଙ୍କ ମୃତ୍ୟୁ ଘଟିଛି। ସେହିପରି ରାଜ୍ୟରେ ଗତ ୨ ବର୍ଷରେ ହାତୀ ଦ୍ୱାରା ଆକ୍ରମଣର ଶିକାର ହୋଇ ୨୫୯ ଜଣଙ୍କ ଜୀବନ ଯାଇଛି। ଜଙ୍ଗ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ପ୍ରତ୍ୟେକ ମୃତବ୍ୟକ୍ତିଙ୍କ ପରିବାରକୁ ସରକାର ୪ ଲକ୍ଷ ଟଙ୍କା ଲେଖା ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରିଛନ୍ତି। ଚଳିତ ବର୍ଷ ମେ ୨୨ ଠାରୁ ଏହି ଅନୁକମ୍ପାମୂଳକ ସହାୟତା ରାଶି ୪ରୁ ୬ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଥିବା ମନ୍ତ୍ରୀ ମାରାଣ୍ଡି ତାଙ୍କ ଉତ୍ତରରେ କହିଛନ୍ତି।

# ସ୍କ୍ରବ୍ ଟାଇଫସ୍ ଶିକାର ଯୁବକଙ୍କ ମୃତ୍ୟୁ

ଟିଟିଲାଗଡ଼, ୨୯।୯ (ଶରତ ମିଶ୍ର)

ସ୍କ୍ରବ୍ ଟାଇଫସ୍‌ର ଶିକାର ହୋଇ ବଲାଙ୍ଗୀର ଜିଲା ଟିଟିଲାଗଡ଼ ବ୍ଲକ ଭାଲେଗାଁ ପଞ୍ଚାୟତର ବାଗଡେର ଗ୍ରାମର ହିମାଂଶୁ ସାହୁ (୩୫)ଙ୍କ ଭୁବନେଶ୍ୱରରେ ଏକ ଘରୋଇ ଡାକ୍ତରଖାନାରେ ଗୁରୁବାର ମୃତ୍ୟୁ ଘଟିଛି। ଏହାକୁ ନେଇ ଅଞ୍ଚଳରେ କୋକୁଆଭୟ ସୃଷ୍ଟି କରିଛି। ସୂଚନା ମତେ, ଗତ ଅଗଷ୍ଟ ୨୮ରେ ହିମାଂଶୁଙ୍କୁ ଜ୍ୱର ହୋଇ ସେ ଅସୁସ୍ଥ ଅନୁଭବ କରିଥିଲେ। ପରିବାର ଲୋକେ ୨୯ରେ ଟିଟିଲାଗଡ଼ ଉପଖଣ୍ଡ ମୁଖ୍ୟ ସରକାରୀ ଡାକ୍ତରଖାନାକୁ ଆଣି ଡାକ୍ତରଙ୍କ ପରାମର୍ଶ ମୁତାବକ ଔଷଧ ନେଇଥିଲେ। ହେଲେ ସ୍ୱାସ୍ଥ୍ୟବସ୍ଥାରେ ଉନ୍ନତି ନ ହେବାରୁ ପୁଣି ଚଳିତ ମାସ ୪ରେ ଟିଟିଲାଗଡ଼ ଆଣି ରକ୍ତ ପରୀକ୍ଷା କରିଥିଲେ। ତାପରେ ମଧ୍ୟ ସ୍ୱାସ୍ଥ୍ୟାବସ୍ଥା ଠିକ୍ ନ ହେବାରୁ ତାଙ୍କୁ ୮ରେ କେସିଙ୍ଗା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରୁ ହିମାଂଶୁଙ୍କୁ ୧୧ ତାରିଖରେ ଭବାନୀପାଟଣାସ୍ଥିତ ଜିଲା ମୁଖ୍ୟ ଡାକ୍ତରଖାନାକୁ ଓ ୧୪ରେ ବୁର୍ଲା ପଠାଯାଇଥିଲା। ହେଲେ ସେଠାରେ ସ୍ୱାସ୍ଥ୍ୟାବସ୍ଥା ଆହୁରି ଖରାପ ହେବାରୁ ୧୭ରେ ପରିବାର ଲୋକେ ତାଙ୍କୁ ଭୁବନେଶ୍ୱର ନେଇ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ୧୮ତାରିଖରେ ପରୀକ୍ଷା ପରେ ହିମାଂଶୁ ସ୍କ୍ରବ୍ ଟାଇଫସ୍‌ର ଶିକାର ହୋଇଥିବା ଜଣାପଡିଥିଲା। ସେତେବେଳକୁ ତାଙ୍କ ଅବସ୍ଥା ସଙ୍କଟାପନ୍ନ ହୋଇଯାଇଥିଲା।


ମୃତ ହିମାଂଶୁ ସାହୁ

ଡାକ୍ତର ତାଙ୍କୁ ଆଇସିୟୁରେ ଭର୍ତ୍ତି କରିଥିଲେ। ଦଶଦିନ କାଳ ଜୀବନ ସହ ସଂଘର୍ଷ ପରେ ହିମାଂଶୁ ଗୁରୁବାର ରାତି ୯ଟାରେ ସେହି ଡାକ୍ତରଖାନାରେ ଆଖି ବୁଜିଥିଲେ। ଶୁକ୍ରବାର ତାଙ୍କ ମୃତଦେହ ଗାଁକୁ ଅଣାଯାଇ ସତ୍କାର କରାଯାଇଛି। ପରିବାର ଲୋକ ଅଭିଯୋଗ କରିଛନ୍ତି ଯେ, ସେମାନେ ଗୋଟିଏ ସରକାରୀ ଡାକ୍ତରଖାନାରୁ ଆଉ ଗୋଟିଏ ଡାକ୍ତରଖାନା ଘୂରି ବୁଲୁଥିବା ବେଳେ କେଉଁଠାରେ ମଧ୍ୟ ରୋଗ ଚିହ୍ନଟ ହୋଇପାରିଲା ନାହିଁ କି ଉପଯୁକ୍ତ ଚିକିତ୍ସା ବ୍ୟବସ୍ଥା କରାଗଲା ନାହିଁ। ଡାକ୍ତର ବିଭିନ୍ନ ପରୀକ୍ଷା ପାଇଁ ପରାମର୍ଶ ଦେଉଥିବାବେଳେ ସ୍କ୍ରବ୍ ଟାଇଫସ୍ ପରୀକ୍ଷା କରାଗଲା ନାହିଁ। ହିମାଂଶୁ ଜଣେ ଅଟୋ ଡ୍ରାଇଭର ଥିଲେ। ହିମାଂଶୁଙ୍କ ପରେ ତାଙ୍କ ସ୍ତ୍ରୀ ଏବଂ ଦୁଇ ଶିଶୁ ସନ୍ତାନ ନିଃସହାୟ। ତାଙ୍କ ପରିବାରକୁ ସରକାର ଆର୍ଥିକ ସହାୟତା ଯୋଗାଇଦେବାକୁ ଭାଲେଗାଁ ସରପଞ୍ଚ ଯୁଗଳ କିଶୋର ସାହୁ, ରାଜ୍ୟ ସରପଞ୍ଚ ସଂଘ କାର୍ଯ୍ୟକାରୀ ସଭାପତି ବୀରବର ସାହୁ ପ୍ରମୁଖ ଦାବି କରିଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ପୁଣି ରତ୍ନଭଣ୍ଡାର ...

ବିଶ୍ୱାସ କରୁ। ଏଥିସହ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ (ଏଏସ୍‌ଆଇ) ସଂସ୍ଥା ଏବଂ ଶ୍ରୀମନ୍ଦିର ପରିଚାଳନା କମିଟି ମିଳିତ ଭାବେ ସକ୍ରିୟ ସହଯୋଗ କରି ରତ୍ନଭଣ୍ଡାର ସଂରକ୍ଷଣ କରିବେ। ରାଜ୍ୟ ସରକାର ମଧ୍ୟ ଏହି କାର୍ଯ୍ୟର ଦକ୍ଷ ପରିଚାଳନା ନିମନ୍ତେ ଆଗେଇ ଆସିବେ ବୋଲି ହାଇକୋର୍ଟ ଆଶାବ୍ୟକ୍ତ କରିଛନ୍ତି। ସୂଚନାଯୋଗ୍ୟ, ରାଜ୍ୟ ସରକାର ରତ୍ନଭଣ୍ଡାରର ସୁରକ୍ଷା ନେଇ ତ୍ୱରିତ ପଦକ୍ଷେପ ଗ୍ରହଣ କରୁ ନ ଥିବାରୁ ଆବେଦନକାରୀ ଭାଜପାର ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି ହାଇକୋର୍ଟରେ ଏକ ରିଟ୍ ପିଟିଶନ ଦାଖଲ କରିଥିଲେ। ରତ୍ନଭଣ୍ଡାର ବିପଦସଙ୍କୁଳ ସ୍ଥିତିରେ ରହିଥିବାରୁ ରାଜ୍ୟପାଳଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇ ଅଳଙ୍କାର ଗଣତି କରାଯାଉ ଏବଂ ରତ୍ନଭଣ୍ଡାରକୁ ତୁରନ୍ତ ଖୋଲି ମରାମତି କରାଯିବାକୁ ଆବେଦନକାରୀ ମହାନ୍ତି ପ୍ରାର୍ଥନା କରିଥିଲେ। ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନ୍‌ଜୀବୀ ପୀତାମ୍ବର ଆଚାର୍ଯ୍ୟ ଓ ସରକାରଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ବୁଦ୍ଧଦେବ ରାଉତରାୟ, ଗୌତମ ମୁଖାର୍ଜୀ, ଡେପୁଟି ସଲିସିଟର ଜେନେରାଲ ଅଫ୍ ଇଣ୍ଡିଆ ପ୍ରସନ୍ନ କୁମାର ପାଢ଼ୀ ପ୍ରମୁଖ ମାମଲା ପରିଚାଳନା କରୁଥିଲେ।

### ମହିଳା ସଂରକ୍ଷଣ...

ପାଇଁ ସଂରକ୍ଷିତ ରଖାଯିବ ତାହା ସ୍ଥିର କରାଯିବ। ତେଣୁ ନୂଆ ଆଇନ କାର୍ଯ୍ୟକାରୀ ହେବା ପାଇଁ ସମୟ ଲାଗିବ। ପ୍ରଥମେ ଏହା ୧୫ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବ ଏବଂ ପରେ ଆବଶ୍ୟକ ହେଲେ ଅବଧି ବୃଦ୍ଧି କରାଯାଇପାରେ।

### ଚୌଧୁରୀ ବଜାରରେ ...

ଅଗ୍ନିଶମ ଅଧିକାରୀ ସଞ୍ଜୀବ କୁମାର ବେହେରା କହିଛନ୍ତି। ସୂଚନା ଅନୁସାରେ, ସକାଳ ପ୍ରାୟ ସାଢ଼େ ୭ଟାରେ ଉକ୍ତ ଶାଢ଼ି ଶୋ'ରୁମ୍‌ର ଶଟର ଦେଇ ଭିତରୁ ଧୂଆଁ ବାହାରୁଥିବା ସ୍ଥାନୀୟ ଲୋକେ ଦେଖିଥିଲେ। ସେମାନେ ତୁରନ୍ତ ଅଗ୍ନିଶମ ବାହିନୀକୁ ଖବର ଦେବା ସହ ଶଟର ତାଡ଼ି ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ। ନିଆଁ ଓ ଧୂଆଁର ପ୍ରକୋପ ଏତେ ପରିମାଣର ଥିଲା ଯେ ପାଖକୁ ଯିବା ସମ୍ଭବ ନ ଥିଲା। ଖବରପାଇ ବକ୍ସିବଜାର, ଚାଉଳିଆଗଞ୍ଜ, ବିଡ଼ାନାସୀ ଓ ବାରଙ୍ଗରୁ ୭ଟି ଅଗ୍ନିଶମ ଗାଡି ଘଟଣାସ୍ଥଳରେ ପହଞ୍ଚିଥିଲା। ତୁରନ୍ତ ଅଗ୍ନିଶମ କର୍ମଚାରୀ ନିଆଁଲିଭା କାର୍ଯ୍ୟରେ ଲାଗିପଡିଥିଲେ। ନିଆଁ ତଳ ମହଲାରୁ ସଙ୍ଗେ ସଙ୍ଗେ ପ୍ରଥମ ଓ ଦ୍ୱିତୀୟ ମହଲାକୁ ବ୍ୟାପି ଯାଇଥିଲା। ହେଲେ ପାର୍ଶ୍ୱବର୍ତ୍ତୀ କୋଠା ବା ବ୍ୟବସାୟ ପ୍ରତିଷ୍ଠାନକୁ ନିଆଁ ବ୍ୟାପିବାକୁ ଅଗ୍ନିଶମ କର୍ମଚାରୀମାନେ ଦେଇ ନ ଥିଲେ। ସେମାନେ ଅତ୍ୟାଧୁନିକ କୌଶଳ ପ୍ରୟୋଗ କରି ଅତ୍ୟନ୍ତ ସାହସର ସହିତ ଶୋ'ରୁମ୍ ଭିତରକୁ ପ୍ରବେଶ କରିଥିଲେ। ଏଥିସହ ଶିଡି ସାହାଯ୍ୟରେ ବିଭିନ୍ନ ସ୍ଥାନରେ ଚଢ଼ି ପାଣି ପକାଇଥିଲେ। ଏପରି କି ବ୍ରୁଣ୍ଟୋ ସ୍କାଏ ଲିଫ୍ଟର ହାଇଡ୍ରୋଲିକ୍‌ଯନ୍ତ୍ରାଂଶ ବ୍ୟବହାର କରି କୋଠାର ଉଚ୍ଚ ଅଂଶରୁ ନିଆଁ ଆୟତ୍ତ କରିବା ପାଇଁ ଉଦ୍ୟମ କରାଯାଇଥିଲା। ସକାଳ ୮ଟାରୁ ପୂର୍ବାହ୍ନ ୧୨ଟା ପର୍ଯ୍ୟନ୍ତ ଅଗ୍ନିଶମ କର୍ମଚାରୀମାନେ ପରିଶ୍ରମ କରି ନିଆଁକୁ ଆୟତ୍ତ କରିଥିବା ବିଭାଗୀୟ ଅଧିକାରୀ ବେହେରା କହିଛନ୍ତି। ଜିଲାପାଳ ଭବାନୀ ଶଙ୍କର ଚୟନୀ, କଟକ ମହାନଗର ନିଗମ(ସିଏମ୍‌ସି) ମେୟର ସୁବାସ ସିଂ, ରେଞ୍ଜ ଫାୟାର ଅଫିସର ତ୍ରିଲୋକ କୁମାର ସାହୁ ଓ ଡେପୁଟି ଫାୟାର ଅଫିସର ସନାତନ ମହାପାତ୍ର ଘଟଣାସ୍ଥଳରେ ପହଞ୍ଚି ନିଆଁଲିଭା କାର୍ଯ୍ୟ ତଦାରଖ କରିଥିଲେ। ଏଭଳି ଦୁର୍ଘଟଣା ପରେ ସ୍ଥାନୀୟ ଦୋକାନୀଙ୍କୁ ଅଗ୍ନି ନିରାପତ୍ତା ନେଇ ସଚେତନ କରାଯିବ ବୋଲି ଜିଲାପାଳ କହିଛନ୍ତି।

### ଲଘୁଚାପ: ୩ ଦିନ ...

ଆସନ୍ତା ୫ ତାରିଖ ଯାଏ ରାଜ୍ୟରେ ଅଳ୍ପ ବହୁତ ମୌସୁମୀ ବର୍ଷା ଲାଗିରହିବ। ଏହା ପରେ ମୌସୁମୀ ଲେଉଟାଣି ପର୍ବ ଆରମ୍ଭ ହେବ। ଅକ୍ଟୋବର ୧୩ରୁ ୧୬ ତାରିଖ ମଧ୍ୟରେ ରାଜ୍ୟରୁ ଦକ୍ଷିଣ-ପଶ୍ଚିମ ମୌସୁମୀ ବିଦାୟ ନେବ। ଜୁଲାଇରେ ୬.୬ ପ୍ରତିଶତ ଏବଂ ଅଗଷ୍ଟରେ ୧୫.୬ ପ୍ରତିଶତ କମ୍ ବର୍ଷା ହୋଇଛି। ତେବେ ସେପ୍ଟେମ୍ବର ବର୍ଷା ନିଅଣ୍ଟିଆକୁ ଭରଣା କରିଛି। ସେପ୍ଟେମ୍ବରରେ ସ୍ୱାଭାବିକଠାରୁ ୬୧.୩ ପ୍ରତିଶତ ଅଧିକ ବର୍ଷା ହୋଇଛି। ପାଣିପାଗ ବିଭାଗ ସୂଚନା ଅନୁଯାୟୀ ଜୁନ୍ ପହିଲାରୁ ସେପ୍ଟେମ୍ବର ୨୯ ତାରିଖ ମଧ୍ୟରେ ରାଜ୍ୟରେ ସ୍ୱାଭାବିକ ବର୍ଷା ହୋଇଛି। ଏହି ସମୟରେ ସ୍ୱାଭାବିକ ଭାବେ ୧୧୪୪.୩ ମିଲିମିଟର ବର୍ଷା ହେବାକୁ ଥିବାବେଳେ ହୋଇଛି ୧୧୦୫.୪ ମିଲିମିଟର। ତେବେ କେନ୍ଦ୍ରାପଡ଼ାରେ ସ୍ୱାଭାବିକଠାରୁ ୨୬, ନବରଙ୍ଗପୁରରେ ୨୩ ଏବଂ ପୁରୀରେ ୨୦ ପ୍ରତିଶତ କମ୍‌ବର୍ଷା ହୋଇଛି। ରାଜ୍ୟର କୌଣସି ଜିଲାରେ ଚାଷ କାର୍ଯ୍ୟ ପ୍ରଭାବିତ ହୋଇନାହିଁ। ୯୫ ପ୍ରତିଶତ ଜମିରେ ଚାଷ କାର୍ଯ୍ୟ ହୋଇଛି ବୋଲି କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଶୁକ୍ରବାର ବିଧାନସଭାରେ କହିଛନ୍ତି।

### ଶୁଟିଂରେ ଭାରତକୁ ...

ପାଇଁ ଦୁଇ ଭାରତୀୟ ପରସ୍ପରକୁ ଚ୍ୟାଲେଞ୍ଜ ଦେଇଥିଲେ। ମାତ୍ର ଶେଷରେ ୧୭ ବର୍ଷୀୟା ପଲକ ବାଜି ମାରିଥିଲେ। "ସେଠାରେ କାହା ସହିତ ପ୍ରତିଦ୍ୱନ୍ଦ୍ୱିତା ନ ଥିଲା। ମୋର ସବୁଠାରୁ ବଡ଼ ପ୍ରତିଦ୍ୱନ୍ଦ୍ୱୀ ମୁଁ ନିଜେ। ମୁଁ ସବୁବେଳେ ନିଜସହ ଲଢ଼େଇ କରିଥାଏ" ବୋଲି ସ୍ୱର୍ଣ୍ଣ ଜିତିବା ପରେ ପଲକ ପ୍ରକାଶ କରିଥିଲେ। ଏଥିରେ ପାକିସ୍ତାନର ତଲତ କିଶ୍ମାଲା ବ୍ରୋଞ୍ଜ ପଦକ ପାଇଥିଲେ। ସିନିୟର ବିଭାଗରେ ପଲକଙ୍କ ପାଇଁ ଏହାଥିଲା ବଡ଼ ପ୍ରତିଯୋଗିତାରେ ପ୍ରଥମ ଅନ୍ତର୍ଜାତୀୟ ସ୍ୱର୍ଣ୍ଣ ପଦକ। ଫାଇନାଲ୍ସରେ ସେ ଗେମ୍ସ ରେକର୍ଡ ସହ ୨୪୨.୧ ପଏଣ୍ଟ ଶୁଟ୍ କରିଥିଲେ। ଇଶା ୨୩୯.୭ ପଏଣ୍ଟ ଶୁଟ୍ କରି ଦ୍ୱିତୀୟ ସ୍ଥାନରେ ସନ୍ତୁଷ୍ଟ ରହିଥିଲେ। ଗତ ବୁଧବାର ଇଶା ୨୫ ମିଟର ପିସ୍ତଲରେ ମଧ୍ୟ ରୌପ୍ୟ ପଦକ ପାଇଥିଲେ। ୫୦ ମିଟର ରାଇଫଲ ଆରେନାରେ ମଧ୍ୟ ଭାରତୀୟ ମାର୍କ୍ସମ୍ୟାନଙ୍କ ଚମକ ଦେଖିବାକୁ ମିଳିଥିଲା। ପୁରୁଷ ୩ ପୋଜିଶନ ଟିମ୍‌ର ସଦସ୍ୟ ଐଶ୍ୱର୍ଯ୍ୟ ୫୯୧, ସ୍ୱପ୍ନିଲ ୫୯୧ ଓ ଶେଓରନ ୫୮୭ ପଏଣ୍ଟ ଶୁଟ୍ କରିଥିଲେ। ଫଳରେ ଭାରତୀୟ ଦଳ ୧୭୬୯ ବିଶ୍ୱରେକର୍ଡ ସ୍କୋର ସହ ସ୍ୱର୍ଣ୍ଣ ପଦକ ପାଇଥିଲା। ଚାଇନା ୧୭୬୩ ଓ ଦକ୍ଷିଣ କୋରିଆ ୧୭୪୮ ପଏଣ୍ଟ ସହିତ ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକ ପାଇଥିଲା। ପୂର୍ବ ବିଶ୍ୱ ରେକର୍ଡ ପଏଣ୍ଟ ଅପେକ୍ଷା ଭାରତୀୟମାନେ ଅଧିକ ୮ ପଏଣ୍ଟ ଶୁଟ୍ କରିଥିଲେ। ପୁରୁଷ ୫୦ ମିଟର ରାଇଫଲ ୩ ପୋଜିଶନ ବ୍ୟକ୍ତିଗତ ଇଭେଣ୍ଟରେ ଐଶ୍ୱର୍ଯ୍ୟ ପ୍ରତାପ ସିଂ ତୋମାର ଅଳ୍ପକେ ସ୍ୱର୍ଣ୍ଣ ପଦକ ମିସ୍ କରିଥିଲେ। ସେ ୪୫୯.୭ ପଏଣ୍ଟ ପାଇଥିବାବେଳେ ଚାଇନାର ଡୁ ଲିନ୍‌ସୁ ୪୬୦.୬ ପଏଣ୍ଟ ସହିତ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ସେହିପରି ୧୦ ମିଟର ଏୟାର ପିସ୍ତଲ ଟିମ୍ ଇଭେଣ୍ଟରେ ୧୮ ବର୍ଷୀୟା ଇଶା ୫୭୯, ପଲକ ୫୭୭ ଓ ଦିବ୍ୟା ୫୭୫ ଏହିପରି ମୋଟ ୧୭୩୧ ପଏଣ୍ଟ ଶୁଟ୍ କରି ରୌପ୍ୟ ପଦକ ପାଇଥିଲେ। ୧୭୩୬ ପଏଣ୍ଟ ସହିତ ଚାଇନା ସ୍ୱର୍ଣ୍ଣ ପଦକ ହାସଲ କରିଥିଲା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଯେତେ ଚେଷ୍ଟା କଲେ ମଧ୍ୟ ସବୁ ଫସର ଫାଟିଯିବ ଏବଂ କେତେକ ସାମାନ୍ୟ ଭୁଲରୁ କାମଗୁଡ଼ିକ ବିଶୃଙ୍ଖଳିତ ହୋଇପାରେ। କର୍ମକ୍ଷେତ୍ରରେ କୌଣସି ବିଜାତୀୟ ବ୍ୟକ୍ତି ସମସ୍ୟା ସୃଷ୍ଟି କରିବେ। ଈର୍ଷା ପରାୟଣ ବ୍ୟକ୍ତି ପ୍ରତିଷ୍ଠାକୁ ସହି ନ ପାରି କଟୁ ମନ୍ତବ୍ୟ ଦେବେ। ଅଶ୍ୱିନୀ ନକ୍ଷତ୍ର ଆଧ୍ୟାତ୍ମିକ ଭାବଧାରାରେ ଉଦ୍‌ବୁଦ୍ଧ ହେବେ।

**ବୃଷ**
ଆଜି କୌଣସି ଅଭାବ ନ ଥାଇ ମଧ୍ୟ ମନଟା ଭଲ ଲାଗିବ ନାହିଁ। ବନ୍ଧୁମାନଙ୍କ ସମ୍ମୁଖରେ ମନର ଦୁଃଖକୁ ଲୁଚାଇ ରଖି ହସି ହସି କଥା କହିବେ। ପରିବାରର ଖର୍ଚ୍ଚ ପରିମାଣ ବୃଦ୍ଧି ଯୋଗୁ ମନରେ ସରସତା ରହିବ ନାହିଁ। କୃତ୍ତିକା ନକ୍ଷତ୍ରର ପାରିବାରିକ ଜଞ୍ଜାଳ ବୃଦ୍ଧି ପାଇପାରେ।

**ମିଥୁନ**
ଗତକାଲିର ଯୋଜନା ମୁତାବକ ସଫଳତା ବିଳମ୍ବିତ ସମୟରେ ପାଇବେ। ସାଧାରଣ କଥାକୁ କେନ୍ଦ୍ରକରି ଏବଂ ପ୍ରକୃତ ଘଟଣା ନ ବୁଝି ପଡ଼ୋଶୀ କ୍ରୋଧ ପ୍ରକାଶ କରିପାରନ୍ତି। ପୁନର୍ବସୁ ନକ୍ଷତ୍ର ମିଠା କଥା କହି ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇବାରେ ସମର୍ଥ ହେବେ। କୌଣସି ସାଧାରଣ ଘଟଣାକୁ କେନ୍ଦ୍ରକରି ମନ ଅଶାନ୍ତ ରହିବ।

**କର୍କଟ**
ଆଜିର କାମଗୁଡ଼ିକ ସବୁ ଠିକ୍ ଠିକ୍ ହୋଇଯିବ କିନ୍ତୁ ଏଥିପାଇଁ ଅନ୍ୟମାନଙ୍କ ଦୟା ଉପରେ ନିର୍ଭର କରିବାକୁ ପଡ଼ିପାରେ। ଆଜି ଆପଣ ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ। ଡ-ନାମାକ୍ଷର ବ୍ୟକ୍ତି ଖର୍ଚ୍ଚ ପରିମାଣ କ୍ରମଶଃ ବୃଦ୍ଧିପାଇବା ହେତୁ ଚିନ୍ତିତ ହୋଇପାରନ୍ତି।

**ସିଂହ**
ଆଜି ଆନୁଷ୍ଠାନିକ କାର୍ଯ୍ୟରେ ନେତୃତ୍ୱ ନେଇ ଉଚ୍ଚ ପ୍ରଶଂସିତ ହେବେ। କର୍ମକ୍ଷେତ୍ରରେ ପରିସ୍ଥିତିକୁ ଯେତେଟା ଜଟିଳ ମନେ କରୁଛନ୍ତି ସେପରି କିଛି ହେବନି। ଉତ୍ତରାଫାଲଗୁନୀ ଜମିଜମା କିମ୍ବା ଅର୍ଥ ସମ୍ପର୍କୀୟ କ୍ଷେତ୍ରରେ ବିବାଦୀୟ ପରିସ୍ଥିତି ଭିନ୍ନରୂପ ନେଇପାରେ। ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ।

**କନ୍ୟା**
ଆଜି ସ୍ୱତନ୍ତ୍ର ଭାବରେ ନିମନ୍ତ୍ରିତ ହେବା ସହ ବନ୍ଧୁ ମିଳନ ଓ ଆନୁଷ୍ଠାନିକ କାମରୁ ଖୁସି ରହିବେ। ପୁ-ଚିତ୍ରା ନକ୍ଷତ୍ର ଠିକଣା ଜାଗାରେ ପ୍ରିୟ ଲୋକଟିକୁ ନ ପାଇ ବ୍ୟସ୍ତ ହୋଇପାରନ୍ତି। ସାହାଯ୍ୟ ପ୍ରତିଶ୍ରୁତି ଦେଇଥିବା ବନ୍ଧୁ ପରକ୍ଷଣରେ ଓଲଟା କଥା କହିବେ। ଆତ୍ମୀୟସ୍ୱଜନଙ୍କ ପାଇଁ ଚିନ୍ତା ବଢ଼ିପାରେ କିନ୍ତୁ ଇଚ୍ଛାଥିଲେ ମଧ୍ୟ କିଛି କରିପାରିବେ ନାହିଁ।

**ତୁଳା**
ଶାରୀରିକ ସୁସ୍ଥତା ରହିଲେ ମଧ୍ୟ ମାନସିକ ସ୍ଥିତି ଭଲ ରହି ନ ପାରେ। ଗୃହ ସମସ୍ୟା, ଆନୁଷ୍ଠାନିକ କାମ, ଯାନ୍ତ୍ରିକ ଶିଳ୍ପ ଓ ପରିବହନ କ୍ଷେତ୍ରରେ ଆଶା ଅନୁରୂପ ଫଳ ପାଇବେ। ପୁନଶ୍ଚ କର୍ମକ୍ଷେତ୍ରରେ ଦୁଃସାହସିକ ପଦକ୍ଷେପ ନେଇ ସମସ୍ୟାକୁ ସୁଧାରିନେବେ। ସ୍ୱାତୀ ନକ୍ଷତ୍ରର ଦୈହିକ ଦୁର୍ବଳତା ଯୋଗୁ ମନୋବଳ କମିଯାଇପାରେ।

**ବିଛା**
ଗତକାଲିର ଘଟଣାଗୁଡ଼ିକୁ ଅସ୍ୱାଭାବିକ ଭାବେ ଚିନ୍ତା କରିବା ଫଳରେ ଅନ୍ୟମାନଙ୍କୁ ସହଜରେ ବିଶ୍ୱାସ କରି ପାରିବେନାହିଁ। ବୈବାହିକ ସମ୍ପର୍କ ସ୍ଥାପନ କ୍ଷେତ୍ରରେ ପ୍ରସ୍ତାବ ସ୍ଥିରୀକୃତ ହେବ। ନୀଚବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇପାରନ୍ତି। ଅନୁରାଧା ନକ୍ଷତ୍ର ମୂଲ୍ୟବାନ ଜିନିଷ କ୍ରୟ କରିବା ସକାଶେ ଧାର ସୂତ୍ରରେ ଅର୍ଥ ଆଣିବେ।

**ଧନୁ**
ମନ ବୁଝିଲା ଭଳି କଥା କହି ଅନ୍ୟକୁ ଆପଣାର କରିବେ। ଉତ୍ତରାଷାଢ଼ା ନକ୍ଷତ୍ରର ଆକସ୍ମିକ ଭାବରେ ପାରିବାରିକ ଜଞ୍ଜାଳ ବୃଦ୍ଧି ପାଇପାରେ। ସଭାସମିତିରେ ଗଠନ ମୂଳକ ପ୍ରେରଣା ଦେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ଦେହ ଭଲ ରହିଲେ ମଧ୍ୟ ସାମୟିକ ପେଟ ଓ ମୁଣ୍ଡ ରୋଗରେ କଷ୍ଟ ପାଇବେ।

**ମକର**
ଚେଷ୍ଟା କରୁଥିବା କାମରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। ପାରିବାରିକ କ୍ଷେତ୍ରରେ ଛୋଟ ଘଟଣା ପ୍ରତି ଗୁରୁତ୍ୱ ଦିଅନ୍ତୁ ନାହିଁ। ବୃତ୍ତିଗତ ଧନ୍ଦାରେ କେତେକ ପ୍ରତିବନ୍ଧକ ଦେଖାଦେଇପାରେ। ଧନିଷ୍ଠା ନକ୍ଷତ୍ର ପୁତ୍ରକନ୍ୟା ହେତୁକ ସମସ୍ୟା ଲାଗି ରହିବାରୁ ମନ ଭଲ ରହିବ ନାହିଁ।

**କୁମ୍ଭ**
ଛୋଟ କାମ ହାତକୁ ନେଲେ ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି। ଚେଷ୍ଟା କଦାପି ନିଷ୍ଫଳ ହେବନି। ଦେହ ଭଲ ରହିଲେ ମଧ୍ୟ ସାମୟିକ ପୁରୁଣା ରୋଗରେ କଷ୍ଟ ପାଇବେ। ଅଫିସ୍‌ରେ ସହକର୍ମୀଙ୍କ କ୍ରୋଧିତ ମୁଖାବଲୋକନ କରି ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବେ। ଶତଭିଷା ନକ୍ଷତ୍ରର ଦୀର୍ଘପଥ ଭ୍ରମଣ ହେତୁକ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ।

**ମୀନ**
ସକାଳୁ ସକାଳୁ ବିନା କାରଣରେ ଯୁକ୍ତିତର୍କ ହେତୁ ଲକ୍ଷ୍ୟସ୍ଥଳରେ ପହଞ୍ଚିବାରେ ବିଳମ୍ବ ଘଟିବ। ଦୈହିକ ଦୁର୍ବଳତା ଯୋଗୁ ମନୋବଳ କମିଯାଇପାରେ। ସାମାଜିକ କ୍ଷେତ୍ରରେ କିମ୍ବା ଆନୁଷ୍ଠାନିକ କାମରେ ସହଯୋଗ ଭିତ୍ତିରେ କାମ କଲେ ଉପକାର ପାଇବେ। ପୂର୍ବଭାଦ୍ରବ ନକ୍ଷତ୍ରର ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ।

ଆଜି ଆଶ୍ୱିନ କୃଷ୍ଣ ପ୍ରତିପଦା ଯୁକ୍ତ ଦ୍ୱିତୀୟା ଶନିବାର, ସେପ୍ଟେମ୍ବର ୩୦ ତାରିଖ, ରାଶି ନକ୍ଷତ୍ର-ରେବତୀ/ ମୀନ, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୭।୧୫ ଗତେ ଘ.୦୮।୩୮ ମଧ୍ୟେ, ଘ. ୧୨।୦୦ ଗତେ ଘ.୦୧।୦୫ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୦୮।୩୮ ଗତେ ଘ.୧୦।୦୭ ମଧ୍ୟେ ରାହୁକାଳ ॥




# ତୀବ୍ର ହେଉଛି ଶିକ୍ଷକ ଆନ୍ଦୋଳନ

## ଆଜି ଏକାଧିକ ସଂଘର ମହାସମାବେଶ

ଭୁବନେଶ୍ୱର,୨୯।୯(ଅନୁରାଧା ମହାରଣା)

ଅଧିକାର ଓ ଦାବିକୁ ନେଇ ଶିକ୍ଷୟିତ୍ରୀ ଶିକ୍ଷକ, ଅଧ୍ୟାପକ ଓ କର୍ମଚାରୀ ଶିକ୍ଷାନୁଷ୍ଠାନ ଛାଡ଼ି ରାଜଧାନୀ ରାସ୍ତାରେ ବସି ରହିଛନ୍ତି। ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା)ର ଆହ୍ୱାନରେ ୫ଦିନ ହେବ ହଜାର ହଜାର ଶିକ୍ଷକ ଲୋୟର ପିଏମ୍‌ଜିରେ ଆନ୍ଦୋଳନ ଚଳାଇଛନ୍ତି। ସେହିପରି ୨ଦଫା ଦାବି ନେଇ ଓଡ଼ିଶା ସରକାରୀ ହାଇସ୍କୁଲ(ମାଧ୍ୟମିକ) ନୂତନ ପେନ୍‌ସନ ଯୋଜନାଭୁକ୍ତ(ଏନ୍‌ପିଏସ୍) ଶିକ୍ଷକ ସଂଘ ପକ୍ଷରୁ ମଧ୍ୟ ଆନ୍ଦୋଳନ ଜାରି ରହିଛି। ଅନ୍ୟପଟେ ଓଡିଶାର ସମସ୍ତ ବେସରକାରୀ ଅନୁଦାନ ଓ ଅଣ-ଅନୁଦାନ (ଯୁକ୍ତ୨ ଓ ଯୁକ୍ତ୩) ମହାବିଦ୍ୟାଳୟ ତଥା ସଂସ୍କୃତ ଶିକ୍ଷାନୁଷ୍ଠାନଗୁଡିକର ପରିଚାଳନା କମିଟି ଦ୍ୱାରା ୨୦୦୮ରୁ ୨୦୧୩ ମଧ୍ୟରେ ନିଯୁକ୍ତି ପାଇଥିବା ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ଦୁଇମାସରୁ ଅଧିକ ସମୟ ଧରି ଧାରଣାରେ ବସିଛନ୍ତି। ଫଳରେ ଶିକ୍ଷାନୁଷ୍ଠାନଗୁଡ଼ିକରେ ପାଠପଢ଼ା ଗୁରୁତର ପ୍ରଭାବିତ ହୋଇଥିବାବେଳେ ଶୈକ୍ଷିକ ପରିବେଶ ମଧ୍ୟ ଭୁଶୁଡି ପଡିଛି। ଆଲୋଚନା ଫଳପ୍ରଦ ହେଉ ନ ଥିବାରୁ ରାଜ୍ୟର ଶିକ୍ଷା ବ୍ୟବସ୍ଥାରେ ସଙ୍କଟଜନକ ସ୍ଥିତି ଉପୁଜିଛି। ଆନ୍ଦୋଳନକାରୀ ଓ ରାଜ୍ୟ ସରକାର ନିଜ ନିଜ ଜିଦ୍‌ରେ ଅଟଳ ଥିବାବେଳେ ଛାତ୍ରୀଛାତ୍ର ଓ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ କୁହୁଳିବାରେ ଲାଗିଛି। ଏପରିସ୍ଥିତିରେ ବିଭିନ୍ନ ସଂଘ ପକ୍ଷରୁ ଶନିବାର ଗାନ୍ଧୀମାର୍ଗରେ ମହାସମାବେଶ ଡାକରା ଦିଆଯାଇଛି।

ଓଷ୍ଟାର ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାଶ କହିଛନ୍ତି, ମହାସମାବେଶରେ ଆହୁରି ୫୦ ହଜାରରୁ ଊର୍ଦ୍ଧ୍ୱ ଶିକ୍ଷୟିତ୍ରୀ ଶିକ୍ଷକ ଓ ଶିକ୍ଷା କର୍ମଚାରୀ ରାଜଧାନୀରେ ପହଞ୍ଚି ମହାସମାବେଶରେ ଯୋଗଦେବେ। ଏଥିସହ ଏହି ସମାବେଶରେ ବହୁ ପୁରାତନ ଛାତ୍ର, ଅଭିଭାବକ, ପରିଚାଳନା କମିଟି ମଧ୍ୟ ସାମିଲ ହେବାର କାର୍ଯ୍ୟକ୍ରମ ରହିଛି। ଓଷ୍ଟାର ସଭାପତି ଅକ୍ଷୟ କୁମାର ମିଶ୍ର କହିଛନ୍ତି, ସରକାର ଶିକ୍ଷକଙ୍କ ଦାବି ପୂରଣ ନ କରିବା ଚିନ୍ତାର ବିଷୟ। ଅଧିକାଂଶ ବିଦ୍ୟାଳୟକୁ ଅନୁଦାନ ନାହିଁ, ଶିକ୍ଷକଙ୍କ ପେନସନ୍ ନାହିଁ କି ଚାକିରି ସର୍ତ୍ତାବଳୀ ନାହିଁ। ସପ୍ତମ ବେତନ କମିଶନ ପାଇବା ଯେଉଁମାନଙ୍କର ହକ୍ ସେମାନଙ୍କୁ ଦେଉନାହାନ୍ତି। ପୁଣି ପୂର୍ଣ୍ଣ ଅନୁଦାନପ୍ରାପ୍ତ ବିଦ୍ୟାଳୟକୁ ସରକାର ସରକାରୀକରଣ କଲେ ନାହିଁ। ଫଳରେ ଏହିସବୁ ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି ହୋଇପାରୁନାହିଁ। ଚୁକ୍ତିଭିତ୍ତିକ ନିଯୁକ୍ତି ଉଚ୍ଛେଦ କରି ୨୦୧୩ ମସିହା ପରେ ନିଯୁକ୍ତି ପାଇଥିବା ଶିକ୍ଷକଙ୍କୁ ସମସ୍ତ ସୁବିଧା ଦେଲେ। ମାତ୍ର ୨୦୦୪ରୁ ୨୦୧୩ ମଧ୍ୟରେ ନିଯୁକ୍ତିପ୍ରାପ୍ତ ଶିକ୍ଷକଙ୍କୁ ବରିଷ୍ଠତା ପ୍ରଦାନ କରିବା ଏବଂ ବାର୍ଷିକ ଇନ୍‌କ୍ରିମେଣ୍ଟ ନ ଦେବା ଆଇନର ପରିପନ୍ଥୀ ବୋଲି କହି ସେ କ୍ଷୋଭ ପ୍ରକାଶ କରିଛନ୍ତି।

ଏନ୍‌ପିଏସ୍ ଶିକ୍ଷକ ସଂଘ ସଭାପତି ପୂର୍ଣ୍ଣଚନ୍ଦ୍ର ଆଏଚ କହିଛନ୍ତି, ୨୦୦୪ରୁ ୨୦୧୩ ମଧ୍ୟରେ ନିଯୁକ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କର ୬ବର୍ଷ ନିଯୁକ୍ତି ଅବଧିକୁ ମୂଳ ଚାକିରିରେ ଯୋଗ ସହ ୬ଟି ନୋଶନାଲ ଇନ୍‌କ୍ରିମେଣ୍ଟ ପ୍ରଦାନ କରିବା ଏବଂ ପୁରୁଣା ପେନ୍‌ସନ ନିୟମ ଲାଗୁ କରିବା ଦାବିରେ ଆନ୍ଦୋଳନ ଚାଲିଛି। ଗୁରୁବାର ସଂଘ ପ୍ରତିନିଧି ଦଳ ଅର୍ଥମନ୍ତ୍ରୀ ବିକ୍ରମକେଶରୀ ଆରୁଖଙ୍କୁ ଭେଟିଥିବାବେଳେ ଶୁକ୍ରବାର ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାରାଣ୍ଡିଙ୍କୁ ଭେଟି ଆଲୋଚନା କରିଥିଲେ। ଶିକ୍ଷକଙ୍କ ଦାବି ସମ୍ପର୍କରେ ଆନ୍ତଃମନ୍ତ୍ରୀସ୍ତରୀୟ କମିଟିରେ ଆଲୋଚନା ହୋଇପାରି ନ ଥିବାରୁ କୌଣସି ନିଷ୍କର୍ଷ ବାହାରି ପାରୁନାହିଁ। ତେବେ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ। ୨ହଜାରରୁ ଅଧିକ ଶିକ୍ଷକ ଆନ୍ଦୋଳନରେ ସାମିଲ ହୋଇଥିବାବେଳେ ଆଗକୁ ଆନ୍ଦୋଳନ ତୀବ୍ରତର ହେବ ବୋଲି ସେ ଚେତାବନୀ ଦେଇଛନ୍ତି।

ଅନ୍ୟପକ୍ଷରେ ଏକମାତ୍ର ଦାବି ସରକାରୀ ଅନୁଦାନ ନୀତି (ଜିଆଇଏ) ଲାଗୁ କରିବା ପାଇଁ ବେସରକାରୀ ଅନୁଦାନ ଓ ଅଣ-ଅନୁଦାନ (ଯୁକ୍ତ୨ ଓ ଯୁକ୍ତ୩) ମହାବିଦ୍ୟାଳୟ ଅଧ୍ୟାପିକା ଅଧ୍ୟାପକ ଓ ଅଣଶିକ୍ଷକ କର୍ମଚାରୀ ସଂଘ ପକ୍ଷରୁ ଗାନ୍ଧୀମାର୍ଗରେ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ଚାଲିଛି। ୩୫୦୦ ଅଧ୍ୟାପିକା ଅଧ୍ୟାପକ ଓ ଅଣଶିକ୍ଷକ କର୍ମଚାରୀ ଅହୋରାତ୍ର ଧାରଣା ଦେଇଛନ୍ତି। ୩ଥର ମହାସମାବେଶ କରି ଓ ବିଭିନ୍ନ ଉପାୟରେ ସରକାରଙ୍କର ଦୃଷ୍ଟି ଆକର୍ଷଣ କରି ଆସୁଥିଲେ ମଧ୍ୟ କୌଣସି ଦାବି ପୂରଣ ହେଉ ନାହିଁ। ତେଣୁ ଶନିବାର ମହାସମାବେଶ କରିବା ପାଇଁ ସଂଘ ତରଫରୁ ନିଷ୍ପତ୍ତି ନିଆଯାଇଥିବା ରାଜ୍ୟ ସଭାପତି ଡ. ଦେବ ବିଜୟ ମିଶ୍ର କହିଛନ୍ତି।

# ନିର୍ବାଚନ ଅଧିକାରୀଙ୍କୁ ଅତିରିକ୍ତ ଦାୟିତ୍ୱରୁ ମୁକ୍ତ କର

## ରାଜ୍ୟ ସରକାରଙ୍କୁ ଇସିଆଇଙ୍କ ଚିଠି

ଭୁବନେଶ୍ୱର,୨୯।୯(ଅନିଲ ଦାସ)

ସାଧାରଣ ନିର୍ବାଚନକୁ ଆଉ ଅଳ୍ପ କିଛି ମାସ ରହିଛି। ନିର୍ବାଚନ ପ୍ରସ୍ତୁତି କାର୍ଯ୍ୟ ମଧ୍ୟ ଆରମ୍ଭ ହୋଇଗଲାଣି। ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଏବଂ ନିର୍ବାଚନ ପରିଚାଳନା ଦାୟିତ୍ୱରେ ଥିବା ଅନ୍ୟ ଅଧିକାରୀଙ୍କୁ ଅତିରିକ୍ତ ଦାୟିତ୍ୱ ନ ଦେବା ଲାଗି ଭାରତର ନିର୍ବାଚନ କମିଶନ(ଇସିଆଇ) ଶୁକ୍ରବାର ଦେଶର ସମସ୍ତ ରାଜ୍ୟ ସରକାର ଏବଂ କେନ୍ଦ୍ରଶାସିତ ଅଞ୍ଚଳକୁ ଚିଠି ଲେଖି ଜଣାଇଛନ୍ତି। ଯେଉଁମାନେ ଅତିରିକ୍ତ ଦାୟିତ୍ୱରେ ଅଛନ୍ତି ସେମାନଙ୍କୁ ସେହି ଦାୟିତ୍ୱରୁ ଅବ୍ୟାହତି ଦେବାକୁ କମିଶନ କହିଛନ୍ତି। ନିର୍ବାଚନ ପାଖେଇ ଆସୁଥିବାରୁ ସେମାନେ କେବଳ ନିର୍ବାଚନ ସମ୍ପର୍କିତ କାର୍ଯ୍ୟ ଉପରେ ଅଧିକ ଫୋକସ କରିବାକୁ ନିର୍ବାଚନ କମିଶନ ମୁଖ୍ୟ ଶାସନ ସଚିବଙ୍କୁ ଲେଖିଥିବା ଚିଠିରେ ଉଲ୍ଲେଖ କରିଛନ୍ତି। ମୁଖ୍ୟ ନିର୍ବାଚନ ଅଧିକାରୀ ଏବଂ ତାଙ୍କ କାର୍ଯ୍ୟାଳୟର ଅନ୍ୟ ଅଫିସରମାନଙ୍କୁ ବଦଳି କରିବା କିମ୍ବା ସେମାନଙ୍କୁ ଅତିରିକ୍ତ ଦାୟିତ୍ୱ ଦେବା ପୂର୍ବରୁ କମିଶନଙ୍କ ଅନୁମତି ଆଣିବାକୁ କୁହାଯାଇଛି। ଏହି ଚିଠି ପାଇବା ପରେ ମୁଖ୍ୟ ନିର୍ବାଚନ ଅଧିକାରୀ ଥିବା ନିକୁଞ୍ଜ ଧଳଙ୍କୁ ଶକ୍ତି ବିଭାଗର ଅତିରିକ୍ତ ଦାୟିତ୍ୱରୁ ସରକାର ମୁକ୍ତ କରିପାରନ୍ତି।

# ହୀରାକୁଦ ଡ୍ୟାମ୍‌ରେ ଜଳଧାରଣା କ୍ଷମତା ପୂର୍ଣ୍ଣ

## ଗେଟ୍ ଖୋଲିବା ସଂଖ୍ୟା ବୃଦ୍ଧି ପାଇବ

ସମ୍ବଲପୁର,୨୯।୯ (ଶୁଭାଶିଷ ପାଢ଼ୀ)

ସମ୍ବଲପୁର ହୀରାକୁଦ ଡ୍ୟାମ୍‌ରେ ଜଳଧାରଣା କ୍ଷମତା ଶୁକ୍ରବାର ପୂର୍ଣ୍ଣ ହୋଇଛି। ସର୍ବାଧିକ ୬୩୦ ଫୁଟ୍ ଜଳସ୍ତର କ୍ଷମତା ପୂରା ହୋଇଛି। ପ୍ରତିବର୍ଷ ସେପ୍ଟେମ୍ବର ଶେଷ ବେଳକୁ ଡ୍ୟାମ୍‌ରେ ଜଳସ୍ତର ଏଭଳି ରହିଥାଏ। ଶୁକ୍ରବାରଠାରୁ ପଶ୍ଚିମ ଓଡ଼ିଶା ଓ ହୀରାକୁଦ ଉପରମୁଣ୍ଡରେ ବର୍ଷା ଆରମ୍ଭ ହୋଇଛି। ପାଣିପାଗ ବିଭାଗ ମଧ୍ୟ ଏ ନେଇ ସତର୍କ ସୂଚନା ଦେଇଛି। ଏବେ ଡ୍ୟାମ୍‌ର ୭ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ କରାଯାଉଛି। ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ୧ ଲକ୍ଷ ୫୫ ହଜାର କ୍ୟୁସେକ ଜଳ ପ୍ରବେଶ କରୁଛି। ସମାନ ପରିମାଣ ଜଳ ଚାଷ, ଶିଳ୍ପ, ବିଦ୍ୟୁତ୍ ଉତ୍ପାଦନ ଓ ଗେଟ୍ ଦେଇ ନିଷ୍କାସନ କରାଯାଉଛି। ବର୍ଷା ପରିମାଣ ବୃଦ୍ଧି ପାଇବା ସମ୍ଭାବନା ରହିଛି। ତେଣୁ ଜଳସ୍ତର ହ୍ରାସ କରିବା ପାଇଁ ଗେଟ୍ ଖୋଲିବା ସଂଖ୍ୟା ବୃଦ୍ଧି କରାଯାଇ ପାରେ ବୋଲି ହୀରାକୁଦ ଡ୍ୟାମ୍ ମୁଖ୍ୟଯନ୍ତ୍ରୀ ଆନନ୍ଦ ଚନ୍ଦ୍ର ସାହୁ କହିଛନ୍ତି। ସେ ଆହୁରି କହିଛନ୍ତି, ପ୍ରତିବର୍ଷ ଡ୍ୟାମ୍‌ର ଜଳସ୍ତର ୬୩୦ଫୁଟ୍ ରଖାଯାଇଥାଏ।




ଭୟ କରିବାର କିଛି ନାହିଁ। ବର୍ଷା ସମୟରେ ବନ୍ୟାଜଳ ସଂରକ୍ଷିତ କରାଯାଇଥାଏ। ତାହା ବର୍ଷତମାମ ଚାଷ, ବିଦ୍ୟୁତ୍ ଉତ୍ପାଦନ, ଶିଳ୍ପ, କଳକାରଖାନାରେ ଖର୍ଚ୍ଚ ହୋଇଥାଏ। ଅଣମୌସୁମୀ ପାଇଁ ଜଳଭଣ୍ଡାରକୁ ପୂରା କରାଯାଇଥାଏ। ଏବେ ପ୍ରବେଶ କରୁଥିବା ପରିମାଣ ଅନୁସାରେ ଜଳ ନିଷ୍କାସନ କରାଯାଉଛି। ଶନିବାରଠାରୁ ବର୍ଷା ହେବ ବୋଲି ସୂଚନା ଦିଆଯାଇଛି। ତେଣୁ ଗେଟ୍ ସଂଖ୍ୟା ଖୋଲି ଡ୍ୟାମ୍‌କୁ ଖାଲି କରାଯିବ। ଅକ୍ଟୋବର ଶେଷସୁଦ୍ଧା ପୁଣି ଜଳସ୍ତର ୬୩୦ଫୁଟ୍ ରଖାଯିବ। ଅରେଞ୍ଜ ଜୋନ ଘୋଷଣା ହୋଇଥିବାରୁ ୭୦ ସେମିରୁ ୨୦୦ ସେମି ପର୍ଯ୍ୟନ୍ତ ବର୍ଷା ହେବାର ଆଶଙ୍କା ରହିଛି। ତେଣୁ ଜଳଭଣ୍ଡାର ପକ୍ଷରୁ ପ୍ରସ୍ତୁତି କରାଯାଉଛି ବୋଲି ସେ କହିଥିଲେ।

# କଣ୍ଟିଘାଇରୁ ମିଳିଲା ଚନ୍ଦନଙ୍କ ମୃତଦେହ

## ବୈତରଣୀକୁ ବାପଝିଅ ଡେଇଁପଡ଼ିବା ଘଟଣା

ଭଣ୍ଡାରିପୋଖରୀ,୨୯।୯(ରବିନାରାୟଣ ଖିଲାର)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ଅଧୀନ ବାଲିପୋଖରୀ ପଞ୍ଚାୟତ ପରମାନନ୍ଦପୁର ଗ୍ରାମର ଚନ୍ଦନ ସାହୁ(୩୦) ବୁଧବାର ରାତିରେ ନିଜ ଅଢ଼େଇ ବର୍ଷର ଝିଅକୁ ଧରି ବୈତରଣୀ ନଦୀକୁ ଡେଇଁ ପଡ଼ିଥିଲେ। ଘଟଣାର ୩୫ ଘଣ୍ଟା ପରେ ଶୁକ୍ରବାର ସକାଳେ ସ୍ଥାନୀୟ କଣ୍ଟିଘାଇରୁ ଚନ୍ଦନଙ୍କ ମୃତଦେହ ମିଳିଛି। ହେଲେ ଏଯାଏ ତାଙ୍କ ଝିଅ ତୃପ୍ତିଙ୍କ ପତ୍ତା ମିଳିପାରି ନାହିଁ।

ସୂଚନା ଅନୁଯାୟୀ, ସକାଳେ ଯାଜପୁର ଜିଲା ତ୍ରିଲୋଚନପୁର ବୁଢ଼ାନଦୀରୁ ଅଗ୍ନିଶମ ବାହିନୀକୁ ଏକ ମୃତଦେହ ମିଳିଥିଲା। ଚନ୍ଦନଙ୍କ ମୃତଦେହ ବୋଲି ପ୍ରଥମେ କୁହାଯାଉଥିଲା। ହେଲେ ପରିବାର ଲୋକେ ପହଞ୍ଚି ଦେଖିବା ପରେ ଏହାକୁ ଅସ୍ୱୀକାର କରିଥିଲେ। ଉକ୍ତ ମୃତଦେହ ୪/୫ ଦିନ ତଳର ହୋଇଥିବା ବେଳେ ସେଥିରୁ ଦୁର୍ଗନ୍ଧ ବାହାରୁଥିଲା। ଏହାବ୍ୟତୀତ ଚନ୍ଦନଙ୍କ ପୋଷାକ ଓ ଚେହେରା ସହ କିଛି ସାମଞ୍ଜସ୍ୟ ନ ଥିବାରୁ ପରିବାର ଲୋକେ ମୃତଦେହ ନ ନେଇ ପଳାଇ ଯାଇଥିଲେ। ଏହାର କିଛି ସମୟ ପରେ କଣ୍ଟିଘାଇରେ ଏକ ମୃତଦେହ ଭାସି ଆସି ଲାଗିଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ଖବରପାଇ ଚନ୍ଦନଙ୍କ ବଡ଼ ଭିଣୋଇ ପହଞ୍ଚି ମୃତଦେହ ଚିହ୍ନଟ କରିଥିଲେ। ଚନ୍ଦନଙ୍କ ମୃତଦେହ ମିଳିବା ପରେ କାନ୍ଦବୋବାଳିରେ ଘର ଫାଟି ପଡୁଥିବା ବେଳେ ଗାଁରେ ଶୋକର ଛାୟା ଖେଳିଯାଇଛି।

# ବିଜେଡି ଯୁବନେତାଙ୍କୁ ହତ୍ୟା

ଧରାକୋଟ,୨୯।୯(ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ଗଞ୍ଜାମ ଜିଲା ଧରାକୋଟ ଥାନା ଅନ୍ତର୍ଗତ ଶରଧାପୁର ପଞ୍ଚାୟତ ବରିଗୁଡା ଗ୍ରାମର ବିଜେଡି ଯୁବନେତା ଅନିଲ ମହାନ୍ତି ଓରଫ କୋକଙ୍କୁ ଶୁକ୍ରବାର ପୂର୍ବାହ୍ନ ପ୍ରାୟ ୧୦ଟା ସମୟରେ ଉଖୁଡାପଟା ରାସ୍ତାରେ ଅତି ନିର୍ମମ ଭାବେ ହତ୍ୟା କରାଯାଇଛି। ମୃତ ଅନିଲଙ୍କ ସ୍ତ୍ରୀ ମିଳି ଧରାକୋଟ ଥାନାରେ ଏତଲା ଦେବା ପରେ ପୋଲିସ କେସ୍ ନଂ. ୩୩୭/୨୩ରେ ମାମଲା ରୁଜୁ କରିଛି। ଘଟଣା ସ୍ଥଳରେ ଆସିକା ଏସ୍‌ଡିପିଓ ଉମାଶଙ୍କର ସିଂ, ଧରାକୋଟ ଥାନା ଅଧିକାରୀ ଶ୍ରଦ୍ଧାଞ୍ଜଳି ସୁବୁଦ୍ଧି, ପାଟପୁର ଥାନା ଅଧିକାରୀ ସବ୍ୟସାଚୀ ମଲ୍ଲ ପ୍ରମୁଖ ସାଇଣ୍ଟିଫିକ୍ ଟିମ୍ ସହ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହିତ ୨ଜଣଙ୍କୁ ଅଟକ ରଖି ପଚରାଉଚରା କରୁଥିବା ସୂଚନା ମିଳିଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ପଠାଇଛି। ତେବେ ରାଜନୈତିକ ଶତ୍ରୁତାରୁ ଏହି ହତ୍ୟାକାଣ୍ଡ ଘଟିଥିବା ପରିବାର ଲୋକେ କହିଛନ୍ତି।

ସୂଚନା ଅନୁଯାୟୀ, ବରୀଗୁଡ଼ା ଗ୍ରାମର ବୃନ୍ଦାବନ ମହାନ୍ତିଙ୍କ ପୁତ୍ର ଅନିଲ ବିଜୁ ଜନତା ଦଳର ଜଣେ ଯୁବନେତା ଭାବରେ ଜଣାଶୁଣା। ଗତ ପଞ୍ଚାୟତ ନିର୍ବାଚନ ସମୟରୁ ଗ୍ରାମର ଗୋଟିଏ ଗୋଷ୍ଠୀ ସହିତ ଅନିଲଙ୍କର ବିବାଦ ଲାଗିରହିଥିଲା। ଶୁକ୍ରବାର ସକାଳେ ଅନିଲ ନିଜର ସ୍କୁଟରରେ ନିଜ ଗାଁ ବରିଗୁଡାରୁ ନିକଟସ୍ଥ ଉଖୁଡାପଟା ଗ୍ରାମ ନିକଟକୁ ନିର୍ମାଣାଧୀନ କଲଭର୍ଟ କାମ ଦେଖିବାକୁ ଯାଇଥିଲେ। ସେଠାରୁ ଫେରିବା ବେଳେ ଏକ ସଂକୀର୍ଣ୍ଣ ରାସ୍ତାରେ ପାଳଗଦା କଡ଼ରେ ଲୁଚି ରହିଥିବା କେତେକ ଦୁର୍ବୃତ୍ତ ହଠାତ୍ ଖଣ୍ଡା ଓ ଭୁଜାଲି ଦ୍ୱାରା ଅନିଲଙ୍କୁ ଆକ୍ରମଣ କରିଥିଲେ। ସେ ସ୍କୁଟରରୁ ତଳେ ପଡ଼ିଯାଇଥିଲେ। ଏହାପରେ ସେମାନେ ଅନିଲଙ୍କୁ ଏକ ଭୁଜାଲି ସାହାଯ୍ୟରେ ତାଙ୍କ ପେଟ ଓ ଛାତିକୁ ବାରମ୍ବାର ଭୁସିଥିଲେ। ଫଳରେ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ସାନଖେମୁଣ୍ଡିର ପୂର୍ବତନ ବିଧାୟିକା ନନ୍ଦିନୀ ଦେବୀ, ଜିଲା ପରିଷଦ ଅଧ୍ୟକ୍ଷା ଅଞ୍ଜଳି ସ୍ୱାଇଁ, ଧରାକୋଟ ବ୍ଲକ ଅଧ୍ୟକ୍ଷା ସୁଲକ୍ଷଣା ଗୀତାଞ୍ଜଳି ଦେବୀ, ବ୍ଲକ ବିଜେଡି ସଭାପତି ସଞ୍ଜୟ ପାତ୍ର, ଶରଧାପୁର ସରପଞ୍ଚ ଦିଲୀପ ଜେନା, ପୂର୍ବତନ ସରପଞ୍ଚ ଦିଲୀପ ସ୍ୱାଇଁଙ୍କ ସମେତ ବହୁ ବିଜେଡି ନେତୃବୃନ୍ଦ ପହଞ୍ଚିଥିଲେ। ଘଟଣା ସମ୍ପର୍କରେ ଥାନା ଅଧିକାରୀ ଶ୍ରଦ୍ଧାଞ୍ଜଳି ସୁବୁଦ୍ଧି କହିଛନ୍ତି, ତଦନ୍ତ ଜାରି ରହିଛି, ଖୁବ୍‌ଶୀଘ୍ର ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ।

# ପୋଖରୀରେ ବୁଡ଼ି ଦୁଇ ନାବାଳିକାଙ୍କ ସଲିଳ ସମାଧି



ପୋଖରୀ ଘାଟରେ ପଡ଼ିଥିବା ଚପଲ ଓ ଡ୍ରେସ।

ବାଲେଶ୍ୱର, ୨୯।୯(ମାନସ ବିଶ୍ୱାଳ)

ବାଲେଶ୍ୱର ଜିଲା ସଦର ଥାନା ଅଧୀନ ଓଡ଼ଙ୍ଗି ଗାଁରେ ଶୁକ୍ରବାର ସକାଳେ ଏକ ଦୁଃଖଦ ଘଟଣା ଘଟିଛି। ଗାଁ ପୋଖରୀକୁ ଗାଧୋଇବାକୁ ଯାଇଥିବା ୨ ନାବାଳିକା ବୁଡ଼ିଯାଇ ପ୍ରାଣ ହରାଇଛନ୍ତି। ସେମାନଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ମୃତ ନାବାଳିକା ହେଲେ ସନ୍ତୋଷ ଦାସଙ୍କ ୧୩ ବର୍ଷର ଝିଅ ତନୁଶ୍ରୀ ଏବଂ ବିଶ୍ୱଜିତ ଦାଶଙ୍କ ୧୪ ବର୍ଷର ଝିଅ ତପସ୍ୱନୀ। ଏହି ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

ସ୍କୁଲ ଯିବା ପୂର୍ବରୁ ଦୁଇ ନାବାଳିକା ସାଙ୍ଗ ହୋଇ ଗାଁ ପୋଖରୀକୁ ଗାଧୋଇବା ପାଇଁ ଯାଇଥିଲେ। ଗାଧୋଇବା ବେଳେ ପ୍ରଥମେ ଜଣଙ୍କର ଗୋଡ଼ ଖସିଯିବାରୁ ଅନ୍ୟ ଜଣେ ତାଙ୍କୁ ଉଦ୍ଧାର କରିବାକୁ ଉଦ୍ୟମ କରିଥିଲେ। ହେଲେ ଉଭୟେ ପହଁରା ଜାଣି ନ ଥିବାରୁ ପାଣିରେ ବୁଡ଼ିଯାଇଥିଲେ। ଘରକୁ ଫେରିବାରେ ବିଳମ୍ବ ହେବାରୁ ପରିବାର ଲୋକେ ସେମାନଙ୍କୁ ଖୋଜାଖୋଜି ଆରମ୍ଭ କରିଥିଲେ। ପୋଖରୀ ଘାଟରେ ଦୁଇଜଣଙ୍କ ଡ୍ରେସ ଓ ଜୋତା ପଡ଼ିଥିବା ଲୋକେ ଦେଖିଥିଲେ। ଲୋକେ ସେମାନଙ୍କୁ ଖୋଜାଖୋଜି କରି କିଛି ସମୟ ପରେ ପୋଖରୀରୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ଏନେଇ ହସ୍‌ପିଟାଲ ଫାଣ୍ଡିରେ ପୋଲିସ ପକ୍ଷରୁ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ନାରୀ ନିର୍ଯାତନା, ଅଭିଯୋଗ ସହ ସଚେତନତା ଜରୁରୀ

**ମହିଳାଙ୍କ ସାମାଜିକ, ଆର୍ଥିକ, ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ଅଗ୍ରଗତି ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରାଯାଉଛି। ଏହା ସତ୍ତ୍ୱେ ମହିଳା ବିରୋଧୀ ହିଂସାକାଣ୍ଡ କମିବାରେ ନାଁ ଧରୁନି। ରାଜ୍ୟ ମହିଳା କମିଶନରେ ନାରୀ ନିର୍ଯାତନା ନେଇ ପ୍ରତିମାସରେ ଶତାଧିକ ମାମଲା ପଞ୍ଜୀକୃତ ହେଉଥିବାବେଳେ ଏବେ ୫ହଜାରରୁ ଊର୍ଦ୍ଧ୍ୱ ମାମଲା ବିଚାରାଧୀନ ରହିଛି। ବିଶେଷକରି ଉପକୂଳ ଓଡ଼ିଶାରେ ନାରୀ ନିର୍ଯାତନା ମାମଲା ସଂଖ୍ୟା ସର୍ବାଧିକ ରହିଛି। ଅପରପକ୍ଷରେ ସଚେତନତା ମାଧ୍ୟମରେ ଏହାର ମୂଳୋତ୍ପାଟନ କରିବାକୁ ପ୍ରୟାସ ଜାରି ରହିଥିବା କମିଶନ ପକ୍ଷରୁ କୁହଯାଇଛି।**

ଭୁବନେଶ୍ୱର,୨୯।୯(ଅନୁରାଧା ମହାରଣା)

ଯୁଗ ପରିବର୍ତ୍ତନ ଅନୁସାରେ ମାନସିକତାରେ ପରିବର୍ତ୍ତନ ହେଉ ନ ଥିବା ଅନେକ ସ୍ଥାନରେ ଦେଖିବାକୁ ମିଳୁଛି। ଏବେବି ମହିଳାମାନେ ନିର୍ଯାତିତ ହେଉଛନ୍ତି। ମହିଳା କମିଶନରୁ ମିଳିଥିବା ତଥ୍ୟ ଅନୁସାରେ ପୂର୍ବ ଓଡ଼ିଶାରେ ସର୍ବାଧିକ ନାରୀ ନିର୍ଯାତନା ସାମ୍ନାକୁ ଆସୁଛି। ଘରୋଇହିଂସା, ଯୌତୁକ ନିର୍ଯାତନା ତଥା ହତ୍ୟା, ସନ୍ଦେହଜନକ ମୃତ୍ୟୁ, ବିବାହ ପାଇଁ ମିଛ ପ୍ରତିଶ୍ରୁତି ଦେଇ ପ୍ରତାରଣା, ବଳାତ୍କାର, ଅପହରଣ, ସମ୍ପତ୍ତି ଅଧିକାର, ଯୌନ ନିର୍ଯାତନା, କର୍ମକ୍ଷେତ୍ରରେ ନିର୍ଯାତନା, ମୌଖିକ ଅସଦାଚରଣ ସହ ଅନ୍ୟାନ୍ୟ ଅଧିକାର କ୍ଷୁଣ୍ଣ ହେବା ଭଳି ଅଭିଯୋଗ ଦିନକୁ ଦିନ ବଢ଼ିବାରେ ଲାଗିଛି। ବିଶେଷକରି ଏଭଳି ଘଟଣା ଉପକୂଳ ଓଡ଼ିଶାରୁ ଅଧିକ ହେଉଥିବା ରିପୋର୍ଟ ହେଉଛି। ୨୦୧୮-୧୯ ମସିହା ତଥ୍ୟ ଅନୁସାରେ କେବଳ ଭୁବନେଶ୍ୱରରୁ ୩୫୩, କଟକ ୨୬୪, ଖୋର୍ଦ୍ଧା ୨୫୦, ପୁରୀରୁ ୨୩୦ ମାମଲା ରହିଛି। ୨୦୧୯-୨୦ ବର୍ଷରେ ଭୁବନେଶ୍ୱରରୁ ୩୯, କଟକରୁ ୨୫୨, ଖୋର୍ଦ୍ଧାରୁ ୨୩୭ ଏବଂ ପୁରୀରୁ ୨୦୩ ମାମଲା ପଞ୍ଜୀକୃତ ହୋଇଛି। ୨୦୨୦-୨୧ ବର୍ଷରେ ଭୁବନେଶ୍ୱରରୁ ୨୯୩, କଟକରୁ ୨୧୮, ଖୋର୍ଦ୍ଧାରୁ ୨୦୦ ଏବଂ ପୁରୀରୁ ୧୬୦ ମାମଲା ପଞ୍ଜୀକୃତ ହୋଇଛି। ୨୦୨୧-୨୨ ବର୍ଷରେ ଭୁବନେଶ୍ୱରରୁ ୨୬୨, କଟକରୁ ୧୯୯, ଖୋର୍ଦ୍ଧାରୁ ୧୭୯ ଏବଂ ପୁରୀରୁ ୧୪୮ ମାମଲା ପଞ୍ଜୀକୃତ ହୋଇଛି। ୨୦୨୨-୨୩ ବର୍ଷରେ ଭୁବନେଶ୍ୱରରୁ ୩୩୮, କଟକରୁ ୨୨୫, ଖୋର୍ଦ୍ଧାରୁ ୧୯୯ ଏବଂ ପୁରୀରୁ ୧୫୧ ଅଭିଯୋଗ ହୋଇଛି। ଏହା ବ୍ୟତୀତ ବାଲେଶ୍ୱର, ଭଦ୍ରକ, ଗଞ୍ଜାମ, ଜଗତ୍‌ସିଂହପୁର, ଯାଜପୁର, କେନ୍ଦ୍ରାପଡ଼ା, ନୟାଗଡ଼ ଆଦି ଜିଲାରୁ ପ୍ରତିବର୍ଷ ଶତାଧିକ ମାମଲା ମହିଳା କମିଶନରେ ପଞ୍ଜିକରଣ କରାଯାଉଛି। ପ୍ରତି ଜିଲାରୁ ପ୍ରତିବର୍ଷ ଏଭଳି ଅଭିଯୋଗ ଆସୁଥିଲେ ମଧ୍ୟ ଉପକୂଳ ଓଡ଼ିଶାରେ ଅପେକ୍ଷାକୃତ ଏହି ସଂଖ୍ୟା ଯଥେଷ୍ଟ ଅଧିକ ରହୁଛି। ୧୯୯୩ରେ ମହିଳା କମିଶନ ପ୍ରତିଷ୍ଠା ପରଠାରୁ ୨୦୨୩ ଅଗଷ୍ଟ ମଧ୍ୟରେ ସମୁଦାୟ ୮୦ ହଜାର ୭୭ ଅଭିଯୋଗ ଆସିଥିବାବେଳେ ସେଥିରୁ ୭୪ ହଜାର ୯୮୦ ମାମଲାର ସମାଧାନ ହୋଇଛି। ୫,୦୯୭ ମାମଲା ବିଚାରାଧୀନ ରହିଛି।




## ଘରୋଇ ହିଂସାଜନିତ ମାମଲା ଅଧିକ

ରାଜ୍ୟରେ ମହିଳା ନିର୍ଯାତନା କ୍ଷେତ୍ରରେ ସର୍ବାଧିକ ଘରୋଇ ହିଂସା ମାମଲା ରହିଛି। ୨୦୧୮-୧୯ ଆର୍ଥିକ ବର୍ଷରେ ଘରୋଇ ହିଂସା ମାମଲା ୧,୦୭୮ ରହିଥିବାବେଳେ ଯୌତୁକଜନିତ ମାମଲା ୭୭୦ଟି ରହିଛି। ଏହା ପଛକୁ ମହିଳା ଅଧିକାର କ୍ଷୁଣ୍ଣ ନେଇ ୨୯୬ ଜଣ ଅଭିଯୋଗ କରିଛନ୍ତି। ୨୦୧୯-୨୦ ଆର୍ଥିକ ବର୍ଷରେ ମଧ୍ୟ ୯୩୯ଟି କେବଳ ଘରୋଇ ହିଂସା ଅଭିଯୋଗ ହୋଇଛି। ଯୌତୁକଜିନିତ ନିର୍ଯାତନା ନେଇ ୬୯୪ ଏବଂ ମହିଳା ଅଧିକାର କ୍ଷୁଣ୍ଣ ନେଇ ୩୬୦ ମାମଲା ସହ ଅନ୍ୟାନ୍ୟ ମାମଲା ରହିଛି। ୨୦୨୦-୨୧ରେ ୮୪୬ ଘରୋଇ ହିଂସା ମାମଲା, ୪୯୩ ଯୌତୁକଜନିତ ହିଂସା, ୩୧୯ଟି ମହିଳା ଅଧିକାର କ୍ଷୁଣ୍ଣ ନେଇ ଅଭିଯୋଗ ପଞ୍ଜୀକୃତ ହୋଇଛି। ସେହିପରି ୨୦୨୧-୨୨ ବର୍ଷରେ ୮୦୩ଟି ଘରୋଇ ହିଂସା ମାମଲା, ୪୬୪ଟି ଯୌତୁକ ଜନିତ ନିର୍ଯାତନା ଓ ୩୩୨ଟି ମହିଳା ଅଧିକାର କ୍ଷୁଣ୍ଣ ହୋଇଥିବା ଅଭିଯୋଗ ରହିଥିବା ଜଣାପଡ଼ିଛି।



ପୁରୁଷ ଓ ମହିଳାଙ୍କ ମଧ୍ୟରେ ଭୁଲ୍ ବୁଝାମଣା, ସଚେତନତାର ଅଭାବ, ଅସାଧୁ ଲୋକଙ୍କ ମଧ୍ୟରେ ଆଇନ ପ୍ରତି ଭୟ ନ ଥିବାରୁ ରାଜ୍ୟରେ ମହିଳାଙ୍କ ପ୍ରତି ଅନ୍ୟାୟ ବା ହିଂସା ବଢୁଛି। ରାଜ୍ୟରେ ସାଇବର ଅପରାଧ ବଢୁଥିଲେ ମଧ ମହିଳା କମିଶନରେ ସେହି ଅନୁପାତରେ ମାମଲା ପଞ୍ଜୀକୃତ ହେଉନାହିଁ। ବିଶେଷକରି ଉପକୂଳ ଓଡ଼ିଶାରେ ମହିଳା ନିର୍ଯାତନା ସମ୍ପର୍କିତ ମାମଲା ଅଧିକ ରହୁଛି। ଏହାର କାରଣ ଏହି ସବୁ ଅଞ୍ଚଳରେ ମହିଳା ବିରୋଧୀ ହିଂସା ବୃଦ୍ଧି ପାଇବା ସହ ଅନ୍ୟ ଅଞ୍ଚଳ ଅପେକ୍ଷା ପୀଡ଼ିତାମାନେ ଅଧିକ ସଚେତନ ହୋଇ କମିଶନ ନିକଟରେ ଅଭିଯୋଗ କରୁଛନ୍ତି। ତେଣୁ ଏହି ସାମାଜିକ ବ୍ୟାଧିକୁ ସଚେତନତା ମାଧ୍ୟମରେ ରୋକା ଯାଇପାରିବ। ବିଶେଷକରି ପୁରୁଷମାନେ ମାନସିକତାରେ ପରିବର୍ତ୍ତନ ଆଣିବା ସହ ମହିଳାମାନେ ଅଧିକାର ପାଇଁ ଆଗକୁ ବଢ଼ିବାର ଆବଶ୍ୟକତା ରହିଛି।

**- ଅନୁରାଧା ଦାଶ, ସାମାଜିକ କର୍ମୀ**



କମିଶନ ଅଧ୍ୟକ୍ଷା ଭାବେ ଯୋଗ ଦେବାବେଳେ ପ୍ରାୟ ୧୨ ହଜାର ମାମଲା ରହିଥିବା ବେଳେ ବର୍ତ୍ତମାନ ପ୍ରାୟ ୪ହଜାର ୭୦୦ ମାମଲା ରହିଛି। ମହିଳା କମିଶନକୁ ଆସୁଥିବା ମାମଲାଗୁଡ଼ିକର କିପରି ତୁରନ୍ତ ସମାଧାନ କରାଯାଇପାରିବ ସେ ଦିଗରେ ପଦକ୍ଷେପ ଗ୍ରହଣ କରାଯାଉଛି। କାଉନ୍‌ସେଲିଂ ମାଧ୍ୟମରେ ଅଧିକାଂଶ ମାମଲା ସମାଧାନ ହେଉଥିବାବେଳେ କିଛି ମାମଲା ଥାନା ବା କୋର୍ଟ ଜରିଆରେ ସମାଧାନ କରାଯାଉଛି। ବିଶେଷକରି ନିର୍ଯାତିତା ମହିଳାଙ୍କୁ ନ୍ୟାୟ ଦେବା ସହ ମହିଳାଙ୍କ ପ୍ରତି ନିର୍ଯାତନା କିପରି ସମ୍ପୂର୍ଣ୍ଣ ବନ୍ଦ ହୋଇପାରିବ ସେନେଇ କମିଶନ ପକ୍ଷରୁ ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମ କରାଯାଉଛି। ସବୁ ଜିଲା ଓ ବ୍ଲକରେ କମିଶନ ପକ୍ଷରୁ ଏନେଇ କରାଯାଉଥିବା କାର୍ଯ୍ୟକ୍ରମରେ ଏସ୍‌ଏଚ୍‌ଜି ମହିଳା, ଅଙ୍ଗନୱାଡ଼ି କର୍ମୀ, ଆଶାକର୍ମୀ, ଆଇନଜୀବୀ, ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନର ସଦସ୍ୟ, ସ୍କୁଲ କଲେଜର ଛାତ୍ରୀଛାତ୍ର ଯୋଗ ଦେଉଛନ୍ତି। ଏଥିରେ ଘରୋଇ ହିଂସା ହେଉ ବା ମହିଳାଙ୍କ ଅନ୍ୟାନ୍ୟ ଅଧିକାର କ୍ଷୁଣ୍ଣ ଦିଗରେ ଅବଗତ କରାଯାଉଛି। କୌଣସି ବ୍ୟକ୍ତି ବା ଅନୁଷ୍ଠାନ ମହିଳାଙ୍କ ପ୍ରତି ଆଇନ ବିରୋଧୀ ଆଚରଣ କଲେ ତୁରନ୍ତ ଅଭିଯୋଗ କରିବା ପାଇଁ ପରାମର୍ଶ ଦିଆଯାଉଛି ଯାହାଦ୍ୱାରା ମହିଳାଙ୍କ ପ୍ରତି ଦୁର୍ବ୍ୟବହାର କରିବାକୁ କେହି ସାହସ କରିବେ ନାହିଁ।

**- ମିନତୀ ବେହେରା, ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା**



ମହିଳା ବିରୋଧୀ କାର୍ଯ୍ୟକଳାପ ପାଇଁ ପରିବାର ବା କର୍ମକ୍ଷେତ୍ରରେ ଅନେକ ସମୟରେ ମହିଳାମାନେ ନିଜେ ଦାୟୀ ଅଟନ୍ତି। ପରିବାରରେ ଭୁଲବୁଝାମଣା କ୍ରମେ ଘରୋଇ ହିଂସାରେ ପରିଣତ ହୁଏ। ସେହିପରି ଅନେକ ସମୟରେ କମ୍ ବୟସରୁ ଝିଅମାନଙ୍କୁ ପରିବାର ଲୋକ ରୋଜଗାର ପାଇଁ ବାହାରକୁ ପଠାଇଦିଅନ୍ତି। ଭୁଲ ଠିକ୍ ବିଚାରଶକ୍ତି ଅଭାବରୁ ଝିଅମାନେ ଭୁଲ ବାଟରେ ପାଦ ଦିଅନ୍ତି ଅଥବା କୌଣସି ଅପରାଧର ଶିକାର ହୁଅନ୍ତି। ପରିବାରରୁ ସଚେତନତା ଆରମ୍ଭ ହେଲେ ଏପରି ହିଂସା ବା ଅପରାଧ ରୋକା ଯାଇପାରିବ। ଅନେକ ସମୟରେ ଝିଅମାନେ ପୁରୁଷମାନଙ୍କ ନାମରେ ମିଥ୍ୟା ଅଭିଯୋଗ କରୁଥିବା ମଧ୍ୟ ନଜିର ରହିଛି। ତେଣୁ ସେସବୁ ମାମଲାକୁ ବାଦ୍ ଦେଲେ ରାଜ୍ୟରେ ମହିଳା ହିଂସାର ତାଲିକା ଛୋଟ ହୋଇପାରେ। ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ମତାନ୍ତର ବା ମନାନ୍ତର ହେଲେ ସେଥିରେ ପରିବାର ଲୋକ ଉଭୟଙ୍କୁ ନିଜେ ସମାଧାନ କରିବାକୁ ସୁଯୋଗ ଦେବା ଉଚିତ୍।

**- ଜୟଶ୍ରୀ ମହାପାତ୍ର, ସାମାଜିକ କର୍ମୀ**

"ମାନବୀୟ ପ୍ରଗତିର ପୂର୍ଣ୍ଣାଙ୍ଗ ପରିଣତି ପାଇଁ ମନୁଷ୍ୟ ପକ୍ଷରେ ୟୁରୋପୀୟ ସଭ୍ୟତାର ମାନସିକ, ପ୍ରାଣିକ ଓ ଶାରୀରିକ ଉତ୍କର୍ଷର ଗୁରୁତ୍ୱ ଏବଂ ଭାରତୀୟ ସଭ୍ୟତାର ଆଧ୍ୟାତ୍ମିକ ଓ ଚୈତ୍ତିକ ବିକାଶର ପ୍ରେରଣା– ଉଭୟବିଧ ପ୍ରବୃତ୍ତିର ସମ୍ୟକ ଆବଶ୍ୟକତା ରହିଅଛି। –ଶ୍ରୀଅରବିନ୍ଦ



# କାର୍ଯ୍ୟକାଳ ବୃଦ୍ଧିକୁ ଅସ୍ୱୀକାର



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

କେରଳ ସରକାରଙ୍କ ସ୍ୱତନ୍ତ୍ର ଅଧିକାରୀ (ବାହ୍ୟ ସହଯୋଗ)ଭାବେ ରାଷ୍ଟ୍ରଦୂତ ଭେନୁ ରାଜାମୋନିଙ୍କ ଦୁଇ ବର୍ଷ କାର୍ଯ୍ୟକାଳ ଅପ୍ରତ୍ୟାଶିତ ଭାବରେ ଶେଷ ହୋଇଛି। ସେ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଦୁଇ ସପ୍ତାହର କାର୍ଯ୍ୟକାଳ ବୃଦ୍ଧିକୁ ପ୍ରତ୍ୟାଖ୍ୟାନ କରିବା ପରେ ଏଭଳି ଘଟିଛି। ଏହି ସମ୍ପ୍ରସାରଣ ୩୦ ସେପ୍ଟେମ୍ବର ୨୦୨୩ ପର୍ଯ୍ୟନ୍ତ ଜାରି ରହିବାକୁ ସ୍ଥିର ହୋଇଥିଲା। ସୂତ୍ରରୁ ପ୍ରକାଶ, ରାଜାମୋନି କେରଳ ରାଜ୍ୟପାଳଙ୍କୁ ୧୭ ସେପ୍ଟେମ୍ବର ୨୦୨୩ ସୁଦ୍ଧା ତାଙ୍କ ସେବା ବନ୍ଦ କରିବାକୁ ଅନୁମତି ମାଗିଥିଲେ। ଏକ ସରକାରୀ କାର୍ଯ୍ୟ ଶେଷ କରିବାକୁ ଉଦ୍ଦିଷ୍ଟ କାର୍ଯ୍ୟକାଳ ବୃଦ୍ଧି ଆଉ ପ୍ରାସଙ୍ଗିକ ନୁହେଁ ଏବଂ ତାଙ୍କର ଅଧିକ ୨ ସପ୍ତାହ ଦାୟିତ୍ୱରେ ରହିବା ଅନାବଶ୍ୟକ ବୋଲି ରାଜାମୋନିଙ୍କ ନିଷ୍ପତ୍ତିରୁ ପ୍ରତିପାଦିତ ହେଉଛି। କିନ୍ତୁ ତାଙ୍କର ଏହି ଅପ୍ରତ୍ୟାଶିତ ସିଦ୍ଧାନ୍ତ ଉପରେ କଳ୍ପନାଜଳ୍ପନା ଲାଗିରହିଛି । ରାଜାମୋନି ତାଙ୍କ କାର୍ଯ୍ୟକାଳ ମଧ୍ୟରେ ବିଶେଷକରି ୟୁକ୍ରେନରୁ ଛାତ୍ରୀଛାତ୍ରଙ୍କୁ ଦେଶକୁ ଫେରାଇଆଣିବା, ଭିଏତ୍ନାମର କୋଚି ଏବଂ ହୋ ଚି ମିନି ସହର ମଧ୍ୟରେ ସିଧାସଳଖ ବିମାନ ସଂଯୋଗ ସ୍ଥାପନ କରିବା ଏବଂ ମୁଖ୍ୟମନ୍ତ୍ରୀ ପିନାରାଇ ବିଜୟନ ଓ ବିଦେଶୀ କୂଟନୀତିଜ୍ଞଙ୍କ ମଧ୍ୟରେ ସିଧାସଳଖ ବୈଠକ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଏହାସହ ନରୱେ, ବ୍ରିଟେନ, ଆମେରିକା ଏବଂ କ୍ୟୁବା ଭଳି ଦେଶକୁ ମୁଖ୍ୟମନ୍ତ୍ରୀଙ୍କ ସରକାରୀ ଗସ୍ତ ପାଇଁ ବ୍ୟବସ୍ଥା କରିଥିଲେ। କେରଳ ସରକାରରେ ଅବସ୍ଥାପିତ ହେବା ପୂର୍ବରୁ ରାଜାମୋନି ତାଙ୍କର ୩୪ ବର୍ଷ କ୍ୟାରିୟରରେ ଅନେକ ପ୍ରତିଷ୍ଠିତ ପଦବୀରେ ଅବସ୍ଥାପିତ ହୋଇଥିଲେ। ସେ ଦୁବାଇରେ ଭାରତର କନସୁଲ ଜେନେରାଲ, କେରଳକୁ ବିଶ୍ୱ ବ୍ୟାଙ୍କ ଏବଂ ଏସିଆନ ଡେଭଲପମେଣ୍ଟ ବ୍ୟାଙ୍କ ଦେଉଥିବା ସହାୟତାର ତଦାରଖ ପାଇଁ ଯୁଗ୍ମ ସଚିବ ଏବଂ ରାଷ୍ଟ୍ରପତିଭବନରେ ପୂର୍ବତନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀଙ୍କ ପ୍ରେସ ସଚିବ ଥିଲେ। ସେ ମଧ୍ୟ ନେଦରଲାଣ୍ଡରେ ଭାରତର ରାଷ୍ଟ୍ରଦୂତ ଥିଲେ।

### ବିବାଦ ଭିତରେ ଦାୟିତ୍ୱ

ଚଳିତବର୍ଷ ପ୍ରାରମ୍ଭରେ କର୍ନାଟକରେ ଆଇଏଏସ୍ ଅଧିକାରୀ ରୋହିଣୀ ସିନ୍ଧୁରୀ ଏବଂ ଆଇପିଏସ୍ ଅଧିକାରୀ ଡି. ରୁପା ମୌଡଗିଲ ମଧ୍ୟରେ ଚର୍ଚ୍ଚିତ ବିବାଦ ସୋସିଆଲ ମିଡିଆରେ ସାମ୍ନାକୁ ଆସିଥିଲା। ଏବେ ଉଭୟ ବରିଷ୍ଠ ଅଧିକାରୀ ସରକାରୀ କାର୍ଯ୍ୟ ଆରମ୍ଭ କରିଛନ୍ତି। ପ୍ରଶାସନିକ ସୌହାର୍ଦ୍ଦ୍ୟ ଫେରାଇଆଣିବା ପାଇଁ ସେମାନଙ୍କୁ ନୂତନ ଦାୟିତ୍ୱ ନ୍ୟସ୍ତ କରାଯାଇଛି। ରୋହିଣୀ ସିନ୍ଧୁରୀ କର୍ନାଟକ ଗେଜେଟିଅର ବିଭାଗରେ ମୁଖ୍ୟ ସମ୍ପାଦକ ପଦବୀ ଗ୍ରହଣ କରିଛନ୍ତି। ଏହି ସମୟରେ ଆଇପିଏସ୍ ଅଧିକାରୀ ଡି.ରୁପା ମୌଡଗିଲଙ୍କୁ ଆଭ୍ୟନ୍ତରୀଣ ସୁରକ୍ଷା ବିଭାଗ (ଆଇଏସ୍ଡି)ରେ ପୋଲିସ ମହା ନିରୀକ୍ଷକ (ଆଇଜିପି) ପଦବୀକୁ ବଦଳି କରାଯାଇଛି। ଫେବୃୟାରୀରେ ଏହି ଦୁଇ ଅଧିକାରୀଙ୍କ ମଧ୍ୟରେ ବିବାଦ ଦେଖାଦେଇଥିଲା। ସେହି ସମୟରେ ରୁପା କର୍ନାଟକ ରାଜ୍ୟ ହସ୍ତତନ୍ତ ବିକାଶ ନିଗମର ପରିଚାଳନା ନିର୍ଦ୍ଦେଶକ ଥିଲେ । ମୁଜରାଇ ବିଭାଗ କମିଶନର ଭାବରେ କାର୍ଯ୍ୟ କରୁଥିବା ରୋହିଣୀ ସିନ୍ଧୁରୀଙ୍କ ବିରୋଧରେ ରୁପା ଗୁରୁତର ଅଭିଯୋଗ ଆଣିଥିଲେ। ସେତେବେଳେ ସିନ୍ଧୁରୀ ଏହି ଅଭିଯୋଗକୁ ଅସ୍ୱୀକାର କରି ଏଗୁଡ଼ିକୁ ଭିତ୍ତିହୀନ ବୋଲି କହିଥିଲେ। ଏହି ଦୁଇ ଅଧିକାରୀ ସେମାନଙ୍କର ନୂତନ ଭୂମିକାକୁ କିଭଳି ସଞ୍ଚାଳନ କରିବେ ତାହା ଦେଖିବାକୁ ବାକି ରହିଛି। ତେବେ ରୋହିଣୀ କର୍ନାଟକ ହାଇକୋର୍ଟରେ ରୁପାଙ୍କ ବିରୋଧରେ ଆପରାଧିକ ମାନହାନି ମକଦ୍ଦମା ଦାଏର କରିବା ପରେ ବିବାଦ ଏବେ ନ୍ୟାୟିକ ପରିସରରେ। ସମ୍ପ୍ରତି ଏହି ମାମଲାର ନିରପେକ୍ଷ ଏବଂ ପୁଙ୍ଖାନୁପୁଙ୍ଖ ଯାଞ୍ଚର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇ କୋର୍ଟ ଏହି ମାମଲା ବନ୍ଦ କରିବାକୁ ମନା କରି ଦେଇଛନ୍ତି।

### ଭଲ କାମରେ ବାଧା

ନିୟନ୍ତ୍ରଣ ବଜାୟ ରଖିବା ପାଇଁ ବଦଳି ଏକ ଅତ୍ୟାବଶ୍ୟକ ସାଧନ। ତେବେ ବହୁତ ଭଲ ପ୍ରଦର୍ଶନ କରୁଥିବା ବାବୁମାନଙ୍କୁ ବାରମ୍ବାର ବଦଳି କରିବା ବିଷୟ ଦେଖିବାକୁ ମିଳୁଛି। ନିକଟରେ ଉତ୍ତରପ୍ରଦେଶର ମିର୍ଜାପୁରର ଜିଲା ମାଜିଷ୍ଟ୍ରେଟ ଦିବ୍ୟା ମିତ୍ତଲଙ୍କ ବଦଳି ଏହାର ଏକ ଦୃଷ୍ଟାନ୍ତ ହୋଇପାରେ। ନିୟମିତ ଜଳ ଯୋଗାଣରୁ ବଞ୍ଚିତ ଏକ ଗାଁର ବାସିନ୍ଦାଙ୍କ ଜୀବନ ବଦଳାଇବା ପାଇଁ ସେ ସଫଳତାର ସହ ସେମାନଙ୍କ ଘରକୁ ପାଇପ ଜଳ ଯୋଗାଣକୁ ସୁଗମ କରିଥିଲେ। ଏଥିରେ ଗ୍ରାମବାସୀମାନେ ଖୁସି ହୋଇ ପାଇପ ଜଳର ଯୋଗାଣକୁ ନେଇ ଏକ ଉତ୍ସବ ପାଳନ କରିଥିଲେ। ତେବେ ଦିବ୍ୟାଙ୍କୁ ବସ୍ତି ଜିଲାକୁ ବଦଳି କରାଯିବା ପରେ ତାଙ୍କ ଅସମ୍ପୂର୍ଣ୍ଣ କାର୍ଯ୍ୟ ସରକାରଙ୍କ ଫାଇଲ ତଳେ ରହିଗଲା। କୌତୂହଳର ବିଷୟ, ସେହି ମୂଲ୍ୟବାନ ପାଇପଲାଇନକୁ ଅସାମାଜିକ ବ୍ୟକ୍ତିମାନେ ଭାଙ୍ଗି ଦେବା ଦ୍ୱାରା ଗ୍ରାମବାସୀ ପୁନର୍ବାର ଘରୋଇ ଟ୍ୟାଙ୍କର୍ ଉପରେ ନିର୍ଭରଶୀଳ ହୋଇଛନ୍ତି। କୁହାଯାଉଛି, ସ୍ଥାନୀୟ ରାଜନୈତିକ ନେତାମାନେ ଦିବ୍ୟାଙ୍କ କଠିନ ପରିଶ୍ରମକୁ ପ୍ରଶଂସା କରି ନ ଥିଲେ। ସେମାନେ ଯେଉଁ କାମ କରି ପ୍ରଶଂସା ସାଉଁଟି ଥାଆନ୍ତେ ସେ ତାହାକୁ ଛଡ଼ାଇନେଉଥିବା ଭୟ ସେମାନଙ୍କ ମନରେ ସୃଷ୍ଟି ହୋଇଥିଲା। ଅନେକେ ସେମାନଙ୍କ ଲୋକପ୍ରିୟ ଜିଲାପାଳଙ୍କୁ ହଠାତ୍ ବଦଳି କରିବା ପଛରେ ରାଜନୈତିକ ଉଦ୍ଦେଶ୍ୟ ଥିବା ସନ୍ଦେହ କରୁଛନ୍ତି। ଏହା ଜିଲାରେ ଚାଲିଥିବା ଦୀର୍ଘକାଳୀନ ପ୍ରକଳ୍ପର କାର୍ଯ୍ୟାନ୍ୱୟନରେ ବାଧା ସୃଷ୍ଟି କରିବା ସହ ବାସିନ୍ଦା ତଥା ଅନ୍ୟାନ୍ୟ ଜିଲା ଅଧିକାରୀଙ୍କୁ ମଧ୍ୟ ନିରୁତ୍ସାହିତ କରିଛି। ତେବେ ଆଶା କରାଯାଏ, ଯୁବ ଜିଲାପାଳଙ୍କୁ ଯେଉଁଠାରେ ନିଯୁକ୍ତି ଦିଆଗଲେ ବି ସେ ଭଲ କାମ ଜାରି ରଖିବେ ।

Email: dilipcherian@gmail.com

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 7 | 2 | | | |
| | | 1 | | | 9 | | | |
| | | 5 | | | | 3 | | |
| | 8 | | 9 | | | | | 7 |
| 7 | 3 | | | | | | | 2 |
| | 2 | | | 1 | | | 8 | |
| 3 | | | | | 8 | 1 | | |
| | | | 7 | | | | | |
| | 9 | 7 | | 5 | | 4 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 5 | 9 | 7 | 6 | 8 | 3 | 2 | 4 |
| 8 | 2 | 6 | 3 | 4 | 1 | 5 | 9 | 7 |
| 7 | 3 | 4 | 5 | 2 | 9 | 8 | 1 | 6 |
| 2 | 9 | 8 | 6 | 5 | 4 | 7 | 3 | 1 |
| 6 | 4 | 1 | 9 | 7 | 3 | 2 | 5 | 8 |
| 5 | 7 | 3 | 8 | 1 | 2 | 6 | 4 | 9 |
| 4 | 1 | 5 | 2 | 8 | 7 | 9 | 6 | 3 |
| 3 | 8 | 2 | 4 | 9 | 6 | 1 | 7 | 5 |
| 9 | 6 | 7 | 1 | 3 | 5 | 4 | 8 | 2 |

ଗତକାଲିର ଉତ୍ତର

# ମୋଠୁ ସମସ୍ତେ ଚାଲାଖ



ସହଦେବ ସାହୁ

ମୁଁ କେମିତି ଜାଣିଲି ଗଛଗୁଡ଼ାକ ବି ଚାଲାଖ (ସ୍ମାର୍ଟ)? ମୁଁ ବୁଢ଼ାରଜା ପାହାଡ଼ର ସ୍ୱରୂପ ଦେଖିବା ଲାଗି ପାହାଡ଼ ଉପରକୁ ଚଢ଼ିଲି। ଦେଖିଲି, ଜଣେ ଅତିମାତ୍ରାରେ ମଦ ପିଇଥିବା ଲୋକ ଯାହାର ପିଠିରେ ଓହଳିଥିଲା ବାକ୍ ପାକ୍, ସେ ପାହାଡ଼ ଉପରକୁ ଚଢ଼ି ଚଢ଼ି ଯାଉଥିଲା – ଏକୁଟିଆ, କିନ୍ତୁ ଅତିଶୟ ମଦ୍ୟପାନର ପ୍ରଭାବ ଥିଲା। ପାହାଡ଼ର ଅଧା ବାଟରେ ସେ ଏକ କଣ୍ଟାଳିଆ ଗଛ ପାଖରେ ବସି ପଡ଼ିଲା। ଗୋଡ଼ି ପଥରର ରାସ୍ତା। ସେହି ଗୋଡ଼ି ପଥରୁଆ ଭୂଇଁକୁ ଠେଲି ଠେଲି ଉପରକୁ ଉଠିଛି। ପାଣି ଢୋକେ ପିଇ ଆଉ ନିଃଶ୍ୱାସଟିଏ ନେଇ ସେ ଗଛଟାକୁ ଦେଖି ତା'ର ସୌନ୍ଦର୍ଯ୍ୟ ଓ ମିଶିଯିବା ଗୁଣକୁ ପ୍ରଶଂସା କଲା। ତା'ର ବଙ୍କାଟଙ୍କା ଶୁଖିଲା ମୁକିଲା ଡାଳଗୁଡ଼ାକ ଏ ବିରୋଧୀ ଭୂଶ୍ରେଣୀ ତଳୁ ପାଣି ଓ ପୁଷ୍ଟି ଟାଣି ଆଣି ନିଜେ ବଞ୍ଚିପାରିଛି। ସେ ବୁଝିପାରିଲା ନାହିଁ ଏ କେମିତି ଘଟୁଛି। ଧନ୍ଦାଟା କ'ଣ? ମନେହେଲା ଗଛଟା ଯେମିତି କହୁଛି ତୁ ଏ ସମସ୍ୟାର ସମାଧାନ କର। ତାକୁ ଜଣାଗଲା ସାଧନ ସୁରକ୍ଷିତ କରି ରଖିବାରେ ଗଛଟିର ବୁଦ୍ଧି ଅଛି। ଗଛଟା ଯେମିତି କହୁଛି ବସି ଯା, ରେଷ୍ଟ ନେଇନେ। ଶକ୍ତି ସଞ୍ଚୟ କର, ତା' ପରେ ଶକ୍ତି ମିଳିଯିବ ଉପରକୁ ଚଢ଼ିବାକୁ। ମୁଁ ତା' ପାଖରେ ପହଞ୍ଚିଲା ବେଳେ ସେ ଯେତେବେଳେ ଏମିତି ଗପିଲା ମୁଁ କହିଲି, ତୁ ତ ଗଛ ସାଙ୍ଗରେ ବସିଲୁ। ଗଛ ତୋର ବଡ଼ ଭାଇ ଭଳି କାମ କଲା। ନ ହେଲେ, ସାଙ୍ଗ ଭଳି କାମ କରିଥିବ। ମଣିଷ ପାଖରେ ପାଇ ମଣିଷ ଭଳି କାମ କଲା। ସେ ଯେ ଦିନେ ବଡ଼ ଭଗବଦ୍ ବିଶ୍ୱାସୀ ହୋଇଯିବ ଭାବି ନ ଥିଲି, କିନ୍ତୁ ଭୁବନେଶ୍ୱରରେ ଏବେ ଦିନେ ତାକୁ ଦେଖି ଭାବିନେଲି ସେ ଧର୍ମ ଅପେକ୍ଷା ବିଜ୍ଞାନ ଭିତରେ ବେଶି ସୁଖ ପାଉଛି।

ସେ ମୋତେ କହିଲା, ମୁଁ ଧର୍ମଠାରୁ ବିଜ୍ଞାନ ଭିତରେ ଢ଼େର ବେଶି ସାନ୍ତ୍ୱନା ପାଉଛି। ମୋତେ ଭଲ ଲାଗୁଛି। ଲୋକେ ରୁଟି କି ବାଇଗଣ ଭିତରେ ଆଲ୍ଲାଙ୍କ ପାଠ କି ପ୍ରଜାପତି ଦେହରେ ଜଗନ୍ନାଥଙ୍କୁ ଦେଖୁଛନ୍ତି। ମଣିଷ ବହୁତ ଜାଗାରେ ଭଗବାନଙ୍କ ଇଚ୍ଛା ବା ଉଦ୍ଦେଶ୍ୟ ଦେଖୁଛି, ସେଠି କିଛି ନ ଥିଲେ ବି। କପଡ଼ାରେ ଯିଶୁଙ୍କ ରକ୍ତ ଦେଖୁଛି। ଅଥଚ ଆମେ ଲାପ୍ଟପ୍ ଉପରେ ଚିଡ଼ିଯାଉଛୁ। ଷଡ଼ଯନ୍ତ୍ରତ୍ୱ ବାଛୁଛୁ। ପ୍ରତି ଜିନିଷ ଘଟିବାର କାରଣ ଅଛି ବୋଲି ଆମେ କହୁଛୁ।

ସାଇକୋଲଜିଷ୍ଟମାନେ କହୁଛନ୍ତି ମଣିଷର ହାଇପରଆକ୍ଟିଭ୍ ଏଜେନ୍ସି ରୂପକ ଡିଟେକ୍ସନ୍ ଅଛି, ସାଇକେଡେଲିକ୍ ଡ୍ରଗ୍ ଘୁରୁଣି (ନବ୍,knob)) ଭଳି କାମ କରୁଛି। ମୋର ମନେପଡିଲା ଆମେରିକାନ୍



ଆସୋସିଏଶନ ଫର୍ ଦି ଆଡଭାନ୍ସମେଣ୍ଟ ଅଫ୍ ସାଇନ୍ସ କେଇ ବର୍ଷ ତଳେ ଲର୍ନିଂ ୱିଦାଉଟ୍ ନିୟୁରନସ୍ ଉପରେ ଅଧିବେଶନ କରିଥିଲେ। ସ୍ଲାଇମ୍ ମୋଲ୍ଡ (ଲାଳୁଆ ଆଣ) ଭିତରେ ମେମୋରି ପରୀକ୍ଷା କରି ଦେଖାଗଲା ଯେ ବଳ ପ୍ରୟୋଗ କଲେ ଇଲେକ୍ଟ୍ରିକାଲ୍ ସର୍କିଟ୍ ଚାଲୁ ହେଉଛି, ବଳ ପ୍ରୟୋଗ କଲେ ମାଟେରିଆଲ୍ ଆପେ ଆପେ ମୋଡି ହୋଇଯାଉଛି, କାହିଁକି? ସମୁଦ୍ର ଭିତରେ ଜଳଚରମାନଙ୍କ ସାଥିରେ ସ୍କୁବା ଡାଇଭିଂ ଭଳି ପହଁରି ପାରୁଥିବା ପ୍ରାଣୀମାନେ ଅତ୍ୟଧିକ ମାତ୍ରାର ମଦ୍ୟପ ପ୍ରାଣୀ ଭଳି – ଚେତନାର ଏକ ପରିବର୍ତ୍ତିତ ଅବସ୍ଥାରେ ନିଜକୁ ଦେଖୁଛି, ଯେଉଁଠି ଧାରଣା (ପରସେପ୍ସନ)ର ଫୋକସ୍, ରେଞ୍ଜ, ଓ କ୍ଲାରିଟି ନାଟକୀୟ ଢଙ୍ଗରେ ବଦଳିଯାଉଛି – ଯେଉଁଠି ଗୋଟିଏ ପ୍ରଜାତିର ପ୍ରାଣୀର ମାନସିକ ଅଭିଜ୍ଞତା ଅନ୍ୟ ଗୋଟିଏ ପ୍ରଜାତିର ପ୍ରାଣୀର ମାନସିକ ଅଭିଜ୍ଞତାଠାରୁ ବେଶି ବାସ୍ତବ ବା ବେଶି ମୂଲ୍ୟବାନ୍ ନୁହେଁ। ତେଣୁ ଗଛର ବି ବୁଦ୍ଧି ଅଛି ଭାବିବା କଥା। ବ୍ରେନ୍ ନ ଥାଇ ବୁଦ୍ଧି ସମ୍ଭବ, ବ୍ରେନ୍ଲେସ୍ ଇଣ୍ଟେଲିଜେନ୍ସ, କମ୍ପ୍ୟୁଟର ଦୃଷ୍ଟିରେ କ୍ରୀଡ଼ା (Play, a Computational Perspective) ଭଳି ନାଁରେ ଗବେଷଣା ପାଇଁ ଟେମ୍ପଲଟନ ୱାର୍ଲ୍ଡ ଚାରିଟି ଫାଉଣ୍ଡେଶନ ପାଣ୍ଠି ଯୋଗାଉଛି। ବ୍ରେନ୍ ସହ ବୁଦ୍ଧି ଯୋଡି ଦେଖିବାରେ ଆମେ ଏତେ ଅଭ୍ୟସ୍ତ ହୋଇଯାଇଛୁ ଯେ ବ୍ରେନ୍ଲେସ୍ ଇଣ୍ଟେଲିଜେନ୍ସ କଥା ଭାବିହେଉ ନାହିଁ। ନିଶା ଖାଇଲେ ଏଭଳି ଅନୁଭବ ଆସେ। ସାଧାରଣ ଭାବେ ଯେଉଁ ଜୀବରୂପରେ ଆମେ ଚାଲାଖି ଦେଖୁନା, ଯଥା ସ୍ଲାଇମ୍, ସେଲ୍, ଜୀବଗୋଠ, ଗଛଲତା ଆଦି ଜୀବରୂପରେ; ଯେଉଁ ପ୍ରକାର ଚେତନା ଓ ଚାଲାଖି ଆମେ ଆମ ଭିତରେ ଦେଖୁଛୁ ତାହା ଏପରିକା ପ୍ରାଣୀ ଭିତରେ ଦେଖୁନାହୁଁ।

ଅଣମଣିଷ ପ୍ରାଣୀମାନଙ୍କ ବୁଦ୍ଧି ଉପରେ ବିବାଦ ନାହିଁ, ଯେମିତି ପାଳିଥିବା ଜନ୍ତୁ ଉପରେ; କିନ୍ତୁ ପରିବର୍ତ୍ତିତ ପରିସ୍ଥିତିରେ କେତେଜଣ ଲୋକ ସବୁ ଜୀବନ୍ତ ବ୍ୟବସ୍ଥାରେ ବୁଦ୍ଧି ଥିବାର ଦେଖନ୍ତି। ଉଇହୁଙ୍କା ତିଆରିରେ କେତେ ବୁଦ୍ଧି ଲାଗିଛି ଦେଖନ୍ତୁ। ଜଙ୍ଗଲରେ ପଶିଲେ ଆମେ ଦେଖୁ ସାରା ଜଙ୍ଗଲଟା ଗୋଟିଏ ବଡ଼ ବ୍ୟବସ୍ଥା, ପ୍ରତ୍ୟେକ ଅନ୍ୟର ସମ୍ପର୍କରେ ଅଛନ୍ତି, ମିଳିମିଶି ସମସ୍ତେ ଚଳୁଛନ୍ତି, ମାନେ ବୁଦ୍ଧି ଲଗାଉଛନ୍ତି। ମାଦକ ଦ୍ରବ୍ୟ ବା ଡ୍ରଗ୍ ଖାଇ ଆମେ କାହିଁକି ବଦଳିଯାଉ, ଚାରିଆଡ଼େ କାହିଁକି ସମସ୍ତେ ଚାଲାଖ ବୋଲି ଭାବୁ। ମଦରେ ମାତାଲ ଲୋକ ଷଣ୍ଢର ମୁଣ୍ଡ ସାଙ୍ଗରେ ମୁଣ୍ଡ ଘଷେ କାହିଁକି, ତଥାପି ଷଣ୍ଢ ଲଢ଼େଇ କରେ ନାହିଁ, ସେଇମିତି ଶୋଇଥାଇ ମୁଣ୍ଡ ହଲାଏ ସିନା! ବ୍ରହ୍ମାଣ୍ଡଟା ତ ପ୍ରାଣୀତ୍ୱ ଆଉ ଇଚ୍ଛା (animacy and intention)ରେ ଭର୍ତ୍ତି। ପଥରଖଣ୍ଡକୁ ଭାଲୁ ଭାବିବା ବରଂ ଭଲ, ଭାଲୁକୁ ପଥରଟେଳା ଭାବିବା ଠିକ୍ ହେବ ନାହିଁ। ସେଇମିତି ଜଣେ ପଥଚାରୀ ବୃକ୍ଷକୁ ବନ୍ଧୁ ଭାବିପାରେ କିନ୍ତୁ ବନ୍ଧୁକୁ ବୃକ୍ଷ ନ ଭାବୁ।

ପରିବର୍ତ୍ତିତ ପରିସ୍ଥିତି ସମ୍ଭବତଃ ଆଚମ୍ବିତ କରେ, ଆଶ୍ଚର୍ଯ୍ୟ ଆମକୁ ଅନିଶ୍ଚିତତା ପ୍ରତି ଅସହିଷ୍ଣୁ କରିପକାଏ, ଆମେ ଆଧିଭୌତିକତାରେ ବିଶ୍ୱାସ କରୁ ବା ବୁଝିବା ଭଳି ଢାଞ୍ଚା ଖୋଜୁ। ଯଦି କେବେ ଆମେ ଅନ୍ୟର ବୁଦ୍ଧି ଉପରେ ସନ୍ଦେହ କରୁ ବା ତାକୁ ନ୍ୟୂନ ମନେକରୁ ତେବେ ପରିବର୍ତ୍ତିତ ପରିସ୍ଥିତି ଆସିଗଲେ ଆମ ବାୟାସ୍ (ସ୍ୱେଚ୍ଛା ବିଚାର)କୁ ବଦଳାଏ, କିଏ ଗଛକୁ କାଠ ବୋଲି ଭାବିପାରେ, କିନ୍ତୁ ମୁଁ ଗଛକୁ ଏବେ ସମସ୍ୟା ସମାଧାନକାରୀ ରୂପେ ଭାବୁଛି। ମୁଁ ପ୍ରଥମେ ପ୍ରଥମେ ପାହାଡୀ ଝରଣାକୁ ନିର୍ଜୀବ ବା ଜ୍ଞାନହୀନ ଦେଖେ, ପରେ ଦେଖେ ସେ ଡେଇଁ ଡେଇଁ ବୋହି ଯାଉଥିବା ବେଳେ ବଙ୍କିଟଙ୍କି ଯାଉଛି, ତା' ଭିତରେ ଗୋଟେ ଆଲଗୋରିଦିମ୍ କାମ କରୁଛି ଏବଂ ସେ ଆଲଗୋରିଦିମ୍ ମଣିଷର ଡିଜାଇନ୍ କରୁଥିବା ଆଲଗୋରିଦିମ୍ଠାରୁ ବେଶି ସଫଳ ମନେହୁଏ। ତରଳ ମାନେ ମାଧ୍ୟାକର୍ଷଣକୁ ଅନୁସରଣ କରିବ, ସବୁଠୁ କମ୍ ବାଧା ଦେଉଥିବା ମାର୍ଗରେ ଯିବ, ଭାବିହେଉ ନ ଥିବା ବଙ୍କାଣିରେ ଯାଉଥିବ।

ଜୀବନ୍ତ ପ୍ରାଣୀ ଭିତରେ କମ୍ପ୍ୟୁସନ୍ (ହିସାବକିତାବ କରିବା) କୋଟି କୋଟି ବର୍ଷର ବିବର୍ତ୍ତନ ଫଳରେ ତିଆରି ହୋଇଛି, ଆହୁରି ବେଶି ବା ଉଚ୍ଚତର ଉତ୍ସାହ (ଇନିସ୍ପାଇରେଶନ) ଯୋଗାଇବ। ଗଣଗଣିଆ ମାଛିକୁ ଦେଖ। ମଣିଷ ବୁଦ୍ଧି ଆଗରେ ତୁଚ୍ଛ, କିନ୍ତୁ ତା'ର ସ୍ନାୟବିକ ବ୍ୟବସ୍ଥା ତା' ଚାରିପାଖ କେବଳ ଦେଖିପାରେ ନାହିଁ ପରିସ୍ଥିତିକୁ ସମ୍ଭାଳିପାରେ, ମୋ ବ୍ୟବସ୍ଥା ଯେତେ ଶୀଘ୍ର କରିପାରେ ମାଛିଟା ତା' ଠାରୁ ଶୀଘ୍ରତର କରିପାରେ। ବଞ୍ଚି ରହିବାରେ କୀଟଟିର ପ୍ରତିକ୍ରିୟା ସମୟ ମୋ ପ୍ରତିକ୍ରିୟାଠାରୁ ଶୀଘ୍ରତର, ତେଣୁ ମୋ ଫାଲିଆ (ସ୍ୱାଟ୍) ତା' ଦେହରେ ବାଜିବା ପୂର୍ବରୁ ସେ ପଳାଇ ଯାଇପାରୁଛି। ମୋ ରୁମ୍ ଭିତରେ ମୁଁ ସବୁଠୁ ଚାଲାଖ ବୋଲି ଭାବେ, କିନ୍ତୁ ମାଛିଟା ମୋତେ ବୋକା ବନେଇଦେଉଛି।

sahadevas@yahoo.com

# ବଜ୍ରପାତ ସୁରକ୍ଷା ଓ ବିକଳ୍ପ ବ୍ୟବସ୍ଥା



ରିତେଶ କୁମାର ଶିଶୁ

ବର୍ଷା ସମୟରେ ବଜ୍ରପାତ ଏକ ସ୍ୱାଭାବିକ ଓ ଆକସ୍ମିକ ପ୍ରକ୍ରିୟା। କିନ୍ତୁ ଏହା କେଉଁ ସ୍ଥାନକୁ ମାରିବ, କେତେବେଳେ ମାରିବ ତାହା ଆକଳନ କରିବା ଅସମ୍ଭବ। ସାଧାରଣତଃ ଉଚ୍ଚ ବିଦ୍ୟୁତ ସୁପରିବାହୀ ବସ୍ତୁ ପ୍ରତି ଏହା ବିଶେଷ ଭାବରେ ଆକର୍ଷିତ ହୋଇଥାଏ। ଆମ ରାଜ୍ୟରେ ଜୁନ୍ରୁ ସେପ୍ଟେମ୍ବର ମଧ୍ୟରେ ବଜ୍ରପାତରେ ଅନେକ ଧନଜୀବନ ହାନି ଘଟିଥାଏ। ଚଳିତ ବର୍ଷ ଭୁବନେଶ୍ୱର ଓ ଆଖପାଖ ଅଞ୍ଚଳରେ ଗୋଟିଏ ଦିନରେ ପ୍ରାୟ ୬୧,୦୦୦ ବିଜୁଳି ମାରିବା ସହିତ ସେଥିମଧ୍ୟରୁ ପ୍ରାୟ ୨୫,୦୦୦ ବାଦଲରୁ ଭୂମିକୁ ବଜ୍ରପାତ ହୋଇଥିଲା। ଏହି ଘଟଣାରେ ପାଖାପାଖି ୧୪ ଲୋକ ମରଣମୁଖରେ ପଡ଼ିଥିଲେ। ସେମାନଙ୍କ ମଧ୍ୟରେ ଥିଲେ ଅଧିକାଂଶ ବିଲରେ କାମ କରୁଥିବା ଚାଷୀ, ପଶୁପାଳକ ଓ ବାଟୋଇ। ଗବେଷଣାରୁ ଜଣାପଡ଼ିଛି ଯାନବାହନ ଓ କଳକାରଖାନା ଜନିତ ପ୍ରଦୂଷଣରୁ ସୃଷ୍ଟ ପ୍ରଦୂଷିତ କଣିକା, ବାୟୁମଣ୍ଡଳର ଆର୍ଦ୍ରତା ଓ ତାପମାତ୍ରା ବୃଦ୍ଧି ଯୋଗୁ ବଜ୍ରପାତର ମାତ୍ରା ଓ ଶକ୍ତି ଅଧିକ ପ୍ରଖର ହେଉଛି। ତେବେ ଏଠାରେ ପ୍ରଶ୍ନ ଉଠେ ଏହାର କିଛି ପ୍ରତିକାର ଅଛି ନା ନାହିଁ।

ଅନେକ ଲୋକଙ୍କର ଧାରଣା ଅଛି ଯେ, ଏହା ଏକ ଦୈବୀ ଦୁର୍ବିପାକ ଘଟଣା, ତେଣୁ ଯେତେବେଳେ ଯାହାର ମରିବାର ଥିବ ମରିବା ତ ଡରିବା କହିଁକି। ଏପରି ଭାବୁଥିବା ଲୋକେ ବଜ୍ରପାତ ବେଳେ ନିରାପଦ ସ୍ଥାନକୁ ନ ଯାଇ ଭୁଲ୍ କରିବସନ୍ତି। ଏହା ବ୍ୟତୀତ ଅନେକ ସମୟରେ ବିଲବାଡି, ଜଙ୍ଗଲରେ କାମ କରୁଥିବା ଓ ନିକାଞ୍ଚନ ରାସ୍ତାରେ ଯାଉଥିବା ଲୋକ ବଜ୍ରପାତ ସହିତ ବର୍ଷା ଆସିଲେ ତୁରନ୍ତ ନିରାପଦ ଆଶ୍ରୟସ୍ଥଳୀଟିଏ ପାଇପାରନ୍ତି ନାହିଁ। ତେଣୁ ଗହୀର ବିଲରେ କାମ କରୁଥିବା ଅନେକ ଚାଷୀଭାଇ ଏହି ବିପଦର ଶିକାର ହୁଅନ୍ତି। ତେବେ ଏଠାରେ କହି ରଖିବାକୁ ଚାହେଁ ଯେ ଏଭଳି ସ୍ଥିତିରେ ଥିବା ଲୋକମାନେ ଯଦି ଦୂରରୁ ଘଡ଼ଘଡ଼ି ସହିତ ବର୍ଷା ଆସିବାର ସୂଚନା ପାଆନ୍ତି ତେବେ ତୁରନ୍ତ ନିଜ ଘର କିମ୍ବା କୌଣସି ନିରାପଦ ସ୍ଥାନ ଯେପରିକି ନିକଟସ୍ଥ କୌଣସି ଘର, ଧାତବ ଛାତଥିବା ଯାନ ଆଦିରେ ଆଶ୍ରୟ ନିଅନ୍ତୁ ଓ କଦାପି କୌଣସି ଗଛ ମୂଳରେ ଆଶ୍ରୟ ନିଅନ୍ତୁ ନାହିଁ। ଯଦି କିଛି ଆଶ୍ରୟ ନ ମିଳୁଛି ତେବେ ଉଚ୍ଚ ଜାଗାରେ ନ ରହି ସବୁଠାରୁ ନୀଚା ବା ଖାଲୁଆ ପାଣି ଜମି ନ ଥିବା ଜାଗା ଦେଖି ଆଣ୍ଠୁମାଡ଼ି ତଳକୁ ମୁଣ୍ଡକରି ବସିଯାଆନ୍ତୁ ଓ ଅଧିକ ଲୋକ ଥିଲେ ପରସ୍ପର ଲାଗିକି ନ ରହି କିଛି ଦୂରତା ବଜାୟ ରଖନ୍ତୁ।

ଏବେ ଅସନ୍ତୁ ଆଲୋଚନା କରିବା ଏହି ବିପଦକୁ କିପରି ପ୍ରଶମିତ କରିପାରିବା। ପ୍ରଥମତଃ ବାୟୁ ପ୍ରଦୂଷଣ କମ୍ କରିବାକୁ ଉଭୟ ବ୍ୟକ୍ତିଗତ, ସାମୂହିକ ଓ ସରକାରୀ ଭାବରେ ଆବଶ୍ୟକ ପଦକ୍ଷେପ ନେବା ଅତ୍ୟନ୍ତ ଜରୁରୀ। ଏହା ବ୍ୟତୀତ ଏହି ବିପର୍ଯ୍ୟୟକୁ ହାଲୁକା ଭାବରେ ନ ନେଇ ବଜ୍ରପାତ ସମୟରେ ନିରାପଦ ସ୍ଥାନରେ ରହିବା ଉଚିତ। ଏବେ ସରକାରଙ୍କ ତରଫରୁ ବିଲ ଗହୀରରେ ତାଳଗଛ ରୋପଣ କରିବାକୁ ନିଷ୍ପତ୍ତି ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ, ଯାହାକୁ କାର୍ଯ୍ୟକାରୀ କରିବାକୁ ଲୋକମାନଙ୍କୁ ଆବଶ୍ୟକ ସହଯୋଗ ଓ ସୁବିଧା ଯୋଗାଇ ଦେବାକୁ ଆଗେଇ ଅସିବାକୁ ପଡ଼ିବ। ଏହି ଯୋଜନାରେ ତାଳଗଛଗୁଡ଼ିକ ବଡ଼ ହୋଇ ଲୋକଙ୍କୁ ନିରାପତ୍ତା ଯୋଗାଇବା



ଏକ ସମୟସାପେକ୍ଷ କାର୍ଯ୍ୟ ହୋଇଥିବାରୁ ଅନ୍ୟାନ୍ୟ ବିକଳ୍ପ ପନ୍ଥା ବିଚାରକୁ ନିଆଯାଇପାରେ। ଯେପରିକି ବଡ଼ ବଡ଼ ଗହୀର, ନିକାଞ୍ଚନ ରାସ୍ତା ଓ ନଦୀଘାଟଗୁଡ଼ିକରେ ଆବଶ୍ୟକ ଅନୁଯାୟୀ ବୈଜ୍ଞାନିକ ଅନୁଶୀଳନ କରି କିଛି କିଛି ବ୍ୟବଧାନରେ ଠିକ୍ ଉଚ୍ଚତାର ଧାତବ ଖମ୍ବ ପୋତାଯାଇପାରିବ, ଯାହା ବଜ୍ରପାତକୁ ନିଜ ଆଡକୁ ଟାଣିନେଇ ଲୋକଙ୍କୁ ସୁରକ୍ଷିତ ରଖିପାରିବ। ଏହା ବ୍ୟତୀତ ବିଲ ଗହୀର, ରାସ୍ତାକୁ ଲାଗିକରି ଥିବା ସବୁଜବଳୟ ମଧ୍ୟରେ କିଛି କିଛି ବ୍ୟବଧାନରେ ରହିଥିବା ସୁଉଚ୍ଚ ବୃକ୍ଷଗୁଡ଼ିକରେ ଉପରୁ ତଳଯାଏ ଏକ ବିଦ୍ୟୁତ ସୁପରିବାହୀ ଧାତବ ତାର ଅଗ୍ରରେ ଧାତବ ଛଡ଼ ଲଗାଇ ଭୂମି ମଧ୍ୟରେ ଆର୍ଥିଂ କରାଯାଇପାରିଲେ ତାହା ମଧ୍ୟ ବଜ୍ରପାତ ବିପଦରୁ ଉଭୟ ବୃକ୍ଷରାଜି ଓ ଧନଜୀବନକୁ ସୁରକ୍ଷା ଯୋଗାଇପାରିବା। ଅନ୍ୟ ଏକ ପନ୍ଥା ହେଲା ଏପରି ବିପଦପୂର୍ଣ୍ଣ ନିକାଞ୍ଚନ ସ୍ଥାନଗୁଡ଼ିକରେ ଠାକୁ ଠା ଆବଶ୍ୟକ ମୁତାବକ ବଜ୍ରପାତ ନିରୋଧୀ ଆଶ୍ରୟ ତିଆରି କରିବା (ଫାରାଡେ କେଜ୍ ନିୟମ ଅନୁପାଳନ କରି), ଯେଉଁଠାରେ ଲୋକମାନେ ଏଭଳି ଦୁର୍ବିପାକ ସମୟରେ ସୁରକ୍ଷିତ ରହିପାରିବେ। ସ୍କୁଲ, କଲେଜ, ଉଚ୍ଚ ଅଟ୍ଟାଳିକା ଓ ଲୋକମାନେ ନିଜ ବାସଗୃହରେ ପର୍ଯ୍ୟାପ୍ତ ଆର୍ଥିଂ ବ୍ୟବସ୍ଥା କରିବା ସହିତ ବଜ୍ରପାତ ନିରୋଧ ବ୍ୟବସ୍ଥା ଲଗାଇପାରିଲେ ବଜ୍ରପାତରୁ ବିଶେଷ ସୁରକ୍ଷା ମିଳିପାରିବ। ଏହିସବୁ ଯୋଜନାକୁ ଗବେଷଣାତ୍ମକ ପ୍ରକଳ୍ପ ଭାବରେ ପ୍ରଥମେ କିଛି ବଜ୍ରପାତପ୍ରବଣ ଜିଲା କିମ୍ବା ବ୍ଲକ୍ରେ ଆରମ୍ଭକରି ଏହାର ଫଳାଫଳକୁ ତର୍ଜମା କରି ଅନ୍ୟାନ୍ୟ ଅଞ୍ଚଳରେ ପରିବ୍ୟାପ୍ତ କରାଯାଇପାରିବ।

ଉପକୂଳ ଅଞ୍ଚଳରେ ବାରମ୍ବାର ବାତ୍ୟା ହେବା ଦ୍ୱାରା ଏହାର ପ୍ରଭାବରେ ବହୁତ ଉଚ୍ଚ ଓ ଘଞ୍ଚ ଗଛସବୁ ଉପୁଡି ପଡ଼ିବା ଯୋଗୁ ବଜ୍ରପାତ ମଣିଷ, ବାସଗୃହ ଓ ଗୃହପାଳିତ ପଶୁଗୁଡ଼ିକୁ ବେଶି ପ୍ରଭାବିତ କରୁଛି। ତେଣୁ ବାସଗୃହ ଚାରିପାଖରେ ନଡ଼ିଆ, ତାଳ, ଆମ୍ବ, ପଣସ ଆଦି ଉଚ୍ଚ ଗଛ ଲଗାଇବା ସହିତ ସାମାଜିକ ବନୀକରଣ ଏହି ବିପଦରୁ ପ୍ରଶମିତ କରିବାର ଏକ ଗୁରୁତ୍ୱପୂର୍ଣ୍ଣ ବିକଳ୍ପ । ଲୋକେ ଗୃହପାଳିତ ପଶୁ ବିଶେଷକରି ଗାଈ, ମଇଁଷି, ଛେଳି, ମେଣ୍ଢା ଆଦିଙ୍କୁ ବଜ୍ରପାତ ସମୟରେ ଗୁହାଳଘରେ ବାନ୍ଧି ରଖିବା ଶ୍ରେୟସ୍କର। ନିରାପଦ ସ୍ଥାନରେ ଥିଲେ ବର୍ଷା ଛାଡ଼ିଗଲେ ମଧ୍ୟ ଶେଷ ଘଡ଼ଘଡ଼ି ଶୁଣିବାର ଅତିକ୍ରମ୍ରେ ୨୦ମିନିଟ୍ ପରେ ପାରିପାର୍ଶ୍ୱିକ ପରିସ୍ଥିତି ଦେଖି ବାହାରକୁ ବାହାରିବା ଉଚିତ। ବଜ୍ରପାତ ସମୟରେ ପାଣି ମଧ୍ୟରେ ରୁହନ୍ତୁ ନାହିଁ, କୌଣସି ଧାତବ ବସ୍ତୁ ବା ବୈଦ୍ୟୁତିକ ସାମଗ୍ରୀକୁ ଛୁଅନ୍ତୁ ନାହିଁ ଓ ଏହି ସମୟରେ ମୋବାଇଲ ଫୋନ୍ ବ୍ୟବହାର ନ କରିବା ଭଲ। ଘରେଥିଲେ କବାଟ, ଝରକା ବନ୍ଦ ରଖନ୍ତୁ ଓ ଘର ବାରଣ୍ଡା ଆଦିରେ ବସନ୍ତୁ ନାହିଁ।

ଏହିସବୁ ତଥ୍ୟ ସମ୍ବନ୍ଧରେ ଜନସାଧାରଣଙ୍କ ମଧ୍ୟରେ ବଜ୍ରପାତରୁ ସୁରକ୍ଷା ବିଷୟରେ ସଚେତନତା ବୃଦ୍ଧିକରି ସେମାନଙ୍କ ମନରେ ଥିବା ଭ୍ରମାତ୍ମକ ଧାରଣାକୁ ଦୂର କରିବା ଅପରିହାର୍ଯ୍ୟ। ମନେରଖିବା ଉଚିତ ଯେ ବିପର୍ଯ୍ୟୟ ସମୟରେ ଜୀବନକୁବିପଦ ମୁହଁକୁ ଠେଲିଦେବା ଅପେକ୍ଷା ଏହାର ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବା ଶ୍ରେୟସ୍କର।

**ସାଇଲୋ, ବଡ଼ବିଲ, କଟକ**
**ମୋ– ୮୦୧୮୮୩୪୭୩୪**

## ଏଇ ଭାରତରେ

ପିଲା କେବଳ ପଢିଲେ ଆଜିର ସମାଜରେ ସଶକ୍ତ ହେବେ ତାହା ନୁହେଁ, ବରଂ ସେମାନଙ୍କୁ ଅନ୍ୟ ସବୁ ବିଷୟରେ ପାରଙ୍ଗମ କରିବାର ଆବଶ୍ୟକତା ରହିଛି ବୋଲି ହୃଦୟଙ୍ଗମ କରିଛନ୍ତି ଉତ୍ତରାଖଣ୍ଡର କମଲେଶ ଅଟୱାଲ। ଉତ୍ତରାଖଣ୍ଡରେ ଗ୍ରାମୀଣ ପିଲାମାନଙ୍କୁ ସେ ନିଆରା ପଦ୍ଧତିରେ ଶିକ୍ଷା ଦେଉଛନ୍ତି, ଯେଉଁଥିରେ ଛାତ୍ରୀଛାତ୍ରମାନେ ସମ୍ପୂର୍ଣ୍ଣ ଶିକ୍ଷା ପ୍ରାପ୍ତ ହେବା ସହ ଏକ ନିଆରା ଛାତ୍ର ନେତୃତ୍ୱଭିତ୍ତିକ ପରିବେଶ ସୃଷ୍ଟି କରିପାରୁଛନ୍ତି। ଛାତ୍ରମାନେ ଶିକ୍ଷାରୁ ବଞ୍ଚିତ ଅନ୍ୟ ଅଞ୍ଚଳର ଗ୍ରାମୀଣ ପିଲାଙ୍କୁ ପଢାଉଛନ୍ତି। କମଲେଶ ରହୁଛନ୍ତି ନାନକମତା ଗାଁରେ। ସେଠାରେ ନାନକମତା ପବ୍ଲିକ ସ୍କୁଲ(ଏନ୍ପିଏସ୍) ଖୋଲି ଏଭଳି ଶିକ୍ଷା ଦେଉଛନ୍ତି। ସେ ଜବାହରଲାଲ ନେହରୁ ବିଶ୍ୱବିଦ୍ୟାଳୟରେ ପିଏଚଡି କରିଛନ୍ତି। ଶ୍ରେଣୀ ଶିକ୍ଷା ବ୍ୟତୀତ ପ୍ରତିଦିନ ୪ଟାରୁ ୬ଟା ଯାଏ ଖେଳ, ଫିଲ୍ମ, କଳା ଓ ଚିତ୍ର ମାଧ୍ୟମରେ ସେମାନଙ୍କୁ ଶିକ୍ଷା ଦିଆଯିବାର ବ୍ୟବସ୍ଥା କରାଯାଇଛି। ଏହିସବୁ କାର୍ଯ୍ୟକ୍ରମର ନେତୃତ୍ୱ ପିଲାମାନେ ହିଁ ନେଉଛନ୍ତି। ଫଳରେ ପାରମ୍ପରିକ ଶ୍ରେଣୀ ଶିକ୍ଷା ତୁଳନାରେ ସେମାନେ ଅଧିକ କିଛି ଶିକ୍ଷା କରୁଛନ୍ତି। ସ୍ଥାନୀୟ ସମାଜ ଉପରେ ଫିଲ୍ମ ନିର୍ମାଣ କରି ଲୋକମାନଙ୍କ ଚାଲିଚଳଣ ଓ କାର୍ଯ୍ୟକଳାପ ସମ୍ପର୍କରେ ଅଧିକ ଅବଗତ ହୋଇପାରୁଛନ୍ତି। ପିଲାମାନେ ସ୍କୁଲରେ ଏକ ଫିଲ୍ମ କ୍ଲବ୍ ଗଠନ କରିଛନ୍ତି। ପ୍ରତି ମାସରେ ୱାଲ ମାଗାଜିନ ପ୍ରସ୍ତୁତ କରୁଛନ୍ତି। ଏପରିକି ସେମାନେ ଡିଜିଟାଲ ମାଗାଜିନ ପ୍ରକାଶ କରୁଛନ୍ତି। ପିଲାମାନେ ବିଭିନ୍ନ ଅଞ୍ଚଳରେ ୨୦ଟି କମ୍ୟୁନିଟି ସେଣ୍ଟର ଖୋଲି ଶିକ୍ଷାରୁ ବଞ୍ଚିତ ପିଲାମାନଙ୍କୁ ସ୍କୁଲକୁ ଆଣି ପଢାଉଛନ୍ତି। ଏବେ ଏନ୍ପିଏସ୍ରେ ୧୦୦୦ରୁ ଅଧିକ ପିଲା ପଢୁଛନ୍ତି। ମୁଖ୍ୟତଃ ନବମ ଓ ଦଶମ ପିଲାମାନେ ବିଭିନ୍ନ ପ୍ରୋଜେକ୍ଟରେ ଜଡ଼ିତ ରହୁଛନ୍ତି। ଏପରି କି ସ୍କୁଲରେ ପଢୁଥିବା ପିଲାମାନେ ସେମାନଙ୍କ ଅଞ୍ଚଳରେ ଲାଇବ୍ରେରି ଖୋଲି ତାହାର ପରିଚାଳନା କରୁଛନ୍ତି।

## ଚିରନ୍ତନୀ

''ଅଖିଳ ଜୀବର ବଂଶ
ହେଉ ଧନ୍ୟ ହେଉ ସମୁଜ୍ଜ୍ୱଳ
''ସତ୍ୟ ହେଉ ପୁଣ୍ୟ ହେଉ
ମହୀୟାନ ହେଉ ଚରାଚର।
–(ମହାଦୀପ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### କେହି କିଛି କହୁନାହାନ୍ତି

ମହାଶୟ,

ସମ୍ପ୍ରତି ଦୈତ୍ୟ ନଗରୀରେ ରାଜ ଅବରୋଧ ଏକ ସାଧାରଣ କଥା ହୋଇଗଲାଣି। ଏଥିପ୍ରତି କାହାରି ନଜର ନାହିଁ । ସର୍ବସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ ସରକାରୀ ରାସ୍ତାର ଦୁଇପଟେ ଧାଡ଼ି ଧାଡ଼ି ହୋଇ ଚାରିଚକିଆ ଏବଂ ଦୁଇ /ତିନି ଚକିଆ ଗାଡ଼ି ଏପରି ଭାବେ ରଖି ଦେଉଛନ୍ତି ଯେପରି ରାଜରାସ୍ତା ତାଙ୍କ ନିଜସ୍ୱ ସମ୍ପତ୍ତି, ତେଣିକି ଯିଏ ଯାହା ଭାବୁଛି ଭାବୁ ବା ଅସୁବିଧାର ସମ୍ମୁଖୀନ ହେଉଛି ହେଉ ସେଥିପ୍ରତି ତାଙ୍କର ତିଳେ ମାତ୍ର ନିଘା ନାହିଁ । ରାସ୍ତାର ଦୁଇପଟେ ଦୋକାନ କିଛି କିଛି ଅବରୋଧ କରିଥିବାବେଳେ ଗାଡି ରଖିବା ଦ୍ୱାରା ଜରୁରିକାଳୀନ ପରିସ୍ଥିତିରେ ଆମ୍ବୁଲାନ୍ସ ବା ଅଗ୍ନି ନିର୍ବାପକ ଯାନଟିଏ ଯିବା ମଧ୍ୟ କାଠିକର ପାଠ ହୋଇଯାଉଛି, ସାଧାରଣ ଜନତାଙ୍କ କଥା କିଏ ପଚାରେ ? ଅନେକେ ରାତିରେ ମଧ୍ୟ ଗାଡିଗୁଡିକ ରାସ୍ତା ଉପରେ ରଖିଦେଉଛନ୍ତି। ସେମାନଙ୍କର ଗ୍ୟାରେଜ ନାହିଁ, କିନ୍ତୁ ଲକ୍ଷ ଲକ୍ଷ ଟଙ୍କିଆ ଗାଡି କିଣି ରାସ୍ତାରେ ରଖିଦେଇ ଅନ୍ୟର ଅସୁବିଧାକୁ ଅଣଦେଖା କରିବା କେତେଦୂର ଯୁକ୍ତିଯୁକ୍ତ। ସହରର ଗଳି କନ୍ଦି ରାସ୍ତା, ଯେଉଁଠାରେ ଦେଖିବେ ଅନଧିକୃତ ପାର୍କିଂ ଦ୍ୱାରା ରାସ୍ତା ଅବରୋଧ ହୋଇଛି। ସମସ୍ତେ ଦେଖନ୍ତି ଏବଂ ଆଖି ବୁଜି ନିଜ ବାଟରେ ଚାଲି ଯାଆନ୍ତି। ଏହି ସମସ୍ୟା କେବଳ ଦୈତ୍ୟ ନଗରୀର ନୁହେଁ ଏହା ସାରା ଓଡ଼ିଶାର ଛୋଟ ବଡ଼ ସବୁ ସହରକୁ ଗ୍ରାସ କରିଲାଣି। ଏହାର ସମାଧାନ କେବେ ହେବ ? ଦୀପ ତଳ ଅନ୍ଧାର ପରି ରାସ୍ତା ଅବରୋଧ ହଟାଇବାକୁ କାହାରି ପାଟି ଫିଟୁ ନାହିଁ , କାରଣ ସମସ୍ତେ ଏଠାରେ ଭାଇ ଭାଇ କିଏ କାହା ବିରୁଦ୍ଧରେ ଯିବ ?

**– ବିଷ୍ଣୁ ପ୍ରସାଦ ଦାସ , ଝାଞ୍ଜିରମଙ୍ଗଳା,କଟକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ପୋଲିସ ଅଧିକାରୀଙ୍କୁ ୪ ବର୍ଷ ଜେଲ

କେନ୍ଦୁଝର,୨୯।୯(ନରେଶ ଚନ୍ଦ୍ର ପଟ୍ଟନାୟକ)

**ଲାଞ୍ଚ ନେବା ମାମଲା**

କେନ୍ଦୁଝରର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ଶୁକ୍ରବାର ଏକ ଲାଞ୍ଚ ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ରଶ୍ମିତା ଦଳେଇ ଏହାର ବିଚାର କରି ତତ୍କାଳୀନ ବାରିଆ ଥାନା ଅଧିକାରୀ କାଳୁଚରଣ ସ୍ୱାଇଁଙ୍କୁ ୪ ବର୍ଷ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହିତ ୩ ହଜାର ଟଙ୍କା ଜରିମାନା ଓ ଅନାଦାୟ ଅଧିକ ୨ ମାସ ଜେଲଦଣ୍ଡ ଭୋଗିବା ପାଇଁ ରାୟରେ ଉଲ୍ଲେଖ କରିଛନ୍ତି। ଦୋଷୀ ପୋଲିସ ଅଧିକାରୀ ସ୍ୱାଇଁଙ୍କ ଘର ଗଞ୍ଜାମ ଜିଲା ଭଞ୍ଜନଗର ଥାନା ଅଧୀନ ବାଲିପଦର ଗ୍ରାମରେ। ସେ ୨୦୧୭ ମାର୍ଚ୍ଚ ୩୧ରେ ନନ୍ଦିପଦା ଥାନାରୁ ସବ୍‌ଇନ୍ସପେକ୍ଟର ଭାବେ ଅବସର ଗ୍ରହଣ କରିସାରିଛନ୍ତି। ଦୋଷୀ ସାବ୍ୟସ୍ତ ହେବା ପରେ ତାଙ୍କୁ ଜେଲକୁ ପଠାଇ ଦିଆଯାଇଛି।

ମାମଲାର ବିବରଣୀ ଅନୁଯାୟୀ, ବାରିଆ ଥାନା ଅଞ୍ଚଳର ମନୋରଞ୍ଜନ ନାଏକ ଓ ତାଙ୍କ ସ୍ତ୍ରୀ ସରସ୍ୱତୀଙ୍କ ମଧ୍ୟରେ ମନୋମାଳିନ୍ୟ ହୋଇଥିଲା। ସ୍ତ୍ରୀଙ୍କ ଅଭିଯୋଗକ୍ରମେ ମନୋରଞ୍ଜନଙ୍କ ନାମରେ ବାରିଆ ଥାନାରେ ଏକ ନିର୍ଯାତନା ମାମଲା ରୁଜୁ ହୋଇଥିଲା। ତତ୍କାଳୀନ ଥାନା ଅଧିକାରୀ ସ୍ୱାଇଁ ୨୦୧୪ ଅକ୍ଟୋବର ୨୦ରେ ମନୋରଞ୍ଜନଙ୍କୁ ଥାନାକୁ ଡାକିଥିଲେ। ମାମଲାରୁ ତାଙ୍କ ମା'ବାପାଙ୍କ ନାମ କାଟିଦେବା ସହ କେସ୍ କୋହଳ କରିବାକୁ ୧୫ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏହାର ଗୋଟିଏ ଦିନ ପରେ ମନୋରଞ୍ଜନଙ୍କୁ କୋର୍ଟଚାଲାଣ କରିବା ପରେ କେସ୍ ଡାଏରୀ ଦେବା ପାଇଁ ୫ ହଜାର ଟଙ୍କା ଲାଞ୍ଚ ନେଇଥିଲେ। ମନୋରଞ୍ଜନ ଜାମିନ ପାଇ ଜେଲରୁ ଆସିବା ପରେ କେସ୍ କୋହଳ କରିବା ପାଇଁ ଥାନା ଅଧିକାରୀ ସ୍ୱାଇଁ ୬ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏ ନେଇ ମନୋରଞ୍ଜନ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ବାଲେଶ୍ୱର ଭିଜିଲାନ୍ସ ୟୁନିଟ୍ ପକ୍ଷରୁ ଏ ନେଇ ଏକ ମାମଲା(ନଂ. ୪୭/୧୪) ରୁଜୁ ହୋଇଥିଲା। ୨୦୧୪ ଡିସେମ୍ବର ୧ରେ ମନୋରଞ୍ଜନଙ୍କଠାରୁ ଥାନା ଭିତରେ ୬ ହଜାର ଟଙ୍କା ନେବା ବେଳେ ପୋଲିସ ଅଧିକାରୀ ସ୍ୱାଇଁ ଭିଜିଲାନ୍ସ ହାତରେ ଧରାପଡ଼ି ଜେଲ ଯାଇଥିଲେ। ମାମଲାରେ ୧୫ ଜଣ ସାକ୍ଷୀ ଏବଂ ତଦନ୍ତ ରିପୋର୍ଟକୁ ଭିତ୍ତିକରି କେନ୍ଦୁଝର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟର ବିଚାରପତି ଉକ୍ତ ରାୟ ଶୁଣାଇଥିବା ମାମଲା ପରିଚାଳନା କରୁଥିବା ସ୍ୱତନ୍ତ୍ର ପିପି ଦେବଦତ୍ତ ବିଶ୍ୱାଳ ସୂଚନା ଦେଇଛନ୍ତି।


**TPCODL**

**TP CENTRAL ODISHA DISTRIBUTION LIMITED**
(A Tata power and Odisha Govt. Joint Venture)
2nd Floor, IDCO Tower, Janpath, Bhubaneshwar, Odisha-751022

**NOTICE INVITING TENDER**
**NIT No.: TPCODL/P&S/NIT/23-24/18**

Bids are invited from eligible Bidders for the following tenders of Odisha Discoms, namely TPCODL/ TPNODL/TPWODL/TPSODL (JV of Tata Power & Odisha Govt.):

| Sl. No. | Tender Enquiry No. | Tender Description |
|---|---|---|
| 1 | TPCODL/P&S/1000000445/23-24 | SITC of RTU based Automation System at TPCODL Substations |
| 2 | TPCODL/P&S/1000000444/23-24 | Rate Contract for supply of Aluminum socket of various sizes. |
| 3 | TPCODL/P&S/1000000440/23-24 | Supply & Installation of Furniture at Technology Center, Bhubaneswar. |
| 4 | TPCODL/P&S/1000000443/23-24 | Supply of Line Voltage Regulator Transformer(LVRT) |
| 5 | TPCODL/P&S/1000000448/23-24 | Supply & Installation of Portable steel cabin for PSS Control room |

For more details like bid due date, EMD, tender fee, bid opening date etc. of the Tenders, please visit "Tender" section TPCODL website **https://www.tpcentralodisha.com**. All tenders will be available on TPCODL website w.e.f. from **dtd. 03.10.2023**. Future communication / corrigendum to tender documents, if any, shall be available on TPCODL website.



**कार्यपालक अभियंता का कार्यालय**
**ग्रामीण कार्य विभाग, कार्य प्रमण्डल, गढ़वा**

**मुख्यमंत्री ग्राम सड़क सुदृढ़ीकरण योजना**
**ई-निविदा आमंत्रण सूचना**

ई–निविदा संख्या – 12/2023-24/RWD/GARHWA    दिनांक – 29.09.2023

1. कार्य का विवरण :–

| क्र0 | प्रखण्ड | आईडेन्टी फिकेशन संख्या / पैकेज संख्या | | कार्य का नाम | प्राक्कलित राशि अंक में (लाख में) | प्राक्कलित राशि अक्षर में | कार्य समाप्ति की अवधि |
|---|---|---|---|---|---|---|---|
| 1 | मेराल | RWD/GARHWA/STPKG/09/ 2023-24 | 1 | पढुआ पी0एम0जी0एस0वाई0 पथ से उपाध्याय यादव के घर होते हुए पंचायत भवन तक पथ सुदृढ़ीकरण कार्य। (1.06 कि0मी0) | 1144.510 | ग्यारह करोड़ चौवालीस लाख इक्यावन हजार रूपये। | 09 महीना |
| | मेराल | | 2 | चामा दोहड़ा नदी पुल से मस्जिद होते हुए विश्वनाथ पासवान के घर तक पथ सुदृढ़ीकरण कार्य। (1.80 कि0मी0) | | | |
| | मेराल | | 3 | गढ़वा रमना पी0डब्लू0डी0 पथ मण्डप से नर्सरी तक पथ सुदृढ़ीकरण कार्य। (1.05 कि0मी0) | | | |
| | मेराल | | 4 | पी0एम0जी0एस0वाई0 रोड पानी टंकी से पंचायत भवन होते हुए नवका टोला तक पथ सुदृढ़ीकरण कार्य। (1.20 कि0मी0) | | | |
| | रंका | | 5 | एन0एच0–343 हुरदाग हेमन्त पासवान के घर से भुईयाँ टोला होते हुए बरवाही टोला तक पथ का सुदृढ़ीकरण कार्य। (2.80 कि0मी0) | | | |
| | रंका | | 6 | रंका चिनियाँ कदवा पी0डब्लू0डी0 पथ उतकमित मध्य विद्यालय डाले से डाले ग्राम तक पथ का सुदृढ़ीकरण कार्य। (1.00 कि0मी0) | | | |
| | रमकण्डा | | 7 | कछरवा से दाहो तक पथ सुदृढ़ीकरण कार्य। (1.05 कि0मी0) | | | |
| | चिनीयाँ | | 8 | हथबझवा से उतकमित मध्य विद्यालय हेतारकला होते हुए हेतारखुर्द तक पथ का सुदृढ़ीकरण कार्य। (4.15 कि0मी0) | | | |
| 2 | गढ़वा | RWD/GARHWA/STPKG/10/ 2023-24 | 1 | पी0एम0जी0एस0वाई0 रोड झलुआ बड़ी मस्जिद से स्कूल टोला होते हुए रींग रोड तक पथ का सुदृढ़ीकरण कार्य। (1.25 कि0मी0) | 1301.222 | तेरह करोड़ एक लाख बाईस हजार दो सौ रूपये। | 09 माह |
| | गढ़वा | | 2 | छतरपुर रींग रोड से ईदगाह होते हुए पी0डब्लू0डी0 रोड तक पथ का सुदृढ़ीकरण कार्य। (1.48 कि0मी0) | | | |
| | गढ़वा | | 3 | NH-343 लाली माटी से बगही हसकेर पॉलटेकनीक कॉलेज तक पथ का सुदृढ़ीकरण कार्य। (5.07 कि0मी0) | | | |
| | गढ़वा | | 4 | गढ़वा शाहपुर पेट्रोल पम्प हरैया से उमेश सिंह के घर तक पथ का सुदृढ़ीकरण कार्य। (0.70 कि0मी0) | | | |
| | गढ़वा | | 5 | झुरा पी0डब्लू0डी0 पथ से झुरा बस्ती तक पथ का सुदृढ़ीकरण कार्य। (2.06 कि0मी0) | | | |
| | गढ़वा | | 6 | संग्रहे स्टैण्ड से संग्रहेकला होते हुए पीडब्लू0डी0 रोड तक पथ का सुदृढ़ीकरण कार्य। (2.60 कि0मी0) | | | |
| | गढ़वा | | 7 | कोरवाडीह में टेंढ़वापार पुल से लेकर स्व0 हसन अंसारी के घर भाया प्राथमिक विद्यालय टेढ़वा तक पथ का सुदृढ़ीकरण कार्य। (1.23 कि0मी0) | | | |
| | गढ़वा | | 8 | लापो पी0डब्लू0डी0 मुख्य पथ से मस्जिद होते हुए ईमामु शाह के घर तक पथ का सुदृढ़ीकरण कार्य। (1.23 कि0मी0) | | | |
| 3 | रंका | RWD/GARHWA/STPKG/11/ 2023-24 | 1 | चिनीया पी0डब्लू0डी0 रोड नावाडीह से बेलवादामर होते हुए दुधवल आर0ई0ओ0 मुख्य पथ तक पथ का सुदृढ़ीकरण कार्य। (5.20 कि0मी0) | 1053.352 | दस करोड़ तिरपन लाख पैंतीस हजार दो सौ रूपये। | 09 माह |
| | रंका | | 2 | खपरो पी0एम0जी0एस0वाई0 रोड से मोमीनपुर होते हुए मतौली डालटनगंज पी0डब्लू0डी0 रोड तक पथ का सुदृढ़ीकरण कार्य। (4.45 कि0मी0) | | | |
| | रंका | | 3 | रंका रमकण्डा पी0डब्लू0डी0 पथ से जासोबार ग्राम तक पथ का सुदृढ़ीकरण कार्य। (4.05 कि0मी0) | | | |
| 4 | गढवा | RWD/GARHWA/STPKG/12/ 2023-24 | 1 | बेलचम्पा तिलदाग पी0डब्लू0डी0 रोड मसुरिया कला से बाना शहादत शेख के घर तक पथ का सुदृढ़ीकरण कार्य। (2.70 कि0मी0) | 1216.773 | बारह करोड़ सोलह लाख सतहत्तर हजार तीन सौ रूपये। | 09 माह |
| | गढ़वा | | 2 | NH-343 से तुलबुला होते हुए बानुटीकर तेनवर तक पथ का सुदृढ़ीकरण कार्य। (12.90 कि0मी0) | | | |
| 5 | गढ़वा | RWD/GARHWA/STPKG/13/ 2023-24 | 1 | गढ़वा मझिऑव पी0डब्लू0डी0 पथ से एन0एच0–75 भाया गुर्दी तक पथ का सुदृढ़ीकरण कार्य। (10.40 कि0मी0) | 1372.968 | तेरह करोड़ बहत्तर लाख छियानबे हजार आठ सौ रूपये। | 09 माह |
| | गढ़वा | | 2 | गढ़वा शाहपुर पी0डब्लू0डी0 रोड से अंचला पंचायत भवन होते हुए एन0एच0–343 पचपड़वा तक पथ का सुदृढ़ीकरण कार्य। (7.10 कि0मी0) | | | |

2. वेबसाईट पर निविदा प्रकाशन की तिथि :– 10.10.2023
3. ई–निविदा प्राप्ति की अंतिम तिथि एवं समय :– 16.10.2023 अपराह्न 5:00 बजे तक।
4. (क) मुख्य अभियंता कार्यालय, ग्रा0का0वि0, झारखण्ड, राँची अथवा (ख) जिला नियंत्रण कक्ष, राँची अथवा (ग) जिला नियंत्रण कक्ष, गढ़वा में से किसी भी कार्यालय में निविदा शुल्क एवं अग्रधन की राशि जमा करने की अंतिम तिथि एवं समय:– दिनांक 17.10.2023 अपराह्न 03:30 बजे तक।
5. निविदा शुल्क एवं अग्रधन की राशि स्पीड पोस्ट के माध्यम से भी भेजा जा सकता है। यह निविदाकार की जिम्मेवारी होगी कि स्पीड पोस्ट के माध्यम से भेजा जाने वाला निविदा शुल्क एवं अग्रधन की राशि निर्धारित तिथि एवं समय से पूर्व प्राप्त हो जाय। अंतिम तिथि एवं समय से पूर्व प्राप्त निविदा शुल्क एवं अग्रधन की राशि पर ही विचार किया जायेगा।
6. निविदा खोलने की तिथि एवं समय :– 19.10.2023 पूर्वाह्न 11:30 बजे।
7. निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रा0का0वि0 कार्य प्रमंडल, गढ़वा।
8. ई–निविदा प्रकोष्ठ का दूरभाष सं0:–9431586961
9. निविदा शुल्क झारखण्ड राज्य में अवस्थित भारतीय स्टेट बैंक/अन्य राष्ट्रीयकृत बैंक द्वारा निविदाकार के नाम/खाता से ही निर्गत बैंक ड्राफ्ट/बैंकर्स चेक के रूप में कार्यपालक अभियंता, ग्रामीण कार्य विभाग, कार्य प्रमंडल, गढ़वा के पक्ष में भुगतेय होगा जो लौटाया नही जायेगा।

विस्तृत जानकारी के लिए वेबसाईट www.jharkhandtenders.gov.in पर देखा जा सकता है।

कार्यपालक अभियंता
ग्रामीण कार्य विभाग, कार्य प्रमंडल, गढ़वा

PR 307977 Rural Work Department (23-24)_D


# ରାଜ୍ୟରେ କାର୍ଯ୍ୟ କରୁଛି ୨୦୦ ଆଇଟି, ଇଲେକ୍ଟ୍ରୋନିକ୍ସ ସଂସ୍ଥା

- ମନ୍ତ୍ରୀଙ୍କ ଉତ୍ତରର ଉଚ୍ଚସ୍ତରୀୟ ତଦନ୍ତ ହେଉ: ସାଲୁଜା
- ସରକାରଙ୍କ ଆଇଟି ପଲିସି ବିଫଳ ହୋଇଛି: ପୃଥ୍ୱୀରାଜ

ଭୁବନେଶ୍ୱର, ୨୯।୯(ସୁନିତ୍ ମିଶ୍ର)

ରାଜ୍ୟର ଅଧିକାଂଶ ଆଇଟି କମ୍ପାନୀ ଖୋର୍ଦ୍ଧା ଜିଲାରେ ରହିଛି। ଏହି କମ୍ପାନୀଗୁଡ଼ିକରେ ବର୍ତ୍ତମାନ ପ୍ରାୟ ୩୪ ହଜାର କର୍ମଚାରୀ କାର୍ଯ୍ୟ କରୁଛନ୍ତି। ରାଜ୍ୟରେ ୩୦ଟି ଇଲେକ୍ଟ୍ରୋନିକ୍ସ କମ୍ପାନୀ କାର୍ଯ୍ୟ କରୁଛନ୍ତି। ସେହିପରି ୧୭୦ଟି ଆଇଟି ସଂସ୍ଥା କାର୍ଯ୍ୟକ୍ଷମ ଅଛି। ଏଗୁଡ଼ିକ ପ୍ରାୟ ଖୋର୍ଦ୍ଧା ଜିଲାରେ ରହିଛି ବୋଲି ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ତୁଷାରକାନ୍ତି ବେହେରା ଶୁକ୍ରବାର ସୂଚନା ଦେଇଛନ୍ତି। ବିଧାୟକ ଧ୍ରୁବଚରଣ ସାହୁ ବିଧାନସଭାରେ ପଚାରିଥିବା ଏ ସମ୍ପର୍କିତ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ବେହେରା ଏହା କହିଛନ୍ତି। ମନ୍ତ୍ରୀ ଆହୁରି କହିଛନ୍ତି, ରାଜ୍ୟରେ କାର୍ଯ୍ୟ କରୁଥିବା ୨୦୦ଟି ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି କମ୍ପାନୀ ୨୦୨୨-୨୩ ଆର୍ଥିକ ବର୍ଷରେ ରାଜ୍ୟରେ ୬,୧୦୦ କୋଟି ଟଙ୍କାର ରପ୍ତାନି କରିଥିଲେ। ୨୦୨୩-୨୪ ଆର୍ଥିକ ବର୍ଷରେ ରାଜ୍ୟରେ ଏହି ସଂସ୍ଥାଗୁଡ଼ିକ ୭୦୦୦ କୋଟି ଟଙ୍କାର ରପ୍ତାନି କରିବେ ବୋଲି ଆଶା ରଖାଯାଇଛି ବୋଲି ମନ୍ତ୍ରୀ କହିଛନ୍ତି। ବିରୋଧୀ ଭାଜପା ଓ କଂଗ୍ରେସ ମନ୍ତ୍ରୀଙ୍କ ଏଭଳି ଉତ୍ତର ପରେ ପାଲଟା ଜବାବ ରଖି ଏହାର ତଦନ୍ତ ହେବା ଦରକାର ବୋଲି ଦାବି କରିଛନ୍ତି। ଜଣେ ବିଧାୟକ ଯେତେବେଳେ ଜିଲାୱାରି ତଥ୍ୟ ମାଗୁଛନ୍ତି ଏହି ଦିଗ ପ୍ରତି ଅଣଦେଖା କରାଯାଉଛି। କଂଗ୍ରେସ ବିଧାୟକ ସନ୍ତୋଷ ସିଂ ସାଲୁଜା କହିଛନ୍ତି, ଇଲେକ୍ଟ୍ରୋନିକ୍ସ ଓ ଆଇଟି କମ୍ପାନୀ ଯେତିକି ରପ୍ତାନି ରାଜ୍ୟରେ କରୁଥିବା କଥା ଏମାନେ ଦେଖାଉଛନ୍ତି ତାହା କେବଳ ସବ୍‌ସିଡି ନେବା ଲାଗି ଉଦ୍ଦିଷ୍ଟ। ବାସ୍ତବରେ ଏତେ ରପ୍ତାନି ରାଜ୍ୟରେ ସେମାନେ କରୁନାହାନ୍ତି। ଅନ୍ୟପଟେ ୩୪ ହଜାର କର୍ମଚାରୀଙ୍କୁ ଆଇଟି ସଂସ୍ଥାରେ ନିଯୁକ୍ତି ଦେଇଥିବା ନେଇ ଦର୍ଶାଇବା ହାସ୍ୟାସ୍ପଦ କଥା। ଏହାର ୧୦ ପ୍ରତିଶତ ନିଯୁକ୍ତି ପାଇଥିଲେ ବହୁତ କଥା। ମନ୍ତ୍ରୀ ଏହି ପ୍ରଶ୍ନରେ ମନଇଚ୍ଛା ଉତ୍ତର ରଖିଛନ୍ତି। ମନ୍ତ୍ରୀଙ୍କ ତଥ୍ୟ ଅନୁଯାୟୀ ଏକ ଉଚ୍ଚସ୍ତରୀୟ ତଦନ୍ତ ହେବା ଦରକାର ବୋଲି ସାଲୁଜା କହିଛନ୍ତି।

ଭାଜପା ନେତା ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ରାଜ୍ୟର ବଡ଼ ଆଇଟି କମ୍ପାନୀର ସଫଳତା ଏବଂ ରପ୍ତାନିକୁ ନେଇ ସରକାର ବହୁ କଥାରୁ ଖସିଯିବାକୁ ବସିଛନ୍ତି। ସରକାର କେତେ ସ୍ଥାନୀୟ ଆଇଟି ସଂସ୍ଥାକୁ ପ୍ରୋତ୍ସାହନ ଦେଇଛନ୍ତି ସେକଥା କହୁନାହାନ୍ତି। ସରକାର ଆଇଟି ପଲିସି ବିଷୟରେ ବ୍ୟାପକ ପ୍ରଚାର କଲେ, ହେଲେ ସେକଥା ମଧ୍ୟ ଧୂଆଁବାଣ ପାଲଟିଛି। ୩୪ ହଜାର କର୍ମଚାରୀ କାର୍ଯ୍ୟ କରୁଥିବା ନେଇ ମନ୍ତ୍ରୀ ଉତ୍ତର ରଖିଛନ୍ତି। ହେଲେ ସେହି କର୍ମଚାରୀଙ୍କ ମଧ୍ୟରୁ ଅଧିକାଂଶ ହାତଗଣତି ବଡ଼ ସଂସ୍ଥାରେ କାର୍ଯ୍ୟ କରୁଛନ୍ତି। ନ ହେଲେ ଓଡ଼ିଶାର ଆଇଟି ସେକ୍ଟରରେ କାର୍ଯ୍ୟ କରିବାକୁ ଚାହୁଁଥିବା ପିଲାମାନେ ବାହାର ରାଜ୍ୟକୁ କାହିଁକି ଯାଉଛନ୍ତି। ରାଜ୍ୟରେ ବହୁ ଆଇଟି କମ୍ପାନୀର ହିସାବ ସରକାର ଦେଉଛନ୍ତି ଯେଉଁଗୁଡ଼ିକ ମଧ୍ୟରୁ ଅଧିକାଂଶ ସଂସ୍ଥା ଡାଟା ଏଣ୍ଟ୍ରି ଆଦି ଛୋଟ ସଂସ୍ଥା କରି ନିଜର ଗୁଜୁରାଣ ମେଣ୍ଟାଉଛନ୍ତି ବୋଲି ପୃଥ୍ୱୀରାଜ କହିଛନ୍ତି।

# ଶାଶୁ, ଶ୍ୱଶୁର ଓ ଜ୍ୱାଇଁ ମୃତ

## ବାଇକ୍‌କୁ ଧକ୍କା ଦେଲା ଟଙ୍କା ଭର୍ତ୍ତି ଏଟିଏମ୍ ଭ୍ୟାନ୍

ଘସିପୁରା,୨୯।୯(ନିରଞ୍ଜନ ସାହୁ)

କେନ୍ଦୁଝର ଜିଲା ଆନନ୍ଦପୁର ଥାନା ଅଧୀନ ୫୩ ନଂ. ରାଜ୍ୟ ରାଜପଥର ପଦ୍ମପୁର ଛକଠାରେ ଶୁକ୍ରବାର ମଧ୍ୟାହ୍ନରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ ବାଇକ୍ ସହିତ ଟଙ୍କା ଭର୍ତ୍ତି ଏଟିଏମ୍ ଭ୍ୟାନ୍‌ର ଧକ୍କା ହୋଇଛି। ଦୁର୍ଘଟଣାରେ ବାଇକ୍‌ରେ ଥିବା ୩ ଜଣଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ଘସିପୁରା ଥାନା କଳାବିଲା ଗ୍ରାମର ସହଦେବ ବେହେରା, ଚାନ୍ଦିନୀ ବେହେରା ଓ ଅଭିରାମ ବେହେରା। ମୃତକମାନେ ସମ୍ପର୍କରେ ଶାଶୁ, ଶ୍ୱଶୁର ଓ ଜ୍ୱାଇଁ ବୋଲି ଜଣାପଡ଼ିଛି। ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

ସୂଚନା ଅନୁଯାୟୀ, ଶ୍ୱଶୁର ସହଦେବ, ଶାଶୁ ଚାନ୍ଦିନୀ ଜ୍ୱାଇଁ ଅଭିରାମଙ୍କ ବାଇକ୍ ଯୋଗେ ଝିଅ ଘର ମୟୂରଭଞ୍ଜ ଜିଲା କରଞ୍ଜିଆ ଥାନା ବାଟପଳସା ଗ୍ରାମକୁ ଆସୁଥିଲେ। ଜ୍ୱାଇଁ ବାଇକ୍ ଚଳାଉଥିବାବେଳେ ଶାଶୁ, ଶ୍ୱଶୁର ବସିଥିଲେ। ପଦ୍ମପୁର ଗେଟ୍ ଛକଠାରେ ଏକ ଟଙ୍କା ଭର୍ତ୍ତି ଏଟିଏମ୍ ଭ୍ୟାନ ସହିତ ତାଙ୍କ ବାଇକ୍ ମୁହାଁମୁହିଁ ଧକ୍କା ହୋଇଥିଲା। ୩ଜଣ ରାସ୍ତାରେ ୨୦ ଫୁଟ୍ ଦୂରକୁ ଛିଟିକି ପଡ଼ି ଗୁରୁତର ହୋଇଥିଲେ। ପୋଲିସ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ସମସ୍ତଙ୍କୁ ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା। ମାତ୍ର ସେଠାରେ ଡାକ୍ତର ସମସ୍ତଙ୍କୁ ମୃତ ଘୋଷଣା କରିଥିଲେ। ଦୁର୍ଘଟଣା ଘଟାଇଥିବା ଚାଳକ ଆନନ୍ଦପୁର ଥାନାରେ ଆତ୍ମ ସମର୍ପଣ କରିଛନ୍ତି। ଉକ୍ତ ଗାଡ଼ିରେ ଥିବା ଟଙ୍କାକୁ ସମ୍ପୃକ୍ତ ବ୍ୟାଙ୍କ କର୍ମଚାରୀ ନେଇ ପୋଲିସ ହେପାଜତରେ ଏଟିଏମ୍‌ରେ ଭର୍ତ୍ତି କରିଥିଲା। ପରେ ପୋଲିସ ଗାଡ଼ିକୁ ଜବତ କରିଥିଲା। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ଥାନାରେ ଏକ ମାମଲା (ନଂ.୨୨୫/୨୩) ରୁଜୁ ହୋଇ ତଦନ୍ତ ଚାଲିଥିବା ଥାନା ଅଧିକାରିଣୀ ଦେବକୀ ନାଇକ ସୂଚନା ଦେଇଛନ୍ତି।

# ଜାତୀୟସ୍ତରରେ ୬ଷ୍ଠ ସ୍ଥାନରେ କିଟ୍

**THE World University Rankings**

**ଟାଇମ୍ସ ବିଶ୍ୱ ବିଶ୍ୱବିଦ୍ୟାଳୟ ର୍ୟାଙ୍କିଙ୍ଗ୍**



ଭୁବନେଶ୍ୱର,୨୯।୯
(ଅନୁରାଧା ମହାରଣା)

ଟାଇମ୍ସ ହାୟର ଏଜୁକେଶନ ବିଶ୍ୱ ବିଦ୍ୟାଳୟ ର୍ୟାଙ୍କିଙ୍ଗ୍ ୨୦୨୪ ପ୍ରକାଶ ପାଇଛି। ଏଥିରେ କିଟ୍ ବିଶ୍ୱ ବିଦ୍ୟାଳୟ ବିଶ୍ୱ ତଥା ସର୍ବଭାରତୀୟ ସ୍ତରରେ ତା'ର ସ୍ଥାନ ବଜାୟ ରଖିଛି। ଚଳିତବର୍ଷ ଭଲ ପ୍ରଦର୍ଶନ ସହ ର୍ୟାଙ୍କିଙ୍ଗ୍‌ରେ ଆହୁରି ଉନ୍ନତି କରିଛି। ସର୍ବଭାରତୀୟସ୍ତରରେ ୬୦୧ ସ୍କୋର୍ ହାସଲ କରିବା ସହ ୯୧ଟି ବିଶ୍ୱବିଦ୍ୟାଳୟ ମଧ୍ୟରେ କିଟ୍ ୬ଷ୍ଠ ସ୍ଥାନରେ ରହିଛି। ଏଥିସହ ଦେଶର ପୂର୍ବାଞ୍ଚଳ ଏବଂ ଓଡିଶାର ବିଶ୍ୱବିଦ୍ୟାଳୟଗୁଡ଼ିକ ମଧ୍ୟରେ ପ୍ରଥମ ସ୍ଥାନରେ ରହିପାରିଛି। ଶୈକ୍ଷିକ ପରିବେଶ, ଗବେଷଣା, ଆବୃତି, ଅନ୍ତର୍ଜାତୀୟ ଦୃଷ୍ଟିକୋଣ ଓ ଇଣ୍ଡଷ୍ଟ୍ରି ଇନ୍‌କମ୍ ଆଦି ମାନଦଣ୍ଡକୁ ନେଇ ଏହି ର୍ୟାଙ୍କ ପ୍ରସ୍ତୁତ କରାଯାଇଛି। ବିଶ୍ୱର ସମସ୍ତ ବିଶ୍ୱବିଦ୍ୟାଳୟକୁ ନେଇ ଟାଇମ୍ସ ହାୟର ଏଜୁକେଶନ ଏହି ର୍ୟାଙ୍କ ପ୍ରସ୍ତୁତ କରିଥାଏ। ଏନେଇ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କିଟ୍‌ର ସମସ୍ତ ଅଧ୍ୟାପିକା, ଅଧ୍ୟାପକ, ଛାତ୍ରୀଛାତ୍ର ଓ କର୍ମଚାରୀଙ୍କ ମିଳିତ ପ୍ରୟାସ ଯୋଗୁ ଏହା ସମ୍ଭବ ହୋଇପାରିଛି ବୋଲି କହିଛନ୍ତି।

# ଲାଞ୍ଚ ନେଇ ଭିଜିଲାନ୍ସ ଜାଲରେ ସହକାରୀ ଯନ୍ତ୍ରୀ

ରାୟଗଡ଼ା,୨୯।୯
(ଆଶିଷ ରଞ୍ଜନ ପଣ୍ଡା)



ଠିକାଦାରଙ୍କଠାରୁ ୭ ହଜାର ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ଜନସ୍ୱାସ୍ଥ୍ୟ ବିଭାଗର ଏଷ୍ଟିମେଟର ତଥା ସହକାରୀ ଯନ୍ତ୍ରୀ ରମାକାନ୍ତ ମଲିକ। କୋରାପୁଟ ଭିଜିଲାନ୍ସ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ଏସପି ଅରୁଣ କୁମାର ନାୟକଙ୍କ ନେତୃତ୍ୱରେ ରାୟଗଡ଼ା ଭିଜିଲାନ୍ସ ଇନସ୍ପେକ୍ଟର ତରୁଲତା ବେହେରା ଟିମ୍ ସହିତ ସିରିଗୁଡ଼ା ଛକସ୍ଥିତ ଜନସ୍ୱାସ୍ଥ୍ୟ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଚଢ଼ାଉ କରି ରମାକାନ୍ତଙ୍କଠାରୁ ଲାଞ୍ଚ ଟଙ୍କା ଜବତ କରିବା ସହ ତାଙ୍କୁ ଗିରଫ କରିଛନ୍ତି। ରମାକାନ୍ତ ଅନେକ ଦୁର୍ନୀତି କାରବାରରେ ଲିପ୍ତ ଥିବା ଭିଜିଲାନ୍ସ ଜାଣିବା ପରେ ସେ ରହୁଥିବା ସିରିକଣାସ୍ଥିତ ଭଡ଼ା ଘରେ ମଧ୍ୟ ଚଢ଼ାଉ କରି ଖୋଳତାଡ଼ କରିଛି। ଏଥିସହିତ ଅନ୍ୟାନ୍ୟ ସ୍ଥାନରେ ଚଢ଼ାଉ ଚାଲିଥିବା ଇନସ୍ପେକ୍ଟର ତରୁଲତା ସୂଚନା ଦେଇଛନ୍ତି।

ଝଞ୍ଜାବତୀ ନଦୀରେ ଥିବା ପମ୍ପ ହାଉସ ମରାମତି ବାବଦର ଏଷ୍ଟିମେଟ କରିବା ପାଇଁ ଠିକାଦାର ସୁମନ୍ତ ପରିଡା ବାରମ୍ବାର ଜନସ୍ୱାସ୍ଥ୍ୟ ବିଭାଗରେ କାର୍ଯ୍ୟରତ ସହକାରୀ ଯନ୍ତ୍ରୀ ରମାକାନ୍ତଙ୍କ ପାଖକୁ ଯାଉଥିଲେ। ଏଷ୍ଟିମେଟ କରିବା ପାଇଁ ରମାକାନ୍ତ ଠିକାଦାର ସୁମନ୍ତଙ୍କୁ ୭ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ସୁମନ୍ତ ଏ ନେଇ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ପୂର୍ବ ନିର୍ଦ୍ଧାରିତ ଯୋଜନା ଅନୁଯାୟୀ ଶୁକ୍ରବାର ସକାଳ ପ୍ରାୟ ୧୧ଟାରେ ସୁମନ୍ତ ପାଉଡର ଲଗା ଟଙ୍କା ନେଇ ରମାକାନ୍ତଙ୍କୁ ଦେବା ବେଳେ ଭିଜିଲାନ୍ସ ତାଙ୍କୁ କାବୁ କରିଥିଲା। ରମାକାନ୍ତଙ୍କୁ ଭିଜିଲାନ୍ସ କାର୍ଯ୍ୟାଳୟକୁ ନେଇ ପଚରାଉଚୁରା କରାଯାଇଛି। ଏ ନେଇ କୋରାପୁଟ ଭିଜିଲାନ୍ସ ପକ୍ଷରୁ ୩୦/୨୩ରେ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରହିଥିବା ରାୟଗଡ଼ା ଭିଜିଲାନ୍ସ ଇନିସ୍ପେକ୍ଟର ତରୁଲତା ବେହେରା କହିଛନ୍ତି।

# ଲାଞ୍ଚ ନେବାବେଳେ ସୁପରଭାଇଜରଙ୍କୁ ଧରିଲା ଭିଜିଲାନ୍ସ

**୫ହଜାର ୪ଶହ ଟଙ୍କା ଜବତକଲା ଭିଜିଲାନ୍ସ**

ନବରଙ୍ଗପୁର,୨୯।୯(ସଦାଶିବ ପ୍ରହରାଜ)



ରାଜେଶ୍ୱରୀ ରାଜକୁମାରୀ ନାଗ

ଅଙ୍ଗନୱାଡି କର୍ମୀଙ୍କଠାରୁ ଖର୍ଚ୍ଚ ବିଲ୍ ପାଇଁ ଲାଞ୍ଚ ନେବାବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି କୋଡିଗାଁ ସେକ୍ଟର ଆଇସିଡିଏସ୍ ସୁପରଭାଇଜର ରାଜେଶ୍ୱରୀ ରାଜକୁମାରୀ ନାଗ। ତାଙ୍କୁ ଗିରଫ କରିବା ସହ ଭିଜିଲାନ୍ସ ଅଧିକାରୀ ଟଙ୍କା ଜବତ କରିଛନ୍ତି। ସୂଚନାନୁଯାୟୀ ଶିଶୁଙ୍କ ପାଇଁ ଉଦ୍ଦିଷ୍ଟ ଖେଳନା, ପୋଷଣ ଖାଦ୍ୟ ଆଦି ବାବଦରେ ବିଲ୍ କରିବା ପାଇଁ ସୁପରଭାଇଜର ରାଜେଶ୍ୱରୀ କୋଷାଗୁମୁଡା ବ୍ଲକ କୋଡିଗାଁ ସେକ୍ଟର ବନ୍ଦିଗୁଡା ଅଙ୍ଗନୱାଡି କର୍ମୀ ସୁବାଶିତା ପାତ୍ରଙ୍କୁ ୫ହଜାର ୪ଶହ ଟଙ୍କା ଲାଞ୍ଚ ମାଗିଥିଲେ। ଉକ୍ତ ଅର୍ଥକୁ ନେବାକୁ କୋଡିଗାଁସ୍ଥିତ ଅଙ୍ଗନୱାଡି କେନ୍ଦ୍ରକୁ ଡାକିଥିଲେ। ପୂର୍ବ ଯୋଜନାନୁଯାୟୀ ନବରଙ୍ଗପୁର ଭିଜିଲାନ୍ସ ଟିମ୍ ସେଠାରେ ପହଞ୍ଚି ସୁପରଭାଇଜରଙ୍କୁ କାବୁ କରିବା ସହ ତାଙ୍କଠାରୁ ରାସାୟନିକ ବୋଳା ଟଙ୍କା ଜବତ କରିଥିଲେ। ଏ ନେଇ କୋରାପୁଟ ଭିଜିଲାନ୍ସ ପକ୍ଷରୁ କେସ୍ ନଂ. ୩୧/୨୦୨୩ ରେ ମାମଲା ରୁଜୁକରି ତାଙ୍କୁ ଗିରଫ କରାଯାଇଛି। କୋର୍ଟ ଚାଲାଣ କରାଯିବ ବୋଲି ସୂଚନା ମିଳିଛି। ତାଙ୍କ କୋଡିଗାଁ ସେକ୍ଟର ଅଫିସ ଓ ସେନାପତି ସାହିସ୍ଥିତ ବାସଭବନରେ ମଧ୍ୟ ଚଢ଼ାଉ ହୋଇଥିଲା। ତଦନ୍ତ ପରେ ସବିଶେଷ ତଥ୍ୟ ଜଣାପଡିବ ବୋଲି ଭିଜିଲାନ୍ସ ବିଭାଗ ପକ୍ଷରୁ କୁହାଯାଇଛି। ଏହି ଚଢ଼ାଉରେ ନବରଙ୍ଗପୁର ଭିଜିଲାନ୍ସ ଡିଏସ୍‌ପି ଜୟଶ୍ରୀ ପ୍ରଧାନ ଓ ଷ୍ଟାଫ୍ ଏବଂ ଜୟପୁର ଭିଜିଲାନ୍ସ ଡିଏସ୍‌ପି ଅଭୟ ପ୍ରଧାନ, ଇନ୍ସପେକ୍ଟର ସରିତା ତ୍ରିପାଠୀ ଓ ଷ୍ଟାଫ୍ ସାମିଲ ଥିଲେ।


**CAREER APPOINTMENT**
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**OrissaPOST** English daily

**WANTED**

**Visual Graphic Designers**
- Candidate should be able to create visual packages & attractive news / stories for digital audiences.
- Develop graphics and visuals for product illustrations.
- Responsible for creating on screen text, video graphics, developing company creatives, assist with custom graphics & packages and building marketing material.

**Layout Designers**
- Minimum 3 years+ experience in print media.
- Proficiency in QuarkXPress, Photoshop cs3, CorelDRAW is a must.

Apply within 7 days to : recruitment@orissapost.com

Pay & perks will be the best in the industry for deserving candidates.

**PARADIP PORT AUTHORITY**
PARADIP-754142, ODISHA (INDIA)
(An autonomous body under Ministry of Ports, Shipping & Waterways, Govt. of India)

No. AD/RSC-22/36/201516(Pt.)/2097    Dated, the 25th Sept, 2023

**Advertisement**

Applications are invited from Indian Nationals for engagement of **01 (one) Chief Manager (Environment)** on contractual basis in Paradip Port Authority.

For further details, visit our website https://paradipport.gov.in/Carrer.aspx.

Sd/-
Sr. Assistant Secretary,
Paradip Port Authority

PPA/PR/49/2023-24 Dt. 26/09/2023

**ଦ.ପୂ. ରେଳପଥ - ଟେଣ୍ଡର**

ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ୪୦-ଇଏଲ୍-ଡବ୍ଲ୍ୟୁଟି-୨୦୨୩-୨୪ । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ କାର୍ଯ୍ୟରତ ସିନିୟର ଡିଭିଜନାଲ ଇଲେକ୍ଟ୍ରିକାଲ ଇଞ୍ଜିନିୟର (ଜି)/ଚକ୍ରଧରପୁର ଖୋଲା ଟେଣ୍ଡର ବାବଦରେ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । ଏହି ଟେଣ୍ଡର ପାଇଁ ମାନୁଆଲ୍ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ । **କାର୍ଯ୍ୟର ନାମ:** ଡିପାର୍ଚର୍ ୟାର୍ଡଠାରେ ରେକ୍ ଏକ୍‌ଜାମିନେଶନ ସୁବିଧାର ଉନ୍ନତୀକରଣ । **ଟେଣ୍ଡର ମୂଲ୍ୟ:** ₹ ୧,୬୦,୨୯,୮୫୦.୭୭ । **ଇଏମ୍‌ଡି:** ₹ ୨,୩୦,୨୦୦/-। **ଟେଣ୍ଡର କାଗଜପତ୍ର ମୂଲ୍ୟ:** ଶୂନ୍ୟ । **ବନ୍ଦ ହେବା/ଖୋଲାଯିବା ତାରିଖ:** ତା୨୩।୧୦।୨୦୨୩ରିଖ ୧୫.୦୦ ଘଟିକା । ଟେଣ୍ଡର ୱେବ୍‌ସାଇଟ୍ http://www.ireps.gov.inରେ ଦେଖାଯାଇପାରିବ। ଟେଣ୍ଡରଦାତା/ବିଡରମାନଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍‌ନେଚର୍ ସାର୍ଟିଫିକେଟ୍ ରହିଥିବା ଓ ସେ ଆଇଆର୍‌ଇପିଏସ୍ ପୋର୍ଟାଲ୍‌ରେ ପଞ୍ଜୀକୃତ ହୋଇଥିବା ନିହାତି ଜରୁରୀ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ସମ୍ବନ୍ଧୀୟ କାଗଜପତ୍ର ଅପଲୋଡ୍ କରାଯିବା ଜରୁରୀ । (PR-651)

See Career Appointment on every Wednesday & Saturday

**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ.eT-M-KUR-BHCSTNCLG-235-23

**କାର୍ଯ୍ୟର ନାମ** 03 (ତିନି)ବର୍ଷ (1096 ଦିନ) ସମୟ ଅବଧି ନିମନ୍ତେ ଭଦ୍ରକ (BHC) ଷ୍ଟେସନ ସହିତ ପ୍ଲାଟଫର୍ମ, ୟାର୍ଡ଼, ଟ୍ରାକ୍, କାର୍ଯ୍ୟାଳୟ ଭବନ, ଆରକ୍ଷଣ କାର୍ଯ୍ୟାଳୟ, କନକୋର୍ସ ଏରିଆ, ପରିଚାଳନ କ୍ଷେତ୍ର, ପ୍ରତୀକ୍ଷା ହଲ, ହୋମ୍ ସିଗ୍‌ନାଲ ଠାରୁ ହୋମ୍ ସିଗ୍‌ନାଲ ଇତ୍ୟାଦି ପର୍ଯ୍ୟନ୍ତ ୟାର୍ଡ଼ଗୁଡ଼ିକର ସଫେଇ ଏବଂ ଗୃହ ପରିଚାଳନା (Housekeeping) ତଥା ଭଦ୍ରକ (BHC) କଲୋନୀର ସଫେଇ ଓ ଗୃହ ପରିଚାଳନା ତଥା କାଳୀପୂଜା ନିମନ୍ତେ ବାର୍ଷିକ ଅତିରିକ୍ତ ଆବଶ୍ୟକ ହେଉଥିବା 500 Cu ft. ଆବର୍ଜନାର ନିଷ୍କାସନ ।

**ବିଜ୍ଞାପିତ ମୂଲ୍ୟ (₹) :** 6,05,15,217.40, EMD (₹) : 4,52,600.00, ଟେଣ୍ଡର ନଥିପତ୍ରର ମୂଲ୍ୟ (₹) : 11,800.00, ଶେଷ ହେବା ଅବଧି : 36 ମାସ ।

ବିଡ୍ ଆରମ୍ଭ ହେବା ତାରିଖ : ତା.02.10.2023ରିଖ,

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.16.10.2023ରିଖ 1530 ଘଟିକାରେ ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ ।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ http://www.ireps.gov.in ରେ ଉପଲବ୍ଧ ହେବ ।

ସିନିୟର ଡିଭିଜନାଲ ମେକାନିକାଲ ଇଂଜିନିୟର/ ଖୋର୍ଦ୍ଧା ରୋଡ୍

PR-624/O/23-24

**MCL** **ମହାନଦୀ କୋଲଫିଲ୍‌ଡସ ଲିମିଟେଡ୍**
(କୋଲ୍ ଇଣ୍ଡିଆ ଲିମିଟେଡ୍‌ର ଏକ ସହାୟକ କମ୍ପାନୀ)
ଜାଗୃତି ବିହାର, ବୁର୍ଲା-୭୬୮୦୨୦, ଜିଲ୍ଲା-ସମ୍ବଲପୁର, ଓଡ଼ିଶା
ଟେଲିଫୋନ୍ (ଇପିଏବିଏକ୍ସ)-୦୬୬୩-୨୫୪୨୪୬୧ ରୁ ୪୬୯,
ୱେବ୍‌ସାଇଟ୍ :www.mahanadicoal.in

**ବିଜ୍ଞପ୍ତି**

"ସାମଗ୍ରୀଗୁଡ଼ିକର କ୍ରୟ, କାର୍ଯ୍ୟ ଏବଂ ସେବା ନିମନ୍ତେ ସିଆଇଏଲ୍ ଏବଂ ଏହାର ସହାୟକ କମ୍ପାନୀଗୁଡ଼ିକ ଦ୍ୱାରା ଜାରି ସମସ୍ତ ଟେଣ୍ଡରଗୁଡ଼ିକ କୋଲ୍ ଇଣ୍ଡିଆ ଲିମିଟେଡ୍‌ର ୱେବ୍‌ସାଇଟ୍ www.coalindia.in/ ସମ୍ପୃକ୍ତ ସହାୟକ କମ୍ପାନୀ (MCL, www.mahanadicoal.in), ସିଆଇଏଲ୍ ଇ-କ୍ରୟ ପୋର୍ଟାଲ https://coalindiatenders.nic.in ଏବଂ କେନ୍ଦ୍ରୀୟ ସାର୍ବଜନିକ କ୍ରୟ ପୋର୍ଟାଲ https://eprocure.gov.in ରେ ଉପଲବ୍ଧ ତଥା ଏହା ବ୍ୟତୀତ, GeM portal https://gem.gov.in ଜରିଆରେ ମଧ୍ୟ କ୍ରୟ ସମ୍ପାଦନ କରାଯାଏ।"

R-5169

## ସଂକ୍ଷେପରେ

### ଏଡିଏମ୍‌ଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

କଳିଙ୍ଗନଗର,୨୯।୯(ଶୁଭାଶିଷ ରାଉତ):

କଳିଙ୍ଗନଗର ଠିକା ଶ୍ରମିକ ସାମ୍ମୁଖ୍ୟ ପକ୍ଷରୁ କଳିଙ୍ଗନଗର ଏଡିଏମ୍‌ଙ୍କ ଉଦ୍ଦେଶ୍ୟରେ ପୁଣି ଶୁକ୍ରବାର ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଠିକା ଶ୍ରମିକ ସାମ୍ମୁଖ୍ୟ ବାରମ୍ବାର ଦାବି କରି ଆସୁଥିଲେ ମଧ ନୀଳାଚଳ କର୍ତ୍ତୃପକ୍ଷ ଏବଂ ପ୍ରଶାସନ କୌଣସି ଆଲୋଚନାକୁ ଆସୁନାହାନ୍ତି ବୋଲି ସେମାନେ ଅଭିଯୋଗ କରିଛନ୍ତି। ୧୩।୯।୨୦୨୩ରେ ନୀଳାଚଳ କାରଖାନାର କାର୍ଯ୍ୟରତ ଠିକା ଶ୍ରମିକଙ୍କ ବାକିଆ ପାଉଣା ଓ ଅନ୍ୟ ୪ ଦଫା ଦାବିକୁ ନେଇ ଏକ ଦାବିପତ୍ର କଳିଙ୍ଗନଗର ଠିକା ଶ୍ରମିକ ସାମ୍ମୁଖ୍ୟ ସଂଗଠନ ମାଧ୍ୟମରେ କଳିଙ୍ଗନଗର ଏଡିଏମ୍‌ଙ୍କୁ ପ୍ରଦାନ କରାଯାଇଥିଲା। ଯାହାକି ପ୍ରଶାସନ ସମ୍ପୂର୍ଣ୍ଣଭାବେ ଜାଣିଛି। ୨୦୨୦ରୁ ବାରମ୍ବାର ଆନ୍ଦୋଳନ ସତ୍ତ୍ୱେ ରାଜ୍ୟ ସରକାର କିମ୍ବା ପ୍ରଶାସନ ଠିକା କର୍ମଚାରୀ ଗରିବଲୋକଙ୍କ କଥା ଶୁଣୁନାହାନ୍ତି। ଆସନ୍ତା ୭ଦିନ ଭିତରେ ଏମାନଙ୍କ ଦୁଃଖ ଦୂର କରା ନ ଗଲେ କଳିଙ୍ଗନଗରରେ ଶ୍ରମିକ ଅଶାନ୍ତି ଦେଖାଦେବ ଓ ସେଥିରେ ସେମାନେ ଯେଉଁ ପଦକ୍ଷେପ ସେଥିପାଇଁ ରାଜ୍ୟ ସରକାର ଏବଂ ଜିଲା ପ୍ରଶାସନ ଦାୟୀ ରହିବ ବୋଲି ସଂଗଠନ ପକ୍ଷରୁ କୁହାଯାଇଛି।

### ଜୟନ୍ତୀ ପଟ୍ଟନାୟକଙ୍କ ଶ୍ରାଦ୍ଧ ଦିବସ

ପ୍ରୀତିପୁର,୨୯।୯(ସୁଶାନ୍ତ ବେହୁରିଆ):

ଓଡ଼ିଶାର ଜନପ୍ରିୟ ନେତ୍ରୀ, ପ୍ରାକ୍ତନ ଏମ୍‌ପି ଓ ଜାତୀୟ ମହିଳା କମିଶନର ପ୍ରଥମ ଅଧ୍ୟକ୍ଷା ଜୟନ୍ତୀ ପଟ୍ଟନାୟକଙ୍କ ପ୍ରଥମ ଶ୍ରାଦ୍ଧ ଦିବସ ବିଞ୍ଝାରପୁର ବ୍ଲକ୍ ଅଞ୍ଚଳରେ ପାଳିତ ହୋଇଯାଇଛି। ବିଞ୍ଝାରପୁର ବ୍ଲକ କଂଗ୍ରେସ କମିଟି ସଭାନେତ୍ରୀ ସୁଲୋଚନା ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବହୁବକ୍ତା ଯୋଗଦେଇ ଜୟନ୍ତୀ ଦେବୀଙ୍କ ବହୁମୁଖୀ ପ୍ରତିଭା ଉପରେ ଆଲୋକପାତ କରିଥିଲେ। ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ କମିଟିର ସାଧାରଣ ସମ୍ପାଦିକା ସୁଶ୍ରୀ ବନିତା ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମର୍ପିତ ସେବା ପାଇଁ ତାଙ୍କୁ ଲୋକେ ମନେରଖିବେ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସରୋଜ କୁମାର ନାୟକ, ବସନ୍ତ କୁମାର ଦାସ, ନାରଦ ମଳିକ, ପ୍ରକାଶ କୁମାର ଦାସ, ବିଜନ କୁମାର ଦାସ, କାଳନ୍ଦୀ କୁମାର ମଳିକ, ସବିତା ଜେନା, ଗୁରୁବାରି ସେଠୀ ପ୍ରମୁଖ ଉପସ୍ଥିତ ରହି ଜୟନ୍ତୀ ଦେବୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ସମାଜ ପ୍ରତି ଥିବା ତାଙ୍କ ଅବଦାନ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ।

### ଅଚିହ୍ନା ମୃତଦେହ ଜବତ

ଯାଜପୁର ଟାଉନ/ଯାଜପୁର ସଦର,୨୯।୯ (ପ୍ରଯୁକ୍ତା ପ୍ରିୟଦର୍ଶିନୀ ମହାନ୍ତି/ସମର ବିଜୟ ଶରଣ):

ଯାଜପୁର ବ୍ଲକ ଜାଫରପୁର ପଞ୍ଚାୟତ ସାନତ୍ରିଲୋଚନପୁର ଗ୍ରାମ ନିକଟସ୍ଥ ବୁଢ଼ା ନଦୀରୁ ଜଣେ ଅଚିହ୍ନା ବ୍ୟକ୍ତିଙ୍କ ମୃତଦେହ ଶୁକ୍ରବାର ଜବତ କରାଯାଇଛି। ମୃତଦେହ ଭାସୁଥିବା ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ସଦର ଥାନା ପୋଲିସ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଡାକ୍ତରଖାନାକୁ ପଠାଇଥିଲା। ମୃତଦେହଟି ଫୁଲି ଯାଇଥିବାରୁ ଚିହ୍ନଟ କରିବା ଅସମ୍ଭବ ହୋଇପଡ଼ିଛି। ତେବେ ମୃତଦେହ କେଉଁଠୁ ଆସିଲା ତାହାକୁ ନେଇ ପୋଲିସ ତଦନ୍ତ ଆରମ୍ଭ କରିଛି।

# ବ୍ୟାସନଗର ମହାବିଦ୍ୟାଳୟରେ ତଦନ୍ତକାରୀ ଦଳ

## ଯୌନ କେଳେଙ୍କାରି ଅଭିଯୋଗ

ଯାଜପୁର ରୋଡ୍,୨୯।୯ (ପବିତ୍ର ରଞ୍ଜନ ମହାନ୍ତି)

ବ୍ୟାସନଗର ମହାବିଦ୍ୟାଳୟର ଜଣେ ଛାତ୍ରୀ କଲେଜ ପରିଚାଳନା କମିଟି ସଭାପତି, ଛାତ୍ରୀନିବାସ ଅଧୀକ୍ଷକଙ୍କ ନାମରେ କରିଥିବା ଅଭିଯୋଗର ତଦନ୍ତ ଆଗକୁ ବଢ଼ିଛି। ଯାଜପୁର ଜିଲାପାଳଙ୍କ କାର୍ଯ୍ୟାଳୟରୁ ୩ ବରିଷ୍ଠ ଓଡ଼ିଶା ପ୍ରଶାସନିକ ସେବା ଅଧିକାରିଣୀ ଶୁକ୍ରବାର ମହାବିଦ୍ୟାଳୟର ବ୍ରାହ୍ମଣୀ ଛାତ୍ରୀନିବାସ ଏବଂ ଅତିଥିଶାଳାରେ ପହଞ୍ଚି ତଦନ୍ତ କରିଛନ୍ତି। ଗତ ଅଗଷ୍ଟ ୧ରେ ଛାତ୍ରୀଜଣକ କଲେଜରେ ବିଭିନ୍ନ ଅନୈତିକ କାର୍ଯ୍ୟ ହେଉଥିବା, ଏପରିକି ପରିଚାଳନା କମିଟି ସଭାପତି ଛାତ୍ରୀମାନଙ୍କୁ ଅଶ୍ଳୀଳ ଇଙ୍ଗିତ କରୁଥିବା ଏବଂ ଶରୀର ଉପରେ ଟିପ୍ପଣୀ ଦେଉଥିବା ସମ୍ପର୍କରେ ଉଚ୍ଚଶିକ୍ଷା ବିଭାଗକୁ ଏକ ଚିଠି ଲେଖିଥିଲେ। ଫଳରେ ଉଚ୍ଚଶିକ୍ଷା ବିଭାଗ ବରିଷ୍ଠ ଅଧିକାରୀ ପ୍ରମୋଦ କୁମାର ମିଶ୍ର ଗତ ୨୫ ତାରିଖରେ ଏନେଇ ତଦନ୍ତ କରି ୭ ଦିନ ମଧ୍ୟରେ ରିପୋର୍ଟ ଦେବାକୁ ଯାଜପୁର ଜିଲାପାଳଙ୍କ କାର୍ଯ୍ୟାଳୟକୁ ଚିଠି କରିଥିଲେ। ଫଳରେ ଯାଜପୁର ଉପଜିଲାପାଳ ଅସ୍ମିତା ଦାସଙ୍କ ନେତୃତ୍ୱରେ ଏପିଡି ରଶ୍ମିରେଖା ପ୍ରଧାନ ଯାଜପୁର ଏବଂ ଏଷ୍ଟାବ୍ଲିଶମେଣ୍ଟ ଅଫିସର କାଜଲ ପ୍ରଧାନ ଅଭିଯୋଗର ତଦନ୍ତ କରିଛନ୍ତି। ତଦନ୍ତ ସମୟରେ କଲେଜ ପକ୍ଷରୁ ଛାତ୍ରୀ ନିବାସ ଅଧୀକ୍ଷକ ପ୍ରଜ୍ଞା ଦାଶ ସହଯୋଗ କରିଥିଲେ।



ମହାବିଦ୍ୟାଳୟକୁ ଆସିଥିବା ତଦନ୍ତକାରୀ ଦଳ।

# କଳାକାରଙ୍କୁ କଳାସଂସ୍କୃତି ପ୍ରଶିକ୍ଷଣ


ପ୍ରଶିକ୍ଷଣ ଶିବିରରେ ଯୋଗଦେଇଥିବା ଅଧିକାରୀମାନେ।

ଧର୍ମଶାଳା,୨୯।୯(ବଟକୃଷ୍ଣ ପରିଡ଼ା):

ଧର୍ମଶାଳା ବ୍ଲକ ସଭାଗୃହରେ ବ୍ଲକ କଳା ସଂସ୍କୃତି ବିଭାଗ ପକ୍ଷରୁ କଳାକାରଙ୍କ ପାଇଁ ୨ ଦିନିଆ ପ୍ରଶିକ୍ଷଣ ଶିବିର ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ୫୬ କଳାକାର ସଂଘର କର୍ମକର୍ତ୍ତା ଯୋଗଦେଇ ପ୍ରଶିକ୍ଷଣ ନେଇଥିଲେ। ବିଡିଓ ଦେବେନ୍ଦ୍ର ପ୍ରସାଦ ବଳ ଏହାକୁ ଉଦ୍‌ଘାଟନ କରିବା ସହ ପରିଚାଳନା କରିଥିଲେ। ଧର୍ମଶାଳା ବ୍ଲକ କୃଷି ଅଧିକାରୀ ତୁଷାରକାନ୍ତ ସେଠୀ, ଧର୍ମଶାଳା ସିଡିପିଓ ପୂର୍ଣ୍ଣିମା ବାଇଥାରୁ, ମିଶନଶକ୍ତି ବିପିଏମ୍ ସସ୍ମିତା ମହାପାତ୍ର ଓ ନିର୍ମଳ ଦାସ ପ୍ରମୁଖ ଯୋଗଦେଇ କଳାକାରମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। କଳକାରମାନଙ୍କୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ଆମ ସ୍ୱାସ୍ଥ୍ୟକେନ୍ଦ୍ର, ମଧୁବାବୁ ପେନସନ ଯୋଜନା, ମମତା ଯୋଜନା, ମିଶନ ଶକ୍ତି, ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ୫-ଟି ଟ୍ରାନ୍ସଫରମେଶନ ଅଫ ହାଇସ୍କୁଲ, ଫସଲ ବୀମା ଯୋଜନା, ଖେଳ, ଆମ ଓଡ଼ିଶା ନବୀନ ଓଡ଼ିଶା ଓ ହରିଶ୍ଚନ୍ଦ୍ର ଯୋଜନା ଉପରେ ପ୍ରଶିକ୍ଷଣ ଦିଆଯାଇଛି। ପ୍ରଶିକ୍ଷିତ କଳାକାରମାନେ ସରକାରଙ୍କ ଉପରୋକ୍ତ ଯୋଜନାଗୁଡ଼ିକ ଉପରେ ପ୍ରତି ପଞ୍ଚାୟତ ଓ ୱାର୍ଡରେ ପାଲା ପରିବେଷଣ ମାଧ୍ୟମରେ ଲୋକଙ୍କୁ ସଚେତନ କରାଇବେ ବୋଲି କୁହାଯାଇଥିଲା। ଶେଷରେ ଏବିଡିଓ ଅସିତ ପାତ୍ର ଧନ୍ୟବାଦ ଦେଇଥିଲେ।

### ରଶି ଲଗାଇ ଯୁବକଙ୍କ ଆତ୍ମହତ୍ୟା, କାରଣ ଅସ୍ପଷ୍ଟ

ଦଶରଥପୁର,୨୯।୯(ମନୋଜ ପୃଷ୍ଟି):

ଦଶରଥପୁର ବ୍ଲକ୍ ତଥା ମଙ୍ଗଳପୁର ଥାନା ଅଧୀନ ଥାଲକୁଡି ପଞ୍ଚାୟତ କଷବା ଗ୍ରାମର ଅନିରୁଦ୍ଧ ମଲ୍ଲିକଙ୍କ ପୁଅ ମନୋଜ ମଲ୍ଲିକ୍(୨୫) ଶୁକ୍ରବାର ରଶି ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ହେଲେ ସେ କାହିଁକି ଆତ୍ମହତ୍ୟା କଲେ ତାହା ସ୍ପଷ୍ଟ ହୋଇ ପାରିନାହିଁ। ଘରଠାରୁ ଦେଢ଼ କି.ମି. ଏହି ପଞ୍ଚାୟତସ୍ଥିତ ଜାମୁପତି ଅନ୍ନପୂର୍ଣ୍ଣା ଠାକୁରାଣୀ ପଡ଼ିଆଠାରେ ଥିବା ଏକ ବର ଗଛରେ ସେ ବେକରେ ରଶି ଲଗାଇ ଝୁଲଥିବା ମଧ୍ୟାହ୍ନରେ ସ୍ଥାନୀୟଲୋକେ ଦେଖି ତାଙ୍କ ଘରକୁ ଖବର ଦେଇଥିଲେ। ପରିବାରଲୋକେ ପହଞ୍ଚି ପୋଲିସ୍‌କୁ ଜଣାଇଥିଲେ। ମଙ୍ଗଳପୁର ଥାନା ଆଇଆଇସି ଚିନ୍ମୟୀ ସାହୁଙ୍କ ନିର୍ଦ୍ଦେଶକ୍ରମେ ପୋଲିସ ଟିମ୍ ପହଞ୍ଚି ମନୋଜଙ୍କୁ ଉଦ୍ଧାର କରି ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ମନୋଜ ପୂର୍ବାହ୍ନ ପ୍ରାୟ ୧୦ଟାରେ ଘରୁ ଜାମୁପତି ପଡ଼ିଆ ଆଡକୁ ଏକ ବ୍ୟାଗଧରି ଯାଉଥିବା ସ୍ଥାନୀୟଲୋକେ ଦେଖିଥିବା କହିଛନ୍ତି। ଏନେଇ ଥାନା ପକ୍ଷରୁ ନଂ.୨୨/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ମରାମତି ହେଲା ଯାତ୍ରୀ ବିଶ୍ରାମାଗାର


ଯାତ୍ରୀ ବିଶ୍ରାମାଗାର ମରାମତି କରାଯାଉଛି।

ପାଣିକୋଇଲି,୨୯।୯(ବିକାଶ ମଲ୍ଲିକ):

ପାଣିକୋଇଲି ବଜାରର ବାଲେଶ୍ୱର ବସଷ୍ଟପ ନିକଟରେ ଥିବା ଯାତ୍ରୀ ବିଶ୍ରାମାଗାରର ମରାମତି କରାଯାଇଛି। ଉଦ୍‌ଘାଟନକୁ ବର୍ଷେ ନ ପୂରୁଣୁ ନିମ୍ନମାନର କାମ ଯୋଗୁ ଉକ୍ତ ବିଶ୍ରାମାଗାରର ଫାଇବର ଛାତ ଫାଟି ବର୍ଷା ପାଣି ଗଳୁଥିଲା। ଏନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପରେ ମଧ୍ୟ ତାହାକୁ ମରାମତି କରାଯାଉ ନ ଥିଲା। ଯାତ୍ରୀମାନେ ବର୍ଷା ହେଲେ ଅସୁବିଧାର ସମ୍ମୁଖୀ ହେଉଥିବା ଦେଖି ପାଣିକୋଇଲିର ସାମ୍ବାଦିକ ସୁବାସ ଧଳ, ତାରିଣୀ କୁମାର ପଟ୍ଟନାୟକ, ପ୍ରଦୀପ ମାଝି, ଅଶୋକ ଦାସ, ମନୋଜ ସାହୁ, ସୋଭିନ ପରିଡ଼ା, ସୁନୀଲ ଓଝା ପ୍ରମୁଖ ନିଜ ଅର୍ଥରେ ଚଳିତ ମାସ ୧୨ ତାରିଖରେ ଉକ୍ତ ବିଶ୍ରାମାଗାର ଉପରେ ଏକ ପାଲ ଢାଙ୍କିଥିଲେ। ଏହି ଖବର ପ୍ରଚାରିତ ହେବା ପରେ ଯାଜପୁର ଏମ୍‌ପି ଶର୍ମିଷ୍ଠା ସେଠୀଙ୍କ ନିର୍ଦ୍ଦେଶରେ ଉକ୍ତ ବିଶ୍ରାମାଗାର ଉପରେ ନୂତନ ଭାବେ ଆଉ ଏକ ଟିଣ ଛପର ପକାଯାଇଛି। ବିଳମ୍ବରେ ହେଲେ ବି ଏମ୍‌ପି ସେଠୀଙ୍କ ପଦକ୍ଷେପକୁ ସାଧାରଣରେ ସ୍ୱାଗତ କରାଯାଇଛି।

### ମୋବାଇଲ ଫୋନ୍ ଲୁଟ୍ ମାମଲାରେ ଯୁବକ ଗିରଫ

ବଡ଼ଚଣା,୨୯।୯(ଦିଲୀପ ମହାନ୍ତି):

ବୈରୀ ଧାନା ଅନ୍ତର୍ଗତ ଅମରାବତି ପାଟଣା ଗ୍ରାମର ହେମଲତା ବିଶ୍ୱାଳଙ୍କ ମୋବାଇଲ ଫୋନ୍ ଲୁଟ୍ ମାମଲାରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ସେ ହେଲେ ଜଟଣୀ ଥାନା ବେଣାପଞ୍ଜରୀ ଗ୍ରାମର ବେଲାଲଉଦ୍ଦିନ ଖାନ(୨୯)। ଛତିଆ ବଜାରରୁ ଦୁଇମାସ ତଳେ ହେମଲତାଙ୍କ ମୋବାଇଲ ଫୋନ୍‌କୁ କେହି ଛଡାଇ ନେଇଥିବା ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ନଂ.୮୨/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଏସ୍‌ଆଇ ଜେ. ଆବେଦିନଙ୍କୁ ଥାନା ଅଧିକାରୀ ତଦନ୍ତ ଦାୟିତ୍ୱ ଦେଇଥିଲେ। ଗୁରୁବାର ଏସ୍‌ଆଇ ଆବେଦିନ ବେଣାପଞ୍ଜରୀ ଗାଁରେ ପହଞ୍ଚି ଅଭିଯୁକ୍ତଙ୍କୁ ଗିରଫ କରିଥିଲେ।

# ନକଲି ବିଦେଶୀ ମଦ ଜବତ, ଜଣେ ଗିରଫ

ଯାଜପୁର ଟାଉନ,୨୯।୯ (ପ୍ରଯୁକ୍ତା ପ୍ରିୟଦର୍ଶିନୀ ମହାନ୍ତି):

ଯାଜପୁର ଅବକାରୀ ବିଭାଗ ବିଶେଷ ସୂତ୍ରରୁ ଖବର ପାଇ ଦଶରଥପୁର ଥାନା ପଳାସାହି ଗ୍ରାମର ଇନ୍ଦ୍ରଜିତ ବେହେରାଙ୍କ ଘରେ ଚଢ଼ାଉ କରି ୧୦୦ ବୋତଲ ନକଲି ବିଦେଶୀ ମଦ ଜବତ କରିବା ସହ ତାଙ୍କୁ ଗିରଫ କରିଛି। ଇନ୍ଦ୍ରଜିତ ନକଲି ବିଦେଶୀ ମଦ ପ୍ରସ୍ତୁତ କରୁଥିଲେ। ପରେ ଏହାକୁ ଆଖାପାଖ ଅଞ୍ଚଳରେ ବିକ୍ରି କରୁଥିଲେ। ଏପରିକି ଅରୁଣାଚଳ ପ୍ରଦେଶ ଲେଖା ଥିବା କିଛି ବୋତଲ ଓ ଠିପି ତାଙ୍କ ଘରୁ ଜବତ କରାଯାଇଥିବା ଅବକାରୀ ବିଭାଗ ଅଧିକାରୀ ପ୍ରଦୀପ କୁମାର ରଥ ସୂଚନା ଦେଇଛନ୍ତି। ଇନ୍ଦ୍ରଜିତ ଦୀର୍ଘଦିନ ହେବ ଏହି କାରବାରରେ ଲିପ୍ତ ଥିବା ଅବକାରୀ ବିଭାଗ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି।

# ବିଶ୍ୱ ହୃତ୍‌ପିଣ୍ଡ ଦିବସ ପାଳିତ



ହୃତ୍‌ପିଣ୍ଡ ଦିବସରେ ଯୋଗଦେଇଥିବା ଅଧିକାରୀ ଓ ଅନ୍ୟମାନେ।

ପାଣିକୋଇଲି,୨୯।୯(ବିକାଶ ମଲ୍ଲିକ):

କୋରେଇ ବ୍ଲକ ଅନ୍ତର୍ଗତ ପାଣିକୋଇଲି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଶୁକ୍ରବାର ବିଶ୍ୱ ହୃତ୍‌ପିଣ୍ଡ ଦିବସ ପାଳିତ ହୋଇଯାଇଛି। ଏଥିରେ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀ ସୁଶ୍ରୀ ମନିଷା ମିଶ୍ର ଉପସ୍ଥିତ ରହି ହୃତପିଣ୍ଡ ମଣିଷ ଶରୀରର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ହୋଇଥିବାରୁ ଏହାର ସୁରକ୍ଷା ବିଷୟରେ ସଚେତନ କରାଇଥିଲେ। ହୃତପିଣ୍ଡର ସୁରକ୍ଷା ପାଇଁ ଫାଷ୍ଟ ଫୁଡ, ଅତ୍ୟଧିକ ଚର୍ବିଯୁକ୍ତ ଖାଦ୍ୟ, ମଦ୍ୟପାନ ଓ ଧୂମପାନ ଆଦିରୁ ଦୂରେଇ ରହିବାକୁ ସେ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟକେନ୍ଦ୍ରର ଆୟୁଷ ଡାକ୍ତର ସାଗରିକା ଦାସ, ଫାର୍ମାସିଷ୍ଟ ମାନସ କୁମାର ଗୁଇଁ, ବିଶ୍ୱଜିତ ଦାସ, ସୁଜ୍ଞାନୀ ମଞ୍ଜରୀ ମହନ୍ତ, ମୁକୁନ୍ଦ ଚନ୍ଦ୍ର ଦାସ, ମଦନ ମୁଖି, ରଶ୍ମିତା ଦାସ ଏବଂ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ।

# ବିଦ୍ୟାଳୟକୁ ଆକ୍ୱାଗାର୍ଡ ପ୍ରଦାନ


ଯୁବ ସଙ୍ଗଠନ ଯାଜପୁର ୟୁଥ ଫୋରମ ତରଫରୁ ବିଦ୍ୟାଳୟକୁ ଆକ୍ୱାଗାର୍ଡ ଦିଆଯାଉଛି।

ପାଣିକୋଇଲି,୨୯।୯(ବିକାଶ ମଲ୍ଲିକ):

ଯାଜପୁର ଜିଲାର ଅଗ୍ରଣୀ ଯୁବ ସଙ୍ଗଠନ ଯାଜପୁର ୟୁଥ ଫୋରମ ତରଫରୁ ପଥରପଦା ପଞ୍ଚାୟତ ଅନ୍ତର୍ଗତ ନୂଆପଦା ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଏକ ଆକ୍ୱାଗାର୍ଡ ପ୍ରଦାନ କରାଯାଇଛି। ଫୋରମ ସଭାପତି ରାକେଶ ସାହୁଙ୍କ ନେତୃତ୍ୱରେ ରବୀନ୍ଦ୍ର ଘଡ଼ାଇ, ମାନସ ରାୟ, ସୁଶାନ୍ତ ପରିଡ଼ା, ବିରଞ୍ଚି ରାୟ, ସନ୍ତୋଷ ରାୟ, ନିରାକାର ସ୍ୱାଇଁ, ରାଜୁ କର, ସୌମ୍ୟ ପରିଡ଼ା, କପିଳେଶ୍ୱର ରଣା, ଅକ୍ଷୟ ମଲ୍ଲିକ ଓ ସନ୍ଦୀପ ପହି ପମୁଖ ଉକ୍ତ ବିଦ୍ୟାଳୟକୁ ଯାଇ ପ୍ରଧାନଶିକ୍ଷୟିତ୍ରୀ ସଂଯୁକ୍ତା ମହାରଣାଙ୍କୁ ଉକ୍ତ ଆକ୍ୱାଗାର୍ଡ ପ୍ରଦାନ କରିଛନ୍ତି। ଏହି ଅବସରରେ ବିଦ୍ୟାଳୟର ସହକାରୀ ଶିକ୍ଷକ ତାରିଣୀ ପ୍ରସାଦ ରାୟ, ସସ୍ମିତା ବେହେରା ଓ ବଳରାମ ବେହେରା ଯାଜପୁର ୟୁଥ ଫୋରମକୁ ଧନ୍ୟବାଦ ଜଣାଇଛନ୍ତି।

# ଗୋଡ଼ିଡିହ ରାସ୍ତା ଶୋଚନୀୟ

ସିଂହପୁର,୨୯।୯ (ଅନଙ୍ଗ ଉଦୟ ବେଉରିଆ):

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ବାଛଳ ପଞ୍ଚାୟତର ବାଛଳଛକଠାରୁ ଗୋଡ଼ିଡିହ ଗ୍ରାମ ସୀମା ପର୍ଯ୍ୟନ୍ତ ରାସ୍ତା ଶୋଚନୀୟ ହୋଇପଡିଛି। ଫଳରେ ଅସରାଏ ବର୍ଷା ହେଲେ ରାସ୍ତାରେ ପାଣି ଜମି ରହୁଛି। ଲୋକେ ଯାତାୟାତରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ରାସ୍ତା ଉପରେ ମୁଖ୍ୟତଃ ଗୋଡ଼ି, ଟିଣା, ଗୁହାଳି, ଶିଶିରଣା ଅଞ୍ଚଳର ଲୋକେ ଯାତାୟାତ କରନ୍ତି। ତେଣୁ ତୁରନ୍ତ ରାସ୍ତା ମରାମତି କରିବାକୁ ପ୍ରଶାସନ ନିକଟରେ ଦାବି ହୋଇଛି।

# ଏନ୍‌ସିସି କ୍ୟାଡେଟ ଚୟନ

ଯାଜପୁରରୋଡ୍,୨୯।୯(ପବିତ୍ର ରଞ୍ଜନ ମହାନ୍ତି):

ଓଡ଼ିଶା-୧ ଏନ୍‌ସିସି ବାଟାଲିୟନ ଅଧୀନରେ ଶୁକ୍ରବାର ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟରେ ୨୦୨୩ ବର୍ଷ ପାଇଁ ନୂତନ କ୍ୟାଡେଟ ଚୟନ କରାଯାଇଛି। ଓଡ଼ିଶା-୧ ବଟାଲିୟନ କଟକରୁ ଆସିଥିବା କମାଣ୍ଡିଂ ଅଫିସର୍ କର୍ନେଲ ପିକେ ଚୌଧୁରୀଙ୍କ ନିର୍ଦ୍ଦେଶକ୍ରମେ ନାୟେବ ସୁବେଦାର୍ ବିନୋଦ କୁମାର ସିଂ ଏବଂ ହାବିଲଦାର ପ୍ରଶାନ୍ତ ଗୁରୁଙ୍ଗ ନୂତନ କ୍ୟାଡେଟ ଚୟନ ପ୍ରକ୍ରିୟାରେ ଯୋଗ ଦେଇଥିଲେ। ମହାବିଦ୍ୟାଳୟର ଏନ୍‌ସିସି ଅଫିସର୍ କ୍ୟାପ୍‌ଟେନ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ପ୍ରଥମେ ପିଲାମାନଙ୍କ ଶାରୀରିକ ପରୀକ୍ଷା ସହ ବିଭିନ୍ନ ପ୍ରମାଣପତ୍ର ଯାଞ୍ଚ କରାଯାଇଥିଲା। ସମୁଦାୟ ୭ ବାଳିକା ଓ ୧୯ ବାଳକ ଚୟନ ପ୍ରକ୍ରିୟାରେ ଅଂଶଗ୍ରହଣ କରିଥିଲେ। ସେଥିମଧ୍ୟରୁ ୫ ବାଳିକା ଏବଂ ୭ ବାଳକ ଚୟନ ହୋଇଥିବାବେଳେ ୮ଜଣଙ୍କୁ ସଂରକ୍ଷିତ ରଖାଯାଇଛି। ନୂତନ କ୍ୟାଡେଟଙ୍କୁ ମହାବିଦ୍ୟାଳୟ ଅଧକ୍ଷ ଉପେନ୍ଦ୍ର କୁମାର ସ୍ୱାଇଁ ସ୍ୱାଗତ କରିଛନ୍ତି। ସିଟିଓ ଶଶିକାନ୍ତ ଲେଙ୍କା, ସିଟିଓ ଚିରସ୍ମିତା ମିଶ୍ର, ସିନିୟର୍ ଅଣ୍ଡର୍ ଅଫିସର୍ ଅବିନାସ କର, ଜୁନିୟର୍ ଅଣ୍ଡର୍ ଅଫିସର୍ ମମତା ଟୁଡୁ ଓ ସର୍ଜାଣ୍ଟ ପତିତ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିବାରେ ସହଯୋଗ କରିଥିଲେ।


ଏନ୍‌ସିସିକୁ ଚୟନ ହୋଇଥିବା ଛାତ୍ରଛାତ୍ରୀମାନେ।

### ସାମାଜିକ କର୍ମୀଙ୍କ ପରଲୋକ

ସିଂହପୁର,୨୯।୯ (ଅନଙ୍ଗ ଉଦୟ ବେଉରିଆ):

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ କଲ୍ୟାଣପୁର ପଞ୍ଚାୟତର ସାମାଜିକ କର୍ମୀ ପ୍ରହ୍ଲାଦ ଚରଣ ରାଉତଙ୍କ କଲ୍ୟାଣପୁର ବାସ ଭବନରେ ପରଲୋକ ହୋଇଯାଇଛି। ତାଙ୍କୁ ୯୩ ବର୍ଷ ବୟସ ହୋଇଥିଲା। ସେ ଜଣେ ପରୋପକାରୀ, ଦରଦୀ ବ୍ୟକ୍ତି ଥିଲେ। ସ୍ଥାନୀୟ ଅଞ୍ଚଳର ବହୁ ମଠ ମନ୍ଦିରର ପୃଷ୍ଠପୋଷକ ଥିଲେ। ଗ୍ରାମ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ସାନପୁଅ ସୁକାନ୍ତ କୁମାର ରାଉତ ମୁଖାଗ୍ନି ଦେଇଛନ୍ତି। ତାଙ୍କ ପରଲୋକ ଖବର ପାଇ ପ୍ରାଧ୍ୟାପକ ଚର୍ତ୍ତୃଭୁଜ ସାହୁ, ଦିଲୀପ ପ୍ରଧାନ, ଦିଲୀପ କୁମାର ରାଉଳ ଓ କଲ୍ୟାଣପୁର ସରପଞ୍ଚ ସୁଶ୍ରୀ ସଂଗୀତା ନାୟକଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ପହଞ୍ଚି ଶେଷ ଦର୍ଶନ କରିଥିଲେ।

# ଖବର ପ୍ରକାଶ ପରେ ରାସ୍ତାର ଗର୍ତ୍ତ ମରାମତି


ମରାମତି ପୂର୍ବରୁ ରାସ୍ତାର ଅବସ୍ଥା।


ମରାମତି ପରେ।

ଯାଜପୁରରୋଡ୍,୨୯।୯(ପବିତ୍ର ରଞ୍ଜନ ମହାନ୍ତି):

ବ୍ୟାସନଗର ପୌର ପରିଷଦର ଯାଜପୁର-କେନ୍ଦୁଝର ରୋଡ୍ ଷ୍ଟେଶନ ବଜାର ରାସ୍ତା ମଝିରେ ସୃଷ୍ଟି ହୋଇଥିବା ଗର୍ତ୍ତର ମରାମତି କରାଯାଇଛି। ଏହି ଗର୍ତ୍ତରେ ବର୍ଷା ଜଳ ରହି ଯାତାୟାତରେ ବାଧା ସୃଷ୍ଟି କରିବା ସହ ଦୈନିକ ଛୋଟ ବଡ଼ ଦୁର୍ଘଟଣାମାନ ଘଟୁଥିଲା। ଏହା ସହରର ଏକ ପ୍ରମୁଖ ବ୍ୟସ୍ତବହୁଳ ରାସ୍ତା ହୋଇଥିବାବେଳେ ବହୁଦିନ ଧରି ଉକ୍ତ ଗର୍ତ୍ତ ମରାମତି ହେଉ ନ ଥିଲା। ଏନେଇ ଗତ ୨୨ ତାରିଖରେ ଧରିତ୍ରୀରେ 'ରାସ୍ତା ମଝିରେ ଗର୍ତ୍ତ, ଦୁର୍ଘଟଣା ବଢୁଛି' ଶୀର୍ଷକ ଖବର ପ୍ରକାଶ ପାଇବା ପରେ ପୂର୍ବତଟ ରେଳପଥ ପକ୍ଷରୁ ଉକ୍ତ ଗର୍ତ୍ତ ମରାମତି କରାଯାଇଛି। ଉକ୍ତ ରାସ୍ତାଟି ପୂର୍ବତଟ ରେଳପଥ ଅଧୀନ ହୋଇଥିଲେ ମଧ ଉଭୟ ପୌର ପରିଷଦ ଓ ରେଳବିଭାଗ ଏହାର ରକ୍ଷଣା ବେଖଣ କରିଥାନ୍ତି। ଗର୍ତ୍ତ ମରାମତି ପରେ ଯାନବାହନ ଯାତାୟାତ ସ୍ୱାଭାବିକ ହୋଇଛି। ଅଞ୍ଚଳବାସୀ ଏବଂ ବ୍ୟବସାୟୀମାନେ ଖୁସି ପ୍ରକଟ କରିବା ସହ ଧରିତ୍ରୀକୁ ଧନ୍ୟବାଦ ଜଣାଇଛନ୍ତି।

## ସଂକ୍ଷେପରେ

### ପୂରଣ ପଞ୍ଚାୟତରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ

ବିରିଡ଼ି,୨୯।୯ (ପ୍ରଶାନ୍ତ କୁମାର ରାଉତ)

ବିରିଡ଼ି ବ୍ଲକ ଅନ୍ତର୍ଗତ ପୂରଣ ଗ୍ରାମ ନିକଟରେ ଶୁକ୍ରବାର 'ସ୍ୱଚ୍ଛତା ହିଁ ସେବା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମିନିଷ୍ଟର୍ ଅଫ ହାଉସିଙ୍ଗ ଆଣ୍ଡ ଅର୍ବାନ୍ ଏବଂ ଡିପାର୍ଟମେଣ୍ଟ ଅଫ ଡ୍ରିଙ୍କିଙ୍ଗ ୱାଟର ଆଣ୍ଡ ସାନିଟେଶନ ବିଭାଗ ତତ୍ତ୍ୱାବଧାନରେ ବିଡିଓ ହେମନ୍ତ କୁମାର ମହାନ୍ତଙ୍କ ନିର୍ଦ୍ଦେଶରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱଜିତ ମଲ୍ଲିକ, ଜିଆରଏସ୍ ସୁଦର୍ଶନ ସାହୁ ସହଯୋଗ କରିଥିଲେ। ଏଥିରେ ପୂରଣ ପଞ୍ଚାୟତର ଏସ୍ଏଚ୍ଜି ସଦସ୍ୟାମାନେ ଯୋଗଦେଇଥିଲେ। ନାଏବ ସରପଞ୍ଚ ସୁଲୋଚନା ପଟ୍ଟନାୟକଙ୍କ ସହ ବହୁ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ । ମାଷ୍ଟର ଟ୍ରେନର ଲଳିତ ନାରାୟଣ ଦାଶ ସମସ୍ତଙ୍କୁ ସ୍ୱଚ୍ଛତା ସମ୍ବନ୍ଧୀୟ ସଚେତନ ରହିବା ପାଇଁ ପରାମର୍ଶ ଦେଇଥିଲେ। ପୂର୍ବରୁ ଗୁରୁବାର ୱାର୍ଲ୍ଡ ମାରିଟାଇମ ଡେ ଅବସରରେ ଏହି କାର୍ଯ୍ୟକ୍ରମ ବାଗଲପୁର ପଞ୍ଚାୟତରେ କରାଯାଇଥିଲା। ରାଜେନ୍ଦ୍ର ଦାସ ଏଥିରେ ସହଯୋଗ କରିଥିଲେ। ଏହି ଅବସରରେ ହାତଧୁଆ, ଗ୍ରାମ ସଫେଇ, ପରିଷ୍କାର ପରିଚ୍ଛନ୍ନତା ଓ ସିଙ୍ଗଲ ୟୁଜ୍ ପ୍ଲାଷ୍ଟିକ ବ୍ୟବହାର ଉପରେ ଆଲୋଚନା କରାଯାଇଥିଲା ।

### ମୋବାଇଲ ଚୋରି ଅଭିଯୋଗ: ଜଣେ ଗିରଫ

ପାରାଦୀପ,୨୯।୯(ଶରତ ରାଉତ)

ପାରାଦୀପ ଲକ୍ ଥାନା ପୋଲିସ ମୋବାଇଲ ଚୋରି ଅଭିଯୋଗରେ ଶୁକ୍ରବାର ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ତାଙ୍କଠାରୁ ୧୧ଟି ଦାମୀ ମୋବାଇଲ ଜବତ କରାଯାଇଛି। ଅଭିଯୁକ୍ତ ହେଲେ ଧନେଶ୍ୱର ସେଠୀ। ସେ ଗତ ୨୬ ତାରିଖରେ ରମେଶ ଚନ୍ଦ୍ର ସେଠୀଙ୍କ ମୋବାଇଲ ଚୋରି କରିଥିବା ଅଭିଯୋଗ ହେବା ପରେ ପୋଲିସ ମାମଲା (ନଂ.୪୦୫/ ୨୩) ରୁଜୁ କରିଥିଲା।

### ମହାପୁରୁଷ ଅନନ୍ତ ଦାସ ଆଶ୍ରମରେ ବାର୍ଷିକ ଉତ୍ସବ

ପାରାଦୀପ,୨୯।୯(ଶରତ ରାଉତ)

ପାରାଦୀପ ନୂଆବଜାର ହରିବୋଲିଆ ମଠ ପାଖରେ ଥିବା ମହାପୁରୁଷ ଅନନ୍ତ ଦାସ ଆଶ୍ରମରେ ଗୁରୁବାର ୭୫ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ସ୍ଥାନୀୟ ଅଞ୍ଚଳର ଶତାଧିକ ଶ୍ରଦ୍ଧାଳୁ ଭାଗ ନେଇଥିଲେ। ସକାଳୁ ଅନନ୍ତ ବ୍ରତଧାରୀମାନେ ପୂଜାର୍ଚ୍ଚନା କରିଥିଲେ। ପରେ ଭାଗବତ ପାଠ, ସୂର୍ଯ୍ୟପୂଜା, ମଧ୍ୟାହ୍ନରେ ଦରିଦ୍ର ନାରାୟଣ ସେବା, ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଭଜନ ଓ ପ୍ରବଚନ ଆଦି ଅନୁଷ୍ଠିତ ହୋଇଥିଲା। ମଠ ପ୍ରମୁଖ ବିଦ୍ୟାଧର ମହାନ୍ତି, ଶଙ୍କର ଶତପଥୀ ପ୍ରମୁଖ ଏହାର ନେତୃତ୍ୱ ନେଇଥିଲେ।

### ଚକ୍ଷୁ ପରୀକ୍ଷା ଶିବିର

ପାରାଦୀପ,୨୯।୯(ଶରତ ରାଉତ)

ପାରାଦୀପର ବିପିସିଏଲ ପରିସରରେ ଚାଲିଥିବା ୨ ଦିନିଆ ଚକ୍ଷୁ ପରୀକ୍ଷା ଶିବିର ଶୁକ୍ରବାର ଶେଷ ହୋଇଛି। ରୋଟାରୀ କ୍ଲବ ଓ ବିପିସିଏଲର ମିଳିତ ଉଦ୍ୟମରେ ଏହାର ଆୟୋଜନ କରାଯାଇଥିଲା। ୩୦୦ରୁ ଊର୍ଦ୍ଧ୍ୱ ଲୋକ ଯୋଗଦେଇ ଚକ୍ଷୁ ପରୀକ୍ଷା କରିଥିଲେ। ଏହି ଅବସରରେ ୧୨୦ ଜଣଙ୍କୁ ଚଷମା ପ୍ରଦାନ କରାଯାଇଛି। କ୍ଲବ ସଭାପତି ଅକ୍ଷୟ ମିଶ୍ର, ସମ୍ପାଦକ ରବୀନ୍ଦ୍ରନାଥ ବାରିକ ପ୍ରମୁଖ ଏହାର ନେତୃତ୍ୱ ନେଇଥିଲେ।

# ଜିଲାରେ ଶିଶୁ ଶ୍ରମିକ ସଂଖ୍ୟା ବଢୁଛି

ବାଲିକୁଦା,୨୯।୯(ତାପସ ସ୍ୱାଇଁ)

- ଛେଳି, କୁକୁଡ଼ା, ଘୁଷୁରି ଓ ହୋଟେଲରେ କାମ କରୁଛନ୍ତି।
- ବିଭାଗୀୟ ଅଧିକାରୀ ନୀରବଦ୍ରଷ୍ଟା ସାଜିଛନ୍ତି

ଆଜିର ଶିଶୁ ଆସନ୍ତାକାଲିର ଭବିଷ୍ୟତ। ୫ ରୁ ୧୪ ବର୍ଷର କୌଣସି ଶିଶୁ ପ୍ରାଥମିକ ଶିକ୍ଷାରୁ ବଞ୍ଚିତ ନ ହେବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। ଏଥିପାଇଁ ଶିକ୍ଷା ଅଧିକାର ଆଇନ ପ୍ରଣୟନ କରାଯାଇ ସରକାରଙ୍କ ପକ୍ଷରୁ ବିଭିନ୍ନ ଯୋଜନା କରାଯାଇଛି। ଏହାସତ୍ତ୍ୱେ ଜଗତ୍‌ସିଂହପୁର ଜିଲାରେ କୋମଳମତି ପିଲାମାନେ ପାଠ ପଢ଼ିବା ପରିବର୍ତ୍ତେ ବିଭିନ୍ନ ଛେଳି, କୁକୁଡା, ଘୁଷୁରି ଆଦି ଫାର୍ମ ଓ ହୋଟଲରେ କାମ କରୁଛନ୍ତି। ନାଉଗାଁ ବ୍ଲକର ସୁଦୁକଣ୍ଟି ଗ୍ରାମର ଏକ ଛେଳି ଫାର୍ମରେ ଏହାର ଉଦାହରଣ ଦେଖିବାକୁ ମିଳିଛି। ଏଠାରେ ଚଣ୍ଡିଖୋଲ ଅଞ୍ଚଳର ଜଣେ ନାବାଳକ କାମ କରୁଛନ୍ତି। ସମ୍ପୃକ୍ତ ନାବାଳକଙ୍କ କହିବା ଅନୁସାରେ ଘର ପାଖ ବିଦ୍ୟାଳୟରେ ୩ୟ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢିଥିଲେ । ମାତ୍ର ବିଦ୍ୟାଳୟଟି ବନ୍ଦ ହୋଇଯିବା ପରେ ତାଙ୍କର ପାଠପଢାରେ ଡୋରି ବାନ୍ଧି ହୋଇଯାଇଛି। ଏହି ଛେଳି ଫାର୍ମରେ ଜଣେ ସମ୍ପର୍କୀୟ ପୋଲିସ ବାବୁ ତାଙ୍କୁ ଆଣି ରଖିଥିବା ସମ୍ପୃକ୍ତ ନାବାଳକ କହିଛନ୍ତି। ସେହିପରି ବାଲିକୁଦା, ଏରସମା ଅଞ୍ଚଳରେ ମଧ୍ୟ ଶିଶୁ ଶ୍ରମିକ ଦେଖିବାକୁ ମିଳିଛି। ବାଲିକୁଦା ବ୍ଲକର ଆମ୍ବଶାଳ ମୁଖ୍ୟରାସ୍ତାରେ ଜଣେ ୬ ବର୍ଷର ଶିଶୁ ଘୁଷୁରି ଚରାଉଥିବା ଦେଖିବାକୁ ମିଳିଥିଲା । ତାଙ୍କୁ ଦେଖିଲେ ସେ ବିଦ୍ୟାଳୟରେ ପାଠ ପଢା କ'ଣ ଆଦୌ ଜାଣି ନ ଥିବାପରି ଲାଗୁଛି। ସେହିପରି ଏରସମା ଅଞ୍ଚଳରେ ନାଉଗାଁ ଗଡଡ଼ିଣିପଡ଼ିଆ ଅଞ୍ଚଳର ଜଣେ ୧୦ ବର୍ଷର ନାବାଳକ ଘୁଷୁରି ଚରାଉଥିବା ଦେଖିବାକୁ ମିଳିଛି। କେବଳ ସେତିକି ନୁହେଁ, ଜିଲାର ବହୁତ ହୋଟେଲ ଓ ମୁଷ୍ଟିମେୟ ଲୋକଙ୍କ ଘରେ କାମ କରିବା ପାଇଁ ମଧ୍ୟ ଏହି ଶିଶୁମାନଙ୍କୁ ନିୟୋଜିତ କରାଯାଉଛି । ଜିଲାରେ ବିଭାଗୀୟ ଅଧିକାରୀ ବିଭିନ୍ନ ସ୍ଥାନରୁ ଶିଶୁ ଶ୍ରମିକମାନଙ୍କୁ ଉଦ୍ଧାର କରୁଥିଲେ ମଧ୍ୟ ତାହା ଯଥେଷ୍ଟ ନୁହେଁ ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି। ଏଥିଯୋଗୁ ଯେଉଁମାନେ ଶିଶୁମାନଙ୍କୁ କାର୍ଯ୍ୟରେ ଲଗାଉଛନ୍ତି, ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହୋଇଛି। ଏ ସମ୍ପର୍କରେ ଜିଲା ଶ୍ରମ ଅଧିକାରୀ ବାବା ଆନନ୍ଦଙ୍କୁ ପଚାରିବାରୁ ଏସବୁ ଘଟଣା ଆମ ଜ୍ଞାତସାରରେ ନାହିଁ। ଯଦି ଘଟଣା ସତ୍ୟ ହୋଇଥାଏ ତେବେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ।

# ପାରାଦୀପରେ ପୃଥକ୍ ଦୁର୍ଘଟଣା:୨ ମୃତ

ପାରାଦୀପ,୨୯।୯(ଶରତ ରାଉତ)


ସୁନାକର ସିଂହ, ଧନୋଜ ମଲ୍ଲିକ

ପାରାଦୀପର ୨ ସ୍ଥାନରେ ତୈଳ ଟ୍ୟାଙ୍କର ଯୋଗୁ ଦୁର୍ଘଟଣା ଘଟିଛି। ଫଳରେ ଶୁକ୍ରବାର ୨ ଜଣଙ୍କ ମୃତ୍ୟୁ ଘଟିଛି। ପାରାଦୀପ ଆଦର୍ଶ ଥାନା ଅନ୍ତର୍ଗତ ଅଠରବାଙ୍କି ଟର୍ମିନାଲ ଛକରେ ଗୁରୁବାର ରାତିରେ ଏକ ଟ୍ୟାଙ୍କର (ଓଆର ୦୫ଏଏସ୍ ୬୧୫୦)ଟର୍ମିନାଲ ଅଭିମୁଖେ ଆସୁଥିଲା। ଏହି ସମୟରେ ଜଣେ ବାଇକ ଆରୋହୀଙ୍କୁ ପ୍ରାୟ ୬୦୦ ମିଟର ପର୍ଯ୍ୟନ୍ତ ଘୋଷାରି ନେଇଥିଲା। ଫଳରେ ବାଉରିଆପାଳନ୍ଦା ବସ୍ତିର ଧନୋଜ ମଲ୍ଲିକ (୩୦)ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ବିଜୁ ମେମୋରିଆଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା। ଶୁକ୍ରବାର କଟକରେ ଚିକିତ୍ସିତ ଅବସ୍ଥାରେ ଧନୋଜଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣା ଜଣାପଡ଼ିବା ପରେ ବାଉରିଆପାଳନ୍ଦା ବସ୍ତିର ଲୋକମାନେ କିଛି ସମୟ ଟର୍ମିନାଲ ରାସ୍ତା ଅବରୋଧ କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପୋଲିସ ଲୋକଙ୍କୁ ବୁଝାଶୁଝା କରି ହଟାଇଥିବା ସହ ଦୁର୍ଘଟଣା ଘଟାଇଥିବା ଗାଡ଼ିକୁ ଜବତ କରିଛି।

ସେହିପରି ଅନ୍ୟ ଏକ ଟ୍ୟାଙ୍କର ଗାଡି ଲକ୍ ଥାନା ଅନ୍ତର୍ଗତ ବିଶ୍ୱାଳି ଗଡ଼ାରେ ଜଣେ ସାଇକେଲ ଆରୋହୀଙ୍କୁ ଚଢ଼ାଇ ପଳାଇଯାଇଛି। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଛି। ସେ ହେଲେ ସ୍ଥାନୀୟ ଅଞ୍ଚଳର ସୁନାକର ସିଂହ (୬୦)। ପୋଲିସ ମୃତଦେହ ଜବତ କରି ବିଜୁ ମେମୋରିଆଲ ହସ୍ପିଟାଲରେ ଭର୍ତ୍ତି କରିଛି। ଏଥିସହ ଦୁର୍ଘଟଣା ଘଟାଇଥିବା ଗାଡ଼ି ସମ୍ପର୍କରେ ଖୋଳତାଡ଼ କରୁଛି ବୋଲି ଥାନାଧିକାରୀ କୁଳମଣି ସେଠୀ କହିଛନ୍ତି।

# ପାରାଦୀପ ବନ୍ଦରରେ ବିଶ୍ୱ ନୌବାଣିଜ୍ୟ ଦିବସ



ବିଶ୍ୱ ନୌବାଣିଜ୍ୟ ଦିବସରେ ଓଡ଼ିଶା ମେରିଟାଇମ ଏକାଡେମୀ ଛାତ୍ର ଓ ମେରାଇନ ବିଭାଗ କର୍ମଚାରୀମାନେ ସଚେତନତା କରୁଛନ୍ତି।

ପାରାଦୀପ,୨୯।୯(ଶରତ ରାଉତ)

ପାରାଦୀପ ବନ୍ଦର ମେରାଇନ ବିଭାଗ ପକ୍ଷରୁ ଶୁକ୍ରବାର ୪୬ ତମ ବିଶ୍ୱ ନୌବାଣିଜ୍ୟ ଦିବସ ପାଳିତ ହୋଇଯାଇଛି। ବନ୍ଦର ନିଷିଦ୍ଧାଞ୍ଚଳ ୱେଟବେସିନରେ ପୂର୍ବାହ୍ନରେ ବନ୍ଦର ଉପସଂରକ୍ଷକ ଅଲେଖ ଚନ୍ଦ୍ର ସାହୁଙ୍କ ନେତୃତ୍ୱରେ ବିଭିନ୍ନ ନୌବାଣିଜ୍ୟ ସମ୍ପର୍କିତ କାର୍ଯ୍ୟକ୍ରମ ହୋଇଥିଲା। ଓଡ଼ିଶା ମେରିଟାଇମ ଏକାଡେମୀ ଛାତ୍ର ଓ ମେରାଇନ ବିଭାଗ କର୍ମଚାରୀମାନେ ଏଥିରେ ଭାଗ ନେଇଥିଲେ। ସନ୍ଧ୍ୟାରେ ମଧୁବନ ଅଫିସର୍ସ କ୍ଲବ ପରିସରରେ ଆୟୋଜିତ ଆଲୋଚନାରେ ଅତିଥିଭାବେ ମେରାଇନ ଯନ୍ତ୍ରୀ ମନୋଜ ମହନ୍ତ, ଆଇଓସିଏଲ୍ ଅଫିସର ଶଶୀ ଶେଖର ନୌବାଣିଜ୍ୟ ଦିବସ ପାଳନ ଉପରେ ଆଲୋଚନା କରିଥିଲେ। ୧୯୫୮ରେ ଆଇଏମଓ (ଇଣ୍ଟରନ୍ୟାଶନାଲ ମେରିଟାଇମ ଅର୍ଗାନାଇଜେଶନ)ଗଠନ ହୋଇଥିଲା। ବିଶ୍ୱସ୍ତରରେ ନୌବାଣିଜ୍ୟ କାରବାର ପାଇଁ ଏହି ଆଇଏମଓ ନିୟମ କରିଛି। ସେହି ନିୟମାନୁସାରେ ବିଶ୍ୱର ୯୦ ପ୍ରତିଶତ ପଣ୍ୟ କାରବାର ଜଳପଥରେ ହେଉଛି। ଜାହାଜରେ ନୌବାଣିଜ୍ୟ କରୁଥିବା ଲୋକଙ୍କ ପାଇଁ ୧୯୭୮ ମାର୍ଚ୍ଚ ୧୭ ରେ ନୌବାଣିଜ୍ୟ ଦିବସ ପାଳନ କରାଯାଇଥିଲା। ପରବର୍ତ୍ତୀ ସମୟରେ ସେପ୍ଟେମ୍ବର ମାସ ଶେଷ ସପ୍ତାହରେ ଏହି ଦିବସ ପାଳନ ପାଇଁ ନିୟମ ହୋଇଛି। ଏହିକ୍ରମରେ ଭାରତରେ ସେପ୍ଟେମ୍ବର ୨୯ ରେ ଏହି ଦିବସ ପାଳନ ହେଉଛି।

### କେନାଲ ରାସ୍ତାରେ ପଡୁଛି ପୌରାଞ୍ଚଳ ଆବର୍ଜନା : ପ୍ରତିକାର ପାଇଁ ଦାବି

ପଟ୍ଟାମୁଣ୍ଡାଇ,୨୯।୯ (କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ପୌର ସଂସ୍ଥା ପକ୍ଷରୁ ବିଭିନ୍ନ ୱାର୍ଡରୁ ବାହାରୁଥିବା ଆବର୍ଜନା ସବୁକୁ ପଟ୍ଟାମୁଣ୍ଡାଇ କେନାଲ ବନ୍ଧର ବିଦ୍ୟୁତ୍ ଅଫିସ ନିକଟ ପୋଲ ପାଖ କେନାଲ କଡରେ ପକା ଯାଉଥିବା ଅଭିଯୋଗ ହୋଇଛି। ଏଭଳି ସହରର ଅଳିଆ ଓ ଆବର୍ଜନା ସବୁକୁ କେନାଲ ବନ୍ଧ ରାସ୍ତା କଡରେ ପକାଇବା ଦ୍ୱାରା ପୂତି ଗନ୍ଧମୟ ପରିବେଶ ସୃଷ୍ଟି ହୋଇଛି। ଫଳରେ ସେହି ରାସ୍ତା ଦେଇ ପ୍ରତ୍ୟହ ଯାଉଥିବା ପଥଚାରୀ ଓ ଯାତ୍ରୀମାନେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ଏଥିପ୍ରତି ପୌର କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ଆବର୍ଜନାଗୁଡିକୁ ସେଥିପାଇଁ ଉଦ୍ଦିଷ୍ଟ ସ୍ଥାନରେ ପକାଇବାକୁ ନିବେଦନ କରାଯାଇଛି। ଏ ନେଇ ପୌର ନିର୍ବାହୀ ଅଧିକାରୀ ନାରାୟଣ ପ୍ରସାଦ ଗିରିଙ୍କୁ ନଗର କଂଗ୍ରେସ ସଭାପତି ଅମୂଲ୍ୟ ପ୍ରଧାନ, ଉପସଭାପତି ଅବିନାଶ ଲେଙ୍କା, କାଉନସିଲର ମଳୟ ଓଝା, ସମ୍ରାଟ ଜେନା, ସତ୍ୟପ୍ରିୟ ସାମଲ ଓ ଓଁକାର ମହାନ୍ତି ପ୍ରମୁଖ ଅଭିଯୋଗ କରିବା ସହିତ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଦାବି କରିଛନ୍ତି।

# 'ଭିଜା ଭିଜା ବର୍ଷା ରାତି' ଲୋକାର୍ପିତ


ପୁସ୍ତକ ଲୋକର୍ପଣ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

ବିରିଡି:୨୯।୯ (ପ୍ରଶାନ୍ତ କୁମାର ରାଉତ)

ବିରିଡି ବ୍ଲକ ଦଳେଇଘାଇ ସ୍ଥିତ ଆଷାଢ଼ ସାହିତ୍ୟ ସଂସଦର ସଭାପତି କବି ପୀତାମ୍ବର ମହାପାତ୍ରଙ୍କ ୨୮ତମ ପୁସ୍ତକ ତଥା ଦ୍ୱିତୀୟ ଗୀତି କବିତା ସଙ୍କଳନ 'ଭିଜା ଭିଜା ବର୍ଷା ରାତି'କୁ ବୁଧବାର ଅତିଥିମାନେ ଲୋକାର୍ପିତ କରିଛନ୍ତି। ଓଡ଼ିଆ ଭାଷା କୋଷର ପ୍ରଣେତା ଗୋପାଳ ଚନ୍ଦ୍ର ପ୍ରହରାଜଙ୍କ ୧୫୦ତମ ଜନ୍ମ ଜୟନ୍ତୀ ପାଳନ ଅବସରରେ ଗୋପାଳ ସ୍ମୃତି ବିଦ୍ୟାପୀଠରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ବ୍ୟଙ୍ଗକବି ପ୍ରତାପ ଚନ୍ଦ୍ର ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ବରେଣ୍ୟ ଅତିଥିଭାବେ ସାହିତ୍ୟିକ ଶାନ୍ତନୁ କୁମାର ଆଚାର୍ଯ୍ୟ, ସାହିତ୍ୟିକା ଡ. ପ୍ରତିଭା ଶତପଥୀ, ଅବସରପ୍ରାପ୍ତ ପ୍ରଶାସକ ବିଜୟ ଚନ୍ଦ୍ର ଜେନା, ସାହିତ୍ୟିକ ନିଶାମଣି ସ୍ୱାଇଁ, କବି ବାବାଜୀ ଚରଣ ଜେନା, ନିଳମଣି ସାହୁ, ସାହିତ୍ୟିକ ପୀୟୁଷ ରଞ୍ଜନ ପରିଡା, ବାମଦେବ ସ୍ୱାଇଁ ଓ ଲକ୍ଷ୍ମୀପ୍ରିୟା ଓଝା ପ୍ରମୁଖ ଯୋଗଦେଇଥିଲେ ।

# ସତ୍‌କର୍ମ କଳିକରାଳ ଗତିରୁ ମୁକ୍ତି ଦିଏ


ପ୍ରବଚନ କାର୍ଯ୍ୟକ୍ରମରେ ଯୋଗଦେଇଥିବା ସାଧୁସନ୍ଥ ଓ ଅନ୍ୟମାନେ।

ରଘୁନାଥପୁର,୨୯।୯(ରାଜେନ୍ଦ୍ର ନାରାୟଣ ସିଂହ)

### ବିଷ୍ଣୁ ମହାଯଜ୍ଞ ଉଦ୍‌ଯାପିତ

ରଘୁନାଥପୁର ହୁରାସାହିସ୍ଥିତ ଶ୍ରୀଅଚ୍ୟୁତ ସେବାଶ୍ରମ ପକ୍ଷରୁ ପାଞ୍ଚଦିନ ବ୍ୟାପୀ ଚାଲିଥିବା ବିଷ୍ଣୁ ମହାଯଜ୍ଞ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ପ୍ରବଚନ କାର୍ଯ୍ୟକ୍ରମରେ ମୁଖ୍ୟ ପୁରୋଧା ବାବା ବଂଶୀଧର ଦାସ ମହାରାଜ ଯୋଗଦେଇ କଳି ଯୁଗରେ ସତକୁ ଆପଣେଇବା ପାଇଁ ଭକ୍ତଙ୍କୁ ଦିଗଦର୍ଶନ ଦେବାସହ ସତକର୍ମ କଳିକରାଳରୁ ମୁକ୍ତି ଦିଏ ବୋଲି ପ୍ରକାଶ କରିଥିଲେ। ସେହିପରି ସତ ଉପରେ ଆଧାର କରି କର୍ମ କଲେ ଈଶ୍ୱରଙ୍କ ସାନିଧ୍ୟ ଲାଭ କରିବ ବୋଲି ବାବା ବିଷ୍ଣୁଗିରି କହିଥିଲେ। ଅନ୍ୟତମ ବକ୍ତା ଭାବେ ଅକ୍ଷୟ ନନ୍ଦ ସରସ୍ୱତୀ ଯୋଗଦେଇ ଭଗବାନଙ୍କ ପାଖରେ ସମର୍ପିତ ହେଲେ ଭକ୍ତିଭାବ ସୃଷ୍ଟି ହୁଏ ବୋଲି କହିଥିଲେ। ଜନ୍ମଦିନରେ କେକ ନ କାଟି ପରିବେଶର ସୁରକ୍ଷା ପାଇଁ ଚାରାରୋପଣ କରିବା ଉପରେ କାର୍ଯ୍ୟକ୍ରମରେ ଗୁରୁତ୍ୱାରୋପ ହୋଇଥିଲା। ଜୟଗୁରୁ ମହାପାତ୍ର ପ୍ରବଚନ କାର୍ଯ୍ୟ ପରିଚାଳନା କରିଥିବାବେଳେ ସୁନିତ କୁମାର ମଣ୍ଡଳ, ମୋନାଲିସା ମଣ୍ଡଳ, ରାଜନ ସେନାପତି, ମନୋଜ ବେହେରା, ବିଷ୍ଣୁ ମହାରଣା,ଅଜୟ ପରିଜା, ସସ୍ମିତା ମଲ୍ଲିକଙ୍କ ସମେତ ବହୁ ବ୍ୟକ୍ତି ଏଥିରେ ସହଯୋଗ କରିଥିଲେ।

### ରାଷ୍ଟ୍ର ଭାଷାର ସମୃଦ୍ଧିରେ ଦେଶର ବିକାଶ

କୁଜଙ୍ଗ,୨୯।୯(ମନୋଜ ପ୍ରଧାନ)

ରାଷ୍ଟ୍ରଭାଷା ବିନା ରାଷ୍ଟ୍ର ବଧିର ସଦୃଶ। ରାଷ୍ଟ୍ର ଭାଷାର ସମୃଦ୍ଧିରେ ଦେଶର ବିକାଶ ହେବା ସହ ନୈପୁଣତା ହାସଲ କରିପାରିବ ବୋଲି କୁଜଙ୍ଗ ବ୍ଲକ ବଉଲାଙ୍ଗ ସ୍ଥିତ ସୁରାଳା ଉଚ୍ଚ ବିଦ୍ୟାଳୟ ପରିସରରେ ରାଷ୍ଟ୍ରୀୟ ହିନ୍ଦୀ ଦିବସ ପାଳନ ଅବସରରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ସ୍କୁଲର ପ୍ରଧାନ ଶିକ୍ଷକ ଗୌରାଙ୍ଗ ଚରଣ ରାଉତଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ୍ ନିଶାକର ମୁଦୁଲି ଯୋଗଦେଇ ସ୍ୱାଧୀନତା ଆନ୍ଦୋଳନରେ ଏହି ଭାଷାର ଉପଯୋଗ ଅବିସ୍ମରଣୀୟ ବୋଲି କହିଥିଲେ। ମୁଖ୍ୟ ବକ୍ତାଭାବେ ପୂର୍ବତନ ପ୍ରଧାନ ଶିକ୍ଷକ କେଶବ ଚରଣ ଦାଶ ଯୋଗ ଦେଇ ଭାଷା ଓ ସଂସ୍କୃତିର ବିକାଶ ରାଷ୍ଟ୍ରକୁ ପରମ ବୈଭବରେ ପହଞ୍ଚାଇବ ବୋଲି କହିଛନ୍ତି। ବିଭୂତି ଭୂଷଣ ଦାସଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ହିନ୍ଦୀ ଶିକ୍ଷକ ପ୍ରଦୀପ କୁମାର ସ୍ୱାଇଁ ପୌରୋହିତ୍ୟ କରିଥିଲେ। ଉତ୍ସବରେ ବରିଷ୍ଠ ଶିକ୍ଷକ ନୃସିଂହ ଚରଣ ବାହାଲିଆ, ପ୍ରମୋଦ କୁମାର ସାମନ୍ତରାୟ ପ୍ରମୁଖ ଉପସ୍ଥିତ ରହି ହିନ୍ଦୀ ସାହିତ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଏହାପରେ ପିଲାମାନଙ୍କ ମଧ୍ୟରେ ବକ୍ତୃତା ପ୍ରତିଯୋଗିତା, ହିନ୍ଦୀ ସଙ୍ଗୀତ ଓ କବିତା ପାଠ କରାଯାଇଥିଲା। କର୍ମଚାରୀ ନିତ୍ୟାନନ୍ଦ ଜେନାଙ୍କ ସହ ସମସ୍ତ କର୍ମଚାରୀ ଏହାକୁ ପରିଚାଳନା କରିଥିଲେ।

# ଏଣ୍ଡର ସମବାୟ ସମିତିର ବାର୍ଷିକ ସାଧାରଣ ସଭା

ଡେରାବିଶ, ୨୯।୯(ବେବର୍ତ୍ତା ଅଜୟ ଦାସ)


ସଭାରେ ଉପସ୍ଥିତ ସମବାୟ ସମିତିର କର୍ମକର୍ତ୍ତାମାନେ।

ଡେରାବିଶ ବ୍ଲକ ଅନ୍ତର୍ଗତ ଏଣ୍ଡର ପ୍ରାଥମିକ କୃଷି ସମବାୟ ସମିତି ପରିସରରେ ସମିତିର ବାର୍ଷିକ ସାଧାରଣ ସଭା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସମିତି ପରିଚାଳନା ପରିଷଦ ସଭାପତି ଶ୍ୟାମଳେନ୍ଦୁ ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ଓଡ଼ିଶା ସମବାୟ ବାଣିଜ୍ୟ ମହାସଂଘର ନିର୍ଦ୍ଦେଶକ ପ୍ରମୋଦ କୁମାର ସାମଲ ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଭାବେ କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ଚାନ୍ଦୋଳ ଶାଖା ପରିଚାଳିକା ଜୟନ୍ତୀ ପତି ଓ ଶାଖା ସହ ପରିଚାଳିକା ଦୀପାଞ୍ଜଳି ମୁଣ୍ଡାରି, ନରସିଂହପୁର ସରପଞ୍ଚ ସୁଧୀର କୁମାର ଖଟୁଆ ଯୋଗ ଦେଇଥିଲେ। ସେମାନେ କୃଷି କ୍ଷେତ୍ର ସହିତ ସମସ୍ତ କୃଷକ ବନ୍ଧୁଙ୍କ ଉନ୍ନତି ପାଇଁ ସରକାର ସମବାୟ ସମିତି ମାଧ୍ୟମରେ ୧ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିନା ସୁଧରେ ଓ ମାତ୍ର ୨% ସୁଧରେ ୩ ଲକ୍ଷ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀକୁ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ପ୍ରଦାନର ବ୍ୟବସ୍ଥା କରାଯାଇଥିବା ନେଇ ସୂଚନା ପ୍ରଦାନ କରିଥିଲେ। ଏଥିସହ ସମିତି ମାଧ୍ୟମରେ ସରକାରଙ୍କ ଦ୍ୱାରା ପ୍ରଣୟନ କରାଯାଇଥିବା ଅନ୍ୟ କୃଷି ଓ କୃଷକଙ୍କ ଉନ୍ନତି ଯୋଜନା ସମ୍ବନ୍ଧରେ ଆଲୋକପାତ କରିଥିଲେ। ସଭା ଆରମ୍ଭରେ ସମ୍ପାଦକ ମନୋରଞ୍ଜନ ଦାସ ସମ୍ପାଦକୀୟ ବିବରଣୀ ପାଠ ସମେତ ପୂର୍ବବର୍ଷର ବାର୍ଷିକ ବିବରଣୀ ପାଠ, ସୁଦୃଢ଼ୀକରଣ, ବାର୍ଷକ ଆୟବ୍ୟୟର ହିସାବ ଓ ଆଗାମୀ ବର୍ଷ ପାଇଁ ବଜେଟ ଉପସ୍ଥାପନ କରିଥିଲେ। ପରେ ଅଗ୍ରଣୀ ଚାଷୀ ଦୁର୍ଯ୍ୟୋଧନ ସାହୁ ଓ ରଞ୍ଜନ କୁମାର ରାଉତ ପ୍ରମୁଖ ଏହି ସଭାରେ ଅଂଶ ଗ୍ରହଣ କରି କେନ୍ଦ୍ରାପଡ଼ା ଜିଲାରେ ରହିଥିବା ସମସ୍ତ ସମିତି ମଧ୍ୟରୁ ଏଣ୍ଡର ସମିତି ବିଗତବର୍ଷଗୁଡିକ ପରି ଏକ ଲାଭଜନକ ସମିତି ଭାବେ ତାର ସୁନାମ ବଜାୟ ରଖିଥିବାରୁ ପରିଚାଳନା ପରିଷଦ ଓ ସମିତି କର୍ମଚାରୀଙ୍କୁ ସାଧୁବାଦ ଜଣାଇଥିଲେ। ଆଗାମୀଦିନରେ ସମିତିର ଉନ୍ନତି ପାଇଁ କେତେକ ଗଠନ ମୂଳକ ପ୍ରସ୍ତାବମାନ ପ୍ରଦାନ କରିଥିଲେ। ଏହି ସଭାରେ ପରିଚାଳନା ପରିଷଦର ଉପସଭାନେତ୍ରୀ ସନ୍ଧ୍ୟାରାଣୀ ରାଉତରାୟ, ନିର୍ଦ୍ଦେଶକ ରାଜକିଶୋର ମଲ୍ଲ, ଭାଗ୍ୟଧର ପ୍ରଧାନ, ଦିବାକର ରାଉତ, ହିମାଂଶୁ ଶେଖର ଦଣ୍ଡପାଟ, ଅଭିରାମ ମଲିକ ପ୍ରମୁଖଙ୍କ ସମେତ ସମସ୍ତ ନିର୍ଦ୍ଦେଶକ ଉପସ୍ଥିତ ରହି ସେମାନଙ୍କ ବକ୍ତବ୍ୟ ପ୍ରଦାନ କରିଥିଲେ। ସମବାୟ ସମିତି ସହସମ୍ପାଦକ ମନୋରଞ୍ଜନ ସାହୁ ଧନ୍ୟବାଦ ଦେଇଥିଲେ। ସଭାକୁ ଅନିରୁଦ୍ଧ ଖଟୁଆ, ଅଚ୍ୟୁତାନନ୍ଦ ବାରିକ, ସନ୍ଦିପ୍ତ କୁମାର ବେହେରା ପ୍ରମୁଖ ପରିଚାଳନା କରିଥିଲେ। ଏହି ସଭାରେ ସମିତି ଅଧୀନରେ ଥିବା ଏଣ୍ଡର ଓ ନରସିଂହପୁର ପଞ୍ଚାୟତର ବହୁ ଚାଷୀ ଯୋଗ ଦେଇଥିଲେ।

# ଦୁଗ୍ଧ ଉତ୍ପାଦନ ପୂର୍ବରୁ ସ୍ୱଚ୍ଛତା ପ୍ରତି ଦୃଷ୍ଟି ଦିଅ

ରଘୁନାଥପୁର,୨୯।୯(ରାଜେନ୍ଦ୍ର ନାରାୟଣ ସିଂହ)


ସଚେନତା କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

ରଘୁନାଥପୁର ବ୍ଲକ ତାରପୁର ବାଇପାସସ୍ଥିତ ମା'ନାରାୟଣୀ ମନ୍ଦିର ପରିସରରେ କଟକ ଦୁଗ୍ଧ ସଂଘ ଆନୁକୂଲ୍ୟରେ ତିର୍ତ୍ତୋଲ ଡାଏରୀ ପକ୍ଷରୁ ୨ ଦିନିଆ ସ୍ୱଚ୍ଛ ଦୁଗ୍ଧ ଉତ୍ପାଦନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଟକ ଦୁଗ୍ଧ ସଂଘର ଚେୟାରମ୍ୟାନ ଆର୍ତ୍ତତ୍ରାଣ ପତି, ସାଧାରଣ ପରିଚାଳକ ଡ.ସଞ୍ଜୟ ସାହୁ, ପି ଆଣ୍ଡ ଆଇ ପରିଚାଳକ ଲଳିତେନ୍ଦୁ ପାତ୍ର, ପୂର୍ବତନ ଅଧିକାରୀ ବିବେକ ରଞ୍ଜନ ଦାସ ଓ ବିନୋଦ କୁମାର ତ୍ରିପାଠୀ, ବୋର୍ଡ ଡାଇରେକ୍ଟର ଶ୍ରୀକାନ୍ତ ଜେନା ଓ ଦିଲୀପ ଲେଙ୍କା ଯୋଗଦେଇ ସ୍ୱଚ୍ଛ ଦୁଗ୍ଧ ସଂଗ୍ରହର ପ୍ରକ୍ରିୟା ଓ ଏହାର ଗୁଣବତ୍ତା ସମ୍ପର୍କରେ ଆଲୋଚନା କରିଥିଲେ। ଦୁଗ୍ଧ ଉତ୍ପାଦନ ସମୟରେ ସ୍ୱଚ୍ଛତା ପ୍ରତି ଦୃଷ୍ଟି ଦେବାକୁ ସେମାନେ ଗୁରୁତ୍ୱାରୋପ କରିଥିଲେ। ଦୁଗ୍ଧ ସଂଗ୍ରହ ପୂର୍ବରୁ ଗାଈର ପନହାକୁ ଭଲଭାବେ ଧୋଇ ପୋଛିବା ଆବଶ୍ୟକ। ଦୁହିଁ ସାରିବା ପରେ ଗାଈର ଚିରଗୁଡ଼ିକୁ ଆଉଡୋଫର ଦ୍ରବଣରେ ବୁଡ଼ାଯିବା ଜରୁରୀ। ଏହାଦ୍ୱାରା ଗାଈଙ୍କ କ୍ଷେତ୍ରରେ ଥନହରା ରୋଗର ମାତ୍ରା ଯଥେଷ୍ଟ କମ୍ ରହିଥାଏ ବୋଲି ସେମାନେ କହିଥିଲେ। ଚାରିଗୋଟି ଚିରରୁ ପ୍ରଥମେ ଅଳ୍ପ କ୍ଷୀର ତଳେ ପକେଇବା ଦ୍ୱାରା ଜୀବାଣୁ ମାତ୍ରା ହ୍ରାସ ହୋଇଥାଏ। ଏହାଛଡା ସାତ ମିନିଟ ମଧ୍ୟରେ ଦୁହିଁବା କାର୍ଯ୍ୟ ଶେଷ କରିବା ଜରୁରୀ ଓ ଦୁହିଁବାର ୩୦ ମିନିଟ ମଧ୍ୟରେ ପରିଷ୍କାର ଓ ଢାଙ୍କୁଣି ଥିବା ଷ୍ଟିଲପାତ୍ରରେ ସମିତିକୁ ଦୁଗ୍ଧ ଯୋଗାଣ କରିବା ଆବଶ୍ୟକ ସମ୍ପର୍କରେ ଚାଷୀଙ୍କୁ ଅବଗତ କରାଯାଇଥିଲା। ଗାଈ ରହୁଥିବା ଗୁହାଳରେ ସ୍ୱାସ୍ଥ୍ୟକର ପରିବେଶ ଓ ପରିମଳ ବ୍ୟବସ୍ଥା ଉତ୍ତମ ରହିବା ସମ୍ପର୍କରେ ଗୁରୁତ୍ୱାରୋପ ହୋଇଥିଲା। କାର୍ଯ୍ୟକ୍ରମରେ ଚାଷୀ ପବିତ୍ର ନାୟକ ଓ ଭିକାରି ଦାସ ଓମଫେଡ ପକ୍ଷରୁ ଲିଟର ପିଛା ଦୁଗ୍ଧ ମୂଲ୍ୟ ବୃଦ୍ଧି କରିବାକୁ କହିଥିଲେ।

ସୁପରଭାଇଜର ଦୀପକ କୁମାର ମହାପାତ୍ର, ଚିନ୍ମୟ କୁମାର ସେଠୀ ଓ ନବନିତା ପାତ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏଥିରେ ତିର୍ତ୍ତୋଲ ଡାଏରି ଅଧୀନରେ ଥିବା ବିଭିନ୍ନ ସମିତିର ଦୁଗ୍ଧଚାଷୀ, ସମ୍ପାଦକ ଓ ସଭାପତିମାନେ ଉପସ୍ଥିତ ଥିଲେ।

# କାଠଗଣ୍ଡିରେ ପିଟିହୋଇ ବାଇକ୍ ଚାଳକ ମୃତ

### ଗ୍ରାମବାସୀଙ୍କ ରାସ୍ତାରୋକୋ

ରଘୁନାଥପୁର,୨୯।୯(ରାଜେନ୍ଦ୍ର ନାରାୟଣ ସିଂହ)


ଜଇପୁର-ଜଗତ୍‌ସିଂହପୁର ରାସ୍ତାକୁ ଉତ୍ତ୍ୟକ୍ତ ଲୋକେ ଅବରୋଧ କରିଛନ୍ତି।

ରଘୁନାଥପୁର ବ୍ଲକ ଜଇପୁର ଜଗତସିଂହପୁର ରାସ୍ତାର ଛପଡା ବଜାର ନିକଟରେ ଗୁରୁବାର କାଠଗଣ୍ଡିରେ ପିଟିହୋଇ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସ୍ଥାନୀୟ ତଳଦଣ୍ଡା ଗ୍ରାମର ଦୀପକ ଭୋଇ (୩୮)। ସେ ଜଇପୁରସ୍ଥିତ ଏକ ହୋଟେଲରୁ କାମସାରି ଫେରୁଥିବାବେଳେ ଛପଡ଼ା ବଜାର ନିକଟରେ ରାସ୍ତା ପ୍ରଶସ୍ତ ପାଇଁ କଟାଯାଇଥିବା ଗଛର ଗଣ୍ଡିରେ ପିଟି ହୋଇଯାଇଥିଲେ। ଫଳରେ ଘଟଣାସ୍ଥଳରେ ଦୀପକଙ୍କ ମୃତ୍ୟୁ ଘଟିଥିଲା। ସକାଳୁ ଗ୍ରାମବାସୀ ଦୁର୍ଘଟଣା ସମ୍ପର୍କରେ ଜାଣିବା ପରେ କ୍ଷତିପୂରଣ ଦାବି କରି ଦୁର୍ଘଟଣା ସ୍ଥଳରେ ଜଇପୁର-ଜଗତ୍‌ସିଂହପୁର ରାସ୍ତାକୁ ଅବରୋଧ କରିଥିଲେ। ବଡ ବଡ ଗଛ କଟାଯିବା ପରେ ଗଣ୍ଡିକୁ ସ୍ଥାନାନ୍ତର କରା ନ ଯିବାରୁ ଏପରି ଦୁର୍ଘଟଣା ଘଟିଲା ବୋଲି ଉତ୍ତ୍ୟକ୍ତ ଲୋକେ ଅଭିଯୋଗ କରିଥିଲେ। ଏନେଇ ସେମାନେ ରାସ୍ତା ନିର୍ମାଣକାରୀ ସଂସ୍ଥା ଓ ଦାୟିତ୍ୱରେ ଥିବା ବନ ବିଭାଗକୁ ଦାୟୀ କରିଛନ୍ତି। ଖବରପାଇ ଦୁର୍ଘଟଣା ସ୍ଥଳରେ ତିର୍ତ୍ତୋଲ ପୋଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲା। ରାସ୍ତା ନିର୍ମାଣକାରୀ ସଂସ୍ଥା ପକ୍ଷରୁ ଗଛକଟା ଦାୟିତ୍ୱରେ ଥିବା ଫରେଷ୍ଟ ଡେଭଲପମେଣ୍ଟ ବିଭାଗକୁ ଡାକି ଆଲୋଚନା କରିବାକୁ ପ୍ରତିଶ୍ରୁତି ଦିଆଯିବା ପରେ ରାସ୍ତା ଅବରୋଧ ପ୍ରତ୍ୟାହୃତ ହୋଇଛି। ଦୀପକଙ୍କ ମୃତ୍ୟୁପରେ ସ୍ତ୍ରୀ ଓ୨ ଛୋଟ ପୁଅଝିଅଙ୍କ ପ୍ରତିପୋଷଣ ପାଇଁ ସରକାରୀ ସହାୟତା ଯୋଗାଇଦେବା ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ଦାବି କରାଯାଇଛି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୩୦ ସେପ୍ଟେମ୍ବର, ୨୦୨୩



## ବିଶ୍ୱ ହୃଦୟ ଦିବସ ପାଳିତ

ବାଲିଗୁଡା,(ସଞ୍ଜୟ କୁମାର ପାଣିଗ୍ରାହୀ): କନ୍ଧମାଳ ଜିଲା ବାଲିଗୁଡାସ୍ଥିତ ଆଦିବାସୀ ମହାବିଦ୍ୟାଳୟ ଯୁବ ରେଡକ୍ରସ୍ ଆନୁକୂଲ୍ୟରେ ବିଶ୍ୱ ହୃଦୟ ଦିବସ ପାଳିତ ହୋଇଯାଇଛି। ଉକ୍ତ ସଭାରେ ମୁଖ୍ୟ ଅତିଥି ଭାବେ ମହାବିଦ୍ୟାଳୟର ଅଧ୍ୟକ୍ଷ କାର୍ତ୍ତିକଚନ୍ଦ୍ର ସି ଯୋଗଦେଇ ଉଦଘାଟନ କରିଥିଲେ। ଯୁବ ରେଡକ୍ରସ୍ ଜିଲା ସଂଯୋଜକ ଡ଼.ବିଭୂତି ଭୂଷଣ ଆଚାର୍ଯ୍ୟ, ସମ୍ବଲ ବ୍ୟକ୍ତିତ୍ୱ ସଂଯୋଜକ ଦଣ୍ଡପାଣି ଭୂୟାଁ, ଜୀବ ବିଜ୍ଞାନ ଡେମୋନଷ୍ଟ୍ରେଟର ଏ.ଶେଷଗିରି ରାଓ ଆଚାରୀ ପ୍ରମୁଖ ଯୋଗଦେଇ ବିଶ୍ୱ ହୃଦୟ ଦିବସର ମହତ୍ୱ ସମ୍ପର୍କରେ ଉଦବୋଧନ ଦେଇଥିଲେ। ପ୍ରାଥମିକ ଚିକିତ୍ସା ଉପଚାର ସମ୍ପର୍କରେ ତାଲିମ୍‌ଦାତା ଭାବେ ଡ଼.ବିଭୂତି ଭୂଷଣ ଆଚାର୍ଯ୍ୟ ସ୍ୱେଚ୍ଛାସେବୀ ମାନଙ୍କୁ ତାଲିମ୍ ଦେଇ ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ବୁଝାଇଥିଲେ।

**ସଂକ୍ଷେପରେ**

## ଆଦର୍ଶ ଥାନାରେ ନାହାନ୍ତି ଅଧିକାରୀ

ପାରଳାଖେମୁଣ୍ଡି,୨୯।୯(ଗିରିଧାରୀ ପରିଛା): ପାରଳାଖେମୁଣ୍ଡି ଆଦର୍ଶ ଥାନାରେ ଦୀର୍ଘ ତିନି ମାସ ହେଲା ଥାନା ଅଧିକାରୀ ନ ଥିବା ଯୋଗୁ ଭାରପ୍ରାପ୍ତ ଅଧିକାରୀ କାର୍ଯ୍ୟ ତୁଲାଉଛନ୍ତି। ଆଗକୁ ଦଶହରା ଓ ନିର୍ବାଚନ ରହିଛି। ପାରଳାଖେମୁଣ୍ଡି ସହରରେ ପ୍ରବଳ ଜନ ସମାଗମ ହେବାର ସମ୍ଭାବନା ରହିଛି। ନିର୍ବାଚନୀ ବର୍ଷ ରହିଥିବାରୁ ଅନେକ କାର୍ଯ୍ୟକ୍ରମ ସାଙ୍ଗକୁ ହିଂସା ମଧ୍ୟ ଉପୁଜିବାର ସମ୍ଭାବନା ରହିଛି। ଅନ୍ୟପକ୍ଷରେ ଜଣେ ସ୍ଥାୟୀ ଥାନା ଅଧିକାରୀ ନ ରହିବା ଯୋଗୁ ଅନେକ ପରିଚାଳନାଗତ ତ୍ରୁଟି ଦେଖିବାକୁ ମିଳୁଛି। ତେଣୁ ଜଣେ ସ୍ଥାୟୀ ଥାନା ଅଧିକାରୀ ରହିବା ଜରୁରୀ ହୋଇପଡ଼ିଥିବା ଅଞ୍ଚଳବାସୀ ମତପ୍ରକାଶ କରିଛନ୍ତି। ପାରଳାଖେମୁଣ୍ଡି ଏସ୍‌ଡିପିଓ ମାଧବାନନ୍ଦ ନାୟକଙ୍କୁ ପଚାରିବାରୁ ସେ କହିଛନ୍ତି, ନୂତନ ଥାନା ଅଧିକାରୀଙ୍କ ପୋଷ୍ଟିଂ ହୋଇଥିଲେ ମଧ୍ୟ କୌଣସି କାରଣରୁ ତାହା ସ୍ଥଗିତ ରହିଥିଲା। ତେବେ ଖୁବ୍‌ଶୀଘ୍ର ନୂତନ ଥାନା ଅଧିକାରୀ ଯୋଗଦେବେ।

## କେନ୍ଦ୍ରୀୟ ବିଦ୍ୟାଳୟ ପ୍ରିନ୍ସିପାଲଙ୍କ ଦାୟିତ୍ୱ ଗ୍ରହଣ



ଛତ୍ରପୁର,୨୯।୯(ଦିଲୀପ ସାମଲ): ଛତ୍ରପୁର କେନ୍ଦ୍ରୀୟ ବିଦ୍ୟାଳୟରେ ସ୍ଥାୟୀ ପ୍ରିନ୍ସିପାଲ ଭାବେ ଅଶ୍ୱିନୀ କୁମାର ପ୍ରଧାନ ଶୁକ୍ରବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଉତ୍ତମ ଶିକ୍ଷାଦାନ ଉପରେ ଗୁରୁତ୍ୱ ଦିଆଯିବ ବୋଲି ଦାୟିତ୍ୱ ଗ୍ରହଣ ପରେ ସେ କହିଛନ୍ତି। ସୂଚନାଯୋଗ୍ୟ, ଛତ୍ରପୁରରେ କେନ୍ଦ୍ରୀୟ ବିଦ୍ୟାଳୟ ଖୋଲିବା ଦିନଠାରୁ କେହି ସ୍ଥାୟୀ ପ୍ରିନ୍ସିପାଲ ନ ଥିଲେ। ଏହା ପୂର୍ବରୁ ରାଜେନ୍ଦ୍ର କୁମାର ପଣ୍ଡା ଭାରପ୍ରାପ୍ତ ପ୍ରିନ୍ସିପାଲ ଭାବେ ଦାୟିତ୍ୱ ତୁଲାଇ ଆସୁଥିଲେ। ଏହି ବିଦ୍ୟାଳୟରେ ଷ୍ଟାଣ୍ଡାର୍ଡ-୧ରୁ ଷ୍ଟାଣ୍ଡାର୍ଡ-୮ ପର୍ଯ୍ୟନ୍ତ ଶିକ୍ଷାଦାନ ଦିଆଯାଉଛି। ଏଠାରେ ୩୫୦ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ବିଦ୍ୟାଳୟ ବର୍ତ୍ତମାନ ଅସ୍ଥାୟୀ ଭାବେ ଅନସ୍ଲୋ ବିଦ୍ୟାଳୟରେ ଚାଲୁଛି। ଆର୍ଯ୍ୟପଲ୍ଲୀ ନିକଟରେ ନିଜସ୍ୱ କୋଠା କାମ ଚାଲିଛି।

## ଲୋକକଳା ଦଳର ସଭ୍ୟଙ୍କୁ ତାଲିମ

ଶେରଗଡ,୨୯।୯(ସୂର୍ଯ୍ୟନାରାୟଣ ଦାଶ): ଶେରଗଡ ବ୍ଲକ ଲୋକକଳା ସାଂସ୍କୃତିକ ସଂଘ ପକ୍ଷରୁ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ତାଲିମ ଶିବିରରେ ବ୍ଲକ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟତମ ଅତିଥି ଭାବେ ବିଡିଓ ଶିବାଶିଷ ବରାଳ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ମମତା କୁମାରୀ ପ୍ରଧାନ ଯୋଗଦେଇ ଥିଲେ। ତାଲିମଦାତା ଉପନିର୍ଦ୍ଦେଶକ କଳାସଂସ୍କୃତି ବିଭାଗ କୃଷ୍ଣଚନ୍ଦ୍ର ନିଶାଙ୍କ, ଜିଲା କଳା ସଂସ୍କୃତି ସଂଘର ଉପସଭାପତି ସନ୍ତୋଷ କୁମାର ପାଢୀ ଯୋଗଦେଇଥିଲେ। ବ୍ଲକ କଳା ସଂସ୍କୃତି ସଭାପତି ବିଜୟ ଦୋରାଙ୍କ ସଂଯୋଜନାରେ ଅନୁଷ୍ଠିତ ତାଲିମ ଶିବିରରେ ବ୍ଲକର ୬୯ଟି କଳା ସଂସ୍କୃତି ଦଳର ପ୍ରାୟ ୩୦୦ରୁ ଅଧିକ କଳାକାର ତାଲିମ ନେଇଥିଲେ।

# ଖୋଲୁନି ପଥପ୍ରାନ୍ତ କେନ୍ଦ୍ର, ପର୍ଯ୍ୟଟକ ଅସନ୍ତୁଷ୍ଟ

ଦାରିଙ୍ଗବାଡି, ୨୯।୯(ଅରୁଣ ସାହୁ):



ବିଡ଼ିଓଙ୍କ ନିକଟରେ ସେବାକେନ୍ଦ୍ର ଖୋଲାଯିବାକୁ ଦାବି କରାଯାଉଛି।

କନ୍ଧମାଳ ଜିଲା ଦାରିଙ୍ଗବାଡି ଚାରିଛକଠାରେ ଥିବା ପଥପ୍ରାନ୍ତ ସେବାକେନ୍ଦ୍ର ଲୋକଙ୍କ କାର୍ଯ୍ୟରେ ଆସୁନି। ଏହାକୁ ନେଇ ଜନଅସନ୍ତୋଷ ମୁଣ୍ଡ ଟେକିଥିବା ବେଳେ ଦାରିଙ୍ଗବାଡିକୁ ଆସୁଥିବା ପର୍ଯ୍ୟଟକମାନେ ଅସନ୍ତୁଷ୍ଟ ହେଉଛନ୍ତି। ଦୈନିକ ଶତାଧିକ ଲୋକ ସରକାରୀ ଓ ବେସରକାରୀ କାର୍ଯ୍ୟରେ ଦାରିଙ୍ଗବାଡି ଆସୁଥିବା ବେଳେ ମହିଳା, ପୁରୁଷ, କଲେଜ ଛାତ୍ରୀଛାତ୍ର, ଦିବ୍ୟାଙ୍ଗମାନେ ଆସିଥାନ୍ତି। ସେମାନଙ୍କୁ ମୁଣ୍ଡ ଗୁଞ୍ଜିବା ପାଇଁ ଯାତ୍ରୀ ବିଶ୍ରାମାଗାରଟିଏ ନ ଥିବା ବେଳେ ଏହି ପଥପ୍ରାନ୍ତ ସେବାକେନ୍ଦ୍ର ଲୋକଙ୍କ ପାଇଁ ଭରସା। ତେବେ ଏହାକୁ ବିଭାଗ ପୂର୍ବରୁ ଥିବା କର୍ମଚାରୀଙ୍କୁ ବାହାର କରି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଦାୟିତ୍ୱ ଦେବା ପାଇଁ ସମନ୍ୱିତ ମହିଳା ଓ ଶିଶୁ ବିକାଶ ଯୋଜନା କାର୍ଯ୍ୟାଳୟକୁ ହସ୍ତାନ୍ତର କରିଥିଲା। ପୂର୍ବରୁ କାର୍ଯ୍ୟ କରୁଥିବା ଠିକା ସଂସ୍ଥାର କର୍ମଚାରୀଙ୍କୁ ଛଟେଇ କରିଦେଇଥିଲା। ପରେ ବିବାଦ ବଢ଼ିବାରୁ ଉକ୍ତ କର୍ମଚାରୀଙ୍କୁ କାର୍ଯ୍ୟରେ ନିୟୋଜିତ କରାଯିବାକୁ ବିଭାଗ ସ୍ଥିର କରିଥିଲେ ସୁଦ୍ଧା ସେବାକେନ୍ଦ୍ରରେ ଲୋକଙ୍କୁ ସୁବିଧା ମିଳୁନାହିଁ। ଶୁକ୍ରବାର ଏନେଇ ବ୍ଲକ କଂଗ୍ରେସର ଆବାହକ ପ୍ରମୋଦ କୁମାର ଦିଗାଲ, ପ୍ରଦେଶ କଂଗ୍ରେସ କମିଟିର ରାଜ୍ୟ ସମ୍ପାଦିକା ବିଳାସିନୀ ନାୟକ, ନାରଙ୍ଗ ପ୍ରଧାନ, ସିର୍କାବର୍ଗ ସରପଞ୍ଚ ଶ୍ୟାମଘନ ପ୍ରଧାନ, ସଂଗୀତା ପ୍ରଧାନ, ମୋହନ ପ୍ରଧାନ, ରଞ୍ଜିତ ପ୍ରଧାନ, ଯୋହନ ପ୍ରଧାନ, ଆମନ ନାୟକ, ବିଘ୍ନେଶ୍ୱର ନାୟକ ପ୍ରମୁଖ ବିଡିଓ ଗଦାଧର ପାତ୍ରଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏନେଇ ସେବାକେନ୍ଦ୍ରର ଦାୟିତ୍ୱରେ ଥିବା ସୁପରଭାଇଜର ସୁନୀଲ ଚୌଧୁରୀ କହିଛନ୍ତି, ଆସନ୍ତା ୧ ତାରିଖରେ ଏହି ପଥପ୍ରାନ୍ତ ସେବାକେନ୍ଦ୍ର ପୁଣି ଖୋଲାଯିବ। ପୂର୍ବଭଳି ଲୋକଙ୍କୁ ସେବା ମିଳିବ। ତେବେ ଏହାକୁ ନିୟମିତ ଖୋଲା ନ ଗଲେ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବୁ ବୋଲି ପ୍ରଦେଶ କଂଗ୍ରେସ କମିଟିର ରାଜ୍ୟ ସମ୍ପାଦିକା ବିଳାସିନୀ ନାୟକ ଚେତାବନୀ ଦେଇଛନ୍ତି।

# ୩ ବର୍ଷରେ ୧୯୭ ଜଣଙ୍କୁ ହତ୍ୟା

ଛତ୍ରପୁର,୨୯।୯ (ଦିଲୀପ ସାମଲ):

- ଗଞ୍ଜାମ ପୋଲିସ ଜିଲା ଅଶାନ୍ତ
- ଚଳିତମାସରେ ୧୧ ମୁଣ୍ଡ ଗଡ଼ିଛି

ଗଞ୍ଜାମ ପୋଲିସ ଜିଲାରେ ଏବେ ଅପରାଧ ବଢ଼ିବାରେ ଲାଗିଛି। ଗତ ୩ ବର୍ଷରେ ୧୯୭ଜଣଙ୍କୁ ହତ୍ୟା କରାଯାଇଥିବାବେଳେ ଚଳିତମାସରେ କେବଳ ୧୧ ଜଣଙ୍କୁ ହଣାଯାଇଛି। ଆଇନଶୃଙ୍ଖଳା ନିୟନ୍ତ୍ରଣ ବାହାରକୁ ଚାଲିଯାଇଥିବାବେଳେ ଜିଲା ପୁରା ଅଶାନ୍ତ ହୋଇପଡ଼ିଥିବା ଏଥିରୁ ସ୍ପଷ୍ଟ ହୋଇଛି। ଗତ ୨୪ ଘଣ୍ଟା ମଧ୍ୟରେ ଗଞ୍ଜାମ ପୋଲିସ ଜିଲାରେ ଗଡିଛି ଦୁଇ ମୁଣ୍ଡ। ପୂର୍ବ ଶତ୍ରୁତାରୁ ଏହି ଦୁଇ ଘଟଣା ଘଟିଛି। ଗୁରୁବାର ରାତିରେ କୋଦଳା ଥାନା ଦାନପୁର ଗ୍ରାମରେ ଆସିକା ଅଂଚଳର ସୁନୀଲ ନାହାକଙ୍କୁ ହତ୍ୟା କରାଯାଇଥିଲା। ଏହି ଘଟଣାରେ ପୋଲିସ ଦୁଇ ଜଣଙ୍କୁ ଗିରଫ କରିଛି। ଗିରଫ ମାନେ ହେଲେ ଦାନପୁର ଗ୍ରାମର ଜିତୁ ପ୍ରଧାନ ଓ ଦୀପକ ଖଟୁଆ। ସେହିପରି ଶୁକ୍ରବାର ଧରାକୋଟ ଥାନା ବାରୀଗୁଡାର ଅନିଲ ମହାନ୍ତିଙ୍କୁ ହତ୍ୟା କରାଯାଇଛି। ସେହି ଘଟଣାରେ ପୋଲିସ ବାରୀଗୁଡା ଅଂଚଳର ସଞ୍ଜୟ ପଲେଇଙ୍କୁ ଗିରଫ କରିଛି। ଏନେଇ ଗଞ୍ଜାମ ଆରକ୍ଷୀ କାର୍ଯ୍ୟାଳୟରୁ ସୂଚନା ମିଳିଛି। ୨୦୨୧ ବର୍ଷରେ ୭୭, ୨୦୨୨ରେ ୫୭ ଓ ଚଳିତ ବର୍ଷର ଏଯାବତ ୬୩ ଜଣକୁ ହତ୍ୟା କରାଯାଇଛି ବୋଲି ରିପୋର୍ଟରୁ ଜଣାପଡିଛି। କେବଳ ଚଳିତମାସରେ ସର୍ବାଧିକ ୧୧ଜଣଙ୍କୁ ହତ୍ୟା କରାଯାଇଛି। ଗଞ୍ଜାମ, କୋଟିନଡା, ପାଟପୁର, ରମ୍ଭା, କବିସୂର୍ଯ୍ୟନଗର, ସୋରଡ଼ା, କୋଦଳା ଓ ଧରାକୋଟ ଥାନାଞ୍ଚଳରେ ଗୋଟିଏ ଲେଖାଏ ଓ ଶେରଗଡ଼ ଥାନାଞ୍ଚଳରେ ୩ଟି ହତ୍ୟା ଘଟଣା ଘଟିଛି।

# ୪ରେ ସୁନାମି ସମ୍ପର୍କିତ ମକ୍‌ଡ୍ରିଲ

ଛତ୍ରପୁର,୨୯।୯(ଦିଲୀପ ସାମଲ):



ବୈଠକରେ ଆଲୋଚନା ଚାଲିଛି।

ଗଞ୍ଜାମ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ସୁନାମି ଜିଲାସ୍ତରୀୟ ମକଡ୍ରିଲ ନିମନ୍ତେ ଶୁକ୍ରବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଗଞ୍ଜାମ ଜିଲାରେ ୪୨ଟି ଗାଁକୁ ସୁନାମି ଗାଁ ଭାବେ ଚିହ୍ନଟ କରାଯାଇଛି। ସୁନାମି ସମ୍ପର୍କରେ ଲୋକେ ଯେଉଁଳି ଆଗୁଆ ସୂଚନା ପାଇବେ, ସେମାନଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରି ବିଭିନ୍ନ ଆଶ୍ରୟସ୍ଥଳରେ ରଖିବା ଓ ଜରୁରିକାଳୀନ ସେବାଗୁଡିକ ପହଞ୍ଚାଇବା ପାଇଁ ଆଗୁଆ ରୁଟ ମ୍ୟାପ ପ୍ରସ୍ତୁତି ନିମନ୍ତେ ବୈଠକରେ ଆଲୋଚନା କରାଯାଇଛି। ଓଡିଶା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶକ୍ରମେ ଜିଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ପକ୍ଷରୁ ଅନୁଷ୍ଠିତ ଏହି ବୈଠକରେ ଅତିରିକ୍ତ ଜିଲାପାଳ ପ୍ରିୟରଞ୍ଜନ ପୃଷ୍ଟି ଅଧ୍ୟକ୍ଷତା କରି ସୁନାମି ମକଡ୍ରିଲ ସମ୍ପର୍କରେ ବିଭିନ୍ନ ମତ ପ୍ରକାଶ କରିଥିଲେ। ଆସନ୍ତା ୪ ତାରିଖରେ ଗଞ୍ଜାମ ବ୍ଲକର ରାମଗଡ ଓ ପାଳିବନ୍ଧ ପଞ୍ଚାୟତର ୮ଟି ଗ୍ରାମରେ ସୁନାମି ମକଡ୍ରିଲ କରାଯିବ। ଶନିବାର ଗଞ୍ଜାମ ବ୍ଲକ ପରିସରରେ ଏ ନେଇ ଏକ ବୈଠକ କରାଯିବ। ମକଡ୍ରିଲରେ ଅଗ୍ନିଶମ ବିଭାଗ, ଓଡ୍ରାଫ, ସାଗର ମିତ୍ର, ଆପଦ ମିତ୍ର, ସ୍ୱୟଂସିଦ୍ଧା, ବାତ୍ୟା ଆଶ୍ରୟସ୍ଥଳିର ସମ୍ପାଦକଙ୍କ ସମେତ ବିଭିନ୍ନ କର୍ମକର୍ତ୍ତା ଓ ସ୍ୱେଚ୍ଛାସେବୀ ସଂଗଠନଗୁଡିକ ସାମିଲ ହେବେ ବୋଲି ଜିଲା ଜରୁରୀ କାଳୀନ ଅଧିକାରିଣୀ ଆୟୁଷି ପତି କହିଛନ୍ତି। ପ୍ରସ୍ତୁତି ବୈଠକରେ ଓସଡମାର ଜିଲା ପ୍ରକଳ୍ପ ଅଧିକାରୀ ଦେବେନ୍ଦ୍ର ନାୟକ, ଗଞ୍ଜାମ ବିଡିଓ ଜସ୍ମିନ ପ୍ରଧାନ, ଜିଲା ମତ୍ସ୍ୟ ଅଧିକାରୀ ନିମାଇଁ ଚରଣ ବସ୍ତିଆ, ସାମୁଦ୍ରିକ ସହକାରୀ ମତ୍ସ୍ୟ ଅଧିକାରୀ ସୁବ୍ରତ କୁମାର ପଟ୍ଟନାୟକ, ଓଡ୍ରାଫର ପ୍ରସନ୍ନ କୁମାର ସୁବୁଦ୍ଧି, ସଙ୍ଗୀତା କୁମାରୀ ପାତ୍ର, ଅଗ୍ନିଶମ ବିଭାଗର ଅଧିକାରୀଙ୍କ ସମେତ ବହୁ ଅଧିକାରୀ ଉପସ୍ଥିତ ଥିଲେ।

## ପାର୍ବଣ ପାଇଁ ଗଞ୍ଜାମ ପୋଲିସ ସଜାଗ

ଛତ୍ରପୁର,୨୯।୯(ଦିଲୀପ ସାମଲ): ଗଞ୍ଜାମ ଜିଲାରେ ପାର୍ବଣ ସମୟରେ ଅଧିକ ଜୁଆଖେଳ ଚାଲିଥାଏ। ଏହାକୁ ଦୃଷ୍ଟିରେ ରଖି ପୋଲିସ ୫ଟି ପଏଣ୍ଟ ଉପରେ ଅଧିକ ଫୋକସ କରିବ ବୋଲି ଗଞ୍ଜାମ ଏସ୍‌ପି ଜଗମୋହନ ମିନା କହିଛନ୍ତି। ଗଞ୍ଜାମ ପୋଲିସ ଜିଲାର ବିଭିନ୍ନ ଥାନା ଅଞ୍ଚଳରେ କଡାକଡି ଯାଞ୍ଚ କରାଯାଉଛି। ବର୍ତ୍ତମାନ ସୁଦ୍ଧା ୨୫ଟି ଜୁଆ ଆଡ୍ଡା ଉପରେ ଚଢ଼ାଉ କରାଯାଇ ୫ ଲକ୍ଷ ୭୬ହଜାର ୮୩୦ ଟଙ୍କା ଜବତ କରାଯାଇଛି। ଜୁଆ ଆଡ୍ଡାଗୁଡିକରୁ ୧୩୦ ଜଣଙ୍କୁ ଗିରଫ କରାଯାଇଥିବା ଏସପି ସୂଚନା ଦେଇଛନ୍ତି। ସେହିପରି ନିଶାସକ୍ତ ଗାଡି ଚାଳକ, ଅପରାଧୀଙ୍କ ଉପରେ କଡା ନଜର ରହିଛି। ପୂଜା ନାଁରେ କେହି ଚାନ୍ଦା ଆଦାୟ କରୁଥିବା ଜଣାପଡିଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ବିନା ଅନୁମତିରେ ଡିଜେ ବଜାଇଲେ ବରଦାସ୍ତ କରାଯିବ ନାହିଁ। ନିର୍ଦ୍ଧାରିତ ସମୟ ପରେ ଡିଜେ ବାଜିଲେ ଡିଜେକୁ ଜବତ କରାଯିବା ସହ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଏସ୍‌ପି କହଛନ୍ତି।

## ୨୧୭ ଜଣ ଭତ୍ତା ପାଇଲେ

ଆସିକା,୨୯।୯(ସୁରେନ୍ଦ୍ର ନାଥ ସାହୁ) ଆସିକା ଏନ୍‌ଏସି କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏନ୍‌ଏସି ଅଧ୍ୟକ୍ଷା ବିନେତା ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ ମୁଖ୍ୟ ଅତିଥି ରୂପେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏମ୍‌ପି ପ୍ରତିନିଧି ସତ୍ୟନାରାୟଣ ସ୍ୱାଇଁ, ଉପାଧ୍ୟକ୍ଷା ଜୟନ୍ତୀ ବିଷୋୟୀ, ନିର୍ବାହୀ ଅଧିକାରୀ ଲୋକନାଥ ବେଜ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ଆସିକା ଏନଏସିର ବିଭିନ୍ନ ୱାର୍ଡର ୨୧୭ଜଣ ବାର୍ଦ୍ଧକ୍ୟ, ବିଧବା ଓ ଭିନ୍ନକ୍ଷମ ନୂତନ ହିତାଧିକାରୀଙ୍କୁ ମଧୁବାବୁ ପେନସନ ଯୋଜନାରେ ଭତ୍ତା ବଣ୍ଟନ କରାଯାଇଥିଲା।

# ଦାନପୁର ହତ୍ୟା ମାମଲାରେ ୨ ଗିରଫ

## ସାଇଣ୍ଟିଫିକ ଟିମ୍‌ର ତଦନ୍ତ ଆରମ୍ଭ

କୋଦଳା ୨୯।୯(ଅମିତ କୁମାର ପଟ୍ଟନାୟକ) ଗତ ଗୁରୁବାର ରାତିରେ କୋଦଳା ଥାନା ଦାନପୁର ଗ୍ରାମରେ ସୁନୀଲ ନାହାକ ନାମକ ଜଣେ ବ୍ୟକ୍ତିଙ୍କୁ ହତ୍ୟା କରାଯାଇଥିଲା। ଶୁକ୍ରବାର ଉକ୍ତ ମାମଲାରେ ୨ଜଣଙ୍କୁ ଗିରଫ କରିବା ସହିତ ସାଇଣ୍ଟିଫିକ ତଦନ୍ତ ଆରମ୍ଭ କରିଛି। ଗିରଫ ବ୍ୟକ୍ତିମାନେ ହେଲେ ଦାନପୁର ଗ୍ରାମର ଜିତେନ୍ଦ୍ର ପ୍ରଧାନ ଓ ଦୀପକ ଖଟୁଆ। ମୃତକଙ୍କ ଘର କୋଟିନଡା ଥାନା ବରଗାଁରେ ହୋଇଥିବାବେଳେ ସେ କୁଆଡ଼େ ବ୍ଲକ ଅଧ୍ୟକ୍ଷା ତ୍ରିବେଣୀ ନାହାକଙ୍କ ଦେଢଶୁର ବୋଲି ପୋଲିସ ଜାଣିବାକୁ ପାଇଛି। ଏ ସଂକ୍ରାନ୍ତରେ କୋଦଳା ପୋଲିସ ନଂ. ୪୭୩/୨୩ରେ ଏକ ମାମଲା ରୁଜୁ କରି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ ମେଡିକାଲକୁ ପଠାଇଛି। ପୁରୁଷୋତ୍ତମପୁର ଏସଡି ପିଓ ରଜନୀ କାନ୍ତ ସାମଲ, କୋଦଳା ଥାନା ଅଧିକାରୀ ଉମାକାନ୍ତ ସାହୁ ସନ୍ଧାନୀ କୁକୁର ସହ ଘଟଣାସ୍ଥଳକୁ ଯାଇ ତଦନ୍ତ କରୁଥିବାବେଳେ ରାଜନୈତିକ ଶତ୍ରୁତାରୁ ସୁନୀଲଙ୍କୁ ହତ୍ୟା କରାଯାଇଥିବା ପ୍ରାଥମିକ ଅନୁସନ୍ଧାନରୁ ଜାଣିପାରିଛନ୍ତି।

## କ୍ଷେତ୍ରୀୟ ଜ୍ଞାନବିଜ୍ଞାନ ମେଳାରେ ନମନ ପ୍ରଥମ



ଛାତ୍ର ନମନ କୁମାର ପାତ୍ରଙ୍କୁ ପୁରସ୍କୃତ କରାଯାଉଛି।

ଛତ୍ରପୁର,୨୯।୯(ଦିଲୀପ ସାମଲ): ଛତ୍ରପୁର ଶ୍ରୀରାମନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ର ନମନ କୁମାର ପାତ୍ର ବାଲେଶ୍ୱର ଜିଲା ସୋରଠାରେ ଆୟୋଜିତ କ୍ଷେତ୍ରୀୟ ଜ୍ଞାନ ବିଜ୍ଞାନ ମେଳାରେ ବିଜ୍ଞାନ ପ୍ରୟୋଗ ପ୍ରତିଯୋଗିତାରେ ଭାଗନେଇ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ତାଙ୍କର ଏହି ସଫଳତା ପାଇଁ ବିଦ୍ୟାଳୟର ସମସ୍ତ ଆଚାର୍ଯ୍ୟା, ଆଚାର୍ଯ୍ୟ, ପ୍ରଧାନ ଆଚାର୍ଯ୍ୟ, ପରିଚାଳନା ସମିତି, ସଙ୍କୁଳ ପ୍ରମୁଖ ଓ ଛାତ୍ରଛାତ୍ରୀ ଅଭିନନ୍ଦନ ଜଣାଇଛନ୍ତି। ନମନ ଆସନ୍ତା ନଭେମ୍ବର ୪ ତାରିଖରୁ ପଞ୍ଜାବ ଅମୃତସରରେ ଆରମ୍ଭ ହେବାକୁ ଥିବା ଅଖିଳ ଭାରତୀୟ ବିଜ୍ଞାନ ମେଳାରେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି ବୋଲି ପ୍ରଧାନଆଚାର୍ଯ୍ୟ ରବୀନ୍ଦ୍ର ଦାଶ ସୂଚନା ଦେଇଛନ୍ତି।

# କୋଦଳା ବସ୍ ମାଲିକ ସଂଘ ବୈଠକ

କୋଦଳା, ୨୯।୯(ଅମିତ କୁମାର ପଟ୍ଟନାୟକ)




ସ୍ଥାନୀୟ କୋଦଳା କଳିଙ୍ଗ ବୈଶ୍ୟ ଭବନ ପରିସରରେ ଗଞ୍ଜାମ ଜିଲ୍ଲା ବସ୍ ମାଲିକ ସଂଘ ଜୋନ-୪ର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବସ୍ ମାଲିକମାନେ ଯୋଗ ଦେଇ ଲକ୍ଷ୍ମୀ ବସ୍ ଯୋଜନାକୁ ବିରୋଧ କରିଥିଲେ। ଆଗାମୀ ୧୦ତାରିଖରେ ବସ୍ ଧର୍ମଘଟକୁ ସମର୍ଥନ ଜଣାଇଥିଲେ। ଏହା ସହ କିଛି ଅସାମାଜିକ ବ୍ୟକ୍ତି ଯାହାର ବସ୍ ନଥାଇ ମଧ୍ୟ କିଛି ବସ୍ ମଲିକଙ୍କୁ ଏକତ୍ରିତ କରି ଜିଲାରେ ବିଶୃଙ୍ଖଳା କରୁଥିବା ନେଇ ସଂଘ ପକ୍ଷରୁ କ୍ଷୋଭ ପ୍ରକାଶ ପାଇଛି।

## ଦୁର୍ନୀତି ବିରୋଧରେ ଭାଜପାର ବ୍ଲକ ଘେରାଉ

କ.ନୂଆଗାଁ,୨୯।୯(କାଳିପ୍ରସାଦ ତ୍ରିପାଠୀ): କନ୍ଧମାଳ ଜିଲା କ.ନୂଆଗାଁ ବ୍ଲକ ଚାଞ୍ଚେଡି ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଅନ୍ନ ଯୋଜନାର ହିତାଧିକାରୀମାନେ ୬ମାସ ହେଲା ଚାଉଳ ପାଇନାହାନ୍ତି। ଏମାନଙ୍କୁ ତୁରନ୍ତ ଚାଉଳ ଦେବା, ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କାମ କରିଥିବା ଶ୍ରମିକଙ୍କ ମଜୁରି ପ୍ରଦାନ, ୨୦୧୭ରୁ ନିର୍ମାଣ ଅଙ୍ଗନୱାଡ଼ି ଗୃହ କାର୍ଯ୍ୟ ସାରିବା, ବସୁଧା ଯୋଜନା କାମ କରିଥିବା ହିତାଧିକାରୀମାନଙ୍କ ମଜୁରି ପ୍ରଦାନ କରିବା ଆଦି ଦାବି ନେଇ କ. ନୂଆଗାଁ ବ୍ଲକ ଭାଜପା ପକ୍ଷରୁ ବ୍ଲକ ଅଫିସ ଘେରାଉ କରାଯାଇଥିଲା। ଏ ନେଇ ବିଡିଓ ଜୟଦେବ ଦାଶଙ୍କୁ ପଚାରିବାରୁ, ତଦନ୍ତ କରି ହିତାଧିକାରୀଙ୍କୁ ଯେଉଁଳି ଚାଉଳ ମିଳିବ ବ୍ୟବସ୍ଥା କରିବେ ବୋଲି କହିଛନ୍ତି। ଯୋଗାଣ ନିରୀକ୍ଷକ ମଳୟ କୁମାର ମେହେର କହିଛନ୍ତି, ୩ ତାରିଖରେ ଚାଞ୍ଚେଡି ଯାଇ ତଦନ୍ତ କରିବେ ବୋଲି କହିଛନ୍ତି। ଭାଜପା ଜିଲା ସଭାପତି ଜଗନ୍ନାଥ ସାହୁ, ନେତା ପଦ୍ମଲୋଚନ ଦାସ, ବ୍ଲକ ସଭାପତି ଲାମଣ୍ଡୁରା ପ୍ରଧାନ, କୈଳାସ ପ୍ରଧାନ, ଭୂଲେଶ୍ୱର୍ ପ୍ରଧାନ, ଗୁରୁଦେବ ପ୍ରଧାନଙ୍କ ସମେତ ଶତାଧିକ ମହିଳା କର୍ମୀ ବ୍ଲକ ଘେରାଉ କରିଥିଲେ।

# ଆମ ପୋଲିସ ସମିତି ବୈଠକ

## ଶାନ୍ତିଶୃଙ୍ଖଳାରେ ଦୁର୍ଗାପୂଜା ପାଳନ ପାଇଁ ଆଲୋଚନା



ବୈଠକରେ ଉପସ୍ଥିତ ସମିତିର ସଭ୍ୟ ଓ ଅନ୍ୟମାନେ।

ଭଞ୍ଜନଗର, ୨୯।୯(ବାବୁଲା ପ୍ରଧାନ)- ଭଞ୍ଜନଗର ଆମ ପୋଲିସ ସମିତି ବୈଠକ ଶୁକ୍ରବାର ଥାନା ପରିସରରେ ଅନୁଷ୍ଠିତ ହୋଇଯାଇଛି। ଭଞ୍ଜନଗର ଥାନା ଅଞ୍ଚଳରେ ଦୁର୍ଗା ପୂଜା କିଭଳି ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ ହୋଇପାରିବ ସେନେଇ ବୈଠକରେ ଆଲୋଚନା ହୋଇଥିଲା। ପୂଜା ସମୟରେ ଟ୍ରାଫିକ ସମସ୍ୟା ରହୁଛି। ତେଣୁ ଟ୍ରାଫିକ ପୋଲିସ ବ୍ୟବସ୍ଥା ସହ କେତେକ ରାସ୍ତାରେ ଭାରିଯାନ ଚଳାଚଳ ଉପରେ କଟକଣା ଲଗାଇବା ପାଇଁ ରୋଟାରିଆନ ଶ୍ରୀରାମ ପାଳ ବୈଠକରେ ନିବେଦନ କରିଥିଲେ। ଏଥିସହ ଅନ୍ଧବିଶ୍ୱାସ, ସାଇବର କ୍ରାଇମ, ଯୌତୁକଜନିତ ନିର୍ଯାତନା ମାମଲା ଆଦି ବିଷୟ ଉପରେ ଆଲୋଚନା ହୋଇଥିଲା। ଏଏସପି ପ୍ରଫୁଲ୍ଲ କୁମାର ବଡଜେନା ବୈଠକରେ ଅଧ୍ୟକ୍ଷତା କରିଥିଲେ। ଥାନା ଅଧିକାରୀ ଭଗବାନ ପୂଜାରୀ, ଏନଏସି ଅଧ୍ୟକ୍ଷ ଗୋପବନ୍ଧୁ ମହାପାତ୍ର, ସଭ୍ୟ କୃତିବାସ ବିଶାଳ, ଭଞ୍ଜ ସାହିତ୍ୟ ପରିଷଦ ଦୁର୍ଗା ପୂଜା କମିଟି ସଭାପତି ସୁଶାନ୍ତ ମହାପାତ୍ର, ଭଞ୍ଜନଗର ଆଞ୍ଚଳିକ ପରିବହନ ଅଧିକାରୀ ଶୁଭେନ୍ଦୁ ରାୟ, ସନ୍ତୋଷ ଜେନା, ଜଗବନ୍ଧୁ ଜେନା, ରାଜା ସାହୁ, ବିଶ୍ୱଜନନୀ କଳା ପରିଷଦ ସଭାପତି ଶାନ୍ତନୁ ଦାସ, ବିଡେକା ସଭ୍ୟ ପ୍ରସନ୍ନ କୁମାର ସ୍ୱାଇଁ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଜଗଦୀଶ ପାଣିଗ୍ରାହୀ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଅନୁପମ ବାନାର୍ଜୀ ସଭାକୁ ସଂଯୋଜନା କରିଥିଲେ।

## ବାଲାଜୀ ମହାବିଦ୍ୟାଳୟରେ ରକ୍ତଦାନ ଶିବିର

ଟିକିଟି,୨୯।୯(ପ୍ରକାଶଚନ୍ଦ୍ର ସାହୁ): ଟିକିଟି ବ୍ଲକ ଅନ୍ତର୍ଗତ ନୂଆପଡା ଗ୍ରାମରେ ଅବସ୍ଥିତ ଶ୍ରୀବାଲାଜୀ ମହାବିଦ୍ୟାଳୟର ଏନଏସଏସ ଏବଂ ୟୁଥ ରେଡକ୍ରସର ମିଳିତ ଆନୁକୂଲ୍ୟରେ ଶୁକ୍ରବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଏହି ରକ୍ତଦାନ ଶିବିରକୁ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ଼କ୍ଟର ସୁଦର୍ଶନ ପଟ୍ଟନାୟକ ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ରୁନାଚନ୍ଦ୍ର ସାହୁ, ଆୟସୀକାନ୍ତ ମହାନ୍ତି, ପ୍ରୋଗ୍ରାମ ଅଧିକାରୀ ସରୋଜ କୁମାର ଦାସ, ୟୁଥ ରେଡକ୍ରସ ଅଧିକାରୀ ଦିଲୀପ କୁମାର ବେହେରା, ପିଙ୍କୁ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ୩୧ ଜଣ ଛାତ୍ର ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ଆୟୋଜିତ ଏହି ରକ୍ତଦାନ ଶିବିରରେ ଓଡିଶା ରକ୍ତକେନ୍ଦ୍ର ମହାରାଜା କୃଷ୍ଣଚନ୍ଦ୍ର ଗଜପତି ମେଡିକାଲ ତରଫରୁ ଡ଼କ୍ଟର ହରେକୃଷ୍ଣ ସାହୁ ଏବଂ ଚିନ୍ମୟୀ ବେହେରା, ଲକ୍ଷ୍ମଣ ବେହେରା ପ୍ରମୁଖ ପରିଚାଳନା କରିଥିଲେ।

# ପର୍ଯ୍ୟଟନ ସ୍ଥଳର ସ୍ୱଚ୍ଛତା ଉପରେ ଗୁରୁତ୍ୱ

ପାରଳାଖେମୁଣ୍ଡି, ୨୯।୯ (ଗିରିଧାରୀ ପରିଛା):



ବୈଠକରେ ଉପସ୍ଥିତ ଜିଲାପାଳ, ଛାତ୍ରୀଛାତ୍ର ଓ ଅନ୍ୟମାନେ।

ଗଜପତି ଜିଲା ପଞ୍ଚାୟତ ସମ୍ବଳ କେନ୍ଦ୍ର ସମ୍ମେଳନ କକ୍ଷରେ ଶୁକ୍ରବାର ବିଶ୍ୱ ପର୍ଯ୍ୟଟନ ଦିବସ ପାଳନ କରାଯାଇଛି। ପ୍ରାରମ୍ଭରେ ଜିଲ୍ଲା ସଂସ୍କୃତି ଅଧିକାରୀ ଅର୍ଚ୍ଚନା ମଙ୍ଗରାଜ ସମସ୍ତଙ୍କୁ ସ୍ୱାଗତ କରି ବିଶ୍ୱ ପର୍ଯ୍ୟଟନ ଦିବସର ଉଦ୍ଦେଶ୍ୟ ସମ୍ପର୍କରେ ସମ୍ୟକ ସୂଚନା ଦେଇଥିଲେ। ଗଜପତି ଜିଲାପାଳ ସ୍ମୃତି ରଞ୍ଜନ ପ୍ରଧାନ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ଉପସ୍ଥିତ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ଜିଲାର ବିଭିନ୍ନ ପର୍ଯ୍ୟଟନ ସ୍ଥଳୀ ବିଷୟରେ ପଚାରି ବୁଝିଥିଲେ। ପ୍ରତି ପର୍ଯ୍ୟଟନ ସ୍ଥଳରେ କିପରି ସ୍ୱଚ୍ଛତା ବଜାୟ ରହିବ ତାହା ଉପରେ ଗୁରୁତ୍ୱ ଦେଇଥିଲେ। ଯେଉଁଳି ଉକ୍ତ ସ୍ଥଳରେ ପ୍ଲାଷ୍ଟିକ ଓ ପଲିଥିନ ବ୍ୟବହାର ହେବ ନାହିଁ ସେଥିପ୍ରତି ସଜାଗ ରହିବାକୁ ପରାମର୍ଶ ଦେଇଥିଲେ। ପ୍ଲାଷ୍ଟିକ ଓ ପଲିଥିନର କୁପରିଣତି ଉପରେ ଛାତ୍ରଛାତ୍ରୀଙ୍କୁ ସଚେତନ କରିଥିଲେ। ଏହି ଅବସରରେ ପାରଳାଖେମୁଣ୍ଡିରେ ଥିବା ବିଭିନ୍ନ ବିଦ୍ୟାଳୟର ୯ମ ଏବଂ ୧୦ମ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏକ କୁଇଜ ପ୍ରତିଯୋଗିତା ହୋଇଥିଲା। ୭୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ମହାରାଜା ବାଳକ ଉଚ୍ଚ ବିଦ୍ୟାଳୟ, ମହାରାଜା ବାଳିକା ଉଚ୍ଚ ବିଦ୍ୟାଳୟ, ମହେନ୍ଦ୍ରଗିରି ଉଚ୍ଚ ବିଦ୍ୟାଳୟ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ଗୀତାଞ୍ଜଳି ପବ୍ଲିକ ସ୍କୁଲ, ଶ୍ରୀ ସତ୍ୟ ସାଇ ବିଦ୍ୟା ବିହାର, ସେଞ୍ଚୁରିଅନ ପବ୍ଲିକ ସ୍କୁଲ, ବିକାଶ ବିଦ୍ୟା ନିକେତନ, ଶ୍ରୀ ଜଗନ୍ନାଥ ନିକେତନ ଶିଶୁ ଯତ୍ନ ଅନୁଷ୍ଠାନ, ପ୍ରାଉଡ଼ ଶିଶୁ ଯତ୍ନ ଅନୁଷ୍ଠାନ, ଉତ୍କଳ ବାଳାଶ୍ରମ, ଗଜପତି ଶାଖାର ଛାତ୍ରଛାତ୍ରୀ ତଥା ଶିକ୍ଷକ ଶିକ୍ଷୟତ୍ରୀ ଉପସ୍ଥିତଥିଲେ।

ଧରିତ୍ରୀ DHARITRI
ଭୁବନେଶ୍ୱର, ଶନିବାର, ୩୦ ସେପ୍ଟେମ୍ବର, ୨୦୨୩



# ବାଟ ହୁଡ଼ିଛି ଡିଏମ୍ଏଫ୍

■ ଶିକ୍ଷା, ସ୍ୱାସ୍ଥ୍ୟ କ୍ଷେତ୍ରକୁ ଅବହେଳା
■ ଆଇନ ଉଲ୍ଲଂଘନ, ସାରା ଜିଲାରେ ଡିଏମ୍ଏଫ୍ ବିନିଯୋଗ

ଯାଜପୁର,୨୯।୯(ହର୍ଷବର୍ଦ୍ଧନ ବେହେରା)

ଜୁଲାଇ ୨୦୨୩ ସୁଦ୍ଧା ଜିଲା ଖଣିଜ ପଦାର୍ଥ ପ୍ରତିଷ୍ଠାନ(ଡିଏମ୍ଏଫ୍) ପାଣ୍ଠିରେ ସମୁଦାୟ ୨୩୧୫୧.୧୫ କୋଟି ଟଙ୍କା ସଂଗ୍ରହ ହୋଇଛି। ଏଥିରେ ରାଜ୍ୟର ୮ ପ୍ରମୁଖ ଜିଲା ଅନୁଗୋଳ, ଯାଜପୁର, ଝାରସୁଗୁଡ଼ା, କେନ୍ଦୁଝର, କୋରାପୁଟ, ମୟୂରଭଞ୍ଜ, ରାୟଗଡ଼ା ଓ ସୁନ୍ଦରଗଡ଼କୁ ସାମିଲ କରାଯାଇଛି। ସେଥିମଧ୍ୟରୁ ଯାଜପୁର ଜିଲାରେ ୧୮୯୭.୮୭ କୋଟି ଟଙ୍କା ସଂଗ୍ରହ ହୋଇଛି। ଏଥିରେ ୪,୧୦୧ଟି ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ ହାତକୁ ନିଆଯାଇଥିବାବେଳେ ସେଥିରୁ ୨,୯୮୧ଟି ଶେଷ ହୋଇଛି। ଏହିସବୁ ପ୍ରକଳ୍ପରେ ୧୦୩୫.୫୬ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି। ଆବଣ୍ଟିତ ଅର୍ଥରୁ ଏହି ଖର୍ଚ୍ଚ ହେଉଛି ୪୦.୮୯% ବୋଲି ଡିଏମ୍ଏଫ୍ ସମୀକ୍ଷା ରିପୋର୍ଟରୁ ସ୍ପଷ୍ଟ ହୋଇଛି। କେବଳ ଖଣି ଖାଦାନ ଭରା ଅଞ୍ଚଳର ବିକାଶ ପାଇଁ ଡିଏମ୍ଏଫ୍ ଖର୍ଚ୍ଚ କରାଯିବ ବୋଲି ଆକ୍ଟରେ ଦର୍ଶାଯାଇଛି। କିନ୍ତୁ କେତେଜଣ ପ୍ରଭାବଶାଳୀ ଗୋଷ୍ଠୀଙ୍କ ସ୍ୱାର୍ଥ ସାଧନ ପାଇଁ ଜିଲାସ୍ତରୀୟ ବୈଠକରେ ନିଷ୍ପତ୍ତି ନିଆଯାଇ ଯାଜପୁର ଜିଲା ସାରା ଏହି ପାଣ୍ଠି ଖର୍ଚ୍ଚ କରାଯାଉଛି। ଫଳରେ ବାସ୍ତବରେ ଉପକୃତ ହେବାକୁ ଥିବା ସୁକିନ୍ଦା ଖଣି ଅଞ୍ଚଳବାସୀଙ୍କ ବିକାଶ ପ୍ରକ୍ରିୟା ବିଳମ୍ବ ହେଉଥିବା ମତପ୍ରକାଶ ପାଇଛି। ତେଣୁ ଏବେବି ଡୁମୁଣି, ଗୁହିଆଶାଳ ଭଳି ଅନେକ ଅପହଞ୍ଚ ଗ୍ରାମ ଦେଖିବାକୁ ମିଳୁଛି। ଏହାସହ ଶିକ୍ଷା କ୍ଷେତ୍ରକୁ ସେତେଟା ଗୁରୁତ୍ୱ ଦିଆ ନ ଯାଇ ଠିକାଦାର ପୋଷା ନୀତିରେ ନିର୍ମାଣ କାର୍ଯ୍ୟକୁ ଅଧିକ ଗୁରୁତ୍ୱ ଦିଆଯାଉଥିବା କୁହାଯାଉଛି।

ଡିଏମ୍ଏଫ୍ରେ ଶିକ୍ଷା ଓ ସ୍ୱାସ୍ଥ୍ୟକୁ ଅଧିକ ଗୁରୁତ୍ୱ ଦେବାକୁ ଦାବି ହେଉଥିଲେ ହେଁ ଠିକାଦାରମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ନିର୍ମାଣ କାର୍ଯ୍ୟକୁ ଅଧିକ ପ୍ରାଧାନ୍ୟ ମିଳୁଛି। ଏହିକ୍ରମରେ ୮ ଜିଲା କଥାକୁ ଯଦି ବିଚାରକୁ ନିଆଯାଏ ତେବେ ପୂର୍ତ୍ତ ବିଭାଗକୁ ସର୍ବାଧିକ ୫୭୩୦.୬୯ କୋଟି, ଦ୍ୱିତୀୟରେ ପଞ୍ଚାୟତିରାଜ ଓ ପାନୀୟ ଜଳଯୋଗାଣ ବିଭାଗକୁ ୫୨୦୨.୪୧ କୋଟି ଏବଂ ତୃତୀୟରେ ସ୍କୁଲ ଓ ଗଣଶିକ୍ଷା ବିଭାଗକୁ ୨,୭୭୦.୫୧ କୋଟି ଟଙ୍କା ବଣ୍ଟନ ହୋଇଛି। ସ୍ୱାସ୍ଥ୍ୟକ୍ଷେତ୍ରକୁ ୬ଷ୍ଠ ସ୍ଥାନରେ ରଖାଯାଇ ୧,୨୨୦.୮୨ କୋଟି ଟଙ୍କା ବଣ୍ଟନ କରାଯାଇଛି। ଏହାବାଦ୍ ରିପୋର୍ଟ ଅନୁସାରେ ପୂର୍ତ୍ତ, ପାନୀୟ ଜଳଯୋଗାଣ, ଶିକ୍ଷା, ଗ୍ରାମ୍ୟ ନିର୍ମାଣ, ସ୍ୱାସ୍ଥ୍ୟ, ଜଳ ସମ୍ପଦ, ଗୃହ ଓ ନଗର ଉନ୍ନୟନ, ମହିଳା ଓ ଶିଶୁ ବିକାଶ, ଏସ୍ଟି,ଏସ୍ସି ଇତ୍ୟାଦି ବିଭାଗରେ ଆବଣ୍ଟିତ ଅର୍ଥର ଶତପ୍ରତିଶତ ଖର୍ଚ୍ଚ କରାଯାଇପାରିନାହିଁ। ଶତାଧିକ ପ୍ରକଳ୍ପ ଅଧାପନ୍ତରିଆ ହୋଇ ପଡ଼ି ରହିଥିବା ଜଣାପଡ଼ିଛି। ଯାଜପୁର ଜିଲାର ଖଣି ଅଞ୍ଚଳକୁ ଏଠାରେ ଉଦାହରଣ ଭାବେ ନିଆଯାଇପାରେ। ମେଗା ଉଠା ଜଳସେଚନ ପ୍ରକଳ୍ପ ପାଇଁ ଡିଏମ୍ଏଫ୍ ପାଣ୍ଠିରୁ ପ୍ରାୟ ୯୪ କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା। ହେଲେ କାଳିଆପାଣି ଖଣି ଅଞ୍ଚଳବାସୀ ଏହି ପ୍ରକଳ୍ପରୁ ବୁନ୍ଦାଏ ପାଣି ସେମାନଙ୍କ ଜମି ପାଇଁ ପାଇ ନ ଥିବା ଅଭିଯୋଗ ହେଉଛି। ସେହିପରି କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ପାଇଁ ୭ କୋଟି ୩ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିଲା। ହେଲେ ଖଣି ପ୍ରଭାବିତ ଅଞ୍ଚଳବାସୀଙ୍କ କୌଣସି ଜମିରେ ୨ ଫସଲି ଚାଷ ଏଯାଏ ହୋଇ ପାରିନାହିଁ। ଶିକ୍ଷା କ୍ଷେତ୍ରକୁ ଅବଲୋକନ କଲେ ଏଯାଏ କାଳିଆପାଣି ଖଣି ଅଞ୍ଚଳରେ ଏକ ଯୁକ୍ତଦୁଇ କଲେଜ ପ୍ରତିଷ୍ଠା ହୋଇ ପାରିନାହିଁ। କୁହିକାରେ ଯୁକ୍ତଦୁଇ କଲେଜ ନିର୍ମାଣାଧୀନ ରହିଛି। ସେହିପରି କାଳିଆପାଣି ଅଞ୍ଚଳରେ ନିକଟରେ ଏକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରତିଷ୍ଠା ହୋଇଥିଲେ ହେଁ ଆବଶ୍ୟକ ଡାକ୍ତର ନାହାନ୍ତି। ଖଣି ଅଞ୍ଚଳରେ ଶିକ୍ଷା ଏବଂ ସ୍ୱାସ୍ଥ୍ୟକୁ ଅଣଦେଖା କରାଯାଉଥିବାର କାରଣ ଲୋକେ ଏବେ ଖୋଜିବାକୁ ଲାଗିଲେଣି। ଏହି ଖଣି ଅଞ୍ଚଳରେ ଗତ ୩ ଦଶନ୍ଧି ହେଲା ଗୋଟିଏ ପରିବାରର ଶାସନ କରି ଆସୁଛନ୍ତି। ଏକାଧିକ ଥର ମନ୍ତ୍ରୀପଦରେ ଅଳଙ୍କୃତ ହୋଇ ପାରିଛନ୍ତି। କିନ୍ତୁ ନଗଡ଼ା, ଗୁହିଆଶାଳ, ଡୁମୁଣି ଗ୍ରାମ ଭଳି ଅବହେଳିତ ଅଞ୍ଚଳର ଚିତ୍ର ଏବେ ବି ଦେଖିବାକୁ ମିଳିଛି। ଏଠାରେ ଏକାଧିକ ଖଣି ରହିଥିଲେ ହେଁ ଗରିବ ଲୋକ ଦାଦନ ଖଟିବାକୁ ଯାଉଥିବା ଦେଖିବାକୁ ମିଳିଛି। କେତେଜଣ ପ୍ରଭାବଶାଳୀ ନେତାଙ୍କ ଆର୍ଥିକସ୍ଥିତି ମଜଭୁତ ହେଉଥିବାବେଳେ ଗରିବ ଲୋକ ଆହୁରି ଗରିବ ହେଉଥିବା ମତପ୍ରକାଶ ପାଇଛି।

## ସଂକ୍ଷେପରେ

## ଜାତୀୟ ସେବା ଯୋଜନାର ପ୍ରତିଷ୍ଠା ଦିବସ

ଯାଜପୁରରୋଡ୍,୨୯।୯(ପବିତ୍ର ରଞ୍ଜନ ମହାନ୍ତି)

ବ୍ୟାସନଗରସ୍ଥିତ ଇନ୍ଦିରା ଗାନ୍ଧୀ ମହିଳା ଡିଗ୍ରୀ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ପକ୍ଷରୁ ସେବା ଯୋଜନାର ୫୫ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ସେବା ଯୋଜନା ସଂଯୋଜିକା ତଥା ଅଧାପିକା ସୁଚିସ୍ମିତା ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ୬୦ଜଣ ସ୍ୱେଚ୍ଛାସେବୀ ଛାତ୍ରୀ ଯୋଗ ଦେଇଥିଲେ। ଏନେଇ ଏକ ସଭା ମହାବିଦ୍ୟାଳୟ ଅନୁଷ୍ଠାନର ଅଧ୍ୟକ୍ଷ ରତ୍ନାକର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ସଭାରେ ଅତିଥିଭାବେ ଓଡ଼ିଆ ବିଭାଗ ଅଧ୍ୟାପକ ମଳୟ କୁମାର ମଲ୍ଲିକ ଓ ଇତିହାସ ବିଭାଗ ଅଧ୍ୟାପକ ପଦ୍ମଭୂଷଣ ରାଉତରାୟ ଯୋଗଦେଇ ସେବା ଯୋଜନାର ପ୍ରତିଷ୍ଠା ଓ ତା'ର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସଭା ପ୍ରାରମ୍ଭରେ ମହାତ୍ମା ଗାନ୍ଧୀଙ୍କ ତୈଳଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲାବେଳେ ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଂଗୀତ ଗାନ କରାଯାଇଥିଲା। ଅନୁଷ୍ଠାନର କର୍ମଚାରୀ ଓ ସ୍ୱେଚ୍ଛାସେବୀ ଛାତ୍ରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ସଂଯୋଜିକା ବେହେରା ଧନ୍ୟବାଦ ଦେଇଥିଲେ।

## ଭାଗବତ ଜନ୍ମ ପାଳିତ

କାଏମା,୨୯।୯(ଶିବପ୍ରସାଦ ମହାନ୍ତି):

ଧର୍ମଶାଳା ବ୍ଲକ ଅନ୍ତର୍ଗତ ବଡ଼କାଏମା ପଞ୍ଚାୟତର ମା'କମଳେଇ ମନ୍ଦିର ପ୍ରାଙ୍ଗଣରେ ଶ୍ରୀମଦ୍ ଭାଗବତ ପାରାୟଣ ପରିଷଦ ପକ୍ଷରୁ ଭାଗବତ ଜନ୍ମ ଦିବସ ପାଳିତ ହୋଇଯାଇଛି। ପରିଷଦ ସଭାପତି ପଦ୍ମନାଭ ସାହୁଙ୍କ ନେତୃତ୍ୱ ଓ କୋଷାଧ୍ୟକ୍ଷ ମନୋଜ କୁମାର ମହାରଣାଙ୍କ ସହଯୋଗରେ ଭାଗବତ ପଠନ, ଗୀତ ପାଠ ଓ ହୋମଯଜ୍ଞ ଆୟୋଜନ କରାଯାଇଥିଲା। ପାଠକ ଭମରବର ତରାଇ ଭାଗବତରେ ଭଗବାନଙ୍କ ଲୀଳା, ରୂପ, ଧାମ ଓ ମାହାତ୍ମ୍ୟ ଆଦିର ବର୍ଣ୍ଣନା ବିଷୟରେ ପଠନ କରିଥିଲେ। ସଦସ୍ୟ କୁଳମଣି ସ୍ୱାଇଁ, ତପନ କିଶୋର ଷଡ଼ଙ୍ଗୀ, ମଧୁସୂଦନ ସାହୁ, ଶ୍ରୀଧର ସେନାପତି, ଧ୍ରୁବ ଚରଣ ପୃଷ୍ଟି ପ୍ରମୁଖ ସହଯୋଗ କରିଥିଲେ। ଏଥିରେ ୫୦୦ରୁ ଅଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।



## ଗୀତା ମେହେଟ୍ଟାଙ୍କ ସ୍ମୃତିସଭା

ଯାଜପୁର ଟାଉନ,୨୯।୯
(ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):

ପ୍ରଖ୍ୟାତ ଇଂଲିଶ ଲେଖିକା ଗୀତା ମେହେଟ୍ଟାଙ୍କ ଏକାଦଶାହ ଉପଲକ୍ଷେ ଏକ ସ୍ମୃତିସଭା ବିରଜା ମହିଳା ମହାବିଦ୍ୟାଳୟ ପରିସରରେ ରକ୍ ପେବୁଲସ ଇଂରାଜୀ ସାହିତ୍ୟ ପତ୍ରିକା ସହଯୋଗରେ ଅନୁଷ୍ଠିତ ହୋଇଯାଇଛି। ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. କୁଶଚନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ଯାଜପୁର ପୌର ପରିଷଦର ଉପାଧ୍ୟକ୍ଷ ସନ୍ତୋଷ ମଲ୍ଲିକ ମୁଖ୍ୟଅତିଥି, ବରିଷ୍ଠ ଲେଖକ ନିତ୍ୟାନନ୍ଦ ପଣ୍ଡା ମୁଖ୍ୟବକ୍ତାଭାବେ ଯୋଗଦେଇ ଗୀତାଙ୍କ ବିଶ୍ୱ ସାହିତ୍ୟକୁ ଥିବା ଅବଦାନ ସମ୍ବନ୍ଧରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଆୟୋଜକ ତଥା ରକ୍ ପେବୁଲସ ପତ୍ରିକାର ସମ୍ପାଦକ ଡ. ଉଦୟ ନାଥ ମାଝି ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ସ୍ୱର୍ଗତ ଆତ୍ମାର ସଦ୍ଗତି ପାଇଁ ଉପସ୍ଥିତ ସମସ୍ତ ଅତିଥି, କଲେଜର ଛାତ୍ରୀ ଓ ଅଧ୍ୟାପକମାନେ ଏକ ମିନିଟ ନୀରବ ପ୍ରାର୍ଥନା କରିଥିଲେ। କଲେଜ ଅଧ୍ୟକ୍ଷା ଜ୍ୟୋତ୍ସ୍ନା ସାହୁ, ଅଧ୍ୟାପକ ବାପୁଜୀ ଦାସ, ସମସ୍ତ କର୍ମଚାରୀ, ଅଳକୁଣ୍ଡ କଲେଜ ପ୍ରାକ୍ତନ ଅଧ୍ୟକ୍ଷ ବଳରାମ ମହାନ୍ତି ଓ ଅବସରପ୍ରାପ୍ତ ଶିକ୍ଷକ କାମେଶ୍ୱର ପଣ୍ଡା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଡିଗ୍ରୀ କଲେଜ ଅଧ୍ୟକ୍ଷା ସୁକାନ୍ତି ସାହୁ ଧନ୍ୟବାଦ ଦେଇଥିଲେ।

## ଜାରକା ଗଣେଶପୂଜା କମିଟିର ଭସାଣ ଉତ୍ସବ



ବିସର୍ଜନ ପାଇଁ ଗଣେଶଙ୍କୁ ଶୋଭାଯାତ୍ରାରେ ନିଆଯାଉଛି।

ଧର୍ମଶାଳା,୨୯।୯(ବଟକୃଷ୍ଣ ପରିଡ଼ା):

ଧର୍ମଶାଳା ବ୍ଲକ ଅଧୀନ ଜାରକା ଗଣେଶ ପୂଜା କମିଟି ପକ୍ଷରୁ ଅନୁଷ୍ଠିତ ଗଜାନନଙ୍କ ପୂଜାର ଭସାଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଗଣେଶଙ୍କ ମୃଣ୍ମୟୀ ମୂର୍ତ୍ତି ଓ ପାର୍ଶ୍ୱମୂର୍ତ୍ତିଗୁଡ଼ିକୁ ରୋସଣୀରେ ନିଆଯାଇ ଜାରକା କଲେଜସ୍ଥିତ ପୁଷ୍କରିଣୀରେ ବିଷର୍ଜନ କରାଯାଇଛି। ଭସାଣ ଉତ୍ସବରେ ଜାରକା ବଜାର ଗଣେଶ ପୂଜା କମିଟି ସଭାପତି କୁଳମଣି ରାଉତ, ସମ୍ପାଦକ ସ୍ୱୟଂସିଦ୍ଧ ମହାନ୍ତି, ସଭ୍ୟ ପ୍ରଫୁଲ୍ଲ ସାହାଣୀ, ଗୁରୁଚରଣ ନାଥ, ଅମରେନ୍ଦ୍ର ରାଉତ, ଅନନ୍ତ ପ୍ରଧାନ ଓ ପୀତବାସ ସାହୁ ପ୍ରମୁଖ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଜାରକା ବଡ଼ବଜାରସ୍ଥିତ ପୂଜା ମଣ୍ଡପରେ ସୋମବାରଠାରୁ ଏହି ପୂଜା ଶୁଭାରମ୍ଭ ହୋଇଥିବାବେଳେ ୧୦ ଦିନ ବ୍ୟାପୀ ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ ଉପଭୋଗ କରିବା ପାଇଁ ପ୍ରତ୍ୟେକ ସନ୍ଧ୍ୟାରେ ଶହଶହ ଦର୍ଶକଙ୍କ ସମାଗମ ହୋଇଥିଲା। ଗଣେଶ ମଣ୍ଡପ ସମ୍ମୁଖରେ ଏକ ଆକର୍ଷଣୀୟ ତୋରଣ କରାଯାଇଥିବାବେଳେ ରଙ୍ଗିନ ଆଲୋକମାଳାରେ ବଜାରରକୁ ସଜାଯାଇଥିଲା।




କଂଗ୍ରେସ ନେତା ଓ କର୍ମୀମାନେ ଶୋଭାଯାତ୍ରାରେ ଯାଉଛନ୍ତି।

## ଘରେ ଘରେ କଂଗ୍ରେସ, ଘରେ ଘରେ ହାତ କାର୍ଯ୍ୟକ୍ରମ

ବରୀ,୨୯।୯(ମହେନ୍ଦ୍ର ସ୍ୱାଇଁ):

ବରୀ ବ୍ଲକ୍ କଂଗ୍ରେସ ପକ୍ଷରୁ ଶୁକ୍ରବାର ଘରେ ଘରେ କଂଗ୍ରେସ ଓ ଘରେ ଘରେ ହାତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବରୀ ମାଉଣ୍ଟଠାରୁ ଏକ ପଦଯାତ୍ରା ବାହାରି ବ୍ଲକ କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲା। ଏଥିରେ ଜିଲା କଂଗ୍ରେସ ସଭାପତି ମନୋଜ ରାଉତ, ବ୍ଲକ କଂଗ୍ରେସ ସଭାପତି ମନୋଜ ଦାସ, ବରୀ ନିର୍ବାଚନମଣ୍ଡଳୀ ଯୁବ କଂଗ୍ରେସ ସଭାପତି ଅପୂର୍ବ ସାମଲ, ଉପସଭାପତି ଅମରେଶ ପରିଡ଼ା, ଦଳିତ ସଭାପତି ଦୁର୍ଯ୍ୟୋଧନ ବେହେରା, ନାରୀନେତ୍ରୀ କଳ୍ପନା ପଣ୍ଡା, ଯାଜପୁର ବ୍ଲକ କଂଗ୍ରେସ ସଭାପତି ଗଦାଧର ଦାସ ଓ ଜିଲା ଯାଦବ ସଂଘ ସଭାପତି ଗଣେଶ୍ୱର ଦାସ ପ୍ରମୁଖ ଯୋଗଦେଇ ସ୍ଥାନୀୟ ରାମେଶ୍ୱର ମନ୍ଦିରଠାରେ ଅନୁଷ୍ଠିତ ସଭାରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଥିଲେ। କେନ୍ଦ୍ର ସରକାର ବେକାର ଯୁବତୀଯୁବକଙ୍କୁ ନିଯୁକ୍ତି ଦେବା ଏକ ପ୍ରହସନ ବୋଲି ବ୍ଲକ ସଭାପତି ଦାସ ମତ ରଖିଥିଲେ। ଜିଲା ସଭାପତି ରାଉତ ଓଡ଼ିଶାବାସୀ ଓ ଗଣମାଧ୍ୟମ ପ୍ରତି ରାଜ୍ୟ ସରକାର କିଭଳି ବ୍ୟବହାର କରୁଛନ୍ତି ତାହା ସାଧାରଣ ଲୋକଙ୍କ ନିକଟରେ ଅଛପା ନାହିଁ ବୋଲି କହିଥିଲେ। ନାରୀ ସୁରକ୍ଷା କ୍ଷେତ୍ରରେ ରାଜ୍ୟ ସରକାର ମିଛ ପ୍ରଚାର କରୁଛନ୍ତି ବୋଲି ନାରୀ ନେତ୍ରୀ କଳ୍ପନା ପଣ୍ଡା ପ୍ରକାଶ କରିଥିଲେ। ପଦଯାତ୍ରାରେ ଅନ୍ୟମାନଙ୍କ ମଧ୍ୟରେ ପ୍ରାକ୍ତନ ସମିତିସଭ୍ୟ ଦେବେନ୍ଦ୍ର ପ୍ରଧାନ, ବରିଷ୍ଠ ନେତା ନନ୍ଦ ସେନାପତି, ପ୍ରାକ୍ତନ ସମିତିସଭ୍ୟ ରବୀନ୍ଦ୍ର ଦଳେଇ, କାଙ୍ଗାଳି ରାଉତ, ରବୀନ୍ଦ୍ର ପତିଆଡ଼ି, ଜଗବନ୍ଧୁ ସାମଲ, ରମେଶ ସ୍ୱାଇଁ, କୁଳମଣି ନାୟକ, ଗିରିଜା ରାଏ ଓ ସୁବାସ ସେଠୀ ପ୍ରମୁଖ ଯୋଗ ଦେଇଥିଲେ।

## ମା'ଗଜଲକ୍ଷ୍ମୀଙ୍କ ମୂର୍ତ୍ତି ନିର୍ମାଣ ପାଇଁ ମାଟି ଉଠାଣ

ଚଣ୍ଡିଖୋଲ,୨୯।୯(ପ୍ରଦୀପ୍ତ କୁମାର ପୃଷ୍ଟି):

ବାଲିଚନ୍ଦ୍ରପୁର ବଜାରର ପ୍ରସିଦ୍ଧ ଗଜଲକ୍ଷ୍ମୀଙ୍କ ପୂଜାର ମୂର୍ତ୍ତି ନିର୍ମାଣ ନିମନ୍ତେ ମାଟି ଉଠାଣ କରାଯାଇଛି। ବାଲିଚନ୍ଦ୍ରପୁର ବଜାର ଓ ଏହାର ଆଖପାଖ ଅଞ୍ଚଳରେ ୩୦ରୁ ଊର୍ଦ୍ଧ୍ୱ ମୂର୍ତ୍ତି ପୂଜା ପାଇଥାନ୍ତି। ସେଥିପାଇଁ ଇନ୍ଦୁ ପୂର୍ଣ୍ଣମୀରେ ମାଟି ଉଠାଣ କରାଯାଇଥାଏ। ପ୍ରଥମେ ବାଲିଚନ୍ଦ୍ରପୁରସ୍ଥିତ ଶ୍ୟାମ ସୁନ୍ଦର ବଜାର ପକ୍ଷରୁ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ନିର୍ମାଣ ନିମନ୍ତେ ମାଟି ଉଠାଣ କରାଯାଇଥିଲା। ଏଥିରେ ବଜାର କମିଟି ସଭାପତି ପ୍ରଦୀପ୍ତ କୁମାର ପୃଷ୍ଟି, ସମ୍ପାଦକ ପ୍ରଭାସ କୁମାର ଦାଶ, ଅନିରୁଦ୍ଧ ସାହୁ, ଅକ୍ଷୟ କୁମାର ପରିଡା, ବିକ୍ରମ କେଶରୀ ରାଉତ, ଗୁରୁଚରଣ ସାହୁ, ବିଶ୍ୱନାଥ ସେଠୀ ଓ ସୁବାସ ଚନ୍ଦ୍ର ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ପୂଜକ ଭରତ ଚନ୍ଦ୍ର

## କର୍କଟ ରୋଗରେ ଛାତ୍ରଙ୍କ ମୃତ୍ୟୁ

ଧର୍ମଶାଳା,୨୯।୯(ବଟକୃଷ୍ଣ ପରିଡ଼ା):

ଧର୍ମଶାଳା ବ୍ଲକ୍ ଅଧୀନ ପାଖର ପଞ୍ଚାୟତ ବାଜାବାଟି ଗ୍ରାମର ଜଣେ ଡିପ୍ଲୋମା ଇଞ୍ଜିନିୟର ଛାତ୍ରଙ୍କ କର୍କଟ ରୋଗରେ ମୃତ୍ୟୁ ହୋଇଛି। ମୃତକ ହେଲେ ବାଜାବାଟି ଗ୍ରାମର ବାବୁଲି ସାହୁଙ୍କ ପୁଅ ରଞ୍ଜନ କୁମାର ସାହୁ(୨୨)। ସେ ଟାଙ୍ଗିସ୍ଥିତ ଡ୍ରିମ୍ସ କଲେଜରେ ପାଠ ପଢୁଥିଲେ। ଅସୁସ୍ଥ ହେବାରୁ ଭୁବନେଶ୍ୱରସ୍ଥିତ ଏକ ନର୍ସିଂହୋମରେ ଚିକିତ୍ସାଧୀନ ଥିଲେ। ପରିବାର ଲୋକଙ୍କୁ ଦେଖା କରିବାକୁ ଜିଦ ଧରିବାରୁ ଗୁରୁବାର ତାଙ୍କୁ ଘରକୁ ଅଣାଯାଇଥିଲା। ମାତ୍ର ଘରେ ପହଞ୍ଚିବା ପରେ ରାତି ୨ଟାରେ ତାଙ୍କର ମୃତ୍ୟୁ ହୋଇଥିଲା। ଶୁକ୍ରବାର ତାଙ୍କୁ ସହଯୋଗୀମାନେ ଏକ ବିରାଟ ପଟୁଆରରେ ଗଙ୍ଗାଧରପୁର ଓ ଜାରକା ବଜାର ପରିକ୍ରମା କରାଇଥିଲେ। ପରେ ତାଙ୍କୁ ପୁରୀ ସ୍ୱର୍ଗଦ୍ୱାରକୁ ନିଆଯାଇଥିଲା। ସେଠାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକ ପ୍ରକାଶ ପାଇଛି।

## ଭାଗବତ ଜନ୍ମ ପାଳିତ

ପାଣିକୋଇଲି,୨୯।୯(ବିକାଶ ମଲ୍ଲିକ):

ପାଣିକୋଇଲି ପଞ୍ଚାୟତର ସାମନ୍ତରା ସାହିରେ ଥିବା ଭାଗବତ ଟୁଙ୍ଗିଠାରେ ଭାଗବତ ଜନ୍ମ ପାଳିତ ହୋଇଯାଇଛି। ସ୍ଥାନୀୟ ବାହ୍ମଣ ଅକ୍ଷୟ କୁମାର ଦାଶ ଓ ବିଜୟ କୁମାର ପଣ୍ଡାଙ୍କ ପୌରହିତ୍ୟରେ କର୍ତ୍ତାଭାବେ ବଟକୃଷ୍ଣ ରାୟ ଯୋଗ ଦେଇଥିଲେ। ସେହିପରି ଦାମୋଦରପୁର ଗ୍ରାମରେ ଥିବା ଜଗନ୍ନାଥଙ୍କ ମନ୍ଦିରରେ ଭାଗବତ ଜନ୍ମୋତ୍ସବ ପାଳନ କରାଯାଇଛି। ଏଥିସହିତ ପଥରପଦା ପଞ୍ଚାୟତର ଓଟିନ୍ଦା ଗ୍ରାମରେ ସାମ୍ବାଦିକ ସୁବାସ ଧଳଙ୍କ ବାସଭବନରେ ଭାଗବତ ଜନ୍ମ ପାଳନ ସହିତ ହୋମଯଜ୍ଞ ଅନୁଷ୍ଠିତ ହୋଇଛି।

## ମହାବିଦ୍ୟାଳୟରେ ରକ୍ତଦାନ ଶିବିର



ଶିବିରରେ ରକ୍ତ ସଂଗ୍ରହ କରାଯାଉଛି।

ବଡ଼ଚଣା,୨୯।୯(ଦିଲୀପ ମହାନ୍ତି):

ବଡ଼ଚଣା ଶିକ୍ଷା ମଣ୍ଡଳ ଅଧୀନ ନୂଆହାଟସ୍ଥିତ ବିଷ୍ଣୁ ସାମନ୍ତରାୟ ମହାବିଦ୍ୟାଳୟଠାରେ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ପବିତ୍ର ମୋହନ ମାହାଲାଙ୍କ ସଭାପତିତ୍ୱରେ ଆୟୋଜିତ ଶିବିରକୁ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ରାଜେଶ କୁମାର ବେହେରା ଉଦ୍ଘାଟନ କରିଥିଲେ। କଲେଜର ପୂର୍ବତନ ଅଧ୍ୟକ୍ଷ ବ୍ରଜକିଶୋର ସ୍ୱାଇଁ, ପ୍ରାଧ୍ୟାପକ ପ୍ରମୋଦ କୁମାର ଖଣ୍ଡାଇ, ଅଧ୍ୟାପକ ନାରାୟଣ ଚନ୍ଦ୍ର ମୁଦୁଲି, ସାନ୍ତନୁ କୁମାର ରାଉତରାୟ, ଡ. ସମ୍ବିତ ମହାନ୍ତି, ଡ. ଭାଗ୍ୟଧର ନାୟକ, ଅଧ୍ୟାପିକା ରଞ୍ଜିତା ସ୍ୱାଇଁ, ଡ. ଅମ୍ବିକା ତ୍ରିପାଠୀ ଓ ନିରୁପମା ସ୍ୱାଇଁ ପ୍ରମୁଖ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ।
ମୁଖ୍ୟକିରାଣି ସନାତନ ନାୟକ, ବରିଷ୍ଠ କିରାଣି ଅକ୍ଷୟ କୁମାର ରାଉତରାୟ, ଆକାଉଣ୍ଟାଣ୍ଟ ପ୍ରସନଜିତ ସାମଲ, ଜାତୀୟ ସେବା ଯୋଜନାର ସଂଯୋଜକ କିଶୋର କୁମାର ସାହୁ, ସଂଯୋଜିକା ଗୀତାଞ୍ଜଳି ମହାନ୍ତି ଓ ଶୁଭଶ୍ରୀ ସାହୁ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ ଡା. ପ୍ରଶାନ୍ତ କୁମାର ବିଶ୍ୱାଳ, ପାର୍ଥସାରଥୀ ପୁହାଣ, ମହେଶ୍ୱର ବେହେରା, କିଶାନ କୁମାର ଜେନା, ଅଜୟ କୁମାର ଜେନା, ହୃଷୀକେଶ ଜେନା, ତରୁଣ କୁମାର ନାୟକ, ସନ୍ତୋଷ କୁମାର ବିଶ୍ୱାଳ ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ। ଶିବିରରେ ମୋଟ୍ ୬୪ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା।

## ୩୨୮ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ

ବଡ଼ଚଣା,୨୯।୯(ଦିଲୀପ ମହାନ୍ତି):

ବଡ଼ଚଣା ବ୍ଲକ ଅନ୍ତର୍ଗତ ଦର୍ପଣ ପଞ୍ଚାୟତ କାର୍ଯ୍ୟାଳୟଠାରେ ଏକ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ କାଇମାଟିଆ, ଭୂଷଣ୍ଡପୁର ଓ ଦର୍ପଣ ପଞ୍ଚାୟତର ୩୨୮ ନୂତନ ହିତାଧିକାରୀଙ୍କୁ ବାର୍ଦ୍ଧକ୍ୟ, ବିଧବା ଓ ବିକଳାଙ୍ଗ ଭତ୍ତା ପ୍ରଦାନ କରାଯାଇଛି। ହିତାଧିକାରୀଙ୍କ ମଧ୍ୟରେ ବାର୍ଦ୍ଧକ୍ୟ ଭତ୍ତା ୨୫୭, ବିକଳାଙ୍ଗ ୨୮, ବିଧବା ୪୪, ଅବିବାହିତ ଓ ଛାଡ଼ପତ୍ର ହିତାଧିକାରୀ ୨ଜଣ ରହିଛନ୍ତି। ନିରଞ୍ଜନ ସେନାପତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ, ଜିଲା ପରିଷଦ ସଭ୍ୟ ଅରବିନ୍ଦ ସାମଲ, ଜିତେନ୍ଦ୍ର ନାୟକ, ସରପଞ୍ଚ ରଞ୍ଜନ କୁମାର ଦାଶ, ଯଜାତି କେଶରୀ ରାଉତ, ପୂର୍ବତନ ଜିଲା ପରିଷଦ ସଭ୍ୟା ବିନୋଦିନୀ ସାହୁ, ସମିତିସଭ୍ୟ ଜଗନ୍ନାଥ ମୁଦୁଲି ଓ ସଭ୍ୟା ନଳିନି ପ୍ରଭା ସାହାଣୀ ପ୍ରମୁଖ ଯୋଗଦେଇ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରିଥିଲେ। ଏଥିସହିତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନହିତକର ଯୋଜନାଗୁଡିକ ଲୋକଙ୍କ ନିକଟରେ ପହଞ୍ଚାଇ ସେମାନଙ୍କୁ ଆର୍ଥିକ କ୍ଷେତ୍ରରେ ସ୍ୱାବଲମ୍ବୀ କରିବା ପାଇଁ ଆହ୍ୱାନ ଦେଇଥିଲେ।




ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରାଯାଉଛି।

## ବିସ୍ଥାପିତ ଚିରିଗୁଡ଼ା ବସ୍ତିବାସିନ୍ଦାଙ୍କୁ କ୍ଷତିପୂରଣ ପ୍ରଦାନ

### ପରିବାର ପିଛା ମିଳିଲା ୧୩ ଲକ୍ଷ ୬୦ ହଜାର ଟଙ୍କାର ଚେକ୍

କାଳିଆପାଣି,୨୯।୯(ଅସିତ ମହାନ୍ତ):

ଓଡ଼ିଶା ଖଣି ନିଗମ(ଓଏମ୍ସି)ର ସୁକୁରଙ୍ଗୀ ଖଣି ମାଟି ଡମ୍ପ ପାଇଁ ବିସ୍ଥାପିତ ହେବାକୁ ଥିବା ଚିରିଗୁଡ଼ା ଗ୍ରାମର ୩୦ ପରିବାରକୁ କ୍ଷତିପୂରଣ ପ୍ରଦାନ କରାଯାଇଛି। ଫଳରେ ଦୀର୍ଘଦିନ ଧରି ଲାଗିରହିଥିବା ବିବାଦର ଅନ୍ତ ଘଟିଛି। ମୂଳ ୧୮ ପରିବାର ସ୍ଥାନରେ ୩୦ ପରିବାରଙ୍କୁ ବିସ୍ଥାପିତ ଯୋଜନାରେ ସାମିଲ କରିବାର ଦୀର୍ଘଦିନର ଦାବିକୁ ସ୍ଥାନୀୟ ବିଧାୟକ ତଥା ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଇଂ. ପ୍ରୀତିରଞ୍ଜନ ଘଡ଼େଇଙ୍କ ଉଦ୍ୟମରେ ତ୍ରିପାକ୍ଷିକ ଆଲୋଚନାରେ ସମାଧାନ ହୋଇଥିଲା। ଏଥିରେ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ର ଓ ଖଣି ନିଗମର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ସର୍ବସମ୍ମତିକ୍ରମେ ପୂର୍ବ ସର୍ଭେକ୍ଷଣ ଅନୁସାରେ ୧୨ ପରିବାରକୁ



ଅତିଥିଙ୍କ ଗହଣରେ କ୍ଷତିପୂରଣ ପାଇଥିବା ବିସ୍ଥାପିତ।

ନିଗମର ବିସ୍ଥାପନ ନୀତି ଅନୁଯାୟୀ ୧୩ ଲକ୍ଷ ୬୦ ହଜାର ଟଙ୍କା ପ୍ରଦାନ କରାଯିବା ସହ ବାକି ୧୮ ପରିବାରକୁ ଜିଲା ଖଣିଜ ନ୍ୟାସ ପାଣ୍ଠିରୁ ୫ ଲକ୍ଷ ଓ ଉତ୍ତୋଳନରେ ନିୟୋଜିତ କେସିସି ଠିକାଦାରଙ୍କ ପକ୍ଷରୁ ୪ ଲକ୍ଷ ଲେଖାଏ ପ୍ରତି ପରିବାରକୁ ପ୍ରଦାନ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ଏହି ନିଷ୍ପତ୍ତି ଅନୁଯାୟୀ ପ୍ରଥମ ପର୍ଯ୍ୟାୟରେ ଓଏମ୍ସି ପକ୍ଷରୁ ୧୨ ପରିବାରଙ୍କୁ ମୋଟ୍ ୧ କୋଟି ୬୩ ଲକ୍ଷ ଟଙ୍କାର ଚେକ ପ୍ରଦାନ କରାଯାଇଛି। ପୂର୍ବତନ ଅର୍ଥମନ୍ତ୍ରୀ ଡ. ପ୍ରଫୁଲ୍ଲ ଚନ୍ଦ୍ର ଘଡ଼େଇ ମୁଖ୍ୟଅତିଥି ଭାବେ ଯୋଗଦେଇ ବିସ୍ଥାପିତ ପରିବାରଙ୍କୁ ଚେକ ପ୍ରଦାନ କରିଛନ୍ତି। କାଳିଆପାଣିସ୍ଥିତ ଖଣି ନିଗମ ଅତିଥି ଶାଳାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସୁକିନ୍ଦା ତହସିଲଦାର ଦମୟନ୍ତୀ ସାହୁ, ଖଣି ନିଗମର ଆଞ୍ଚଳିକ ପରିଚାଳକ ଇଂ. ଆଶିଷ ସାମନ୍ତରାୟ, ଶ୍ରମିକନେତା ନାରାୟଣ ଚନ୍ଦ୍ର ଧୀର, ଖଣି ପରିଚାଳକ ଇଂ. ମନୋଜ ସେଠୀ, ଖଣି ନିଗମର ପ୍ରଶାସନିକ ଅଧିକାରୀ ସୁମିତ ପାଢ଼ୀ, ପ୍ରଣୟ ପ୍ରଭଞ୍ଜନ ମହାପାତ୍ର ଓ ଈଶ୍ୱର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

**ଠାକୁର ନିଗମାନନ୍ଦଙ୍କ ଗୁହାସନ ବାର୍ଷିକ ଉତ୍ସବ**

ରାଜନଗର, (ଭାସ୍କର ରାଉତରାୟ): ରାଜନଗର ବ୍ଲକ କେରେଡାଗଡସ୍ଥିତ ଶ୍ରୀ ଶ୍ରୀଠାକୁର ନିଗମାନନ୍ଦ ପରମହଂସ ଦେବଙ୍କ ୨୨ତମ ଗୁହାସନ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସେବକ ଅନିଲ କୁମାର ବଳଙ୍କ ନେତୃତ୍ୱରେ ଉକ୍ତ କାର୍ଯ୍ୟକ୍ରମରେ ନୀଳାଚଳ ସାରସ୍ୱତ ସଂଘର ସମ୍ପାଦକ ବ୍ରହ୍ମାନନ୍ଦ ବେହେରା ପୌରୋହିତ୍ୟ କରିଥିଲେ। ଏହି ଧର୍ମୀୟ ସମାବେଶରେ କେନ୍ଦ୍ରାପଡା ଜିଲାର ବିଭିନ୍ନ ବ୍ଲକରୁ ବହୁ ନିଗମପନ୍ଥୀ ଭକ୍ତମାନେ ଯୋଗଦେଇ ଶ୍ରୀଠାକୁରଙ୍କର ଭାବଧାରା ଓ ଜନକଲ୍ୟାଣ ଦର୍ଶନ ଉପରେ ଆଲୋକପାତ କରିଥିଲେ। ଏଥିରେ ବ୍ରହ୍ମାନନ୍ଦ ବେହେରା, ସୁଧୀର କୁମାର ଲେଙ୍କା, ନୃସିଂହ ଚରଣ ମଲ୍ଲିକ, ବୈଷ୍ଣବ ଚରଣ ବେହେରା, ଗୌରାଙ୍ଗ ଚରଣ ସାହୁ, ଗିରିଧାରୀ ରାଉତ, ବିରଞ୍ଚି ନାରାୟଣ ଜେନା, ବିଜୟ କୁମାର ଜେନା ପ୍ରମୁଖ ଯୋଗ ଦେଇଥିଲେ।

# ବିନା ପ୍ରକଳ୍ପରେ ଟଙ୍କା ଆତ୍ମସାତ୍ ଅଭିଯୋଗ

**ଆଳି, ୨୯।୯ (ବନମାଳୀ ସେନାପତି)**

ରାଜ୍ୟ ସରକାର ପଞ୍ଚାୟତର ବିକାଶ ନିମନ୍ତେ ପଞ୍ଚାୟତିରାଜ ବ୍ୟବସ୍ଥାରେ ପଞ୍ଚାୟତଗୁଡିକୁ କୋଟି କୋଟି ଟଙ୍କା ଯୋଗାଇ ଦେଉଛନ୍ତି। ହେଲେ ସରକାରୀ ଅର୍ଥକୁ ବାଟମାରଣା କରବାରେ ଲାଗି ପଡିଛନ୍ତି ପଞ୍ଚାୟତ ପ୍ରତିନିଧି ଓ ସରକାରୀ କର୍ମଚାରୀ। ସାଧାରଣ ଲୋକଙ୍କ ସୁବିଧା ନିମନ୍ତେ ସରକାରୀ ସ୍ତରରେ ଯୋଜନା ହେଉଥିବା ବେଳେ ଲୋକଙ୍କୁ ଭୁଆଁ ବୁଲାଇ ସରକାରୀ ଅର୍ଥ ହଡ଼ପ କରାଯାଇଥିବା ଭଳି ଏକ ସଙ୍ଗୀନ ଅଭିଯୋଗ ଆଣିଛନ୍ତି ଆଳି ବ୍ଲକ ସିଙ୍ଗିରି ପଞ୍ଚାୟତର ଅଧିବାସୀ।

ଶୁକ୍ରବାର ଖବରଦାତା ସମ୍ମିଳନୀ ମାଧ୍ୟମରେ ସେମାନେ ଅଭିଯୋଗ ଆଣିଛନ୍ତି ଯେ, ସିଙ୍ଗିରି ପଞ୍ଚାୟତ ଏବେ ଦୁର୍ନୀତିରେ ଉବୁଟୁବୁ ହେଉଛି। ପଞ୍ଚାୟତରେ ୨୦୨୨-୨୩ ଓ ୨୦୨୩-୨୪ ଆର୍ଥିକ ବର୍ଷରେ ପଞ୍ଚାୟତକୁ ଆସିଥିବା ଅର୍ଥ ଆତ୍ମସାତ ହୋଇଥିବା ସେମାନେ ଅଭିଯୋଗ ବାଢିଛନ୍ତି। ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ ୨୨-୨୩ ଓ ୨୩-୨୪ ଆର୍ଥିକ ବର୍ଷରେ ଅନେକ ପ୍ରକଳ୍ପ କାର୍ଯ୍ୟ ହୋଇଥିବା ବେଳେ ୪ଟି ପ୍ରକଳ୍ପର ସୂଚନା ଫଳକ ମାରି ଦେଇ କାମ କରା ନ ଯାଇ ପ୍ରାୟ ୧୨ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହଡ଼ପ କରାଯାଇଥିବା ନେଇ ଗ୍ରାମବାସୀ ଅଭିଯୋଗ ଆଣିଛନ୍ତି। ଏହି


ଖବରଦାତା ସମ୍ମିଳନୀରେ ସିଙ୍ଗିର ପଞ୍ଚାୟତର ଅଧିବାସୀ।


ଦୁର୍ନୀତି ହୋଇଥିବା ରାସ୍ତା।

ଦୁର୍ନୀତିରେ ସରପଞ୍ଚଙ୍କଠୁ ଆରମ୍ଭ କରି ପଞ୍ଚାୟତ କାର୍ଯ୍ୟନିର୍ବାହୀ, ଜିଆରଏସ୍, ଏପିଓ, କନିଷ୍ଠଯନ୍ତ୍ରୀ, ସହକାରୀ ଯନ୍ତ୍ରୀ ଓ ବିଡିଓ ସାମିଲ ରହିଥିବା ଅଭିଯୋଗ ହେଉଛି। ତଥ୍ୟ ଅନୁଯାୟୀ, ସିଙ୍ଗିରି ପଞ୍ଚାୟତ କାର୍ଯ୍ୟାଳୟକୁ ଯାଇଥିବା ମୁଖ୍ୟ ରାସ୍ତାରେ ସାମାନ୍ୟ ବର୍ଷା ହେଲେ ଆଣ୍ଠୁଏ ପାଣି ଜମି ରହେ। ଏହି ରାସ୍ତାରୁ ଜଳ ନିଷ୍କାସନର ବ୍ୟବସ୍ଥା ସହ ରାସ୍ତାକୁ ଉଚ୍ଚ କରିବାକୁ ସ୍ଥାନୀୟ ଅଞ୍ଚଳବାସୀ ଦୀର୍ଘଦିନ ହେବ ଦାବି କରି ଆସୁଛନ୍ତି। ହେଲେ ଏହି ରାସ୍ତା ନିର୍ମାଣ ହେଉନାହିଁ। କିନ୍ତୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ମୁକ୍ତେଶ୍ୱର ମହାଦେବ ମନ୍ଦିର ନିକଟରୁ ପଞ୍ଚାୟତ କାର୍ଯ୍ୟାଳୟ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ହୋଇଥିବା ଦର୍ଶାଇ ୨ଲକ୍ଷ ୨୦ ହଜାର ୨୧୭ ଟଙ୍କା ଉଠାଯାଇଛି। ହେଲେ ଏହି ରାସ୍ତାରେ କିନ୍ତୁ ମାଟି ମୁଠାଏ ପଡ଼ି ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସେହିପରି ଗୋପୀ ଦାସ ଛକଠାରୁ କୀର୍ତ୍ତନ ମଣ୍ଡପ ପର୍ଯ୍ୟନ୍ତ ରାସ୍ତାରେ ମାତ୍ର ୩୦ରୁ ୪୦ ଟ୍ରିପ ମାଟି ପକାଇ ଏ ବାବଦରେ ୨ ଲକ୍ଷ ୫୪ ହଜାର ୭୯୩ ଟଙ୍କା ଉଠା ଯାଇଥିବା ଜଣାପଡିଛି। ସେହିପରି ସରକାର ଗ୍ରାମାଞ୍ଚଳରେ ଅପରିତ୍ୟକ୍ତ ଅବସ୍ଥାରେ ଥିବା ପୋଖରୀର ପୁନରୁଦ୍ଧାର କରୁଛନ୍ତି। ପଞ୍ଚାୟତର ମା' ବୁଢୀ ଜାଗୁଲାଇ ପୋଖରୀ

**ଆଳି ବ୍ଲକ, ସିଙ୍ଗିରି ପଞ୍ଚାୟତ**

■ ୧୨ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହଡ଼ପ

ପୁନରୁଦ୍ଧାର ପ୍ରକଳ୍ପ କରି ଏହାକୁ ପୋତି ଦେଇଛନ୍ତି ଏବଂ ଏ ବାବଦରେ ୪ ଲକ୍ଷ ୭ ହଜାର ୬୨୮ ଟଙ୍କା ଉଠାଇ ନେଇଛନ୍ତି। ସେହିପରି ଦହିସାହି ଗାଁରେ ଆଦର୍ଶ ପୋଖରୀର ପୁନରୁଦ୍ଧାର ନିମନ୍ତେ ୩ ଲକ୍ଷ ୫୬ ହଜାର ୭୬୭ ଟଙ୍କା ସରକାରୀ ତହବିଲରୁ ଉଠା ଯାଇଛି। ସେଭଳି କୌଣସି ପୋଖରୀ ଖନନ ହୋଇ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଗ୍ରାମର ଅନେକ ଜବ୍‌କାର୍ଡଧାରୀ ଥିବାବେଳେ ସେମାନଙ୍କୁ କାମ ନିୟୋଜିତ କରାଯାଉନି। ମେଶିନ ଲଗାଇ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟ କରାଯାଏ। ଏହି ଦୁର୍ନୀତିର ଉଚ୍ଚସ୍ତରୀୟ ତଦନ୍ତ କରିବା ସହ ସମ୍ପୃକ୍ତ ଥିବା ସରପଞ୍ଚ, କାର୍ଯ୍ୟନିର୍ବାହୀ, ଜିଆରଏସ୍, କନିଷ୍ଠଯନ୍ତ୍ରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପଞ୍ଚାୟତର ମିନତି ଦାସ, ଉର୍ମିଳା ବେହେରା, ଅକ୍ଷୟ ଦାସ, ଶ୍ରୀଚରଣ ମଲିକ, ବସନ୍ତ ସେଠୀ, ରମେଶ ନାଥ, ରଞ୍ଜନ ସେଠୀ, ଅବିନାଶ ଦାସ, ହେମନ୍ତ ବାରିକ, ଶ୍ରୀକାନ୍ତ ମଲିକ, ମନୋରଞ୍ଜନ ଲେଙ୍କା, ପଦ୍ମନାଭ ସେଠୀ, ହେମନ୍ତ ରାଉତ, ଅଭିରାମ ମଲିକ ପ୍ରମୁଖଙ୍କ ସମେତ ଶତାଧିକ ଗ୍ରାମବାସୀ ଦାବି କରିଛନ୍ତି। ଏ ନେଇ ପଞ୍ଚାୟତର ସରପଞ୍ଚ ଅକ୍ଷୟ ଦାସଙ୍କୁ ପଚାରିବାରୁ ଏହା ମିଥ୍ୟା ଅଭିଯୋଗ। ତଦନ୍ତ ପ୍ରକ୍ରିୟା ନିମନ୍ତେ ସେ ପ୍ରସ୍ତୁତ ଅଛନ୍ତି ବୋଲି କହିଛନ୍ତି। ଆଳି ବିଡିଓ ମିନତି ଜଗଦେବଙ୍କୁ ପଚାରିବାର ଏହି ଅଭିଯୋଗ ପାଇଛନ୍ତି। ଖୁବ୍‌ଶୀଘ୍ର ଅଭିଯୋଗର ତଦନ୍ତ କରାଯିବ। ଯିଏ ବି ଦୋଷୀ ହୋଇଥିବେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

## ସଂକ୍ଷେପରେ

### ପୃଥକ୍ ମାମଲାରେ ୨ ଗିରଫ

**ମାର୍ଶାଘାଇ, ୨୯।୯ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)**

ବିଭିନ୍ନ ଅପରାଧରେ ଜଡିତ ଥାଇ ଦୀର୍ଘଦିନ ଧରି ଫେରାର ଥିବା ମାର୍ଶାଘାଇ ଥାନା ଅନ୍ତର୍ଗତ ଗଡ଼ରୋମିତ ଗ୍ରାମର ଜୟନ୍ତ ମାଝି (୩୯)କୁ ଶୁକ୍ରବାର ପୋଲିସ ଗିରଫ କରି ନଂ. ୪୬୩/୨୩ରେ କୋର୍ଟ ଚାଲାଣ କରିଛି। ସେହିପରି ଏହି ଥାନା ଅଞ୍ଚଳର ,କ ଗ୍ରାମର ଜଣେ ମହିଳା ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ ସେ ଗ୍ରାମ ନିକଟରେ ଥିବା ନଦୀକୁ ଗାଧୋଇବା ପାଇଁ ଯାଉଥିବା ବେଳେ ସେହି ଗ୍ରାମର ଫକୀର ମଲ୍ଲିକ ଓରଫ ପିଣ୍ଟୁ (୨୮)ତାଙ୍କୁ ଅଟକାଇ ଚାପୁଡ଼ା ମରିବା ସହ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ସେ ପ୍ରତିବାଦ କରିବାରୁ ଧମକ ଦେଇ ପିନ୍ଧିଥିବା ଶାଢି ଓ ବ୍ଲାଉଜକୁ ଟଣାଟଣି କରିଥିଲେ। ଏସଆଇ ଅଜୟ କୁମାର ସାହୁ ଘଟଣାର ତଦନ୍ତ କରି ଅଭିଯୁକ୍ତ ପିଣ୍ଟୁକୁ ଗିରଫ କରି ନଂ. ୪୮୨/୨୩ରେ କୋର୍ଟ ଚାଲାଣ କରିଛନ୍ତି।

### କ୍ଷୀରକୋଟ ମହିମା ଅଲେଖ ଆଶ୍ରମରେ ଲାଗିହେଲା ନବାନ୍ନ

**ରାଜନଗର, ୨୯।୯ (ଭାସ୍କର ରାଉତରାୟ)**

ରାଜନଗର ବ୍ଲକ କୋଇଲିପୁର ପଞ୍ଚାୟତ କ୍ଷୀରକୋଟ ଗ୍ରାମ ମହିମା ଅଲେଖ ଆଶ୍ରମରେ ନୂଆଁଖାଇ ଅବସରରେ ଶୁକ୍ରବାର ପରବ୍ରହ୍ମଙ୍କୁ ନବାନ୍ନ ନୈବେଦ୍ୟ ଅର୍ପଣ କରାଯାଇଛି। ଆଠଗଡ଼ ଓ ବରି ଅଞ୍ଚଳରୁ ସଂଗ୍ରହ ହୋଇଥିବା ନୂଆ ଧାନରେ ଚୂଡା ତିଆରି କରାଯାଇ ନବାନ୍ନ ପ୍ରସ୍ତୁତ କରାଯାଇଥିଲା। ମହିମା ଧର୍ମର ବ୍ରହ୍ମାବଧୂତ ନଟବର ବାବା, ବ୍ରହ୍ମାବଧୂତ ସୁବ୍ରତ ବାବା, ବ୍ରହ୍ମାବଧୂତ ଦୁଷ୍ମନ୍ତ ବାବା, ସାଧୁ ପରିକ୍ଷୀତ ମହାରାଜ, ସାଧୁ ଧନେଶ୍ୱର ଦାସ ପ୍ରମୁଖ ଉପସ୍ଥିତ ରହି ଏହି ନବାନ୍ନ ନୈବେଦ୍ୟ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନାଦି ଚରଣ ସ୍ୱାଇଁ, ନିରଞ୍ଜନ ସ୍ୱାଇଁ, ଚୈତନ୍ୟ ସ୍ୱାଇଁ, ପତିତ ପାବନ ସ୍ୱାଇଁ, ଚିତ୍ରସେନ ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ। ଏହି ନୂଆଁଖାଇ କାର୍ଯ୍ୟକ୍ରମରେ ରାଜନଗର ଏବଂ ଆଖପାଖ ଅଞ୍ଚଳରୁ ବହୁ ମହିମା ଆଶ୍ରିତ ଭକ୍ତ ଯୋଗ ଦେଇଥିଲେ।

### ଅନ୍ନପୂର୍ଣ୍ଣା ମନ୍ଦିର ପୂଜକଙ୍କ ପରଲୋକ

**ଆଳି, ୨୯।୯ ( ବନମାଳୀ ସେନାପତି)**

ଦୀର୍ଘଦିନ ଆଳି ନୂଆ ବଜାରରେ ଥିବା ଅନ୍ନପୂର୍ଣ୍ଣା ମନ୍ଦିରର ପୂଜକ ଜଗନ୍ନାଥ ଦାଶ(୮୮)ଙ୍କ ଶୁକ୍ରବାର ଅପରାହ୍ନରେ ପରଲୋକ ଘଟିଛି। ସେ ଜଣେ ଅତ୍ୟନ୍ତ ଧାର୍ମିକ ଓ ଅମାୟିକ ବ୍ୟକ୍ତି ଥିଲେ। ସେ ମଧ୍ୟ ଆଳିର ଆରାଧ୍ୟ ଦେବତା ଶ୍ରୀଲକ୍ଷ୍ମୀବରାହ ଜୀଉଙ୍କର ପୂଜକ ଭାବେ ସୁନାମ ଅର୍ଜନ କରିଥିଲେ। କିଛିଦିନ ହେବ ସେ ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡିତ ଥିଲେ। ସେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁକାନ୍ତ କୁମାର ଦାଶଙ୍କ ପିତା ଅଟନ୍ତି। ତାଙ୍କର ମୃତ୍ୟୁ ଖବର ପାଇବା ପରେ ଦେମାଳସ୍ଥିତ ବାସଭବନରେ ଅନେକ ମାନ୍ୟଗଣ୍ୟ ବ୍ୟକ୍ତିମାନେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ତାଙ୍କର ଏକମାତ୍ର ପୁଅ ସୁକାନ୍ତ ପାଖରେ ଉପସ୍ଥିତି ଥିଲେ। ଗାଁ ଶ୍ମଶାନରେ ତାଙ୍କର ସଂସ୍କାର କାର୍ଯ୍ୟ କରାଯାଇଛି।

# ବିଡିଓଙ୍କ ବିରୋଧରେ ଥାନାରେ ପାଲଟା ଅଭିଯୋଗ କଲା କଂଗ୍ରେସ

**ପଟ୍ଟାମୁଣ୍ଡାଇ ୨୯।୯ (କଳ୍ପତରୁ ନାୟକ)**

ରାଜ୍ୟରେ ଦିନକୁଦିନ ବିରୋଧୀ ନେତା ପ୍ରଶାସନିକ ଅଧିକାରୀ ମୁହାଁମୁହିଁ ହେବାରେ ଲାଗିଛି। ବିଭିନ୍ନ କାରଣକୁ ନେଇ କଥା କଟା କଟିହେବା ସହ ଘଟଣାକୁନେଇ ପୋଲିସରେ ଅଭିଯୋଗ ପର୍ଯ୍ୟନ୍ତ କଥା ଯାଉଛି। ଏଭଳି ଏକ ଘଟଣା ରାଜନଗର ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି, କର୍ମୀମାନଙ୍କ ବିରୋଧରେ ପଟ୍ଟାମୁଣ୍ଡାଇ ବିଡିଓ ଏତଲା ଦେଇଥିଲେ। ଏହାକୁ ବିରୋଧ କରି କଂଗ୍ରେସ ନେତା ଓ କର୍ମୀମାନେ ଶୁକ୍ରବାର ପାଲଟା ଅଭିଯୋଗ ବିଡିଓଙ୍କ ନାମରେ ଥାନାରେ କରିଛନ୍ତି। ଯାହାକୁ ନେଇ ପଟ୍ଟାମୁଣ୍ଡାଇ ରାଜନୀତିରେ ଝଡ଼ ଦେଖିବାକୁ ମିଳିଛି।

ବୁଧବାର ପୂର୍ବତନ ବିଧାୟକ ତଥା କେନ୍ଦ୍ରାପଡ଼ା ଜିଲା କଂଗ୍ରେସ କମିଟି ସଭାପତି ଅଂଶୁମାନ ମହାନ୍ତିଙ୍କ ନେତୃତ୍ୱରେ ଶତାଧିକ କଂଗ୍ରେସ ନେତା, କର୍ମୀ ଓ ଜନସାଧାରଣ ବିଡିଓଙ୍କ ବାବୁରାଜ ଓ ଶାସକ ଦଳ ପ୍ରେମକୁ ବିରୋଧ କରିଥିଲେ। ବିଡିଓଙ୍କ କାର୍ଯ୍ୟାଳୟରେ ପହଞ୍ଚି ତାଙ୍କ ସହ କଥା କଟାକଟି ହେବା ସହ ହୋ ହଲ୍ଲା କରି ଘେରି ଯାଇଥିଲେ। ବିଡିଓ ନିଜ କାର୍ଯ୍ୟାଳୟରେ ନାକେଦମ୍ ହୋଇ ହଟହଟା ହୋଇଥିଲେ। ପରେ ବିଡିଓଙ୍କ କାର୍ଯ୍ୟାଳୟରେ ତାଲା ପକାଇ ବାବୁରାଜରୁ ନିବୃତ ରହିବାକୁ କହି ଚାବି ବିଡିଓଙ୍କୁ ହସ୍ତାନ୍ତର କରିଥିଲେ। ଏ ନେଇ ଗୁରୁବାର ପଟ୍ଟାମୁଣ୍ଡାଇ ବିଡିଓ ଶୁଭ୍ରାଂଶୁ ସାହୁ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାରେ


ଥାନାରେ ଅଭିଯୋଗ କରିବାକୁ ଆସିଥିବା କଂଗ୍ରେସ କର୍ମୀମାନେ।

ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତିଙ୍କ ସମେତ ବହୁ କଂଗ୍ରେସ ନେତା ଓ କର୍ମୀଙ୍କୁ ସାମିଲ କରି ଏକ ଅଭିଯୋଗ କରିଥିଲେ। ଯାହାକୁ ନେଇ କଂଗ୍ରେସ କର୍ମୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଶୁକ୍ରବାର କଂଗ୍ରେସ ନେତା ପୂର୍ବତନ ବିଧାୟକ ମହାନ୍ତି ଓ ସମର୍ଥକ ବିଡିଓଙ୍କୁ ଦୁର୍ବ୍ୟବହାର କରିବା ନେଇ ଶାସକ ଦଳର ପଞ୍ଚାୟତ ସମିତି ଅଧ୍ୟକ୍ଷ, ଉପାଧ୍ୟକ୍ଷା ଓ କେତେଜଣ ସମିତିସଭ୍ୟାସଭ୍ୟ ଥାନାରେ ଅଭିଯୋଗ କରିଥିଲେ। ଏହାକୁ ନେଇ ରାଜନଗର ନିର୍ବାଚନ ମଣ୍ଡଳୀର ବିଭିନ୍ନ ସ୍ଥାନରେ ବିଧାୟକ ଧ୍ରୁବ ସାହୁଙ୍କ କୁଶ ପୁତ୍ତଳିକା ଦାହ କରାଯିବା ସହ ଧାନଚୋର, ଜମିଚୋର ବୋଲି କଂଗ୍ରେସ ନେତା ଓ କର୍ମୀମାନେ ନାରାବାଜି କରିଥିଲେ। ପଟ୍ଟାମୁଣ୍ଡାଇ ନଗର ଓ ବ୍ଲକ କଂଗ୍ରେସ ପକ୍ଷରୁ କଖାରୁଣି ସରପଞ୍ଚ ରମେଶ ମଲ୍ଲିକ, ଦିହିତ୍ତପୁର ସରପଞ୍ଚ ନରେଶ ମଲିକ, ପୂର୍ବତନ ସରପଞ୍ଚ ମିନତି ପାତ୍ର, ଦଳିତ ସେଲ ନେତା ସର୍ବେଶ୍ୱର ସେଠୀ, ମାନିନୀ ସେଠୀ, ବିଜୟ ମଲିକ, ବିରକିଶୋର ବାଇ, ଗଙ୍ଗାରାମପୁର ସମିତି ସଭ୍ୟ ବିଶ୍ୱରଞ୍ଜନ ଭୂୟାଁ,ସଂସାରଫଳ ସମିତିସଭ୍ୟ ପର୍ଶୁରାମ ବେହେରା, ପ୍ରଦୀପ କୁମାର ସାହୁ, ବିଜୟ କୁମାର ମଲ୍ଲିକ ଓ ରାକେଶ କୁମାର ବେହେରା ସମେତ ପ୍ରାୟ ୬୦ରୁ ଊର୍ଦ୍ଧ୍ୱ କର୍ମୀ ଓ ନେତା ଭିନ୍ନଭିନ୍ନ ଅଭିଯୋଗ ନେଇ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାରେ ବିଡିଓଙ୍କ ବିରୋଧରେ ଏତଲା ଦେଇଛନ୍ତି ବୋଲି ଆଦର୍ଶ ଥାନା ପକ୍ଷରୁ ଜଣାପଡିଛି। ଏ ନେଇ ବିଡିଓ ଶୁଭ୍ରାଂଶୁ ସାହୁଙ୍କୁ ପଚାରିବାରୁ ସେ କୌଣସି ପ୍ରତିକ୍ରିୟା ଦେବାକୁ ମନା କରି ଦେଇଥିଲେ।

# ବେଆଇନ ମଦ ବେପାର ମହିଳାଙ୍କୁ ଅସହ୍ୟ କରୁଛି

**କେନ୍ଦ୍ରାପଡ଼ା, ୨୯।୯ (ଜଗନ୍ନାଥ ଧଳ)**

କେନ୍ଦ୍ରାପଡ଼ା ଜିଲା ରାଜକନିକା ଥାନା ଚରପଡା ଗ୍ରାମରେ ବେଆଇନ ମଦ ବେପାର ହେଉଛି। ଏଥିଯୋଗୁ ସ୍ଥାନୀୟ ଅଞ୍ଚଳରେ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ନାରୀ ସୁରକ୍ଷା ପ୍ରତି ବିପଦ ସାଜିଛି। ଏପରି ଅଭିଯୋଗ ଆଣି ସ୍ଥାନୀୟ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାମାନେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏ ନେଇ ଏକ ଦାବିପତ୍ର ଶୁକ୍ରବାର ପ୍ରଦାନ କରାଯାଇଛି। ଝାନ୍ସିସ୍ୱୟଂ ସହାୟକ ମହିଳା ଗୋଷ୍ଠୀ, ମା' ମଙ୍ଗଳା ସ୍ୱୟଂ ସହାୟିକା ମହିଳା ଗୋଷ୍ଠୀ, ତୁଳସୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ପ୍ରମିଳା ମଲ୍ଲିକ, ରାଜନ ମଲ୍ଲିକ, ତିଳୋତମା ମଲ୍ଲିକ, ଉର୍ବଶୀ ମଲ୍ଲିକ ପ୍ରମୁଖ କହିଛନ୍ତି ଯେ, ମଦ ବ୍ୟବସାୟ ଏବେ ପରିବାରର ମହିଳା ସଦସ୍ୟଙ୍କ ପାଇଁ ଅସହ୍ୟ ହୋଇଛି। ବେଆଇନ ମଦ ଯୋଗୁ ରାସ୍ତା ଘାଟରେ ଝିଅ,ବୋହୂ ଯାତାୟତ କରି ପାରୁନାହାନ୍ତି। ନିଶା ସେବନ କରିଥିବା ବ୍ୟକ୍ତି ଅଶ୍ଳିଳ ବ୍ୟବହାର ଦେଖାଉଛନ୍ତି। ସେହିପରି ପରିବାରର ପୁରୁଷ ସଦସ୍ୟ ଏହି ମଦ ପିଇ ଘରକୁ ଆସିବା ପରେ ମହିଳାଙ୍କୁ ନିର୍ଯାତନା ଦେବା ସହିତ ଅର୍ଥ ନଷ୍ଟ କରୁଛନ୍ତି। କିଛି ବ୍ୟବସାୟୀ ମଠ, ମନ୍ଦିର, ସ୍କୁଲ ପରି ସ୍ଥାନରେ ଏହି ବ୍ୟବସାୟ ଚଳାଇଛନ୍ତି। ଏହାର ସମାଧାନ ନ ହେଲେ ନମତରା ପରି ଆନ୍ଦୋଳନ ହେବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।


ବେଆଇନ୍ ମଦ ବେପାର ବନ୍ଦ କରିବା ପାଇଁ ମହିଳାମାନେ ଦାବିପତ୍ର ଦେବାକୁ ଆସିଛନ୍ତି।

# ରାଜକନିକା ବ୍ଲକସ୍ତରୀୟ କଳାକାର ପ୍ରଶିକ୍ଷଣ ଶିବିର


ପ୍ରଶିକ୍ଷଣ ଶିବିରରେ ଉପସ୍ଥିତ ଅତିଥିମାନେ।

**ରାଜକନିକା, ୨୯।୯ (ସଞ୍ଜୟ କୁମାର ଦାଶ)**

ରାଜକନିକା ବ୍ଲକସ୍ତରୀୟ କଳାକାର ପ୍ରଶିକ୍ଷଣ ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ କଳା ସଂସ୍କୃତି ସଂଘ ଏବଂ ବ୍ଲକ ପ୍ରଶାସନ ମିଳିତ ଆନୁକୂଲ୍ୟରେ ରାଜକନିକା ବ୍ଲକ ସମ୍ମିଳନୀ କକ୍ଷରେ ଶିବିର ହୋଇଥିଲା। ସୂଚନା, ଶିକ୍ଷା ଓ ଯୋଗାଯୋଗ ଉପକ୍ରମରେ ଲୋକକଳାର ପ୍ରୟୋଗ ମାଧ୍ୟମରେ ସଂକୀର୍ତ୍ତନ, ଘୋଡାନାଚ, ଦାସକାଠିଆ, ପାଲା ଓ ଲୋକନୃତ୍ୟ ଆଦି ଲୋକକଳାକୁ ପ୍ରାଥମିକତା ଦିଆଯାଇ କଳାକାରଙ୍କ ମାଧ୍ୟମରେ ସରକାରୀ ଯୋଜନାଗୁଡିକୁ କଳା ମାଧ୍ୟମରେ ଲୋକମାନଙ୍କ ନିକଟରେ ପହଞ୍ଚାଇବା ଉଦ୍ଦେଶ୍ୟ ରଖିଥିବା ଏହି ପ୍ରଶିକ୍ଷଣ ଶିବିର କରାଯାଇଥିଲା। ଆଗାମୀଦିନରେ କଳାକାରମାନେ ଶିକ୍ଷା, ସ୍ୱାସ୍ଥ୍ୟ ଓ ବିଭିନ୍ନ ଜନହିତକର ଯୋଜନାଗୁଡ଼ିକ ଉପରେ ବିଷୟବସ୍ତୁ ପ୍ରସ୍ତୁତ କରି ପ୍ରତି ପଞ୍ଚାୟତରେ ପରିବେଷଣ କରିବାକୁ ଅନୁମତି ଦିଆଯିବ ବୋଲି ପ୍ରଶିକ୍ଷଣ ଶିବିରରେ ସ୍ଥିର କରାଯାଇଥିଲା। ତେବେ ବ୍ଲକର ୨୯ଟି ପଞ୍ଚାୟତ ପାଇଁ ୨୯ଟି ଦଳ ମନୋନୀତ ହୋଇଛନ୍ତି। ବିଡିଓ ରବିନାରାୟଣ ଆଚାର୍ଯ୍ୟଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ସାମାଜିକ ସମୀକ୍ଷକ ସୁବ୍ରତ କୁମାର ସାମଲଙ୍କ ସଭା ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ବିଶ୍ୱଦୀପ ବଳିଆର ସିଂ, ମିଶନ ଶକ୍ତି ବ୍ଲକ ସଂଯୋଜକ ସୁଶାନ୍ତ କୁମାର ମଲିକ, ଗ୍ରାମୀଣ ଆବାସ ଯୋଜନାର ମୃତ୍ୟୁଞ୍ଜୟ ବୁଦ୍ଧପଦ ଦାସ, ରାଜକନିକା ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷ ଜୟଦେବ ଦେ ଏବଂ ବିପିଏମ୍‌ଓ ବିଶ୍ୱରଞ୍ଜନ ଜେନା ପ୍ରମୁଖ ଯୋଗଦେଇ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନାଗୁଡିକ ସମ୍ପର୍କରେ ଅବଗତ କରାଇଥିଲେ। ଏଥିରେ ବ୍ଲକର ୨୯ଟି ପଞ୍ଚାୟତରୁ କଳାକାର ଯୋଗ ଦେଇଥିଲେ।

# ଜଙ୍ଗଲ ଜମିରେ ବିଧାୟକଙ୍କ ହୋଟେଲ ଅଭିଯୋଗ

**ରାଜନଗର, ୨୯।୯ (ଭାସ୍କର ରାଉତରାୟ)**

ଜଙ୍ଗଲ ଜମିରେ ରାଜନଗର ବିଧାୟକ ଧ୍ରୁବ ସାହୁ ବେଆଇନ ଭାବେ ନିଜସ୍ୱ ହୋଟେଲ କରିଥିବା ଅଭିଯୋଗ ଆଣି ରାଜନଗର କଂଗ୍ରେସ ପକ୍ଷରୁ ବିଧାୟକଙ୍କ କୁଶ ପୁତଳିକା ଶୁକ୍ରବାର ଦାହ କରାଯିବା ସହ ରାଜନଗର ଡିଏଫ୍‌ଓଙ୍କୁ ଦାବିପତ୍ର ଦିଆଯାଇଛି। ଅପରାହ୍ନରେ ଖବରଦାତା ସମ୍ମିଳନୀ କରି କଂଗ୍ରେସ ପକ୍ଷରୁ ବିଧାୟକ ଜଙ୍ଗଲ ଜମିରେ ହୋଟେଲ କରିଥିବା ନେଇ ପୂର୍ବତନ ବିଜେଡି ସଭାପତି ତଥା ଜିଲାପରିଷଦ ଉପାଧ୍ୟକ୍ଷ ଅଶୋକ କୁମାର ପ୍ରତିହାରୀ ଯେଉଁ ଅଭିଯୋଗ ଆଣିଥିଲେ, ବିଧାୟକ ତାହାକୁ ଖଣ୍ଡନ କରି ନ ଥିବାରୁ ତାଙ୍କର ସମ୍ପୃକ୍ତି ଥିବା ଆମେ ଦାବି କରୁଛୁ ବୋଲି କହିଛନ୍ତି। ଅପରପକ୍ଷରେ ବିଜେଡି ପକ୍ଷରୁ କଂଗ୍ରେସର ଏହି କାର୍ଯ୍ୟକ୍ରମକୁ ଦୃଢ ନିନ୍ଦା କରାଯିବା ସହ କଂଗ୍ରେସ ମିଛ ନାଟକ ବନ୍ଦ କରି ଯଦି ବିଧାୟକଙ୍କ ସମ୍ପୃକ୍ତ ଓ ଜବରଦଖଲର ପ୍ରମାଣ ଅଛି, ତାକୁ ସାର୍ବଜନୀନ କରନ୍ତୁ। ଲୋକଙ୍କ ଦ୍ୱାରା ପ୍ରତ୍ୟାଖିତ କଂଗ୍ରେସ ଔଷଧ ବିକଳରେ ତାଟିଆ କାମୁଡୁଛି ବୋଲି ପ୍ରେସ୍ ବିବୃତିରେ କହିଛନ୍ତି।

ରାଜନଗର ବ୍ଲକ କଂଗ୍ରେସ ପକ୍ଷରୁ କଂଗ୍ରେସ କାର୍ଯ୍ୟାଳୟରୁ ଶୋଭାଯାତ୍ରା ବାହାରି ରାଜନଗର ଡିଏଫ୍‌ଓଙ୍କୁ ବିଧାୟକ ଜଙ୍ଗଲ ଜମିରେ ହୋଟେଲ କରିଥିବା ନେଇ ଗଣମାଧ୍ୟମରେ ପ୍ରଚାରିତ ହୋଇଛି। ତଦନ୍ତ କରି ୭ ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରି ଏକ ଦାବିପତ୍ର ଦେଇଥିଲେ। ପରେ ସାନବଡଗୋପାଳପୁର ଛକରେ ବିଧାୟକଙ୍କ କୁଶ ପୁତ୍ତଳିକା ଦାହ କରିଥିଲେ। ଅପରାହ୍ନରେ ବ୍ଲକ କଂଗ୍ରେସ କାର୍ଯ୍ୟାଳୟରେ ବ୍ଲକ କଂଗ୍ରେସ କମିଟି ସଭାପତି ଦେବେନ୍ଦ୍ର କୁମାର ଜେନାଙ୍କ ପୌରୋହିତ୍ୟରେ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ସମ୍ମିଳନୀରେ ଜେନାଙ୍କ ସହ ପୂର୍ବତନ ଜିଲାପରିଷଦ ସଭ୍ୟ ସନ୍ତୋଷ କୁମାର ମହାନ୍ତି, ପୂର୍ବତନ ଡାଙ୍ଗମାଳ ପଞ୍ଚାୟତର ସରପଞ୍ଚ ମାଧବ ଚନ୍ଦ୍ର ମାନ୍ନା



ରାଜନଗରରେ କଂଗ୍ରେସ ପକ୍ଷରୁ ବାହାରି ଥିବା ଶୋଭାଯାତ୍ରା।

■ ବିଧାୟକଙ୍କ କୁଶପୁତ୍ତଳିକା ଦାହ କଲା କଂଗ୍ରେସ

■ ଖବରଦାତା ସମ୍ମିଳନୀରେ କଂଗ୍ରେସ କହିଲା, ଅଭିଯୋଗ ଆମର ନୁହେଁ ଅଶୋକ ପ୍ରତିହାରୀ ଆଣିଥିଲେ

■ ବିଜେଡି ପକ୍ଷରୁ ଏହାକୁ ଦୃଢ଼ ନିନ୍ଦା

ପ୍ରମୁଖ ଯୋଗଦେଇ ଜଙ୍ଗଲ ଜମିରେ ହୋଟେଲ ହୋଇଛି ବୋଲି ବିଧାୟକଙ୍କ ନାମ ପୂର୍ବତନ ବ୍ଲକ ବିଜେଡି ସଭାପତି ତଥା ଜିଲା ପରିଷଦ ଉପାଧ୍ୟକ୍ଷ ଅଶୋକ କୁମାର ପ୍ରତିହାରୀ ଅଭିଯୋଗ ଆଣିଥିଲେ। ଆଜିଯାଏ ବିଧାୟକ ତାହାକୁ ଖଣ୍ଡନ କରିନାହାନ୍ତି। ତେଣୁ ଆମେ ହୋଟେଲରେ ବିଧାୟକଙ୍କ ସମ୍ପୃକ୍ତି ରହିଛି ବୋଲି ଦାବି କରୁଛୁ। ଭିତରକନିକାରେ ଯେଉଁ ହୋଟେଲ ହୋଇଛି, ତାହା ଜଣଙ୍କ ବ୍ୟକ୍ତିଗତ ଜାଗା ବୋଲି କହିଛନ୍ତି। ସମ୍ମିଳନୀରେ ବରିଷ୍ଠ କଂଗ୍ରେସ ନେତା ଶ୍ରୀ ମାନ୍ନା ବିଧାୟକଙ୍କ ସମ୍ପୃକ୍ତି ନେଇ କୌଣସି ପ୍ରମାଣ ଦେଇ ନ ପାରି ବିଧାୟକ ସପ୍ତାହକୁ ୩ ଦିନ ସେ ହୋଟେଲରେ ରୁହନ୍ତି ବୋଲି କହିଛନ୍ତି। ବିଧାୟକ ଜଙ୍ଗଲ ଜମି ଜବରଦଖଲ ଓ ହୋଟେଲ କରିଥିବା ନେଇ ଡିଣ୍ଡିମ ପିଟିଥିବା ବେଳେ କୌଣସି ପ୍ରମାଣ ସମ୍ମିଳନୀରେ ଦେଖାଇ ପାରି ନ ଥିଲେ। ଅପରପକ୍ଷରେ ବ୍ଲକ ବିଜେଡି ସଭାପତି ନିରଞ୍ଜନ ରାଉତ ଓ ରାଜନଗର ନିର୍ବାଚନମଣ୍ଡଳୀର ସୋସିଆଲ ମିଡିଆ ସଂଯୋଜକ ବିଜୟ ନାୟକ ପ୍ରେସ୍ ବିବୃତିରେ ଭିତରକନିକା ଜାତୀୟ ଉଦ୍ୟାନକୁ ବିଶ୍ୱ ଦରବାରରେ ପହଞ୍ଚାଇବା ପାଇଁ ବିଧାୟକଙ୍କ ଉଦ୍ୟମରେ ଭିତରକନିକା ମହୋତ୍ସବ ଓ ଇକୋ ରିଟ୍ରିଟ ଅନୁଷ୍ଠିତ ହୋଇଆସୁଛି। ଏହାଦ୍ୱାରା ପର୍ଯ୍ୟଟନ ଶିଳ୍ପର ବିକାଶ ହେବା ସହ ସ୍ଥାନୀୟ ଯୁବକମାନେ ପର୍ଯ୍ୟଟନକୁ ଭିତ୍ତି କରି ଆତ୍ମ ନିର୍ଭରଶୀଳ ହୋଇପାରିଛନ୍ତି। ଏଥିରେ ଈର୍ଷାନ୍ୱିତ ହୋଇ କଂଗ୍ରେସ ନିଜେ ପ୍ରାୟୋଜିତ କରି କପୋଳକଳ୍ପିତ ଖବରକୁ ତିଆର କରି ବିଧାୟକଙ୍କ କୁଶ ପୁତ୍ତଳିକା ଦାହ କରିବା ଘଟଣାକୁ ଆମେ ଦୃଢ ନିନ୍ଦା କରୁଛୁ। ରାଜନଗର ବିଧାୟକଙ୍କର କୌଣସି ସ୍ଥାନରେ ହୋଟେଲ ନାହିଁ କିମ୍ବା କୌଣସି ସ୍ଥାନରେ ଜଙ୍ଗଲ ଜମି ଜବରଦଖଲ କରିନାହାନ୍ତି। କଂଗ୍ରେସ ମିଛ ନାଟକ ବନ୍ଦ କରି ଯଦି ବିଧାୟକଙ୍କ ସମ୍ପୃକ୍ତି ଓ ଜବରଦଖଲର କିଛି ପ୍ରମାଣ ଅଛି, ତାହାକୁ ସାର୍ବଜନୀନ କରନ୍ତୁ। ଗତ ପଞ୍ଚାୟତ ନିର୍ବାଚନରେ କଂଗ୍ରେସକୁ ପ୍ରତ୍ୟାଖାତ କରିଥିବା ରାଜନଗରବାସୀ ୨୦୨୪ ଏହାର ଉଚିତ ଜବାବ ଦେବେ ବୋଲି ପ୍ରେସ୍ ବିବୃତିରେ କହିଛନ୍ତି।

**ମଦ ବୋଝେଇ ସ୍କର୍ପିଓ ଜବତ, ୨ ଅଟକ**

ନୟାଗଡ,(ଲୋକନାଥ ମିଶ୍ର): ଶୁକ୍ରବାର ଗଣିଆ ଥାନା ପୋଲିସ ପତୁରିଆ ନିକଟରୁ ଦେଶୀ ମଦ ପାଉଚ ବୋଝେଇ ସ୍କର୍ପିଓ ଜବତ କରିଛି। ସ୍କର୍ପିଓରେ କେତେ ମଦ ଥିଲା ଜଣାପଡି ନ ଥିବାବେଳେ କଟକ ଜିଲାରୁ ଦେଶୀ ମଦ ଆସୁଥିଲା ବୋଲି ଜଣାପଡିଛି। ପୋଲିସ ୨ଜଣଙ୍କୁ ଅଟକ ରଖି ପଚରାଉଚୁରା କରୁଛି।



## ସେବା କାର୍ଯ୍ୟ ନିମନ୍ତେ ପାଇଁ ବୈଠକ

ଦଶପଲ୍ଲା, ୨୯।୯( ପ୍ରକାଶ କୁମାର ପାଣି)

ଆସନ୍ତା ୨ତାରିଖ ଗାନ୍ଧୀ ଜୟନ୍ତୀଠାରୁ ୯ ତାରିଖ ଗୋପବନ୍ଧୁ ଜୟନ୍ତୀ ପର୍ଯ୍ୟନ୍ତ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର, ଦଶପଲ୍ଲା ଆନୁକୂଲ୍ୟରେ ୭ ଦିନ ବ୍ୟାପୀ ବିଭିନ୍ନ ସ୍ଥାନରେ ସେବା କାର୍ଯ୍ୟ କରାଯିବା ନିମନ୍ତେ ନିଷ୍ପତ୍ତି ହୋଇଥିବା ଜଣାଯାଇଛି। ଏଥି ନିମନ୍ତେ ଏକ ପ୍ରସ୍ତୁତି ବୈଠକ ମାନସ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ତେଣୁ ସମସ୍ତ ଜନସାଧାରଣ ତଥା ସେବା ମନୋଭାବ ଥିବା ବ୍ୟକ୍ତି ବିଶେଷ ଉକ୍ତ ସେବା କାର୍ଯ୍ୟକ୍ରମରେ ଯୋଗଦାନ କରି ସଫଳ କରିବାକୁ ଅନୁଷ୍ଠାନର ସଦସ୍ୟ ଅଜୟ କୁମାର ବେହେରା ଅନୁରୋଧ କରିଛନ୍ତି। ସେବା କାର୍ଯ୍ୟକ୍ରମରେ ଦଶପଲ୍ଲା ସରକାରୀ ହୋମିଓପାଥି ଡାକ୍ତରଖାନା ପରିସର ସଫେଇ, ଦଶପଲ୍ଲା ଜଗନ୍ନାଥ ମନ୍ଦିର ପରିସର ସଫେଇ ଗୋପୀନାଥ ମନ୍ଦିର, କଇମରେ ବୃକ୍ଷରୋପଣ କାର୍ଯ୍ୟକ୍ରମ, ମାଳିସାହି ମହାଦେବ ମନ୍ଦିର ସଫେଇ, ସାତପାଟଣା ମନ୍ଦିର ସଫେଇ, ଜାମୁସାହିରେ ବୃକ୍ଷରୋପଣ ଏବଂ ଉଦ୍‌ଯାପନ ସମାରୋହ ଦଶପଲ୍ଲା ଥାନା ସମ୍ମୁଖ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିଙ୍କଠାରେ ଅନୁଷ୍ଠିତ ହେବ ବୋଲି ଜଣାଯାଇଛି।

# ଧରାପଡ଼ିଲା ୨୪ ଲକ୍ଷ ଟଙ୍କାର ଜାଲିଆତି

ନୟାଗଡ,୨୯।୯(ଲୋକନାଥ ମିଶ୍ର)



ଶିଆଳିଖୋଲ ବନ୍ଧର କାର୍ଯ୍ୟକୁ ଜିଲା ପରିଷଦ ଟିମ୍‌ର ସଦସ୍ୟମାନେ ତଦାରଖ କରୁଛନ୍ତି।

- ଶିଆଳିଖୋଲ ବନ୍ଧରେ ଜିଲା ପରିଷଦର ୧୨ ଜଣିଆ ଟିମ୍
- ଅସନ୍ତୋଷ ପ୍ରକାଶ କରି ଫେରିଲା ଟିମ୍
- ଆଡିବନ୍ଧ ନାଁରେ ଆତ୍ମସାତ ହୋଇଛି ସରକାରୀ ଅନୁଦାନ
- ମେଜରମେଣ୍ଟ ବୁକ୍ ନ ଦେଖାଇ ଫସିଲା ମୃତ୍ତିକା ସଂରକ୍ଷଣ ବିଭାଗ

ବଳରାମ ପାହାଡ଼ର ନିଷ୍କାସିତ ପାଣିରେ ସୃଷ୍ଟ ନୟାଗଡ଼ ବ୍ଲକ ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ଶିଆଳି ଖୋଲ ବନ୍ଧରେ ଆଡିବନ୍ଧ କରି ୨୪ଲକ୍ଷ ସରକାରୀ ଅନୁଦାନ ହଡପ ହୋଇଥିବା ଅଭିଯୋଗ ହୋଇଥିଲା। ଅଭିଯୋଗ ପାଇ ନୟାଗଡ଼ ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକଙ୍କ ନେତୃତ୍ୱରେ ୧୨ ଜଣିଆ ଟିମ୍ ଶୁକ୍ରବାର ସମ୍ପୃକ୍ତ ଆଡିବନ୍ଧକୁ ପରିଦର୍ଶନରେ ଯାଇ ଅନିୟମିତତା ଗୁମର ଖୋଲିଛନ୍ତି। ଆଡିବନ୍ଧର ମେଜେରମେଣ୍ଟ ବୁକ୍ ଜିଲା ପରିଷଦ ସଭାପତି ଓ ସଭ୍ୟଙ୍କୁ ମୃତ୍ତିକା ସଂରକ୍ଷଣ ବିଭାଗର ଉପନିର୍ଦ୍ଦେଶକଙ୍କ ସମେତ କର୍ମଚାରୀ ଦେଖେଇ ନ ପାରି ଅପଦସ୍ତ ହୋଇଥିଲେ। ଜିଲା ପରିଷଦ ପକ୍ଷରୁ ଏହାର ମେଜରମେଣ୍ଟ କରାଯିବା ପରେ ଦୁର୍ନୀତିର ବାସ୍ନା ଜଣାପଡିଛି। ଏହି ପ୍ରକଳ୍ପ ପାଇଁ ୨୪ ଲକ୍ଷ ୯୪ ହଜାର ଟଙ୍କା ମଞ୍ଜୁର ହୋଇଥିଲା। ଏଥିପାଇଁ ୨୪ ଲକ୍ଷ ୬୮ ହଜାର ୪୨୬ ଟଙ୍କା ବିଲ୍ ହୋଇଥିବା ଜଣାପଡିଛି। ଅନ୍ୟମାନଙ୍କ ମଧ୍ୟରେ ନୟାଗଡ଼ ବ୍ଲକ ଅଧ୍ୟକ୍ଷ କିଶୋର ସାହୁ, ୨ ନଂ. ଷ୍ଟାଣ୍ଡିଂ କମିଟି ଚେୟାରମ୍ୟାନ ସରୋଜ ରଣସିଂହ, ଜିଲା ପରିଷଦର ୨ ନଂ. ସଦସ୍ୟ ବିରଜା ଲକ୍ଷ୍ମୀ ସାହୁ, ୫ ନଂ. ସଦସ୍ୟ ରାମେଶ୍ୱର ଶତପଥୀ, ୭ନଂ. ସଦସ୍ୟ ବିଷ୍ଣୁପ୍ରିୟା ବେହେରା, ୧୧ ନଂ. ସଦସ୍ୟ ବସନ୍ତ ପ୍ରଧାନ, ୧୨ ନଂ . ସଦସ୍ୟ ସୁବାସ ଚନ୍ଦ୍ର କଅଁର, ୧୩ ନଂ. ସଦସ୍ୟ କ୍ଷୀରୋଦ ମହାପାତ୍ର, ୧୪ ନଂ. ସଦସ୍ୟ ଆଶିଷ ଅଗ୍ରୱାଲ, ୧୭ନଂ. ସଦସ୍ୟ ପ୍ରତିମା ଦଳବେହେରା, ୨୦ ନଂ. ବିଜୟ ସାମନ୍ତରାୟ ପରିଦର୍ଶନରେ ସାମିଲ ଥିଲେ। ଏ ନେଇ ଜିଲା ପରିଷଦ ସଦସ୍ୟ ରାମେଶ୍ୱର ଶତପଥୀ କହିଛନ୍ତି, ଆଡିବନ୍ଧର ମେଜେରେମେଣ୍ଟ ବୁକ୍ ମୃତ୍ତିକା ସଂରକ୍ଷଣ ବିଭାଗର ଅଧିକାରୀ ଦେଇ ପାରିଲେ ନାହିଁ। ପ୍ରକଳ୍ପରେ କ'ଣ ଖର୍ଚ୍ଚ କେତେ ଅନୁଦାନ ଜଣାପଡୁନି। ମୃତ୍ତିକା ସଂରକ୍ଷଣ ବିଭାଗ ଜିଲା ପରିଷଦ ଟିମ୍‌କୁ ଅସହଯୋଗ କଲେ। ଜିଲା ପରିଷଦ ଟିମ୍ ଦୁର୍ନୀତିର ବାସ୍ନା ପାଇଥିବାରୁ ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ସତ୍ୟାସତ୍ୟ ପଦାକୁ ଆସିବ। ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ କହିଛନ୍ତି, ଆଡିବନ୍ଧର ମେଜେରେମେଣ୍ଟ ବୁକ୍ ନ ଦେଇ ମୃତ୍ତିକା ସଂରକ୍ଷଣ ବିଭାଗ ସନ୍ଦେହ ଘେରକୁ ଆସିଛି। ଆମ ପକ୍ଷରୁ ମେଜେରମେଣ୍ଟ ଚାଲିଛି। ଭଲ ପ୍ରକଳ୍ପରେ ଯେଉଁ ସରକାରୀ ଅର୍ଥ ବିନିଯୋଗ ହୋଇଛି ଠିକ୍ ଭାବେ କରାଯାଇ ନ ଥିବା ଜଣାପଡିଛି। ଆମେ ଏହାର ଅନୁଧ୍ୟାନ କରୁଛୁ। ପରେ ଏ ଦିଗରେ ପଦକ୍ଷେପ ନେବୁ ।

### ଲକ୍ଷ୍ମୀପ୍ରସାଦ ନାଳରେ ଦୁର୍ନୀତି

ଲକ୍ଷ୍ମୀପ୍ରସାଦ ଗାଁଠାରୁ ବରପଲ୍ଲୀ ଦେଇ ପ୍ରବାହିତ ଲକ୍ଷ୍ମୀପ୍ରସାଦ ନାଳରେ ୪ ଲକ୍ଷ ଟଙ୍କା ଆନିକଟ ନିର୍ମାଣରେ ଖର୍ଚ୍ଚ ହୋଇଛି। ଆନିକଟ କାର୍ଯ୍ୟ ନିମ୍ନମାନର କରି ସରକାରୀ ଅର୍ଥ ହଡପ କରାଯାଇଥିବା ଅଭିଯୋଗ ରହିଛି। ନିର୍ମାଣ ଅନିକଟ ଚାଷୀଙ୍କ କାର୍ଯ୍ୟରେ ଲାଗିବ ନାହିଁ ବୋଲି ଚାଷୀ ଅଭିଯୋଗ କରି ଆସୁଛନ୍ତି। ଜିଲା ପରିଷଦ ଟିମ୍ ଏହାର ଅନୁଧ୍ୟାନ କରି କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ଉଠିଛି।

## ଗୋକୁଳାନନ୍ଦ ପୀଠରେ ଭାଗବତ ଜନ୍ମ

ଖଣ୍ଡପଡା,୨୯।୯(ଅଜୟ କୁମାର ମହାରଣା)

ଭାଦ୍ରବ ପୂର୍ଣ୍ଣିମାରେ କଣ୍ଟିଲୋ ନୀଳମାଧବ ପୀଠ, ରାଧାମୋହନ ଜୀଉ ମଠ, ଖଳିସାହିସ୍ଥ ଜଗନ୍ନାଥ ମନ୍ଦିର ଓ ସିଧାମୂଳାସ୍ଥିତ ଗୋକୁଳାନନ୍ଦ ଜୀଉ ପୀଠରେ ଶୁକ୍ରବାର ଭାଗବତ ଜନ୍ମ ପାଳିତ ହୋଇଯାଇଛି। ଧର୍ମ ସଂସ୍ଥାପନା କରି ଭାଗବାନ ଶ୍ରୀକୃଷ୍ଣ ସ୍ୱଧାମ ପ୍ରତ୍ୟାବର୍ତ୍ତନ କାଳରେ ତାଙ୍କ ଆଶ୍ରୟରେ ଥିବା ଧର୍ମ ଭାଗବତରେ ଶରଣ ନେଲେ। ଏଣୁ ଭାଗବତକୁ ଶ୍ରୀକୃଷ୍ଣଙ୍କ ସ୍ୱରୂପ ଭାବେ ପୂଜାର୍ଚ୍ଚନା କରାଯାଏ। ଏହି ଅବସରରେ ସିଧାମୂଳାସ୍ଥ ଗୋକୁଳାନନ୍ଦ ଜୀଉ ପୀଠ ଓ ଜଗନ୍ନାଥ ମନ୍ଦିରରେ ସକାଳୁ ମଙ୍ଗଳ ଆଳତି କରାଯାଇ ସୂର୍ଯ୍ୟ ପୂଜା ପରେ ଭାଗବତ ପୋଥିକୁ ସ୍ଥାପନ କରାଯାଇ ପୂଜାର୍ଚ୍ଚନା କରିବା ସହ ଶୁକ୍ରବାର ପୂର୍ବାହ୍ନରୁ ଏଠାରେ ଘୃତଯଜ୍ଞ ଅନୁଷ୍ଠିତ ହୋଇଛି। ଏହି ଉପଲକ୍ଷେ ଗୋକୁଳାନନ୍ଦ ପୀଠରେ ସ୍ଥାନୀୟ ସଂକୀର୍ତ୍ତନ ମଣ୍ଡଳୀ ଦ୍ୱାରା ଦିନତମାମ ନାମ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ଯୁବକମାନେ ଶ୍ରୀମଦ୍ ଭାଗବତ ଦ୍ୱାଦଶ ସ୍କନ୍ଧ ପଠନ କରିଥିଲେ। ଉକ୍ତ ପୀଠରେ ୩୦ରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଭକ୍ତଙ୍କ ଦ୍ୱାରା ୧୨ ସ୍କନ୍ଧ ଭାଗବତ ପଠନ କରାଯାଇଥିଲା। ଠାକୁରଙ୍କ ମଙ୍ଗଳ ଆଳତୀ ପରେ ଷୋଡଷ ଉପଚାର ପୂଜା ଓ ହୋମକାର୍ଯ୍ୟ ପୂଜାରୀ ବିରୁପାକ୍ଷ ମିଶ୍ର, ଅଖିଳ ପାଣି ପ୍ରମୁଖ ସମ୍ପାଦନ କରିଥିଲେ। ପୂଜା କମିଟିର ସମ୍ପାଦକ ଚନ୍ଦ୍ର ଶେଖର ସ୍ୱାଇଁ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସୂଚନାଯୋଗ୍ୟ, ଗ୍ରାମର ସ୍ୱର୍ଗତ ସାଥୁକ ମହାଳିଙ୍କ ଦ୍ୱାରା ପ୍ରଦତ୍ତ ଭାଗବତ ଗାଦିକୁ ଗୋକୁଳାନନ୍ଦ ଜୀଉଙ୍କ ମନ୍ଦିରରେ ରଖାଯାଇ ପ୍ରତିବର୍ଷ ଏହି କାର୍ଯ୍ୟକ୍ରମ କରାଯାଉଛି।

## ବ୍ଲକସ୍ତରୀୟ ସଂସାଧନ ସଭ୍ୟ ପ୍ରଶିକ୍ଷଣ ଶିବିର



ପ୍ରଶିକ୍ଷଣ ଶିବିରରେ ମଞ୍ଚାସୀନ ଅତିଥିଗଣ ।

ନୂଆଗାଁ, ୨୯।୯ (ଧନେଶ୍ୱର ସାହୁ)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ରାଜୀବ ଗାନ୍ଧି ସଭାଗୃହରେ ଶୁକ୍ରବାର ବ୍ଲକ ସ୍ତରୀୟ ସଂସାଧନ ସଭ୍ୟଙ୍କ ୨ ଦିନିଆ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ନୂଆଗାଁ ବିଡିଓ ତଥା ନୂଆଗାଁ କଳାକାର ସଂଘ ସଭାପତି ବାସୁଦେବ ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସିଡିପିଓ ଶୁଭ୍ରକେଶୀ ମଲିକ, ବିପିଏମ୍ ସସ୍ମିତା ପରିଡା, ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ଜ୍ୟୋତ୍ସ୍ନାରାଣୀ ସେଠୀ, କଳାକାର ସଂଘ ଉପସଭାପତି ଗୋଲକ ବିହାରୀ ଗୋଛାୟତ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସ୍ୱର୍ଣ୍ଣ ସାରିକା ଜେନା ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟନ କରିଥିଲେ। ମିଶନ ଶକ୍ତି, ଶିକ୍ଷା, ଜୀବିକା ମିଶନ, ସାମାଜିକ ସୁରକ୍ଷା ଆଦି ବିଭାଗ ଦ୍ୱାରା ସରକାର ଦେଉଥିବା ସରକାରଙ୍କ ଯୋଜନାଗୁଡିକୁ ଲୋକକଳା ମାଧ୍ୟମରେ ଜନ ସାଧାରଣଙ୍କୁ ଅବଗତ କରାଇବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ। ତେବେ ପ୍ରଶିକ୍ଷଣ ପରେ ଅଡିସନ ମାଧ୍ୟମରେ କଳାକାରମାନଙ୍କୁ ଚୟନ କରି ସରକାରଙ୍କ ଯୋଜନାକୁ ଲୋକାଭିମୁଖୀ କରାଇବା କାର୍ଯ୍ୟରେ କଳାକାରମାନଙ୍କୁ ନିୟୋଜିତ କରାଯିବ। ଏଥିପାଇଁ କଳାକାରମାନଙ୍କୁ ସେମାନଙ୍କ ପାରିଶ୍ରମିକ ଦିଆଯିବାର ବ୍ୟବସ୍ଥା ରହିଛି। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ସାମାଜିକ ସୁରକ୍ଷା କନିଷ୍ଠ ସହାୟକ ରଘୁନାଥ ସାହୁ ପରିଚାଳନା କରିଥିବାବେଳେ ତାଲିମ ଶିବିରରେ ଯୋଗ ଦେଇଥିବା ୮୨ ଜଣ କଳାକାରଙ୍କୁ ଅବସରପ୍ରାପ୍ତ ଶିକ୍ଷକ ତଥା ସଂଗୀତଜ୍ଞ ମଦନ ମୋହନ ପ୍ରଧାନ ତାଲିମ ଦେଇଥିଲେ। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଶନିବାର ଉଦ୍‌ଯାପିତ ହେବ ବୋଲି କନିଷ୍ଠ ସହାୟକ ସାହୁ ସୂଚନା ଦେଇଛନ୍ତି।

## ତାଲୁକ ସେବା ଆଇନ ବୈଠକ

ଭାପୁର, ୨୯।୯
(ଭରତ କୁମାର ବେହେରା)

ଭାପୁର ବ୍ଲକ ଅନ୍ତର୍ଗତ ପଠାଣୀ ସାମନ୍ତ ମହାବିଦ୍ୟାଳୟ ଖଣ୍ଡପଡ଼ା ପରିସରରେ ଶୁକ୍ରବାର ତାଲୁକ ସେବା ଆଇନ ବୈଠକ ଅନୁଷ୍ଠିତ ହୋଇଥିଲା। ଭାପୁର ଜୁଡିସିଆଲ ମାଜିଷ୍ଟ୍ରେଟ ବନୀଲ କୁମାର ଖଟାଇଙ୍କ ସଭାପତିତ୍ୱରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା । ତାଲୁକ ସେବା ଆଇନର ସଂଯୋଜକ ତଥା ବରିଷ୍ଠ ଆଇନଜୀବୀ ପ୍ରଶାନ୍ତ କୁମାର ବାରିକ ସଂଯୋଜନା କରିଥିଲେ। ସମ୍ମାନୀତ ଅତିଥି ଭାବରେ ପଠାଣି ସାମନ୍ତ ମହାବିଦ୍ୟାଳୟର ଅଧ୍ୟକ୍ଷ ବିରଞ୍ଚି ନାରାୟଣ ଶତପଥୀ, ସରକାରୀ ଆଇନଜୀବୀ କେଦାରନାଥ ସାହୁ, ମହିଳା ଆଇନଜୀବୀ ସୁବାଶିନୀ ପ୍ରାଣିଗ୍ରାହୀ ପ୍ରମୁଖ ଯୋଗଦେଇଥିଲେ। କଲେଜର ସମସ୍ତ ଅଧ୍ୟାପିକାଅଧ୍ୟାପକ ଉପସ୍ଥିତ ରହି ସହଯୋଗ କରିଥିଲେ। କଲେଜର ସମସ୍ତ ଛାତ୍ରୀଛାତ୍ରମା ବୈଠକରେ ଉପସ୍ଥିତ ରହିଥିଲେ। କଲେଜର ସମସ୍ତ ଛାତ୍ରୀଛାତ୍ରଙ୍କୁ ଆଇନ ବିଷୟରେ ସଚେତନ କରାଯାଇଥିଲା। କୌଣସି ଛାତ୍ରୀଛାତ୍ର ଉପରେ ଏସିଡ୍ ମାଡ ହେଲେ କିପରି ସେମାନେ ସମ୍ପୂର୍ଣ୍ଣ ମାଗଣାରେ ଚିକିତ୍ସିତ ହୋଇପାରିବେ, ଏସିଡ୍ ମାଡ ହୋଇଥିବା ଛାତ୍ରୀଛାତ୍ରମାନଙ୍କ ପାଇଁ ମାଗଣାରେ କୋର୍ଟରେ ଓକିଲ ଯୋଗାଇ ଦେବା, ସେମାନଙ୍କ ପାଇଁ ସରକାରୀ ସହାୟତା କିପରି ମିଳିବ, କୋର୍ଟରେ ସେମାନଙ୍କ ପାଇଁ ଆଇନ କ'ଣ ଅଛି ସେ ସବୁ ବିଷୟରେ ଛାତ୍ରୀଛାତ୍ରମାନଙ୍କୁ ବୁଝାଯାଇଥିଲା। ଶେଷରେ ଅଧ୍ୟାପକ ଲୋକନାଥ ରାଉତ ଧନ୍ୟବାଦ ଦେଇଥିଲେ।




ବୈଠକରେ ଉପସ୍ଥିତ ଅତିଥିମାନେ।

## ଦୁର୍ଗାପୂଜା ମୂର୍ତ୍ତି ପାଇଁ ମାଟି ଅନୁକୂଳ

ଖଣ୍ଡପଡ଼ା,୨୯।୯(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ଅଧୀନ ବିଭିନ୍ନ ଗ୍ରାମରେ ଥିବା ଦୁର୍ଗା ପୂଜା କମିଟି ତଥା କ୍ଲବ ପକ୍ଷରୁ ଦୁର୍ଗା ପୂଜା ଅନୁଷ୍ଠିତ ହେବାର ପ୍ରକ୍ରିୟା ଆରମ୍ଭ ହୋଇଛି। ଏହିକ୍ରମରେ ଖଣ୍ଡପଡ଼ା ସହରର ସର୍ବ ପୁରାତନ ତଳସାହି ଦୁର୍ଗା ପୂଜା କମିଟି ପକ୍ଷରୁ ନିକଟସ୍ଥ କୁସୁମୀ ପଠାରେ ମାଟି ପୂଜା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସେହିପରି କଣ୍ଟିଲୋ ଜନକଲ୍ୟାଣ କ୍ଲବର ପୂଜା କମିଟି ପକ୍ଷରୁ ମହାନଦୀ ପଠାରୁ ଶୁକ୍ରବାର ଭାଗବତ ଜନ୍ମ ଅବସରରେ ପୂଜା କମିଟିର କର୍ମକର୍ତ୍ତାମାନେ ମାଟି ପୂଜା କରି ମା' ଦୁର୍ଗାଙ୍କ ମୃଣ୍ମୟୀ ମୂର୍ତ୍ତି ନିର୍ମାଣ ନିମନ୍ତେ ମାଟି ଉଠାଇ ଥିଲେ। ପାରମ୍ପରିକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚାନ ପରେ ପୂଜା କମିଟିର କର୍ମକର୍ତ୍ତାମାନେ ଘଣ୍ଟ ଘଣ୍ଟା ସହ ହରିବୋଲ ପକାଇ ନଦୀ ପଠାରୁ ମାଟି ମଣ୍ଡପକୁ ଆଣିଥିଲେ।

## ଓଡ଼ଗାଁ ଏନ୍ଏସିରେ ନୂଆ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଯୋଗଦାନ

ଓଡ଼ଗାଁ,୨୯।୯
(ଆଦର୍ଶ କୁମାର ପଟ୍ଟନାୟକ)

ଓଡ଼ଗାଁ ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍ଏସି)ରେ ଶୁକ୍ରବାର ନୂତନ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ଦୁଃଶାସନ ସ୍ୱାଇଁ କାର୍ଯ୍ୟରେ ଯୋଗ ଦେଇଛନ୍ତି। ସେ ଏହା ପୂର୍ବରୁ କନ୍ଧମାଳ ଜିଲା ଚକାପାଦ ତହସିଲରେ ଅତିରିକ୍ତ ତହସିଲଦାର ଭାବେ କାର୍ଯ୍ୟରତ ଥିଲେ। ସୂଚନାଥାଉ କି ଓଡ଼ଗାଁ ଏନ୍ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ଜେନାଙ୍କ ପଦୋନ୍ନତି ହେବା ପରେ ସେ ଓଡ଼ଗାଁ ବିଡିଓ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ଏଥିସହ ଅତିରିକ୍ତ ଭାବେ ଓଡ଼ଗାଁ ଏନ୍ଏସିର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଦାୟିତ୍ୱରେ ମଧ୍ୟ ରହିଥିଲେ। ନିକଟରେ ତାଙ୍କର ଅନ୍ୟତ୍ର ବଦଳି ହେବା ପରେ ୧୮ ତାରିଖରେ ନୂଆ ଭାବେ ଯୋଗଦେଇଥିବା ବିଡିଓ ଜିତେନ୍ଦ୍ର କୁମାର ନାୟକଙ୍କୁ ଉଭୟ ଦାୟିତ୍ୱ ହସ୍ତାନ୍ତର କରିଥିଲେ।

## ଧନ୍ଦାମୂଳକ ଛାତ୍ରୀଛାତ୍ରଙ୍କ ଶିଳ୍ପ ତାଲିମ କେନ୍ଦ୍ର ପରିଭ୍ରମଣ

ଖଣ୍ଡପଡ଼ା,୨୯।୯ (ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ନିକଟସ୍ଥ ବାଇଗୁଣିଆ ତନ୍ତୁବାୟ ସହଯୋଗ ସରକାରୀ ଉଚ୍ଚ ବିଦ୍ୟାଳୟର ଇଲେକ୍‌ଟ୍ରୋନିକ୍ ଓ ହାର୍ଡ଼ୱେୟାର ପାଠ୍ୟକ୍ରମରେ ଅଧ୍ୟୟନରତ ୫୦ଜଣ ଧନ୍ଦାମୂଳକ ବିଭାଗ ଛାତ୍ରୀଛାତ୍ର ଅନୁଷ୍ଠାନର ପ୍ରଧାନ ଶିକ୍ଷକ ପ୍ରତାପ ରଣାଙ୍କ ତତ୍ତ୍ୱାବଧାନରେ ଖଣ୍ଡପଡ଼ା ଶିଳ୍ପ ତାଲିମ୍ କେନ୍ଦ୍ରକୁ ପରିଭ୍ରମଣରେ ଆସିଥିଲେ। ଖଣ୍ଡପଡ଼ା ଶିଳ୍ପ ତାଲିମ୍ କେନ୍ଦ୍ରର ଅଧ୍ୟକ୍ଷ ପ୍ରଦୀପ କୁମାର ବଳିଆରସିଂ, ପ୍ରଶିକ୍ଷକ କାଶୀନାଥ ଦାସ ଓ ସହଯୋଗୀ ପ୍ରଶିକ୍ଷକମାନେ ଛାତ୍ରୀଛାତ୍ରମାନଙ୍କୁ ଧନ୍ଦାମୂଳକ ଶିକ୍ଷା ସମ୍ପର୍କରେ ସବିଶେଷ ସୂଚନା ପ୍ରଦାନ କରିଥିଲେ। ଛାତ୍ରୀଛାତ୍ରମାନେ ଶିଳ୍ପ ତାଲିମ କେନ୍ଦ୍ରର ବିଭିନ୍ନ ବିଭାଗଗୁଡ଼ିକ ପରିଦର୍ଶନ କରି ସବିଶେଷ ଜ୍ଞାନ ଆହରଣ କରିଥିଲେ। ରାଜ୍ୟ ସରକାର ଦକ୍ଷତା ମିଶନ୍ ଜରିଆରେ ଛାତ୍ରୀଛାତ୍ରମାନଙ୍କୁ ଆତ୍ମନିର୍ଭରଶୀଳ କରିବାକୁ ବିଭିନ୍ନ ଧନ୍ଦାମୂଳକ ଶିକ୍ଷାର ବ୍ୟବସ୍ଥା କରିଥିବା ସମ୍ପର୍କରେ ପ୍ରଶିକ୍ଷକ ପ୍ରଣବ ସାହୁ, ନିରଞ୍ଜନ ଦାସ ପ୍ରମୁଖ ସୂଚନା ଦେଇଥିଲେ। ଖଣ୍ଡପଡ଼ା ଶିଳ୍ପ ତାଲିମ କେନ୍ଦ୍ର ପରିଦର୍ଶନ କରି ଛାତ୍ରୀଛାତ୍ରମାନେ ଆନନ୍ଦ ପ୍ରକାଶ କରିଥିଲେ।




ଶିଳ୍ପକେନ୍ଦ୍ରକୁ ପରିଭ୍ରମଣରେ ଆସିଥିବା ଛାତ୍ରୀଛାତ୍ର।

## ଦେଢ଼ ଘଣ୍ଟା ବିଳମ୍ବରେ ଆସୁଛନ୍ତି କର୍ମଚାରୀ

ନୟାଗଡ,୨୯।୯(ଲୋକନାଥ ମିଶ୍ର)

**ଟିକାକରଣ କେନ୍ଦ୍ର ଖୋଲୁଛି ୮ଟାରେ**



ନୟାଗଡ ଜିଲା ମୁଖ୍ୟ ଚିକିତ୍ସାଳୟର ମାତୃ ଶିଶୁ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଥିବା ଟୀକାରକରଣ କେନ୍ଦ୍ରର କର୍ମଚାରୀ ପ୍ରତ୍ୟେହ ଦେଢ଼ ଘଣ୍ଟା ବିଳମ୍ବରେ ଆସୁଛନ୍ତି। ତେବେ ଟିକାକରଣ କେନ୍ଦ୍ର କିନ୍ତୁ ପୂର୍ବାହ୍ନ ୮ଟାରେ ଖୋଲି ଯାଉଛି। କର୍ମଚାରୀଙ୍କ ବିଳମ୍ବକୁ ନେଇ ଟିକା ଦେବାକୁ ଆସୁଥିବା ଲୋକ ହଇରାଣ ହେଉଛନ୍ତି। କର୍ମଚାରୀ ବିଳମ୍ବରେ ଆସିବା ନେଇ ବାରମ୍ବାର ଅଭିଯୋଗ ପରେ ସୁଫଳ ମିଳୁନି। ଜିଲା ମୁଖ୍ୟ ଚିକିତ୍ସାଳୟର ସୁପରିଣ୍ଟେଣ୍ଡେଣ୍ଟ ଓ ହସ୍ପିଟାଲ ମ୍ୟାନେଜରଙ୍କ ପଦକ୍ଷେପ ନେଉ ନ ଥିବାରୁ ଅସନ୍ତୋଷ ବଢୁଛି। ଟିକାକରଣ କେନ୍ଦ୍ର ୮ଟାରୁ ୧୨ ଟା ଯାଏ ଖୋଲିବାର ନିର୍ଦ୍ଦେଶ ରହିଛି। ତେବେ ଏହି ନିର୍ଦ୍ଦେଶକୁ ଖୋଲା ଖୋଲି ଅଣଦେଖା କରାଯାଉଛି।

## ମଣ୍ଡଳସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡ଼ା

ନୂଆଗାଁ, ୨୯।୯ (ଧନେଶ୍ୱର ସାହୁ)

ନୂଆଗାଁ ବ୍ଲକ ମହିପୁର ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ଶୁକ୍ରବାର ମଣ୍ଡଳସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡା ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଂଯୋଜକ ପ୍ରଶାନ୍ତ କୁମାର ପ୍ରଧାନଙ୍କ ସଂଯୋଜନାରେ ଅନୁଷ୍ଠିତ କ୍ରୀଡାରେ ନୂଆଗାଁ ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ଜ୍ୟୋତ୍ସ୍ନାରାଣୀ ସେଠୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଯୋଜନାଗନ୍ଧା ଖିଲାର, କଳ୍ପନା ମଞ୍ଜରୀ ମଉଗଜସିଂ, ଦେବରାଜ ସାହୁ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ୧୭ବର୍ଷରୁ କମ୍ ଖୋକୋ ଓ କବାଡି କ୍ରୀଡାରେ ୧୨ଜଣ ଛାତ୍ରୀ ଓ ୧୨ଜଣ ଛାତ୍ର ଜିଲା ସ୍ତରକୁ ମନୋନୀତ ହୋଇଛନ୍ତି। ସେହିପରି ଚେସ୍ ପ୍ରତିଯୋଗିତାରେ ଚାହାଳି ଜନଶକ୍ତି ସରକାରୀ ଉଚ୍ଚ ବିଦ୍ୟାଳୟର ୨ ଜଣ ଛାତ୍ର ମନୋନୀତ ହୋଇଥିବା ବେଳେ ମହିପୁର ଉଚ୍ଚ ବିଦ୍ୟାଳୟରୁ ୨ ଜଣ ଛାତ୍ରୀ ମନନୀତ ହୋଇଛନ୍ତି। ଯୋଗ ଶିକ୍ଷକ ପରାନନ୍ଦ ପରିଡାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଯୋଗ ଶିବିରରୁ ୧୭ ବର୍ଷରୁ କମ୍ ଯୋଗ ପ୍ରତିଯୋଗିତରେ ସଂପଡା ଚନ୍ତାମଣୀ ବିଦ୍ୟାପୀଠରୁ ୩ ଛାତ୍ରୀ ଓ ୧ ଛାତ୍ର, ୧୪ ବର୍ଷରୁ କମ୍ ଯୋଗ ପ୍ରତିଯୋଗିତାରେ ଚିନ୍ତାମଣି ବିଦ୍ୟାପୀଠରୁ ୪ଜଣ ଛାତ୍ରୀ, ଜଣେ ଛାତ୍ର ମନୋନୀତ ହୋଇଛନ୍ତି। ମନୋନୀତ ହୋଇଥିବା ସମସ୍ତ ଖେଳାଳି ଆସନ୍ତା ୨ ତାରିଖରେ ନବଘନପୁରଠାରେ ହେବାକୁ ଥିବା ଜିଲା ସ୍ତରୀୟ ସମୂହ କ୍ରୀଡାରେ ଅଂଶଗ୍ରହଣ କରିବେ ବୋଲି ସଙ୍ଗଠନ ପକ୍ଷରୁ ସୂଚନା ମିଳିଛି।



ସମୂହ କ୍ରୀଡାରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ର ।

## ବୁଡ଼ିଯାଉଥିବା କଂସା ପିତଳ ପରମ୍ପରାକୁ ଉଜ୍ଜୀବିତ କଲେ ଗବେଷକ

ଖଣ୍ଡପଡ଼ା,୨୯।୯
(ଅଜୟ କୁମାର ମହାରଣା)

ପୂର୍ବ ପ୍ରଚଳିତ ଅଙ୍କ(ସୁନିଆ) ପରମ୍ପରା ସମ୍ପ୍ରତି ଲୋପ ପାଇବାକୁ ବସିଲାଣି। ଦିନ ଥିଲା କଂସା ପିତଳ ବାସନ ଶିଳ୍ପ ପାଇଁ ପ୍ରସିଦ୍ଧି ଲାଭ କରିଥିବା କଣ୍ଟିଲୋ ଅଞ୍ଚଳର କଂସା ପିତଳ କାରିଗରମାନେ ଏହି ପବିତ୍ର ଦିନରେ ନୂତନ ସାମଗ୍ରୀମାନ ପ୍ରସ୍ତୁତ କରି ସମବାୟ ସମିତି, ବିଭିନ୍ନ ମହାଜନ ଅବା ସାହୁକାରମାନଙ୍କୁ ଭେଟି ଦେବାର ପ୍ରଥା ଥିଲା। ପରେ ସମସ୍ତ କାରିଗର ଓ ସମବାୟ ସମିତିର କର୍ମକର୍ତ୍ତା ଓ ମହାଜନମାନେ ଏକତ୍ର ହୋଇ ଭୋଜି କରୁଥିଲେ। ମାତ୍ର ସମୟର ପରିବର୍ତ୍ତନ ଧାରାରେ ଏବେ ମହାଜନୀ ଓ ସହୁକାର ପ୍ରଥା ଲୋପ ପାଇବା ସଙ୍ଗେ ସଙ୍ଗେ ଏହି ବାମନ ଜନ୍ମ ଦିନରେ ପୂର୍ବର ପରମ୍ପରା ସମ୍ପୂର୍ଣ୍ଣ ଲୋପ ପାଇଗଲାଣି। ତେବେ ପରମ୍ପରାକୁ ଉଜ୍ଜିବିତ କରିବା ଲକ୍ଷ୍ୟରେ ଗୋପୀନାଥ ଧାତୁ ଗବେଷଣା ପ୍ରତିଷ୍ଠାନ ଭୁବନେଶ୍ୱରର ପ୍ରତିଷ୍ଠାତା, କଂସା ପିତଳ





ନୂଆ କଂସା ପିତଳ ସାମଗ୍ରୀ ପୂଜା କରାଯାଉଛି। କାରିଗରଙ୍କ ସହ ଗବେଷକ ସୁଦର୍ଶନ ସାହୁ ।

ବାସନ ସଂଗ୍ରାହକ ଓ ଗବେଷକ ସୁଦର୍ଶନ ସାହୁ ଏବେ ପ୍ରୟାସ ଆରମ୍ଭ କରିଛନ୍ତି। କଣ୍ଟିଲୋ ଅଞ୍ଚଳର ସାହୁ ବାମନ ଜନ୍ମ ଦିବସ ତଥା ସୁନିଆ ଉପଲକ୍ଷେ ନିଜ ବାସ ଭବନରେ ଏହି ପର୍ବକୁ ପାରମ୍ପରିକ ରୀତିରେ ପାଳନ କରି ଅଞ୍ଚଳର ୫୦ରୁ ଊର୍ଦ୍ଧ୍ୱ ବିଭିନ୍ନ କାରିଗରମାନଙ୍କୁ ନିମନ୍ତ୍ରଣ କରି ସମ୍ବର୍ଦ୍ଧିତ କରିଥିଲେ। ଏ ଅବସରରେ ପୂର୍ବାହ୍ନରେ କଳସ ସ୍ଥାପନ କରାଯାଇ କାରିଗରମାନଙ୍କୁ ବ୍ରତ ବନ୍ଧନ କରାଯାଇଥିଲା। କଣ୍ଟିଲୋ ଅଞ୍ଚଳର କଂସା ପିତଳ କୃତି କାରିଗର ଅନ୍ତର୍ଯ୍ୟାମୀ ମହାରଣା, ଅଖିଳ କୁମାର ମହାପାତ୍ର, ପ୍ରତାପ କୁମାର ମହାରଣା, ଭୀମସେନ ମହାରଣା, ବାଇଧର ସାହୁ, ଉଦ୍ୟନାଥ ସାହୁ, ପୂର୍ଣ୍ଣଚନ୍ଦ୍ର ସାହୁ, ମିଛୁ ସାହୁ, ନିରଞ୍ଜନ ମହାରଣା, ବିଶିଷ୍ଟ କାଷ୍ଠ କାରିଗର ହରିହର ନାୟକ, କଳାକାର ଲକ୍ଷ୍ମଣ ବାରିକ, ପ୍ରସନ୍ନ କୁମାର ଜେନା ପ୍ରମୁଖ ବ୍ୟକ୍ତି ବିଶେଷଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ କେନ୍ଦ୍ରୀୟ ବିଦ୍ୟାଳୟ ଅଧ୍ୟକ୍ଷ ଡ. ରଘୁନାଥ ସାହୁ, କନକଲତା ସାହୁ ପ୍ରମୁଖ ଯୋଗଦେଇ ବୁଡି ଯାଉଥିବା ଏହି ପରମ୍ପରାକୁ ଉଜ୍ଜିବିତ କରିବାର ପ୍ରୟାସ ଆରମ୍ଭ କରିଥିବା ଗବେଷକ ସାହୁ ପ୍ରୋତ୍ସାହିତ କରୁଥିବାରୁ ସାଧୁବାଦ ଜଣାଇଥିଲେ।

# କେନ୍ଦ୍ରାପଡ଼ା ଏବେ କୁମ୍ଭୀରପଡ଼ା

■ ଅକାଳରେ ଚାଲିଯାଉଛି ଜୀବନ
■ ତଳି ଅଞ୍ଚଳରେ ଏବେ ବି ଘେରି ରହିଛି ବର୍ଷା, ବନ୍ୟାଜଳ
■ ଗ୍ରାମାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ରରେ ସାପକାମୁଡ଼ା, ଚିକିତ୍ସା ଦାବି

କେନ୍ଦ୍ରାପଡ଼ା, ୨୯।୯ (ଜଗନ୍ନାଥ ଧଳ)


ପାଟଶାଳ ନଦୀ ଘାଟରେ କୁମ୍ଭୀରଠାରୁ ସୁରକ୍ଷା ପାଇଁ ତାର ବାଡ ଦିଆଯାଇଛି।

କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ ପେଣ୍ଠର ଖଣ୍ଡମରା ରାସ୍ତାରେ ଏକ ବଉଳା କୁମ୍ଭୀର ବୁଲୁଥିବା ଭିଡିଓ ଭାଇରାଲ ହୋଇଥିଲା। ନିକଟସ୍ଥ ଦୋବନ୍ଧି ମାଛଘେରିରୁ ଗୁରୁବାର ଏକ କୁମ୍ଭୀର ଉଦ୍ଧାର ହୋଇଛି। ବନ ବିଭାଗ ଏହାକୁ ଉଦ୍ଧାର କରିଥିଲେ ମଧ୍ୟ ଜିଲାରେ କୁମ୍ଭୀର ଏବେ ଆତଙ୍କରେ ପରିଣତ ହୋଇଛି। ଜୁନ, ଜୁଲାଇ ମାସର ୪୫ ଦିନ ମଧ୍ୟରେ ଜିଲାର ୫ ଜଣଙ୍କୁ କୁମ୍ଭୀର ମାରି ସାରିଛି। ସେହିପରି ଗତ ୨ ମାସ ମଧ୍ୟରେ ୭ଟି ସ୍ଥାନରେ ଗୋବରୀ, ପାଇକା, ବ୍ରାହ୍ମଣୀ, କଣ୍ଟିଆ ଆଦି ନାଳ ଓ ନଦୀରେ କୁମ୍ଭୀର ଭାସୁଥିବା ସ୍ଥାନୀୟ ଅଞ୍ଚଳବାସୀ ଦେଖିଛନ୍ତି। ଏହି କାରଣରୁ କେନ୍ଦ୍ରାପଡ଼ା ବଦଳରେ ଏହାକୁ କୁମ୍ଭୀରପଡ଼ା ଜିଲା ଭାବେ ନାମିତ କରାଯାଉ ବୋଲି ସାମାଜିକ ଗଣମାଧ୍ୟମରେ ଆଲୋଚନା ଜୋର ଧରିଛି। ଅପରପକ୍ଷରେ ଜଳବନ୍ଦୀ ଘେରରେ ଥିବା ଗ୍ରାମଗୁଡ଼ିକରେ ବିଭିନ୍ନ ବିଷଧର ସାପ ଦେଖିବାକୁ ମିଳୁଛନ୍ତି। ବର୍ଷା ଓ ବନ୍ୟା ଜଳରେ ନଷ୍ଟ ହୋଇଥିବା କଚ୍ଚା ଘରେ ଏମାନଙ୍କୁ ଦେଖିବାକୁ ମିଳୁଥିବା ବେଳେ ସର୍ପାଘାତ ରୋଗୀଙ୍କ ସଂଖ୍ୟା ବଢ଼ୁଛି। ଜିଲାର ଉପାନ୍ତ ଅଞ୍ଚଳରେ ସର୍ପାଘାତ ରୋଗୀଙ୍କ ସଂଖ୍ୟା ବଢ଼ିଛି। ଗ୍ରାମାଞ୍ଚଳର ପ୍ରତ୍ୟେକ ସ୍ୱାସ୍ଥ୍ୟକେନ୍ଦ୍ରରେ ସାପ ବିଷରୁ ରକ୍ଷା ପାଇଁ ଇଞ୍ଜେକ୍ସନ ରଖିବାକୁ ଦାବି ହୋଇଛି।

ଏ ସମ୍ପର୍କରେ ମହାକାଳପଡାର ହରେକୃଷ୍ଣ ପାତ୍ର କହିଛନ୍ତି, ଲଗାଣ ବର୍ଷା ଓ ବନ୍ୟାଜନିତ ପାଣି ଉପାନ୍ତ ଅଞ୍ଚଳବାସୀଙ୍କ ସ୍ୱାଭାବିକ ଜୀବନଯାତ୍ରାକୁ ବ୍ୟାହତ କରିଛି। ପାନୀୟ ଜଳ, ଚାଷ, ସ୍ୱାସ୍ଥ୍ୟ ଆଦି କ୍ଷେତ୍ରରେ ସମସ୍ୟା ସୃଷ୍ଟି ହୋଇଥିବା ବେଳେ ଏବେ ସରୀସୃପ ଆତଙ୍କ ଖେଳିଯାଇଛି। ଦୀର୍ଘଦିନ ଧରି ପାଣି ଜମି ରହିବା ଫଳରେ ନିକଟସ୍ଥ ଭିତରକନିକା ଅଞ୍ଚଳରୁ ସରୀସୃପ ଗ୍ରାମ ମଧ୍ୟକୁ ପଶି ଆସୁଛନ୍ତି। ନଦୀ, ନାଳ, ପୋଖରୀ ଏପରି କି ଚାଷ ଜମିରେ ଏବେ କୁମ୍ଭୀର ଦେଖାଯାଉଛନ୍ତି। କିଛିଦିନ ପୂର୍ବେ ଜଉଦିଆଠାରେ ୧୨ଫୁଟ ଲମ୍ବର ଅଜଗର ଉଦ୍ଧାର ହୋଇଛି। ଅପରପକ୍ଷରେ ବର୍ଷା ଓ ବନ୍ୟା ପାଇଁ ବିଷଧର ସାପ ଗ୍ରାମ ମଧ୍ୟରେ ଦେଖାଯାଉଛନ୍ତି। ଆଳି, ରାଜନଗର, ରାଜକନିକା, ପଟ୍ଟାମୁଣ୍ଡାଇ, ମହାକାଳପଡ଼ା, ମାର୍ଶାଘାଇ, ଗରଦପୁର ବ୍ଲକ ଅଞ୍ଚଳରେ ସାପ ଦେଖାଯିବା ସମସ୍ୟା ଗୁରୁତର ହୋଇଛି। ସର୍ପାଘାତରେ କେତେଜଣଙ୍କର ଜୀବନ ମଧ୍ୟ ଯାଇଥିବା ସେ ସୂଚନା ଦେଇଛନ୍ତି। ପଟ୍ଟାମୁଣ୍ଡାଇ ବ୍ଲକ ସିଂହଗାଁର ରମେଶ ମଲ୍ଲିକ କହିଛନ୍ତି, ବିଭିନ୍ନ ନଦୀରେ ବନ୍ୟା, ବର୍ଷା ପାଇଁ କୁମ୍ଭୀର ଓ ସାପ ଦେଖାଯାଉଥିବାରୁ ଧୋଆଞ୍ଚଳରେ ଆତଙ୍କ ଖେଳିଯାଇଛି। ଗତ ୩ ମାସ ମଧ୍ୟରେ କୁମ୍ଭୀର ଟାଣି ନେଇଥିବାରୁ ୫ ଜଣଙ୍କର ଜୀବନ ଅକାଳରେ ଯାଇଛି। ଏବେ ସିଂହଗାଁ ସମେତ ବଡ଼ ରାଉଳିଆ, ସାନ ରାଉଳିଆ ଆଦି ଗ୍ରାମର କଚ୍ଚା ଘରେ ବିଷଧର ସର୍ପ ଦେଖାଯାଉଛନ୍ତି। ବିଶେଷକରି ସନ୍ତସନ୍ତିଆ ଘରଗୁଡ଼ିକରେ ଏସବୁ ଦେଖା ଦେଉଥିବାରୁ ରାତିରେ ଯାତାୟାତ ବନ୍ଦ ସହ ପରିବାର ସଦସ୍ୟ ରାତି ଅନିଦ୍ରା ହେଉଛନ୍ତି। ଏ ସମ୍ପର୍କରେ ଏଡିଏମ୍‌ଓ ଡା. ସଚ୍ଚିଦାନନ୍ଦ ମିଶ୍ରଙ୍କୁ ପଚାରିବାରେ ପ୍ରତ୍ୟେକ ସିଏଚ୍‌ସିକୁ ସାପ କାମୁଡା ଇଞ୍ଜେକସନ ଯୋଗାଇ ଦିଆଯାଇଛି। ସର୍ପ ଆଘାତ କ୍ଷେତ୍ରରେ କେତେକ ସତର୍କତା ଅବଲମ୍ବନ କରିବାକୁ ପଡ଼ିବ। ସାପ କାମୁଡ଼ି ଥିବା ବ୍ୟକ୍ତିଙ୍କୁ ଆଶ୍ୱାସନା ଦିଅନ୍ତୁ। କାମୁଡ଼ି ଥିବା ସ୍ଥାନରେ ପିନ୍ଧିଥିବା ମୁଦି, ଘଣ୍ଟା, ବ୍ରତ, ପାଉଁଜି ଆଦି ଖୋଲି ଦେବା ଆବଶ୍ୟକ। ତୁରନ୍ତ ଡାକ୍ତରଖାନା ନେବା ଜରୁରୀ। ସେହିପରି ଏହି ସମୟରେ ଆଦୌ ଡରିବା ବା ବିଚଳିତ ହେବା ଉଚିତ ନୁହେଁ। ରୋଗୀକୁ ଚଲାବୁଲା ବା କାମ କରିବାକୁ ନ ଦେଇ ଟେକିଟେକି ନେବା ଦରକାର। କ୍ଷତ ସ୍ଥାନକୁ ଧୁଅନ୍ତୁ ନାହିଁ କିମ୍ବା ବରଫ, ବିଦ୍ୟୁତ୍ ସକ୍ ଦିଅନ୍ତୁ ନାହିଁ। ଅଧିକାଂଶ ସମୟରେ ସାପ ବିଷ ଉପରକୁ ଚଢ଼ିଯିବା ଭୟରେ କ୍ଷତ ସ୍ଥାନକୁ ସୁତୁଲି, କତା ଦଉଡି, କଟା ରବର ଟ୍ୟୁବ, ଇଲେକ୍ଟ୍ରିକ ତାର ବ୍ୟବହାର ହେଉଥିବା ଲକ୍ଷ୍ୟ କରାଯାଉଛି। ଏହାର କୌଣସି ଆବଶ୍ୟକତା ନାହିଁ। ବ୍ଲେଡ ଓ ଛୁରିରେ କ୍ଷତସ୍ଥାନକୁ କାଟନ୍ତୁ ନାହିଁ। ଏହି ସମୟରେ ଖାଦ୍ୟ ପଦାର୍ଥ କିମ୍ବା ନିଶାଦ୍ରବ୍ୟ ବ୍ୟବହାର ରୋଗୀର କ୍ଷତି ପହଞ୍ଚାଇ ପାରେ। ସବୁ ସାମୁଦ୍ରିକ ସାପ ବିଷଧର ବୋଲି ସେ ସଚେତନ କରାଇଛନ୍ତି। ସେହିପରି କୁମ୍ଭୀର ଆତଙ୍କ ସମ୍ପର୍କରେ ଡିଏଫ୍‌ଓ ସୁଦର୍ଶନ ଗୋପୀନାଥ ଯାଦବଙ୍କୁ ପଚାରିବାରେ କୁମ୍ଭୀର ପ୍ରତି ସାବଧାନ ରହିବାକୁ ସଚେତନତା କାର୍ଯ୍ୟକ୍ରମ ଜାରି ରହିଛି ବୋଲି ସେ କହିଛନ୍ତି।

## ପଟ୍ଟାମୁଣ୍ଡାଇରେ କଂଗ୍ରେସ ପକ୍ଷରୁ ବିଧାୟକଙ୍କ କୁଶପୁତ୍ତଳିକା ଦାହ



ପଟ୍ଟାମୁଣ୍ଡାଇ କଂଗ୍ରେସର ନେତା, କର୍ମୀମାନେ ବିଧାୟକ ଧ୍ରୁବ ସାହୁଙ୍କ କୁଶପୁତ୍ତଳିକା ଦାହ ଯାଉଛନ୍ତି।

ପଟ୍ଟାମୁଣ୍ଡାଇ, ୨୯।୯(ଅକ୍ଷୟ ବିଶ୍ୱାଳ)

ରାଜନଗର ବିଧାୟକ ଧ୍ରୁବ ସାହୁ ଭିତରକନିକା ଜଙ୍ଗଲରୁ ୪ ଏକର ଜଙ୍ଗଲ ଜମି ଜବରଦଖଲ କରି ଏକ ଆଲିଶାନ ହୋଟେଲ ନିର୍ମାଣ କରୁଛନ୍ତି। ଏହାର ପ୍ରତିବାଦରେ ଶୁକ୍ରବାର କଂଗ୍ରେସ କମିଟି ପକ୍ଷରୁ ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତିଙ୍କ ନେତୃତ୍ୱରେ ପଟ୍ଟାମୁଣ୍ଡାଇରେ କଂଗ୍ରେସ କର୍ମୀ ଓ ନେତାମାନେ ବିଧାୟକ ଧ୍ରୁବ ସାହୁଙ୍କ ବିରୋଧରେ ଧାନ ଚୋର, ଜମି ଚୋର ପ୍ରଭୃତି ସ୍ଲୋଗାନ ଦେଇ ବଜାର ପରିକ୍ରମା କରିଥିଲେ। ଅପରାହ୍ନ ୧ଟା ୪୦ରେ ପ୍ରତିବାଦ ସଭା ପରେ ବିଧାୟକ ସାହୁଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକ ସଭାପତି ଅମୂଲ୍ୟ ପ୍ରଧାନ, ଅବିନାଶ ଲେଙ୍କା, ସନାତନ ବିଶ୍ୱାଳ, ସମ୍ରାଟ ଜେନା, ମଳୟ ଓଝା, ଆଲୋକ ଧଳ, ମନୋରଞ୍ଜନ କର, ସମୀର ଜେନା, ପୂର୍ବତନ ସରପଞ୍ଚ ବିରଞ୍ଚି ନାରାୟଣ ଦାଶ, ସରପଞ୍ଚ ମିନତି ପାତ୍ର, ମାଗୁଣୀ ଲେଙ୍କା, ସମୀର ପ୍ରଧାନ, ସମିତିସଭ୍ୟ ପର୍ଶୁରାମ ବେହେରା, ସରପଞ୍ଚ ରମେଶ ମଲିକ, ସରପଞ୍ଚ ନରେଶ ମଲିକ, ସରପଞ୍ଚ ଲକ୍ଷ୍ମୀପ୍ରିୟା ଷଡ଼ଙ୍ଗୀ ପ୍ରମୁଖ କଂଗ୍ରେସ କର୍ମୀ ଓ ନେତାମାନେ ବିଧାୟକ ଧ୍ରୁବ ସାହୁଙ୍କ ବିରୋଧରେ ଧାନ ଚୋର, ଜମି ଚୋର ପ୍ରଭୃତି ସ୍ଲୋଗାନ ଦେଇ ବଜାର ପରିକ୍ରମା କରିଥିଲେ। ଏଥିସହ ପଟ୍ଟାମୁଣ୍ଡାଇ ବିଡିଓ ଶୁଭ୍ରାଂଶୁ ସାହୁ ବିଭିନ୍ନ ପଞ୍ଚାୟତର ୪୦ଜଣ କଂଗ୍ରେସ କର୍ମୀଙ୍କ ନାମରେ ମିଥ୍ୟାରେ ଥାନାରେ ଏତଲା ଦେଇଥିବାରୁ କଂଗ୍ରେସ କର୍ମୀମାନେ ପାଲଟା ଏତଲା ତାଙ୍କ ନାମରେ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାରେ ଦାଏର କରଥିଲେ।

## ଚନ୍ଦନଙ୍କୁ ଆଜୀବନ କାରାଦଣ୍ଡାଦେଶ

ଜଗତ୍‌ସିଂହପୁର,୨୯।୯
(ପ୍ରମୋଦ କୁମାର ନାୟକ)

**ତର୍ତ୍ତଙ୍ଗରେ ନୃସିଂହ ହତ୍ୟା ମାମଲା**

ଜଗତ୍‌ସିଂହପୁର ଥାନା ଅନ୍ତର୍ଗତ ତର୍ତ୍ତଙ୍ଗ ଗ୍ରାମରେ ୨୦୧୮ରେ ସ୍ଥାନୀୟ ଅଞ୍ଚଳର ନୃସିଂହ ଚରଣ ବାରିକ ଓରଫ ନୁରୀ (୩୬)ଙ୍କୁ ନିର୍ମମ ଭାବେ ହତ୍ୟା କରାଯାଇଥିଲା। ନୁରୀଙ୍କ ବାପା ରବୀନ୍ଦ୍ର ନାଥ ବାରିକଙ୍କ ଅଭିଯୋଗ ଆଧାରରେ ଜଗତ୍‌ସିଂହପୁର ଥାନାରେ ମାମଲା(ନଂ.୨୨/୧୮) ରୁଜୁ ହୋଇଛି। ଶୁକ୍ରବାର ଏହି ମାମଲାର ରାୟ ପ୍ରକାଶ ପାଇଛି। ଜିଲା ଓ ଦୌରାଜଜ୍ ଅନୁପ କୁମାର ଚନ୍ଦନ ଏହାର ବିଚାର କରି ଅଭିଯୁକ୍ତ ଚନ୍ଦନ ସାହୁ (୩୯)ଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୫ ହଜାର ଟଙ୍କା ଜରିମାନା ଧାର୍ଯ୍ୟ କରିଛନ୍ତି। ଏହି ରାଶି ଅନାଦାୟେ ଅଧିକ ୬ ମାସ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ ରହିଛି। ଏ ସମ୍ପର୍କରେ ସରକାରଙ୍କ ପକ୍ଷରୁ ମାମଲା ପରିଚାଳନା କରିଥିବା ପିପି ନଳିନୀକାନ୍ତ ମହାରଣା କହିଛନ୍ତି, ୩।୨।୧୮ ତାରିଖ ସନ୍ଧ୍ୟାରେ ଏହି ଅଭାବନୀୟ ଘଟଣା ଘଟିଥିଲା। ଚନ୍ଦନ ଓ ନୃସିଂହଙ୍କ ମଧ୍ୟରେ ଏକ ଅଙ୍ଗନୱାଡି କୋଠା କାମକୁ ନେଇ ପୂର୍ବରୁ ବିବାଦ ଥିଲା। ଏହି ବିବାଦର ସମାଧାନ ପାଇଁ ଉକ୍ତ ଦିନ ସନ୍ଧ୍ୟାରେ ନୃସିଂହଙ୍କୁ ଜଣେ ବ୍ୟକ୍ତିଙ୍କ ମାଧ୍ୟମରେ ଚନ୍ଦନ ଗ୍ରାମର ଭାଗବତ ଦାଣ୍ଡକୁ ଡକାଇଥିଲେ। ସେଠାରେ ବିବାଦ ତୁଟିବା ପରିବର୍ତ୍ତେ ବଢ଼ିଥିଲା। ଏପରି କି ଚନ୍ଦନ, ତାଙ୍କ ଭାଇ ଟନ ଓ ବାପା ଫକୀର ମିଳିତଭାବେ ନୃସିଂହଙ୍କୁ ଆକ୍ରମଣ କରିଥିଲେ। କଟୁରିରେ ଆକ୍ରମଣ ଯୋଗୁ ଘଟଣାସ୍ଥଳରେ ନୃସିଂହଙ୍କ ମୃତ୍ୟୁ ହୋଇଥିଲା। ଏହାପରେ ୩ ଅଭିଯୁକ୍ତ ଫେରାର ହୋଇଯାଇଥିଲେ। ଏହି ମାମଲାରେ ପୋଲିସ ଚନ୍ଦନଙ୍କୁ ଗିରଫ କରିବା ପରେ କୋର୍ଟ ଚାଲାଣ କରିଥିଲା। ୧୪ ଜଣ ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି ବିଚାରପତି ଉପରୋକ୍ତ ରାୟ ଶୁଣାଇଛନ୍ତି। ଅପରପକ୍ଷେ ଅନ୍ୟ ୨ ଅଭିଯୁକ୍ତ ଏବେ ବି ଫେରାର ଥିବା ଜଣାପଡ଼ିଛି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଅଞ୍ଜନ


@ ବର୍ଷା


@ ପ୍ରକାଶ


@ ରାଜେଶ


@ ସଞ୍ଜିତ୍

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଚୋରା ସ୍କ୍ରାପ୍ ବୋଝେଇ ଟ୍ରକ୍ ଜବତ: ୨ ଗିରଫ

ପାରାଦୀପ,୨୯।୯(ଶରତ ରାଉତ)

ପାରାଦୀପ ଲକଥାନା ପୋଲିସ ଶୁକ୍ରବାର ଏକ ଚୋରା ସ୍କ୍ରାପ୍ ବୋଝେଇ ଟ୍ରକ୍ ଜବତ କରିଛି। ଏଥିରେ ସମ୍ପୃକ୍ତ ଅଭିଯୋଗରେ ଜଣେ ବେପାରୀ ଓ ଟ୍ରକ୍ ଚାଳକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଡ୍ରାଇଭର ଚନ୍ଦେଶ୍ୱର ପ୍ରସାଦ ଓ ବେଣୁଧର ସେଠି। ଏନେଇ ଥାନାରେ ମାମଲା (ନଂ. ୪୦୯/୨୩) ରୁଜୁ ହୋଇଛି। ସୂଚନା ମୁତାବକ ଗୁରୁବାର ଦୋଛକିରେ ଏହି ଟ୍ରକ୍ ଯିବା ବେଳେ ପାଟ୍ରୋଲିଂ ପୋଲିସ ଅଟକାଇ ଯାଞ୍ଚ କରିଥିଲା। ସେତେବେଳେ ଚନ୍ଦେଶ୍ୱର ବୋଝେଇ ସ୍କ୍ରାପ୍ ସମ୍ପର୍କରେ କାଗଜ ଦେଖାଇ ପାରି ନ ଥିଲେ। ଖୋଳତାଡ଼ କରିବାରୁ ଏହା ଚୋରା ସ୍କ୍ରାପ୍ ବୋଲି ଜଣାପଡ଼ିଥିଲା। ଏହାପରେ ପୋଲିସ ଉକ୍ତ ଗାଡିକୁ ଜବତ କରିଛି। ଏଥିସହ ସ୍କ୍ରାପ୍ ବୋଝେଇ କରିଥିବା ବେଣୁଧରଙ୍କୁ ପୋଲିସ ଧରିଛି।

## ନିପାଣିଆ ବିଜୁ ସେତୁ ଉଦ୍‌ଘାଟନ ପୂର୍ବରୁ ଫଳକ ଭାଙ୍ଗିଲେ ଦୁର୍ବୃତ୍ତ


ନିପାଣିଆ ବିଜୁ ସେତୁକୁ ବ୍ୟାନର ଲଗାଇ ମନ୍ତ୍ରୀ ଉଦ୍‌ଘାଟନ କରୁଛନ୍ତି।


ନିପାଣିଆ ବିଜୁ ସେତୁ ଉଦ୍‌ଘାଟନ ପୂର୍ବରୁ ଫଳକ ଦୁର୍ବୃତ୍ତମାନେ ଭାଙ୍ଗି ଦେଇଛନ୍ତି।

ମହାକାଳପଡ଼ା, ୨୯।୯
(ପ୍ରତାପ ଚନ୍ଦ୍ର ସ୍ୱାଇଁ)

**ବ୍ୟାନର ଲଗାଇ ସେତୁ ଉଦ୍‌ଘାଟନ କଲେ ମନ୍ତ୍ରୀ**

■ ସେତୁ ନିର୍ମାଣରେ ୪ କୋଟି ବ୍ୟୟ

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ନଦୀ ନାଳ ଘେରା ବଡିଘର ପଞ୍ଚାୟତର ଦକ୍ଷିଣ ବରକୋଳି ଖୋଲା-ନିପାଣିଆ ଖୋଲା ନଦୀ ଉପରେ ରାଜ୍ୟ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୪ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ ଅଟକଳରେ ବିଜୁ ସେତୁ ନିର୍ମାଣ ହୋଇଥିଲା। ଏହି ସେତୁକୁ ଶୁକ୍ରବାର ପୂର୍ବାହ୍ନରେ ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଉଦ୍‌ଘାଟନ ପାଇଁ ସମସ୍ତ ପ୍ରସ୍ତୁତି ସରିଥିଲା। ହେଲେ ଗୁରୁବାର ବିଳମ୍ବିତ ରାତିରେ ସେତୁ ଉଦ୍‌ଘାଟନ ପାଇଁ ଲାଗିଥିବା ଫଳକକୁ ଦୁର୍ବୃତ୍ତମାନେ ଭାଙ୍ଗି ରାସ୍ତାରେ ଫିଙ୍ଗି ଦେଇଥିଲେ। ବିଭିନ୍ନ ସ୍ଥାନରେ ଶିଳାନ୍ୟାସ, ଉଦ୍‌ଘାଟନ ଓ ସଭା ପରେ ମନ୍ତ୍ରୀ ନାୟକ ନିପାଣିଆ ବିଜୁ ସେତୁକୁ ବ୍ୟାନର ଲଗାଇ ଉଦ୍‌ଘାଟିତ କରି କାମ ଚଳାଇ ନେଇଥିଲେ। ଶୁଣିବାକୁ ମିଳୁଛି, ଦଳୀୟ ଅସନ୍ତୋଷ ଗୋଷ୍ଠୀ ଓ ଦଳ ବିରୋଧୀଙ୍କ ମିଳିତ ସହଯୋଗରେ ସେତୁ ଉଦ୍‌ଘାଟନ ପୂର୍ବରୁ ଏହି ଫଳକ ଭଙ୍ଗା ଯାଇ ଥାଇପାରେ ବୋଲି ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି।

ବ୍ଲକ ଅନ୍ତର୍ଗତ ବଡିଘର ପଞ୍ଚାୟତରେ ବିଭିନ୍ନ ଜନକଲ୍ୟାଣ କାର୍ଯ୍ୟକ୍ରମକୁ ମନ୍ତ୍ରୀ ନାୟକ ଉଦ୍‌ଘାଟନ କରିଥିଲେ। ପରେ ଦକ୍ଷିଣ ଖୋଲାଠାରେ ଏକ ସାଧାରଣ ସଭାରେ ମନ୍ତ୍ରୀ ନାୟକ ଯୋଗଦେଇ ସରକାରଙ୍କ ଜନ କଲ୍ୟାଣ ମୂଳକ ଯୋଜନାଗୁଡିକ କିପରି ଗ୍ରାମାଞ୍ଚଳରେ ସାଧାରଣ ଲୋକଙ୍କ ପାଖରେ ପହଞ୍ଚିବ ସେଥିପାଇଁ ସରକାର ସବୁ ବ୍ୟବସ୍ଥା କରିଛନ୍ତି। ଏହି ବଡିଘର ଉପାନ୍ତ ଅଞ୍ଚଳରେ ବିଦ୍ୟୁତ୍ ସେବାଠାରୁ ଆରମ୍ଭ କରି ପାନୀୟ ଜଳ, ରାସ୍ତା ଘାଟ, ବୋଟ ଯୋଗେ ଆମ୍ବୁଲାନ୍ସ ସେବା, ପ୍ରାଥମିକ ଚିକିତ୍ସାଳୟ ନିର୍ମାଣ ହୋଇଛି। ଯେପରି ପଞ୍ଚାୟତର କୌଣସି ଲୋକ ମୌଳିକ ସେବାରୁ ବଞ୍ଚିତ ରହିବ ନାହିଁ ବୋଲି କହିଥିଲେ। ଏହି ଅବସରରେ ମିଶନ ଶକ୍ତି ନୂତନ ଗୃହ, ବିଦ୍ୟା ସାଗର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଈଶ୍ୱର ଚନ୍ଦ୍ର ବିଦ୍ୟାସାଗରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ। ଜ୍ଞାନମୟୀ ଉଚ୍ଚ ବିଦ୍ୟାଳୟର ନୂତନ ଗୃହର ଶିଳାନ୍ୟାସ, ଉକ୍ତ ବିଦ୍ୟାଳୟ ପରିସରରେ ଏକ ନୂତନ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳ ଉଦ୍‌ଘାଟନ କରିଥିଲେ। ମନ୍ତ୍ରୀଙ୍କ ସଭାରେ ଗ୍ରାମ୍ୟ ଉନ୍ନୟନ ଅଧୀକ୍ଷଣ ଯନ୍ତ୍ରୀ ରାଜେଶ କୁମାର ପ୍ରଧାନ, ବ୍ଲକ ଅଧ୍ୟକ୍ଷା କଳ୍ପନା ରାଉତ, ବିଡିଓ ସାଗର କୁମାର ନନ୍ଦ, ସ୍ଥାନୀୟ ସରପଞ୍ଚ ଶିବାନୀ ବିଜୁଳି, ଜିଲା ପରିଷଦ ସଦସ୍ୟ ମୃତ୍ୟୁଞ୍ଜୟ ମଣ୍ଡଳ, ବ୍ଲକ ଉପାଧ୍ୟକ୍ଷ ବିଜୟ କୁମାର ଶୁକ୍ଳା, ପୂର୍ବତନ ସରପଞ୍ଚ ଗିରିଧାରୀ ଗିରି, ଯୁବନେତା ଦେବେନ୍ଦ୍ର କୁମାର ଦାସ, ଗୁରୁପଦ ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ସଭାରେ ସ୍ଥାନୀୟ ମହିଳାପୁରୁଷ, ବରିଷ୍ଠ ମୁରବି ଓ କର୍ମୀମାନେ ଉପସ୍ଥିତ ଥିଲେ।

## ପୁଣି ଅଡୁଆରେ ସର୍ବେଶ୍ୱର ବେହୁରା

ଯାଜପୁର,୨୯।୯(ହର୍ଷବର୍ଦ୍ଧନ ବେହେରା)

■ ବେଆଇନ ଅର୍ଥ ଆଦାୟ ଅଭିଯୋଗରେ ଲୋକାୟୁକ୍ତରେ ମାମଲା
■ କଟକ ଭିଜିଲାନ୍ସ ନିର୍ଦ୍ଦେଶକଙ୍କୁ ତଦନ୍ତ ନିର୍ଦ୍ଦେଶ


ସର୍ବେଶ୍ୱର ବେହୁରା।

ଯାଜପୁର ଜିଲାର ଜଣାଶୁଣା ସୂଚନା ଅଧିକାର କର୍ମୀ ସର୍ବେଶ୍ୱର ବେହୁରା ପୁଣି ଅଡୁଆରେ ପଡିଛନ୍ତି। ମୋରମ, ମାଟି ଲୁଟ୍ ଅଭିଯୋଗରେ ତାଙ୍କ ନାମରେ ବାଲିଚନ୍ଦ୍ରପୁର ଓ ଧର୍ମଶାଳା ଥାନାରେ ମାମଲା ରୁଜୁ ହୋଇଛି। ପ୍ରାୟ ୩ ମାସ ହେବ ବେହୁରା ଫେରାର ଅଛନ୍ତି। ଏହାବାଦ୍ ସର୍ବେଶ୍ୱର ଲୋକାୟୁକ୍ତ ଓ ସୂଚନା ଅଧିକାର ଆଇନକୁ ଢାଲ କରି ସରକାରୀ କର୍ମଚାରୀ, ଲଘୁ ଖଣିଜ ସମ୍ପଦ ଲିଜ୍‌ଧାରୀ, ଠିକାଦାର ଓ ବ୍ୟବସାୟୀଙ୍କଠାରୁ ଅର୍ଥ ଆଦାୟରେ ମାତିଥିଲେ ବୋଲି ରମାକାନ୍ତ ଜେନା ଲୋକାୟୁକ୍ତରେ ୩୨୬/୨୦୨୩ରେ ଏକ ମାମଲା ରୁଜୁ କରିଛନ୍ତି। ଏହାର ବିଚାର କରି ଲୋକାୟୁକ୍ତ ଅଧ୍ୟକ୍ଷ ମାମଲାର ପ୍ରାଥମିକ ତଦନ୍ତ କରି ୩।୧୦।୨୦୨୩ ସୁଦ୍ଧା ରିପୋର୍ଟ ଦାଖଲ କରିବାକୁ କଟକ ଭିଜିଲାନ୍ସ ନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଅଭିଯୋଗ ଉପରେ ସର୍ବେଶ୍ୱର ବେହୁରାଙ୍କ ସ୍ତ୍ରୀ ରିଲୁ ବେହେରା ପ୍ରତିବାଦ କରିଛନ୍ତି। ଉକ୍ତ ଅଭିଯୋଗରେ କୌଣସି ସତ୍ୟତା ନାହିଁ ବୋଲି ଲୋକାୟୁକ୍ତରେ ସେ ପୂର୍ବରୁ ଦର୍ଶାଇଛନ୍ତି।

ପୂର୍ବରୁ ଦର୍ପଣ ତହସିଲ ଅନ୍ତର୍ଗତ ମାଣ୍ଡୁକା ମୌଜାର ୩୬୧୧ ପ୍ଲଟରେ ୧୨ ଏକର ଜମିରେ ମୋରମ ଉତ୍ତୋଳନ କରିବାକୁ ଭୁବନେଶ୍ୱର ବାବୁଜୀ ନଗରର ହରପ୍ରସାଦ ଷଡଙ୍ଗୀଙ୍କୁ ତହସିଲ ପକ୍ଷରୁ ଅନୁମତି ମିଳିଥିଲା। ଅନୁମତି ଅନୁସାରେ ବର୍ଷକୁ ୧ କୋଟି ଟଙ୍କା ହିସାବରେ ୨୦୨୧ରୁ ୨୦୨୬ ପର୍ଯ୍ୟନ୍ତ ୫ ବର୍ଷ ଦୀର୍ଘମିଆଦୀ ଲିଜ୍ ଦିଆଯାଇଛି। ହେଲେ ଲିଜ୍ ଏରିଆ ବାହାରେ ୩୬୧୦ ନମ୍ବର ପ୍ଲଟରୁ ମୋରମ ବେଆଇନ ଭାବେ ଉତ୍ତୋଳନ ହେଉଥିବା ଅଭିଯୋଗ ପାଇ ୨।୭।୨୦୨୩ରେ ତହସିଲ ପ୍ରଶାସନ ପକ୍ଷରୁ ଚଢାଉ ହୋଇଥିଲା। ଏଥିରେ ସର୍ବେଶ୍ୱର ବେହୁରାଙ୍କ ଏକ୍ସାଭେଟର ନିୟୋଜିତ ହୋଇଥିବା ତଦନ୍ତରେ ଜଣାପଡ଼ିଥିଲା। ଏହାପରେ ବାଲିଚନ୍ଦ୍ରପୁର ଥାନାରେ ସର୍ବେଶ୍ୱରଙ୍କ ନାମରେ ୨୩୬/୨୦୨୩ ନମ୍ବରରେ ମାମଲା ରୁଜୁ ହୋଇଛି। ସେହିପରି ୧୩।୬।୨୦୨୩ରେ ଧର୍ମଶାଳା ତହସିଲଦାର ଏବଂ ତାଙ୍କ ଟିମ୍ ସାରୋଇ ମୌଜାର ଏକ ସରକାରୀ ଜମିରୁ ମୋରମ ଉତ୍ତୋଳନ ହେଉଥିବାବେଳେ ଚଢାଉ କରିଥିଲେ। ଏଥିରେ ୫ଟି ଟ୍ରାକ୍ଟର ଓ ଗୋଟିଏ ଜେସିବି ମେଶିନ ଜବତ କରାଯାଇଥିଲା। ସେଠାରୁ ପ୍ରାୟ ୧୦୦ ଟ୍ରିପ୍ ମୋରମ ଉତ୍ତୋଳନ କରାଯାଇ ସର୍ବେଶ୍ୱରଙ୍କ ଜମିରେ ପୋତା ଯାଇଥିବା ତଦନ୍ତରେ ଜଣାପଡ଼ିଥିଲା। ଏହାପରେ ତାଙ୍କ ନାମରେ ଧର୍ମଶାଳା ଥାନାରେ ୩୮୪/୨୦୨୩ରେ ଏକ ମାମଲା ରୁଜୁ କରାଯାଇଛି। ଉପରୋକ୍ତ ୨ଟି ମାମଲା ବିଚାରାଧୀନ ଥିବାବେଳେ ଲୋକାୟୁକ୍ତରେ ପୁଣି ଏକ ମାମଲା ସର୍ବେଶ୍ୱରଙ୍କ ପାଇଁ ଅଡୁଆ ବଢ଼ାଇବ ବୋଲି ଚର୍ଚ୍ଚା ହେଉଛି।

# ସକାଳ ଜଳଖିଆ ମିଳୁନି, ଶିଶୁ ଉପାସ


ଅଙ୍ଗନୱାଡ଼ି କେନ୍ଦ୍ରରେ ସିଡିପିଓ, ସୁପରଭାଇଜର ତଦନ୍ତ କରି ଫେରୁଛନ୍ତି।


କେନ୍ଦ୍ର ସମ୍ମୁଖରେ ମୁକୁଳା ଟ୍ରାନ୍ସଫର୍ମର।

ନୟାଗଡ଼,୨୯।୯(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ସଦର ମହକୁମାର ପୁରୁଣା ସହର ୬ ନଂ. ଅଙ୍ଗନୱାଡି କେନ୍ଦ୍ରରେ ଖାଦ୍ୟ ସାରଣୀ ନିୟମକୁ ଅଣଦେଖା କରାଯାଉଥିବା ଅଭିଯୋଗ ରହିଛି। ଶିଶୁଙ୍କୁ ସକାଳ ଜଳଖିଆ ଗାଏବ କରରାଯାଉଥିବା ଅଭିଯୋଗ ଶୁକ୍ରବାର ପ୍ରମାଣିତ ହୋଇଛି। ଶୁକ୍ରବାର କେନ୍ଦ୍ରରେ ଖାଦ୍ୟ ସାରଣୀର ନିୟମ ମୁତାବକ ସକାଳ ଜଳଖିଆ ବେସନ ଓ ଅଟା ଲଡୁ ଶିଶୁଙ୍କୁ ଦିଆ ଯାଇ ନ ଥିଲା। ଅନ୍ୟପକ୍ଷେ ଶିଶୁ ବସୁଥିବା ସ୍ଥାନରେ ଫ୍ୟାନ ନାହିଁ। କିନ୍ତୁ ଅଙ୍ଗନୱାଡି କର୍ମୀ ବସୁଥିବା ସ୍ଥାନରେ ୱାଲ ଫ୍ୟାନ ଝୁଲୁଛି। ଆଲଟମେଣ୍ଟ ନାହିଁ କହି ଶିଶୁଙ୍କୁ ଗରମରେ ସିଝାଇ ଅଙ୍ଗନୱାଡି କର୍ମୀ ଓ ସହାୟିକା ଫ୍ୟାନ ପବନ ଖାଉଛନ୍ତି। ଅପରପକ୍ଷେ ଟ୍ରେନିଂ ନାଁରେ ଅଙ୍ଗନୱାଡି କର୍ମୀ କେନ୍ଦ୍ରକୁ ପ୍ରାୟ ୨୫ଦିନ ହେବ ଆସୁ ନ ଥିବା ଅଭିଯୋଗ ରହିଛି। ଏଣୁ ସହାୟିକା ଶିଶୁଙ୍କୁ ପାଠ ପଢ଼ାଇବା ସହ ରୋଷେଇ କରୁଛନ୍ତି। ପୁଣି ଶିଶୁମାନଙ୍କୁ ଘରୁ ଡାକି ଆଣୁନାହାନ୍ତି କି ଛାଡୁ ନ ଥିବା ଅନୁରୂପ ଅଭିଯୋଗ ଅଙ୍ଗନୱାଡି ସହାୟିକାଙ୍କ ନାଁରେ ରହିଛି। ଏଣୁ ବିଭନ୍ନ ସମୟରେ ଖାଦ୍ୟରେ ଅନିୟମିତତା କରାଯାଉଛି। ଏ ସମ୍ପର୍କରେ ଜାଣିବା ପରେ


କେନ୍ଦ୍ରରେ ୫ ଶିଶୁ ପଢୁଛନ୍ତି।

**ପୁରୁଣା ସହର ୬ ନଂ. ଅଙ୍ଗନୱାଡି କେନ୍ଦ୍ର**

- ଖାଦ୍ୟ ସାରଣୀ ନିୟମକୁ ଅଣଦେଖା
- ଟ୍ରେନିଂ ନାଁରେ ୨୫ଦିନ ଅନୁପସ୍ଥିତ
- ସହାୟିକା ପଢ଼ାଉଛନ୍ତି ପାଠ, କରୁଛନ୍ତି ରୋଷେଇ
- ଅଙ୍ଗନୱାଡି କର୍ମୀଙ୍କୁ କାରଣ ଦର୍ଶାଅ ନୋଟିସ୍

ନୟାଗଡ଼ ସିଡିପିଓ ଅଙ୍ଗନୱାଡି କର୍ମୀଙ୍କୁ କାରଣ ଦଶାଅ ନୋଟିସ୍ କରିଛନ୍ତି।

ଏ ନେଇ ଶଗଡ଼ିଆ ସାହିର ବିକ୍ରମ ଡାକୁଆ କହିଛନ୍ତି, ୬ ନଂ. ଅଙ୍ଗନୱାଡି କେନ୍ଦ୍ରରେ ଝିଅ ପଢୁଛି। ଝିଅକୁ ଡ୍ରେସ ନ ମିଳିବାରୁ ଅଭିଯୋଗ କଲା ପରେ ମିଳିଲା। କେନ୍ଦ୍ରରେ ସହାୟିକା ପାଠ ପଢ଼ାଉଛନ୍ତି ଓ ରୋଷେଇ କରୁଛନ୍ତି। ଶିଶୁମାନଙ୍କୁ ଘରୁ କେନ୍ଦ୍ରକୁ ଆଣୁ ନାହାନ୍ତି କି ଛାଡୁ ନାହାନ୍ତି। ମାସରେ ୨୫ ଦିନ ଅଙ୍ଗନୱାଡି କର୍ମୀ ଅନୁପସ୍ଥିତ ରହୁଛନ୍ତି। ପଚାରିଲେ ଉତ୍ତର ମିଳୁଛି ଟେ୍ରନିଂରେ ଯାଇଥିଲି। ମାସ ତମାମ ଯଦି ଅଙ୍ଗନୱାଡି କର୍ମୀ ଟେ୍ରନିଂରେ ଯିବେ କେନ୍ଦ୍ରକୁ ବନ୍ଦ କରି ଦେବା ଦରକାର। ସେହିପରି କେନ୍ଦ୍ରରେ ଶିଶୁଙ୍କ ପାଇଁ ଫ୍ୟାନ ନ ଥିବାରୁ ଗରମରେ ବସୁଛନ୍ତି। ସହାୟିକା କହିଥିଲେ, ସବୁଦିନ ସକାଳ ଜଳଖିଆ ଦେଉଥିଲୁ। ହେଲେ ଶୁକ୍ରବାର ଗଣମାଧ୍ୟମର ପ୍ରତିନିଧିଙ୍କୁ ଦେଖି ଜଳଖିଆ ଦେବାକୁ ଭୁଲି ଯାଇଥିଲି। ଆଗକୁ ଏପରି ହେବନି। ଅଙ୍ଗନୱାଡି କର୍ମୀ ଟ୍ରେନିଂରେ ଯାଉଥିବାରୁ ଏକୁଟିଆ ଯୋଗୁ ଶିଶୁମାନଙ୍କୁ ଘରୁ ଡାକି ଆଣି ପାରୁନି କି ଛାଡ଼ି ପାରୁନି ବୋଲି ସେ କହିଥିଲେ। ନୟାଗଡ ସିଡିପିଓ ଓ ସୁପରଭାଇଜରଙ୍କ ଦେଖାଇଲେ ନାଲି ଆଖି ୬ନଂ ଅଙ୍ଗନୱାଡି କେନ୍ଦ୍ର ସମ୍ପର୍କରେ ଅଭିଯୋଗକାରୀଙ୍କୁ ଗଣମାଧ୍ୟମର ପ୍ରତିନିଧିଙ୍କ ସମ୍ମୁଖରେ ନୟାଗଡ଼ ବ୍ଲକ ସିଡିପିଓ ଓ ସୁପରଭାଇଜର ଖରାପ ବ୍ୟବହାର ଦେଖାଇଥିବା ଅଭିଯୋଗ ହୋଇଛି। କେହି ଅଭିଯୋଗ କରୁନାହାନ୍ତି ତୁମେ କାହିଁକି ଅଭିଯୋଗ କରିବ ବୋଲି ଉଭୟ ମହିଳା ଅଧିକାରୀ ନାଲି ଆଖି ଦେଖାଇଥିଲେ। ଏପରିକି ଅଙ୍ଗନୱାଡି କର୍ମୀ ଓ ସହାୟିକାଙ୍କୁ ସମର୍ଥନ କରି ଅଭିଯୋଗ ଫେରାଇ ନେବାକୁ ଚାପ ପ୍ରୟୋଗ କରିଥିଲେ। ଗଣମାଧ୍ୟମର ପ୍ରତିନିଧିଙ୍କ ହସ୍ତକ୍ଷେପ ପରେ ସୁପରଭାଇଜର ଓ ସିଡିପିଓ ଚୁପ ହୋଇଥିଲେ। ଏ ନେଇ ଅଭିଯୋଗକାରୀ ବିକ୍ରମ ଡାକୁଆ ଅସନ୍ତୋଷ ବ୍ୟକ୍ତ କରି ଘଟଣା ସମ୍ପର୍କରେ ଜିଲାପାଳଙ୍କୁ ଅବଗତ କରାଇବି ବୋଲି କହିଛନ୍ତି। ଏ ନେଇ ସୁପରଭାଇଜର ଆଞ୍ଚଳ ପାତ୍ର ଓ ସିଡିପିଓ ସୌଦାମିନୀ ସ୍ୱାଇଁଙ୍କୁ ପଚାରିବାରେ ଗଣମାଧ୍ୟମର ପ୍ରତିନିଧି ଆସିଥିବା ଜାଣି କେନ୍ଦ୍ରରେ ପହଞ୍ଚି ଥିଲୁ। ଆମେ ଖରାପ ବ୍ୟବହାର ଦେଖାଇ ନାହୁଁ। ଅନ୍ୟପକ୍ଷେ ଅଭିଯୋଗର ତଦନ୍ତ ହେବ। ଅଙ୍ଗନୱାଡି କର୍ମୀଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି ହୋଇଛି।

## ଅଙ୍ଗନୱାଡି କେନ୍ଦ୍ରରେ ମୁକୁଳା ଟ୍ରାନ୍ସଫର୍ମର

ନୟାଗଡ,(ଲୋକନାଥ ମିଶ୍ର):ନୟାଗଡ ପୁରୁଣା ସହରର ୬ନଂ. ଅଙ୍ଗନୱାଡି କେନ୍ଦ୍ର ସମ୍ମୁଖରେ ବିଦ୍ୟୁତ୍ ବିଭାଗ ପକ୍ଷରୁ ମୁକୁଳା ଟ୍ରାନ୍ସଫର୍ମର ବସିଛି। ଶିଶୁମାନେ ମୁକୁଳା ଟ୍ରାନ୍ସଫର୍ମର ପାଖ ଦେଇ ଅଙ୍ଗନୱାଡି କେନ୍ଦ୍ରକୁ ଯାଉଛନ୍ତି। ବିଦ୍ୟୁତ୍ ବିଭାଗର ଖାମଖିଆଲି ନୀତି ଯୋଗୁ ଯଦି କିଛି ଦୁର୍ଘଟଣା ଘଟେ କିଏ ଦାୟୀ ରହିବ ସେନେଇ ପ୍ରଶ୍ନ ଉଠିଛି। ଅନ୍ୟପକ୍ଷେ ୩ ବର୍ଷର ଶିଶୁମାନେ ବିଦ୍ୟୁତ୍ କ'ଣ ଜାଣନ୍ତି ନାହିଁ। ଖେଳିବା ବୁଲିବା ବୟସରେ ଯଦି ଟ୍ରାନ୍ସଫର୍ମର ପାଖକୁ ଚାଲି ଯାଆନ୍ତି ତେବେ ଦୁର୍ଘଟଣା ଘଟି ପାରେ। ମୁକୁଳା ଟ୍ରାନ୍ସଫର୍ମର ନେଇ ଅଙ୍ଗନୱାଡି କେନ୍ଦ୍ର, ସିଡିପିଓଙ୍କ କାର୍ଯ୍ୟାଳୟ ଓ ବିଦ୍ୟୁତ୍ ବିଭାଗ ପଦକ୍ଷେପ ନ ନେବା ସାଧାରଣରେ ଅସନ୍ତୋଷ ସୃଷ୍ଟି କରିଛି। ସେହିପରି ଅଙ୍ଗନୱାଡି କେନ୍ଦ୍ର ସମ୍ମୁଖ ଅବର୍ଜନା ହୋଇ ପଡ଼ି ରହିଛି। ଜିଲା ସମାଜ ମଙ୍ଗଳ ଅଧିକାରୀ ଅର୍ଚ୍ଚନା କଅଁରଙ୍କୁ ପଚାରିବାରେ ୬ ନଂ. ଅଙ୍ଗନୱାଡି କେନ୍ଦ୍ରର ଅସୁବିଧା ନେଇ ଅବଗତ ହେବା ପରେ ସିଡିପିଓଙ୍କୁ ତଦନ୍ତ ନେଇ ରିପୋର୍ଟ ଦେବାକୁ କହିଛି। କେନ୍ଦ୍ରର ସମ୍ମୁଖ ପରିଷ୍କାର କରିବାକୁ କହିଛି। ଅନ୍ୟପକ୍ଷେ ବିଦ୍ୟୁତ୍ ସବଷ୍ଟେଶନ ଚତୁଃପାର୍ଶ୍ୱରେ ସୁରକ୍ଷା ବଳୟ ତୁରନ୍ତ କରିବାକୁ ବିଦ୍ୟୁତ୍ ବିଭାଗକୁ ଚିଠି ଲେଖିବାକୁ ନିର୍ଦ୍ଦେଶ ଦେଇଛି। ଏ ସମ୍ପର୍କରେ ଜିଲାପାଳଙ୍କୁ ଅବଗତ କରାଯିବ ବୋଲି ସେ କହିଛନ୍ତି। ଟିପିସିଓଡିଏଲର ନିର୍ବାହୀ ଅଧିକାରୀ ସନ୍ତୋଷ ମହାପାତ୍ର କୁହନ୍ତି, ବିଦ୍ୟୁତ୍ ସବଷ୍ଟେଶନ ଚତୁଃପାର୍ଶ୍ୱରେ ସୁରକ୍ଷା ବଳୟରେ ରହିବା ଦରକାର। ଏହାକୁ ସୁରକ୍ଷା ବଳୟରେ ରଖିବା ପାଇଁ ତୁରନ୍ତ ପଦକ୍ଷେପ ନେବୁ ବୋଲି ସେ କହିଛନ୍ତି ।

## ଛାତରୁ ଖସି ଶ୍ରମିକ ମୃତ

ନୟାଗଡ଼,୨୯।୯(ଲୋକନାଥ ମିଶ୍ର)

ଓଡ଼ଗାଁ ବ୍ଲକ ଶରଣକୁଳ ଥାନା ବଡପୁଟ ଗାଁରେ ଛାତରୁ ପଡ଼ି ଜଣେ ଶ୍ରମିକଙ୍କ ମୃତ୍ୟୁ ଶୁକ୍ରବାର ହୋଇଛି। ମୃତକ ହେଲେ ନୀଳମଣି ସେନାପତି(୫୫)। ଘର ବଡପୁଟ ଗାଁରେ। ନୀଳମଣି ନିଜ ଗାଁରେ ଏକ ଘରେ ପ୍ରାୟ ୨ବର୍ଷ ହେଲା ଶ୍ରମିକ ଭାବେ ନିର୍ମାଣ କାର୍ଯ୍ୟରେ ଲାଗିଥିଲେ। ଗୁରୁବାର ଛାତରୁ ଖସି ପଡିବା ପରେ ତାଙ୍କୁ ଗୁରୁତର ଅବସ୍ଥାରେ ଶରଣକୁଳ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ତେବେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶରଣକୁଳ ଥାନା ପକ୍ଷରୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରାଇ ନୀଳମଣିଙ୍କ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ଅନ୍ୟପକ୍ଷେ ନୀଳମଣୀଙ୍କ ମୃତ୍ୟୁ ପରେ ବେସାହରା ହୋଇ ପଡିଛନ୍ତି ପତ୍ନୀ ଓ ନାବାଳକ ପୁଅ। ଘରେ ରୋଜଗାରକ୍ଷମ ବ୍ୟକ୍ତି କେହି ନ ଥିବାରୁ ଗୁରୁବାରଠାରୁ ଘରେ ଚୁଲି ଜଳିନି। ମା' ପୁଅ କିମିତି ଚଳିବେ, କ'ଣ ଖାଇବେ ସେହି ଚିନ୍ତା ଘାରିଛି।

## ସ୍ୱାସ୍ଥ୍ୟକେନ୍ଦ୍ର ଅନ୍ୟତ୍ର ସ୍ଥାନାନ୍ତର ବିରୋଧରେ ଆମରଣ ଅନଶନ

ଖଣ୍ଡପଡା,୨୯।୯(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅନ୍ୟତ୍ର ସ୍ଥାନାନ୍ତରକୁ ବିରୋଧ କରି ସ୍ଥାନୀୟ ଅଞ୍ଚଳର ସଚେତନ ନାଗରିକମାନେ ଶୁକ୍ରବାର ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଗଣଧାରଣା ସହ ଆମରଣ ଅନଶନ ଦେଇଛନ୍ତି। ୧୯୨୭ରୁ ଖଣ୍ଡପଡ଼ା ସହରର କେନ୍ଦ୍ରସ୍ଥଳରେ ତଥା ତହସିଲ ଓ କୋର୍ଟ କାର୍ଯ୍ୟାଳୟ ନିକଟରେ ଥିବା ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅନ୍ୟତ୍ର ସ୍ଥାନାନ୍ତରକୁ ବହୁ ବ୍ୟବସାୟ ପ୍ରତିଷ୍ଠାନ ବିରୋଧ କରିବା ସହ ଏ ସମ୍ପର୍କିତ ଦାବିପତ୍ର ମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟ ବିଭାଗ ସଚିବ, ନୟାଗଡ଼ ଜିଲାପାଳଙ୍କ ସମେତ ଅନ୍ୟ ପ୍ରଶାସନିକ ଅଧିକାରୀଙ୍କୁ ପ୍ରଦାନ କରାଯାଇଥିଲା। ଏ ସମ୍ପର୍କିତ 'ଖଣ୍ଡପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସ୍ଥାନାନ୍ତରକୁ ବିରୋଧ' ଶିର୍ଷକ ଏକ ଖବର ୧୫ ତାରିଖ ଧରିତ୍ରୀରେ ପ୍ରକାଶ ପାଇଥିଲା। ଏବେ ଖଣ୍ଡପଡ଼ା ସହରର ଉପକଣ୍ଠ ୧୨ ନଂ.



ଆମରଣ ଅନଶନରେ ବସିଥିବା ଲୋକମାନେ।

ୱାର୍ଡରେ ପୂର୍ତ୍ତ ବିଭାଗ ପକ୍ଷରୁ ନିର୍ମାଣାଧୀନ ନୂତନ କୋଠାକୁ ସ୍ୱାସ୍ଥ୍ୟକେନ୍ଦ୍ରଟି ସ୍ଥାନାନ୍ତର ହେବ ବୋଲି ପ୍ରଶାସନ ସୂତ୍ରରୁ ଜଣାପଡିବା ପରେ ଏ ନେଇ ସାଧାରଣରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ଅଭିଯୋଗ ସତ୍ତ୍ୱେ ପ୍ରଶାସନ ଅଭିଯୋଗ ପ୍ରତି ଗୁରୁତ୍ୱ ନ ଦେଇ ନୀରବଦ୍ରଷ୍ଟା ସାଜିଥିବା ପ୍ରତିବାଦରେ ଶୁକ୍ରବାରଠାରୁ ଲୋକେ ଆମରଣ ଅନଶନ ଆରମ୍ଭ କରିଛନ୍ତି। ଦାବି ପୂରଣ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲୁ ରହିବ ବୋଲି ସୂଚନା ମିଳିଛି।

ସୂଚନାଯୋଗ୍ୟ, ଦୀର୍ଘବର୍ଷ ଧରି ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଚତୁଃପାର୍ଶ୍ୱରେ ଗଢି ଉଠିଥିବା ପ୍ରାୟ ୩୦ରୁ ଉର୍ଦ୍ଧ୍ୱ ଔଷଧ ଓ ଜଳଖିଆ ଦୋକାନଗୁଡ଼ିକ କ୍ଷତିଗ୍ରସ୍ତ ହେବାର ସମ୍ଭାବନା ଦେଖାଦେଇଛି। ଏହାଛଡ଼ା ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ କୋଠା ନିର୍ମାଣ ଯେଉଁଠି କରାଯାଉଛି ସେଠାରେ ରୋଗୀମାନେ ରହିବା ଓ ସେମାନଙ୍କୁ ଦେଖାଶୁଣା କରିବାରେ ଡ଼ାକ୍ତରମାନେ ଅସୁବିଧାର ସମ୍ମୁଖୀନ ହେବେ। ସହରଠାରୁ କିଛି ଦୂରରେ ନୂତନ ସ୍ୱାସ୍ଥ୍ୟକେନ୍ଦ୍ରଟି ଖଣ୍ଡପଡ଼ା–ନୟାଗଡ଼ ମୁଖ୍ୟ ରାସ୍ତାପାର୍ଶ୍ୱରେ ନିର୍ମାଣ କରାଯାଉଥିବା ବେଳେ ସ୍ୱାସ୍ଥ୍ୟକେନ୍ଦ୍ରର ପଛପାଖ ସଂରକ୍ଷିତ ଜଙ୍ଗଲ ଜମିକୁ ଲାଗି ରହିଛି। ଫଳରେ ସରିସୃପଙ୍କ ଭୟ ଲାଗି ରହିବ। ପୁନଶ୍ଚ ସ୍ୱାସ୍ଥ୍ୟକେନ୍ଦ୍ରର ପୁରାତନ କୋଠାରେ ବିଗତ ବର୍ଷ ଗୁଡିକରେ ଲକ୍ଷାଧିକ ଟଙ୍କା ବ୍ୟୟ କରାଯାଇ ଏହାର ନବୀକରଣ କାର୍ଯ୍ୟ ଶେଷ ପରେ ସ୍ୱାସ୍ଥ୍ୟକେନ୍ଦ୍ରଟି କାୟାକଳ୍ପ ଟିମ୍ ଦ୍ୱାରା ପୁରସ୍କାର ପାଇଥିଲା। ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଡାକ୍ତର, ଷ୍ଟାଫ୍‌ନର୍ସ ଓ କର୍ମଚାରୀମାନେ ସଜାଗ ରହୁଥିବା ବେଳେ ନୂତନ କୋଠାରେ ଏ ସବୁର ସୁବିଧା ନ ଥିବାରୁ ରୋଗୀ ଏବଂ ତାଙ୍କ ସମ୍ପର୍କୀୟମାନେ ଅସୁବିଧାର ସମ୍ମୁଖୀନ ହେବେ ବୋଲି ଆଶଙ୍କା ପ୍ରକାଶ ପାଇଛି।

ସେଲ୍ଫି କର୍ଣ୍ଣର ଧରିତ୍ରୀ DHARITRI

**ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି**

metroselfie@gmail.com


@ ଅଞ୍ଜନ


@ ବର୍ଷା


@ ପ୍ରକାଶ


@ ରାଜେଶ


@ ସଞ୍ଜିତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବା।

## ଜେଲ ଗଲେ ସୋସାଇଟି ଉପସଭାପତିଙ୍କ ସ୍ୱାମୀ

ନୟାଗଡ଼,୨୯।୯(ଲୋକନାଥ ମିଶ୍ର)

କୃଷି ଋଣ ପାଇଁ ୪ ହଜାର ଲାଞ୍ଚ ନେଉଥିବାବେଳେ ନୟାଗଡ଼ ଭିଜିଲାନ୍ସ ପକ୍ଷରୁ ଓଡ଼ଗାଁ ବ୍ଲକ ହରିହରପୁର ସୋସାଇଟି ଉପସଭାପତିଙ୍କ ସ୍ୱାମୀ ସୁକାନ୍ତ ବେହେରାଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ସୁକାନ୍ତ ଜେଲ ଯାଇଛନ୍ତି। ହରିହରପୁର ସୋସାଇଟିରେ କୃଷି ଋଣ ପାଇଁ ସମ୍ପାଦକ ଉପସଭାପତିଙ୍କ ସ୍ୱାମୀଙ୍କ ଜରିଆରେ ଲାଞ୍ଚ ନେଉଥିବା ଅଭିଯୋଗ ହୋଇଆସୁଥିଲା। ଅସୁରଢ଼ିପା ଗାଁର ଅଜିତ୍ ଦାସ କୃଷି ଋଣ ନେବା ପାଇଁ ସୋସାଇଟିର ସମ୍ପାଦକ କୃଷ୍ଣଚନ୍ଦ୍ର ନାୟକଙ୍କୁ ଯୋଗଯୋଗ କରିଥିଲେ। କୃଷିଋଣ ପାଇଁ ସମ୍ପାଦକ ୪ ହଜାର ଲାଞ୍ଚ ମାଗିଥିଲେ। ସମ୍ପାଦକ ଲାଞ୍ଚ ମାଗିବା ନେଇ ଅଜିତ ନୟାଗଡ ଭିଜିଲାନ୍ସ ସହ ଯୋଗାଯୋଗ କରି ଆବଶ୍ୟକ ପ୍ରମାଣ ଦେଇଥିଲେ। ଯୋଜନା ମୁତାବକ, ଗୁରୁବାର ସନ୍ଧ୍ୟାରେ ସମ୍ପାଦକଙ୍କୁ ଲାଞ୍ଚ ଦେବା ପାଇଁ ଅଜିତ ଫୋନ କରିଥିଲେ। ହେଲେ ସମ୍ପାଦକ ଲାଞ୍ଚ ଟଙ୍କା ସୋସାଇଟି ଉପସଭାପତିଙ୍କ ସ୍ୱାମୀ ସୁକାନ୍ତଙ୍କୁ ଦେବା ପାଇଁ କହିଥିଲେ। ଶରଣକୁଳ ବଜାରରେ


ସୁକାନ୍ତ ବେହେରା

- କୃଷି ଋଣ ପାଇଁ ନେଉଥିଲେ ୪ ହଜାର ଲାଞ୍ଚ
- ସମ୍ପାଦକଙ୍କୁ ଗିରଫ ପାଇଁ ଖୋଜୁଛି ଭିଜିଲାନ୍ସ

ସୁକାନ୍ତ ଲାଞ୍ଚ ଟଙ୍କା ନେଇଥିଲେ। ଏହି ସମୟରେ ଭିଜିଲାନ୍ସ ସୁକାନ୍ତଙ୍କୁ ଗିରଫ କରିଥିଲା। ଅନ୍ୟପକ୍ଷେ ସମ୍ପାଦକଙ୍କୁ ଗିରଫ ପାଇଁ ଚେଷ୍ଟା ଚାଲିଥିବାବେଳେ ସୁକାନ୍ତଙ୍କ ଘରେ ଓ ସୋସାଇଟିରେ ଭିଜିଲାନ୍ସ ଚଢ଼ାଉ କରିଥିଲା। ସେହିଭଳି ସୁକାନ୍ତ ଓ ସମ୍ପାଦକଙ୍କ ନାଁରେ ଭିଜିଲାନ୍ସ ନଂ.୨୬/୨୩ ରେ ମାମଲା ରୁଜୁ କରି ତଦନ୍ତ କରିଥିଲା।

## ପ୍ରାସଙ୍ଗିକତା ହରାଉଛି ପ୍ରାଚୀନ ଭାଗବତ ସଂସ୍କୃତି

ଖଣ୍ଡପଡ଼ା,୨୯।୯ (ଅଜୟ କୁମାର ମହାରଣା)

ଓଡ଼ିଆ ଜାତିର ଜୀବନଧାରାରେ ଭାଗବତ ଅଙ୍ଗାଅଙ୍ଗି ଭାବେ ଜଡିତ ହୋଇ ରହିଥିବା ବେଳେ ସମ୍ପ୍ରତି ଏହି ପ୍ରାଚୀନ ସଂସ୍କୃତି ଏବେ ଏହାର ପ୍ରାସଙ୍ଗିକତା ହରାଇ ବସିଛି। ଅନ୍ତିମ ଶଯ୍ୟା ନିକଟରେ ଏହି ପ୍ରାଚୀନ ସଂସ୍କୃତି ଭାଗବତ ବୋଲା ଯିବାର ଭାବନା ଓ ବିଶ୍ୱାସ ଆଜି ଯାଏ ଅତୁଟ ରହିଛି। ବିଶେଷ କରି ଲୋକମାନଙ୍କ ଶୁଦ୍ଧିକ୍ରିୟା ପରେ ଏବଂ ଏବେବି ପିଲାମାନଙ୍କ ଏକୋଇଶା କିମ୍ବା ଜନ୍ମ ଦିନରେ ଦୁଆରେ ଭାଗବତ ବୋଲିବାର ନଜିର ରହିଛି। ଓଡ଼ିଆ ଭାଗବତ ଓଡ଼ିଆ ଭାଷାର ଚିରନ୍ତନ ଅମୂଲ୍ୟ ବିଭବ। ଅତୀତରେ ପ୍ରତି ଗ୍ରାମରେ ଭାଗବତ ଟୁଙ୍ଗି(ଘର) ରହିଥିଲା। ଏବେବି ଅନେକ ଗାଁରେ ଏହି ଭାଗବତ ଘର ରହିଥିବା ବେଳେ ସେଠାରେ ଭାଗବତ ପୋଥି, ପୁସ୍ତକ ପ୍ରତିଦିନ ପୂଜା ପାଉଛି। ଏବେବି ସନ୍ଧ୍ୟା ନଇଁଲେ ଲୋକେ ପ୍ରତିଦିନର କାର୍ଯ୍ୟ ସମ୍ପାଦନ କରି ଏକାଠି ହୋଇ ଭାଗବତ ବୋଲିବାର ନଜିର ରହିଛି। ଏହି ଗ୍ରାମ ସଂସ୍କୃତି ଦ୍ୱାରା ଭାଇଚାରା ସମ୍ପର୍କ ବୃଦ୍ଧି ପାଇବାର ଏକ ମାଧ୍ୟମ ଥିଲା। ଭାଦ୍ରବ ମାସ ପୂର୍ଣ୍ଣିମାକୁ ଭାଗବତ ଜନ୍ମଦିନ ପାଳନ କରାଯାଉଛି। ଶୁକ୍ରବର ଜନ୍ମଦିନ ବିଭିନ୍ନ ସ୍ଥାନରେ ପାଳିତ ହୋଇଛି।

ଆଜିର ଦିନରେ ଜଗନ୍ନାଥ ଦାସ ଭାଗବତ ଲେଖିବା ଆରମ୍ଭ କରିଥିବା କଥିତ ଅଛି। ଓଡ଼ିଆ ଭାଷାକୁ ପ୍ରତିଷ୍ଠିତ ଓ ପ୍ରସାରିତ କରିବା ଦିଗରେ ଏବଂ ଓଡ଼ିଆମାନଙ୍କର ଭାଗବତ ସଂହତି ରକ୍ଷା କରିବା ଦିଗରେ ଏହାର ଅବଦାନ ଅସୀମ। ତେବେ ଏହି ପ୍ରାଚୀନ ସଂସ୍କୃତି ଭାଗବତ କାଳକ୍ରମେ ଆଧୁନିକତାର ଛାପରେ ଖଣ୍ଡପଡ଼ା ନିର୍ବାଚନ ମଣ୍ଡଳୀରେ ହଜି ଯିବାକୁ ବସିଛି। ସମ୍ପୃକ୍ତ ଅଞ୍ଚଳରେ ଭାଇଚାରା ମନୋଭାବ ଲୋପ ପାଇବା ଫଳରେ ଏହି ମହାନ୍ ସଂସ୍କୃତି ଅବକ୍ଷୟ ଘଟୁଛି। ପୁଣି ଗ୍ରାମାଞ୍ଚଳର ଅଧିକାଂଶ ଯୁବକ ପରିବାର ପ୍ରତିପୋଷଣ ଲକ୍ଷ୍ୟରେ ସହରାଭିମୁଖୀ ହେବା ଯୋଗୁ ଏଭଳି ପୁରାତନ ସଂସ୍କୃତିକୁ ଭୁଲି ଯିବାକୁ ବାଧ ହେଉଛନ୍ତି। ତେବେ ସମ୍ପ୍ରତି ଖଣ୍ଡପଡ଼ା ଓ ଭାପୁର ବ୍ଲକ ଅନ୍ତର୍ଗତ କଣ୍ଟିଲୋ, ବାଣପୁର, ସିଧାମୂଳା, ବେଣାଗାଡିଆ, ଚୈତନ୍ୟପୁର, ଗୋପୀନାଥପୁର, ମର୍ଦ୍ଦରାଜପୁର, ଖଳିସାହି, ଜଗନ୍ନାଥପ୍ରସାଦ, ଶାଳଝରିଆ, ଲକ୍ଷ୍ମୀପ୍ରସାଦ, ଧାନଚେଙ୍ଗଡା, ପଥରଚକଡା, ମାଧପୁର ବିଜିପୁର, ମାଳିବେରେଣୀ, ଗୋଳାପୋଖରୀ ଆଦି ଗ୍ରାମରେ ଅନେକ ଯୁବକ ଓ ପୁରୁଖା ଲୋକ ଏହି ସଂସ୍କୃତିକୁ ପୁନରୁଦ୍ଧାର କରିବାକୁ ପ୍ରୟାସ ଜାରି ରଖିଛନ୍ତି। ପ୍ରାୟ ସବୁ ଗ୍ରାମରେ ମହିଳାମାନେ ମହିଳା ସଂକୀର୍ତ୍ତନ ତଥା ଭାଗବତ ମଣ୍ଡଳୀ ଗଠନ କରି ଏହି କଳା ସଂସ୍କୃତିକୁ ଉଜ୍ଜିବିତ କରୁଥିବା ପରିଲକ୍ଷିତ ହେଉଛି। ସନ୍ଧ୍ୟା ନଇଁ ଆସିଲେ ସମ୍ପୃକ୍ତ ଗୋଷ୍ଠୀ ଏକତ୍ରୀତ ହୋଇ ଭାଗବତ ପଠନ ସହ ସଂକୀର୍ତ୍ତନ ଅଭ୍ୟାସ କରୁଛନ୍ତି। ସାରାଦିନର କର୍ମ ଜଞ୍ଜାଳର କ୍ଲାନ୍ତି ମେଣ୍ଟାଇବାକୁ ଯାଇ କିଛି ସମୟ ଏଥିରେ ନିଜକୁ ହଜାଇ ଦିଅନ୍ତି। ଏବେ ଆଉ ଗାଁ ଗଣ୍ଡାରେ ଭାଗବତ ଟୁଙ୍ଗି ଦେଖିବାକୁ ମିଳୁନି। ସେହି ସ୍ଥାନରେ ଗଢି ଉଠିଛି କ୍ଲବ ଓ କୋଠଘର। ଏହି ଭାଗବତ ପଠନ ଶୈଳୀରେ ମଧ୍ୟ ପରିବର୍ତ୍ତନ ଦେଖିବାକୁ ମିଳୁଛି। ଏହି ପୋଥି ପଠନରେ ଗୀତର ଗୋଟିଏ ପଦକୁ ବିଭିନ୍ନ ସ୍ୱର ଓ ଶୈଳୀରେ ଅନ୍ୟ ଜଣେ ଗାୟକ ବୋଲୁଥିବା ବେଳେ ସମ୍ପୃକ୍ତ ଗୋଷ୍ଠୀରେ ଥିବା ଅନ୍ୟ ସମସ୍ତ ପାଳିଆଙ୍କ ମୃଦଙ୍ଗ ଏବଂ ଗିନି ମାଡରେ ଶ୍ରୋତାଙ୍କ ମନରେ ଆଣି ଦେଇଥାଏ ଅପୂର୍ବ ଶିହରଣ। ଆଜିର ଏହି ପବିତ୍ର ଦିନରେ କଣ୍ଟିଲୋ ନୀଳମାଧବ ପୀଠ, ସିଧାମୂଳା ଗୋକୁଳାନନ୍ଦ ପୀଠ, ଖଣ୍ଡପଡା, ଖଳିସାହି, ବେଣାଗାଡିଆ ଓ ଏହାର ଆଖପାଖ ଅଞ୍ଚଳର ବିଭିନ୍ନ ଭାଗବତ ଅନୁଷ୍ଠାନରେ ଭାଗବତ ଜନ୍ମ ପାଳିତ ହେଉଛି। କଣ୍ଟିଲୋ ଅଞ୍ଚଳରେ ଗଠିତ ଶ୍ରୀ ନୀଳମାଧବ ଭାଗବତ ମଣ୍ଡଳୀ ଗ୍ରାମଗୁଡିକରେ ଲୁପ୍ତ ହୋଇ ଯାଉଥିବା ଲୋକ କଳା ଭାଗବତକୁ ଉଜ୍ଜିବିତ କରିବା ଲକ୍ଷ୍ୟରେ ସ୍ଥାନୀୟ ଅଞ୍ଚଳର ଫକୀର ଅତବୁଦ୍ଧିପାଟଣା, ମାଧବଚୌଧୁରୀପାଟଣା, କୃଷ୍ଣେଶ୍ୱର ପାଟଣା, ବାପୁଜୀ ନଗର ଓ କଂସାରୀସାହି ପାଟଣା ଏବଂ ବଡବାଣପୁର ପଞ୍ଚାୟତର ବିଭିନ୍ନ ଭାଗବତ ଗୋଷ୍ଠୀର ଭାଗବତ ପ୍ରେମୀ ଉତ୍ସାହୀ ଯୁବ କଳାକାରଙ୍କୁ ଏକାଠି କରି ପ୍ରୟାସ ଜାରି ରଖିଥିବା ଜଣାପଡିଛି। ଏହି ଅବସରରେ ଖଣ୍ଡପଡ଼ା ଅଞ୍ଚଳର ବିଭିନ୍ନ ମନ୍ଦିର ଓ ଭାଗବତ ଅନୁଷ୍ଠାନଗୁଡିକରେ ଭାଗବତ ପୋଥିକୁ ସ୍ଥାପନ କରାଯାଇ ପୂଜାର୍ଚ୍ଚନା କରିବା ସହ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ତେବେ ବୁଡି ଯାଉଥିବା ପୁରାତନ ଭାଗବତ ସଂସ୍କୃତିକୁ ଉଜ୍ଜୀବିତ କରିବା ସହ ମୁହଁ ବୁଲାଉଥିବା କଳାକାରଙ୍କ ମନରେ ପୁଣି ଆଶା ସଞ୍ଚାର ସୃଷ୍ଟି କରିବାକୁ ସମସ୍ତ ଗ୍ରାମାଞ୍ଚଳରେ ସଚେତନତା ସୃଷ୍ଟି କରାଯିବା ଜରୁରୀ ହୋଇପଡିଛି ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।


ମହିଳା ସଂକୀର୍ତ୍ତନ ମଣ୍ଡଳୀ ପକ୍ଷରୁ ଭାଗବତ ଗାନ କରାଯାଉଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ............................


ସୌମ୍ୟା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


ପାଟନାଠାରେ ଶୁକ୍ରବାର ସଞ୍ଜୟ ଗାନ୍ଧୀ ବାୟୋଲୋଜିକାଲ ପାର୍କର ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ଆର୍‌ଜେଡି ମୁଖ୍ୟ ଲାଲୁ ପ୍ରସାଦ ଯାଦବ, ରାଜ୍ୟ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ତେଜ ପ୍ରତାପଙ୍କ ସହ ଚିଡ଼ିଆଖାନା କର୍ମଚାରୀ ସେଲ୍ଫି ନେଉଛନ୍ତି।

# ଇଣ୍ଡିଆ ମେଣ୍ଟ ପ୍ରାର୍ଥୀଙ୍କୁ ନିର୍ବାଚନରେ ସହାୟତା କରିବେ ସିଭିଲ୍ ସୋସାଇଟି

**ନୂଆଦିଲ୍ଲୀ,୨୯।୯(ପି.ଟି.)**

କେତେକ ରାଜ୍ୟରେ ହେବାକୁ ଥିବା ବିଧାନସଭା ନିର୍ବାଚନ ଏବଂ ୨୦୨୪ ଲୋକ ସଭା ନିର୍ବାଚନରେ ବିରୋଧୀ ମେଣ୍ଟ ଇଣ୍ଡିଆ ବ୍ଲକ୍‌ର ପ୍ରାର୍ଥୀମାନଙ୍କୁ ୫୦ରୁ ଊର୍ଦ୍ଧ୍ୱ ସିଭିଲ୍ ସୋସାଇଟି ସଂଗଠନ ଏବଂ ୧୮ଟି ଛୋଟ ଦଳ ସହଯୋଗ ଯୋଗାଇଦେବାକୁ ଶୁକ୍ରବାର ପ୍ରତିଶ୍ରୁତି ଦେଇଛନ୍ତି। ଭାରତ ଯୋଡ଼ୋ ଅଭିଯାନ ଏବଂ କନ୍‌ଫରେନ୍ସ ଅଫ୍ ଇଣ୍ଡିଆନ୍ କମ୍ୟୁନିଷ୍ଟସ୍ ଆଣ୍ଡ ଡେମୋକ୍ରାଟିକ୍ ସୋସିଆଲିଷ୍ଟସ୍ ଦ୍ୱାରା ଆୟୋଜିତ 'ଜିତେଗା ଇଣ୍ଡିଆ: ଗଣତନ୍ତ୍ର, ଧର୍ମନିରପେକ୍ଷତା ଓ ସାମାଜିକ ନ୍ୟାୟ ପାଇଁ ଜାତୀୟ ସମ୍ମିଳନୀ'ରେ ସ୍ୱରାଜ ଇଣ୍ଡିଆ ନେତା ଯୋଗେନ୍ଦ୍ର ଯାଦବ କହିଥିଲେ, ଖୁବ୍ କମ୍ ବ୍ୟବଧାନରେ ବିରୋଧୀ ପ୍ରାର୍ଥୀ ହାରିଥିବା ୧୦୦ରୁ ୧୫୦ ଆସନ ଉପରେ ସିଭିଲ୍ ସୋସାଇଟି ଓ ଛୋଟ ଦଳଗୁଡ଼ିକ ଧ୍ୟାନ ଦେବେ ଏବଂ ପ୍ରାର୍ଥୀମାନଙ୍କ ପାଇଁ ଭୋଟ ଯୋଗାଡ଼ରେ ସହାୟତା କରିବେ। ଉକ୍ତ ସମ୍ମିଳନୀରେ ୨୦ରୁ ଊର୍ଦ୍ଧ୍ୱ ରାଜ୍ୟରୁ ପ୍ରତିନିଧିମାନେ ଯୋଗଦେଇଥିଲେ। ସମ୍ବିଧାନ ଉପରେ ବିଶ୍ୱାସ ଆମକୁ ଏକାଠି କରିଛି। ଗଣତନ୍ତ୍ର ଉପରେ ଅଭୂତପୂର୍ବ ଆକ୍ରମଣ ଚାଲିଛି। ସେଥିପାଇଁ ଆମେ ସ୍ୱଳ୍ପମିଆଦୀ ଏବଂ ଦୀର୍ଘମିଆଦୀ ଲଢ଼େଇରେ ସାମିଲ ହୋଇ ଆଗାମୀ ବିଧାନସଭା ଓ ଲୋକ ସଭା ନିର୍ବାଚନରେ ବିରୋଧୀ ମେଣ୍ଟ ପ୍ରାର୍ଥୀଙ୍କୁ ସହାୟତା ଯୋଗାଇଦେବୁ ବୋଲି ଯାଦବ କହିଛନ୍ତି। ଶାସକ ଭାଜପାର 'ଟ୍ରୋଲ୍ ଆର୍ମି'ର ମୁକାବିଲା ପାଇଁ ଏକ 'ସତ୍ୟ ସେନା' ଗଠନ କରାଯିବ। ମହାରାଷ୍ଟ୍ରର ୱାର୍ଦ୍ଧାସ୍ଥିତ ଗାନ୍ଧୀ ସେବାଶ୍ରମରୁ ଇଣ୍ଡିଆ ମେଣ୍ଟ ସମର୍ଥନରେ ପ୍ରଚାର ଆରମ୍ଭ ହେବ ବୋଲି ସ୍ୱରାଜ ଇଣ୍ଡିଆ ନେତା କହିଛନ୍ତି। ଯାଦବ ଲୋକ ସଭା ନିର୍ବାଚନ ଲଢ଼ିବେ ନାହିଁ। ବିନା ସର୍ତ୍ତରେ ବିରୋଧୀ ମେଣ୍ଟ ପ୍ରାର୍ଥୀମାନଙ୍କୁ ସିଭିଲ୍ ସୋସାଇଟି ସଂଗଠନ ଓ ଛୋଟ ଦଳଗୁଡ଼ିକ ସହାୟତା ଯୋଗାଇବେ ବୋଲି କହିଛନ୍ତି। ଏହି କାର୍ଯ୍ୟକ୍ରମରେ କଂଗ୍ରେସ ନେତା ଦିଗ୍‌ବିଜୟ ସିଂ, ସିପିଆଇ(ଏମ୍) ନେତା ସୀତାରାମ ୟେଚୁରୀ, ସିପିଆଇ ନେତା ଡି. ରାଜାଙ୍କ ସମେତ ଇଣ୍ଡିଆ ମେଣ୍ଟରେ ଥିବା ଦଳଗୁଡ଼ିକର ନେତାମାନେ ଯୋଗଦେଇଥିଲେ।

**ସମ୍ବିଧାନ ଉପରେ ବିଶ୍ୱାସ ଆମକୁ ଏକାଠି କରିଛି: ଯୋଗେନ୍ଦ୍ର ଯାଦବ**

CLASSIFIED DISPLAY
MORE SPACE • SAME PRICE
TARIFF
GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] |

BIJAYA FINANCE
Bijaya Finance ସମସ୍ତ ପ୍ରକାର Loan ୧୦ ଦିନ ମଧ୍ୟରେ ଯୋଗାଇ ଦେଉଛି । ବ୍ୟବସାୟ, Personal, କୃଷି, ଶିକ୍ଷା, କୁକୁଡ଼ାଫାର୍ମ, ଗାଈପାଳନ ଓ ମାଛ ଚାଷ ଇତ୍ୟାଦି ସମସ୍ତ ପ୍ରକାର Loan ଘରେ ବସି ପାଆନ୍ତୁ । ସୁଧ ୨%
Mob:7656825212
7656825011

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଜନ୍ମଦିନ ଶୁଭେଚ୍ଛା



ସୌମ୍ୟାକୁ ଜନ୍ମଦିନର ଶୁଭେଚ୍ଛା
''ଅମୃତ ବିନୟ ବଚନ, କହି ତୋଷିବ ପ୍ରାଣୀମନ
ଏ ଭାବେ ଲଭି କୃଷ୍ଣପାଦ, ହରିବ ବିଷୟା ବିଷାଦ''।
ଭାଗବତର ଏ ଅମୃତ ବାଣୀ ଜଳସ୍ୱରୂପ ତୋ ଜୀବନ ଗଙ୍ଗାରେ ପ୍ରବାହିତ ହେଉଥିବ- ଶ୍ରୀଜଗନ୍ନାଥଙ୍କ ନିକଟରେ ବୋଉ ଓ ବାପାଙ୍କ ପ୍ରାର୍ଥନା।
ଧ-୧୪୩୬

# ଶ୍ରଦ୍ଧା କଥା ଶୁଣିଲେ ବିଲି ବିଲଉଛି ବିଜେଡି: ଭାଜପା

**ଭୁବନେଶ୍ୱର, ୨୯।୯(ସୁନିତ୍ ମିଶ୍ର)**

ଆମେ ଲୋକଙ୍କୁ ସ୍ନେହ ଓ ଶ୍ରଦ୍ଧା ମାଗୁଛୁ, କିନ୍ତୁ ସେଇ 'ଶ୍ରଦ୍ଧା' କଥା ଶୁଣିଲେ ବିଜେଡି ବିଲି ବିଲାଉଛି। ରାଜ୍ୟ ସରକାର 'ଶ୍ରଦ୍ଧା' ନାଁ ଧରିଲେ ଡରୁଛନ୍ତି। ଡାଲି ଖାଇଲେ ଚଳିବ, କିନ୍ତୁ ଡାଲି ଦେଖିଲେ ବାଚସ୍ପତି ଭୟଭୀତ ହେଉଛନ୍ତି। ଦାନ୍ତ ନ ଥିବା 'ଶ୍ରଦ୍ଧା ଓ ଡାଲି' ଆଜି ଶାସକ ଦଳର ମନ୍ତ୍ରୀ, ବିଧାୟକ ଏବଂ ନେତାଙ୍କୁ କାମୁଡି ଦେଇଛି ବୋଲି କହି ଏଭଳି ଢଙ୍ଗରେ ଶାସକ ଦଳକୁ ଭାଜପା ଏମ୍‌ପି ବସନ୍ତ ପଣ୍ଡା ଟାର୍ଗେଟ କରିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟ ଠାରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ବସନ୍ତ କହିଛନ୍ତି, ଶାସକ ଦଳ ଏପ୍ରକାର କଥାରେ ଭୟଭୀତ ହୋଇ ଚିତ୍କାର କରୁଛନ୍ତି। 'ଶ୍ରଦ୍ଧା ଓ ଡାଲି' ଦେଖିକି ବାଚସ୍ପତି ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ମାଝୀ ଓ ବିଧାୟକ ମୁକେଶ ମହାଲିଙ୍ଗଙ୍କୁ ବିଧାନସଭାରୁ ନିଲମ୍ବିତ କରିଛନ୍ତି।


ଖବରଦାତା ସମ୍ମିଳନୀରେ ଏମ୍‌ପି ବସନ୍ତ ପଣ୍ଡା

ଇତିହାସରେ ଏହା ଏକ ବିରଳ ଘଟଣା। ଏତେ ବର୍ଷର ସରକାର ବିରୋଧୀଙ୍କ ପ୍ରଶ୍ନରେ ଉତ୍ତର ନ ଦେଇ କାହିଁକି ପଳାୟନ କରୁଛନ୍ତି କୁହନ୍ତୁ। 'ଶ୍ରଦ୍ଧା' ନାମ ଧରିଲେ ବିରୋଧୀ ଦଳର ବିଧାୟକଙ୍କ ପ୍ରତି ଶାସକ ଦଳ ସଦସ୍ୟମାନେ ଆକ୍ରୋଶମୂଳକ ବ୍ୟବହାର କରୁଛନ୍ତି। ବିରୋଧୀ ଦଳ ନେତା ଯେତେବେଳେ 'ଶ୍ରଦ୍ଧା'ର କଥା କହିଲେ, ସେତେବେଳେ ଶାସକ ଦଳର ମନ୍ତ୍ରିମଣ୍ଡଳ ସମ୍ପୂର୍ଣ୍ଣ ଆତଙ୍କିତ, ବିଚଳିତ ଓ ଭୟଭୀତ ହୋଇଯାଇଥିଲେ। ଭାଟିକାନ୍ ସିଟି କାହିଁକି ଓ କେଉଁ ଉଦ୍ଦେଶ୍ୟରେ ଶ୍ରଦ୍ଧା ଯାଇଥିଲେ। ଅଣଓଡ଼ିଆ ମହିଳା 'ଶ୍ରଦ୍ଧା'କୁ ଭାଟିକାନ ସିଟିକୁ ସାଙ୍ଗରେ ନେବାର କାରଣ କ'ଣ ଥିଲା। ଭାଟିକାନ ସିଟି ଯିବା ଲାଗି ତାଙ୍କୁ ଟିକେଟ୍ କିଏ ଦେଲା, ଏହାର ଉତ୍ତର ପାଇବାକୁ ସାଢ଼େ ଚାରିକୋଟି ଓଡ଼ିଆ ଅପେକ୍ଷା କରି ବସିଛନ୍ତି। ବିରୋଧୀ ଦଳ ନେତାଙ୍କୁ ପାଗଳ ଓ ତାଙ୍କ ବକ୍ତବ୍ୟକୁ ପ୍ରଳାପ ବୋଲି କହି ଶାସକ ଦଳ ସଦସ୍ୟ ହୋହଲ୍ଲା କରୁଛନ୍ତି। ବିରୋଧୀ ଦଳ ନେତାଙ୍କ ପ୍ରତି ଶାସକ ଦଳର ସଦସ୍ୟ ଆକ୍ରୋଶମୂଳକ ବ୍ୟବହାର ଓ ଆଚରଣ ପ୍ରଦର୍ଶନ କରୁଛନ୍ତି। ବାଚସ୍ପତି ନିରପେକ୍ଷତା ଅବଲମ୍ବନ କରିବା ଜରୁରୀ, କିନ୍ତୁ ଦୁର୍ଭାଗ୍ୟର ବିଷୟ ସେ ନିରପେକ୍ଷ ନୁହନ୍ତି। ଡାଲି କିଣାରେ ଦୁର୍ନୀତି, ଅନିୟମିତତା ପାଇଁ ୨୦୧୧ରେ ତାଙ୍କ ମନ୍ତ୍ରୀପଦ ଚାଲିଯାଇଥିଲା ବୋଲି ବସନ୍ତ କହିଛନ୍ତି।

# ବାଚସ୍ପତିଙ୍କ ଇସ୍ତଫା ଦାବିରେ ରାସ୍ତାକୁ ଓହ୍ଲାଇଲା ଭାଜପା

**ଭୁବନେଶ୍ୱର, ୨୯।୯(ସୁନିତ୍ ମିଶ୍ର)**

ଡାଲି ଦୁର୍ନୀତିରେ ବାଚସ୍ପତି ପ୍ରମିଳା ମଲିକ ଲିପ୍ତ ଥିବା ଦର୍ଶାଇ ବିରୋଧୀ ତାଙ୍କ ଇସ୍ତଫା ଦାବୀ କରିଛନ୍ତି। ଭାଜପା ପକ୍ଷରୁ ଅଭିଯୋଗ କରାଯାଇଛି ଯେ, ବିଧାନସଭାରେ ଆକ୍ରୋଶମୂଳକ ଭାବେ ୨ ଜଣ ଭାଜପା ବିଧାୟକଙ୍କୁ ସସ୍‌ପେଣ୍ଡ କରାଯିବା ସହ ବିରୋଧୀ ଦଳ ନେତାଙ୍କ ବିରୋଧରେ ଅଶାଳୀନ ମନ୍ତବ୍ୟ ବ୍ୟବହାର କରାଯାଉଛି। ଏହାକୁ ବିରୋଧ କରି ଭୁବନେଶ୍ୱର ସାଙ୍ଗଠନିକ ଜିଲା ଭାଜପା ପକ୍ଷରୁ ମାଷ୍ଟରକ୍ୟାଣ୍ଟିନ ଛକଠାରେ ଲୋକଙ୍କୁ ଡାଲି ବାଣ୍ଟିବା ଏବଂ ମୁଖ୍ୟମନ୍ତ୍ରୀ, ବିଧାୟକ ଅରୁଣ ସାହୁ, ବାଚସ୍ପତିଙ୍କ କୁଶପୁତ୍ତଳିକା ଦାହ କରି ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଭାଜପା ଆହୁରି ଅଭିଯୋଗ କରିଛି ଯେ, ଓଡ଼ିଶାରୁ ଲୋକ ମତ ହରାଇବା ଦେଖି ବିଜେଡି ବିଲି ବିଲାଉଛି। ଡାଲି ଦୁର୍ନୀତି ଓଡ଼ିଶାର ସବୁଠାରୁ ବଡ଼ ସ୍କାମ୍, ଯେଉଁଥିଲାଗି ତତ୍କାଳୀନ ବିଭାଗୀୟ ମନ୍ତ୍ରୀ ତଥା ବର୍ତ୍ତମାନର ବାଚସ୍ପତି ଇସ୍ତଫା ଦେଇଥିଲେ। ହେଲେ ଡାଲି ଡାଲି ଦେଖିଲେ ବାଚସ୍ପତି ଭୟଭୀତ ହେଉଛନ୍ତି। ଡାଲି ଦୁର୍ନୀତି କଥା କହିଲେ କି ତାହା ଦେଖିଲେ ଶାସକ ଦଳର ମନ୍ତ୍ରୀ, ବିଧାୟକ ଏବଂ ନେତାଙ୍କୁ ଭୟ ଲାଗୁଛି। ତେଣୁ ଡାଲି ଦୁର୍ନୀତିରେ ଲିପ୍ତ ବାଚସ୍ପତିଙ୍କ ଇସ୍ତଫା ଦାବି କରୁଛୁ ବୋଲି ଭାଜପା ପକ୍ଷରୁ କୁହାଯାଇଛି। ଭୁବନେଶ୍ୱର ସାଙ୍ଗଠନିକ ଜିଲା ସଭାପତି ବାବୁ ସିଂ କହିଛନ୍ତି, ଏତେବଡ଼ ସାମ୍ବିଧାନିକ ପଦବୀରେ କିଭଳି ଦୁର୍ନୀତିରେ ଲିପ୍ତ ହୋଇ ଇସ୍ତଫା ଦେଇଥିବା ଜଣଙ୍କୁ ବସାଗଲା। ରାଜ୍ୟରେ ଅନ୍ଧାରୀ ଶାସନ ଚାଲିଛି, ଶାସକ ଦଳ ଦୁର୍ନୀତିରେ ବୁଡି ରହିଛି ବୋଲି ସେ କହିଛନ୍ତି।

# ଭୁବନେଶ୍ୱରକୁ ଜିଲା ମାନ୍ୟତା ଦେବାକୁ କଂଗ୍ରେସର ଦାବି

**ଭୁବନେଶ୍ୱର, ୨୯।୯(ଅନିଲ ଦାସ)**

ଭୁବନେଶ୍ୱରକୁ ଜିଲା ମାନ୍ୟତା ଦେବାକୁ କଂଗ୍ରେସ ଦାବି କରିଛି। ୧୯୯୩ରେ ଭୁବନେଶ୍ୱର ଓକିଲମାନଙ୍କର ଦାବିକୁ ଗ୍ରହଣ କରି ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକ ଭୁବନେଶ୍ୱର କଚେରି ନିକଟରେ ଖୋର୍ଦ୍ଧା ଜିଲାପାଳ ଅଫିସ ଉଦ୍‌ଘାଟନ କରିଥିଲେ। ତାହା ଅନେକ ଦିନ କାର୍ଯ୍ୟ କଲା ପରେ ରାଜ୍ୟ ସରକାର ହଠାତ୍ ଜିଲାପାଳ କାର୍ଯ୍ୟାଳୟକୁ ଖୋର୍ଦ୍ଧାକୁ ସ୍ଥାନାନ୍ତର କଲେ। ସେହିଦିନଠାରୁ ଭୁବନେଶ୍ୱରକୁ ଏକ ସ୍ୱତନ୍ତ୍ର ଜିଲା କରିବା ପାଇଁ ଆନ୍ଦୋଳନ ଚାଲିଛି। ପ୍ରତ୍ୟେକ ପ୍ରଦେଶର ରାଜଧାନୀକୁ ଜିଲା କରାଯାଇଛି।

୧୫ବର୍ଷ ପୂର୍ବେ ହଜାର ହଜାର ଓକିଲ ଭୁବନେଶ୍ୱରକୁ ଜିଲା ଦାବିରେ ବିଧାନସଭାକୁ ଶୋଭାଯାତ୍ରା କରି ଯାଇଥିଲେ। ମୁଖ୍ୟମନ୍ତ୍ରୀ ତାଙ୍କ କକ୍ଷରେ ଓକିଲ ପ୍ରତିନିଧିମାନଙ୍କ ସହିତ ଏ ସମ୍ପର୍କରେ ଆଲୋଚନା କରି ବିହିତ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଥିଲେ ଏବଂ ତାଙ୍କ ବ୍ୟକ୍ତିଗତ ସଚିବଙ୍କୁ ତ୍ୱରିତ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଆଜି ପର୍ଯ୍ୟନ୍ତ ତାହା କାର୍ଯ୍ୟକାରୀ ହୋଇପାରିଲା ନାହିଁ। ରାଜଧାନୀ ବାସିନ୍ଦା ଏବଂ ବିଭିନ୍ନ ସଂଗଠନ ଭୁବନେଶ୍ୱରକୁ ଜିଲା ପାଇଁ ଆନ୍ଦୋଳନ ଚଳାଇ ରଖିଛନ୍ତି। ସରକାର ଅଗ୍ରାଧିକାର ଭିତ୍ତିରେ ଭୁବନେଶ୍ୱରକୁ ଜିଲା ମାନ୍ୟତା ନ ଦେଲେ ଆନ୍ଦୋଳନକୁ ଆହୁରି ତୀବ୍ରତର କରାଯିବ ବୋଲି ପିସିସି ବରିଷ୍ଠ ଉପସଭାପତି ଶିବାନନ୍ଦ ରାୟ ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି।

# ବିଜେଡିରେ ମାଲକାନଗିରି ଜିଲା ଭାଜପା କର୍ମକର୍ତ୍ତା


ଶଙ୍ଖଭବନଠାରେ ଆୟୋଜିତ ମିଶ୍ରଣ ପର୍ବରେ ବିଜେଡି ନେତୃବୃନ୍ଦଙ୍କ ସହ ମାଲକାନଗିରି ଭାଜପା ନେତା ଓ କର୍ମୀ।

**ଭୁବନେଶ୍ୱର, (ଅନିଲ ଦାସ)/ ମାଲକାନଗିରି (ଦୁର୍ଯ୍ୟୋଧନ ପାତ୍ର),୨୯।୯**

ମାଲକାନଗିରି ଜିଲା ଭାଜପା ସାଧାରଣ ସମ୍ପାଦକ ଶୁଭ୍ରାଂଶୁ ଶେଖର ସାହୁ, କାଲିମେଳା ବ୍ଲକ ପଶୁଗୁଡ଼ା ଗ୍ରାମପଞ୍ଚାୟତର ପୂର୍ବତନ ସରପଞ୍ଚ ରାମ ରବା ଏବଂ ବାଲିମେଳାର ଭାଜପା ସଦସ୍ୟ ଏନ୍. ଦାଶରଥି ଶୁକ୍ରବାର ଶଙ୍ଖଭବନଠାରେ ବିଜୁ ଜନତା ଦଳ ସାଧାରଣ ସମ୍ପାଦକ ତଥା ରାଜ୍ୟ ସଭା ସଦସ୍ୟ ମାନସ ମଙ୍ଗରାଜଙ୍କ ଉପସ୍ଥିତିରେ ବିଜେଡିରେ ସାମିଲ ହୋଇଛନ୍ତି। ଦଳରେ ସାମିଲ ହୋଇଥିବା ଭାଜପା କର୍ମକର୍ତ୍ତାଙ୍କୁ ଉପଢୌକନ ଦେଇ ମଙ୍ଗରାଜ ଦଳକୁ ସ୍ୱାଗତ କରିଥିଲେ।

ଏହି ଅବସରରେ ବିଜେଡିରେ ସାମିଲ ହୋଇଥିବା ଶୁଭ୍ରାଂଶୁ କହିଥିଲେ, ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟକଳାପରେ ଆକୃଷ୍ଟ ହୋଇ ଏବଂ ରାଜ୍ୟ ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ସାଙ୍ଗଠନିକ ଦକ୍ଷତାରେ ବିଶ୍ୱାସ ରଖି ବିଜେଡିରେ ଯୋଗଦେବା ପାଇଁ ନିଷ୍ପତ୍ତି ନେଇଛନ୍ତି । ଦଳରେ ଆମକୁ ଗ୍ରହଣ କରିଥିବାରୁ ମୁଖ୍ୟମନ୍ତ୍ରୀ, ଦଳର ସାଙ୍ଗଠନିକ ସମ୍ପାଦକ, ରାଜ୍ୟ ସଭା ସଦସ୍ୟ ମାନସ ମଙ୍ଗରାଜ ଓ ସମସ୍ତ ନେତୃବୃନ୍ଦଙ୍କୁ ଧନ୍ୟବାଦ ଦେଇଛନ୍ତି। ଏହି ମିଶ୍ରଣ ପର୍ବରେ ମାଲକାନଗିରି ଜିଲା ବିଜେଡି ସଭାପତି ମାନସ ମାଡକାମୀ, ପ୍ରକାଶ ମହାନ୍ତି, ବିଜେଡି ମୁଖପାତ୍ର ଅମିତ ମଲ୍ଲିକ ଏବଂ ମାଲକାନଗିରି ଜିଲା ମହିଳା ବିଜେଡି ପର୍ଯ୍ୟବେକ୍ଷକ ଲୋରା ମହାପାତ୍ର ଉପସ୍ଥିତ ଥିଲେ।

## Classified Everyday 0674-2580101, 2549949


REAL ESTATE
SALE

3BHK Apartment Rasulgarh-89,00,000, 3BHK Duplex near Tankapani-79,00,000, 3BHK Duplex near Nandankanan-92,00,000, Gangapada 9Acre, Pitapalli 5Acre. Residential Land DPS back-990, Jaanla-990, Patrapada-2200, Tamando-1500/2700. 8984071303, 8249630501. D-1434

କଟକ ଜଗତ୍‌ପୁରଠାରେ ନୂଆ ତିଆରି ହୋଇଥିବା 2BHK ଘର (1000sqft.) ବିକ୍ରିହେବ। Price-27laks. Contact: 8984352783. D-1435

ପୁରୀ ସାତପଡ଼ା ବ୍ରହ୍ମଗିରି ରୋଡ୍ (NH-316) ପାଖରେ Commercial plot ବିକ୍ରି ହେବ। ମୋବାଇଲ ନଂ.- 7008384659. D-75303

କଟକ-ଭୁବନେଶ୍ୱର ମଧ୍ୟରେ ନିର୍ମିତ **Grandbazar NH-16** ସମ୍ମୁଖରୁ ଅଳ୍ପ ଦୂରତାରେ ଘରବାରି ବାସୋପଯୋଗୀ ପ୍ଲଟ୍ ଶସ୍ତାରେ କିଣନ୍ତୁ, ଗୃହ ନିର୍ମାଣ କରନ୍ତୁ। **8249422604.** D-75222

ନଖରା ତ୍ରିନାଥବଜାର ମହିଧରପଡ଼ା, ପାଖରେ SC plot 7400 sqft 11,00,000/-(Outright) 7978663279. D-75218

ଭୁବନେଶ୍ୱର ଗଙ୍ଗପଡ଼ା **HP** ପେଟ୍ରୋଲ୍‌ପମ୍ପ ନିକଟରେ **sqft.-899/-, Adyanta College** ପାଖରେ **750/- boundary, road,** ଇଲେକ୍ଟ୍ରିସିଟି ଥାଇ ପ୍ଲଟ୍ ବିକ୍ରିହେବ। **9861319999, 9658891108.** D-75220

Duplex sale at Bhubaneswar @ 57 lakhs only. Contact: 9777433701. D-75223

Kantabada Chhak Sparsh Hospital ପାଖରେ sthitiban plot Electricity ସହିତ ମିଳୁଅଛି। Contact: 8917697736, 9439101373. D-1428

**GA free hold plot 2100sqft. At- IRC Village, BBSR, No Broker. Ph No- 8144410585.** D-1424

BDA & RERA Approved 2BHK, 3BHK flats for sale, Project: Bivab Nest and Bivab Ansh, At- Madanpur, near Infocity-II, Bhubaneswar, Home loan available (All leading Bank). Contact: 9437345524, 9937138980. D-74587

South facing corner 4BHK Duplex, Balianta Syphon. Land-1400 Construction-2200-89Lakh. 9938219397, 9861022055. D-1433


CONSTRUCTION

**Construct your Dream home @ 460/-, 850/-, 1325/- with Branded material along with 3years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856.** D-1384

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




5 Roomed house with Kitchen, 2 Toilets, 2 Porticos, Parking space close to Hotel Ira, Gupta Distributors, Cuttack Road, Bhubaneswar. Rs. 20,000/- contact- 9937961430. D-1429




Spa Kerala body Massage only best Therapist @699/- Bhubaneswar. 9337672475. D-1438

**Relax, Refresh your body, Mind at Saikrupa Spa with best therapies. 8984068077.** D-1358

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-75042

**Newly open SPA positively health benefits with expert therapist. 9938843929.** D-75150

AFFIDAVIT

I, Sumanta Chhotaray, S/o- Keshab Chandra Chhotaray, resident at Meghraj Buildcon, PO/PS- Koraput, Dist.- Koraput, Pin-764020, Odisha declare by this affidavit No. 8032 Dtd- 27.09.2023 that now onwards I shall be known as SUMANTA KUMAR CHHOTARAY for all future purposes. D-1431

ମନେ ପଡ଼ନ୍ତି

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି



୰ରବୀନ୍ଦ୍ର କୁମାର ଦାସ
ବିକାଶନଗର, ଜଟଣୀ, ଖୋର୍ଦ୍ଧା
ଆବିର୍ଭାବ: ୧୫।୦୪।୧୯୫୨
ତିରୋଧାନ: ୧୧।୦୯।୨୦୨୨
ଚାହୁଁ ଚାହୁଁ ଏକବର୍ଷ ବିତିଗଲା। ତୁମ ଅବର୍ତ୍ତମାନରେ ତୁମ ସ୍ନେହ, ଶ୍ରଦ୍ଧା, ଭଲପାଇବା ଜୀବନର ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ତୁମେ ଶିଖାଇଥିବା ନୀତି ଆଦର୍ଶକୁ ପାଥେୟ କରି ଆଗକୁ ଯିବା ପାଇଁ ତୁମ ଆଶୀର୍ବାଦ ଆମ ଉପରେ ରହିଥାଉ। ପ୍ରଥମ ଶ୍ରାଦ୍ଧ ଦିବସରେ ତୁମ ଆତ୍ମାର ଶାନ୍ତି ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ ପରିବାର: ପତ୍ନୀ: ଗୀତାଞ୍ଜଳି, ଭାଇ: ଶ୍ରୀଧର, ଦିଲ୍ଲୁ, ପୁଅ: ବାପି, ପପି, ରାଜା, ବୋହୂ: ରାଣୀ, ଇଲ୍ଲା, ମିଲା, ନାତୁଣୀ/ନାତି: ଲେସି, ଆଦି, ଦେବ, ରିଷି।
ଧ-୧୪୩୭

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ରାଜାରାମ ତ୍ରିପାଠୀ
ଆବିର୍ଭାବ: ୧୦.୧୨.୧୯୬୩
ତିରୋଧାନ: ୨୦.୯.୨୦୨୩
ଆପଣଙ୍କର ସ୍ନେହ, ଶ୍ରଦ୍ଧା, ପ୍ରେରଣା, ଦିଗ୍‌ଦର୍ଶନ ଆମ୍ଭମାନଙ୍କ ଜୀବନରେ ପାଥେୟ ହେଉ । ଆଜି ଆପଣଙ୍କର ଏକାଦଶାହ ଅବସରରେ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ
ମାହେଶ୍ୱରୀ ତ୍ରିପାଠୀ (ଝିଅ)
ଏସ୍ ମଞ୍ଜରୀ ତ୍ରିପାଠୀ (ସ୍ତ୍ରୀ)
ପର୍ଶୁରାମ ତ୍ରିପାଠୀ (ଭାଇ)
ତୁଳସୀରାମ ତ୍ରିପାଠୀ (ଭାଇ)
ଧ-୧୪୩୯

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**

ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ୫ ବର୍ଷିଆ ଆର୍‌ଡି ଉପରେ ସୁଧ ହାର ବୃଦ୍ଧି

## ୩ୟ ତ୍ରୈମାସିକ ପାଇଁ ଅଧିକାଂଶ ସ୍ୱଳ୍ପ ସଞ୍ଚୟ ସ୍କିମ୍‌ର ସୁଧହାର ଅପରିବର୍ତ୍ତିତ

ନୂଆଦିଲ୍ଲୀ,୨୯।୯ (ଅଭୟ ଦାଶ)



ଚଳିତ ଆର୍ଥିକ ବର୍ଷର ୩ୟ (ଅକ୍ଟୋବରରୁ ଡିସେମ୍ବର) ତ୍ରୈମାସିକ ପାଇଁ କେନ୍ଦ୍ର ସରକାର ୫ବର୍ଷିଆ ରେକରିଂ ଡିପୋଜିଟ୍ (ଆର୍‌ଡି) ଉପରେ ସୁଧ ହାର ବୃଦ୍ଧି ସହ କ୍ଷୁଦ୍ର ସଞ୍ଚୟ ଯୋଜନା ଉପରେ ସୁଧ ହାର ଅପରିବର୍ତ୍ତିତ ରଖିଛନ୍ତି। ଏପରିକି ୫ ବର୍ଷିଆ ଆର୍‌ଡିର ସୁଧହାର ଉପରେ ୨୦ ବେସିସ୍ ପଏଣ୍ଟ ବୃଦ୍ଧି କରାଯାଇଛି। ଫଳରେ ୫ବର୍ଷିଆ ଆର୍‌ଡି ଉପରେ ସୁଧ ହାର ୬.୫ ରୁ ୬.୭% କୁ ବୃଦ୍ଧି କରାଯାଇଛି। ଏହି ନୂଆ ଦର ୨୦୨୩ ଅକ୍ଟୋବର ପହିଲାରୁ ଡିସେମ୍ବର ୩୧ ପର୍ଯ୍ୟନ୍ତ ଲାଗୁହେବ। ଅପରପକ୍ଷରେ ବରିଷ୍ଠ ନାଗରିକ ସଞ୍ଚୟ ଯୋଜନା (ଏସ୍‌ସିଏସ୍‌ଏସ୍), ଜାତୀୟ ସଞ୍ଚୟ ପ୍ରମାଣପତ୍ର (ଏନ୍‌ଏସ୍‌ସି), ପିପିଏଫ୍, କିଷାନ ବିକାଶ ପତ୍ର (କେଭିପି) ଏବଂ ସୁକନ୍ୟା ସମୃଦ୍ଧି ଯୋଜନା (ଏସ୍‌ଏସ୍‌ୱାଇ)ରେ ନିବେଶ ସୁଧ ଅର୍ଜନ ଜାରି ରଖିବ। ଅପରପକ୍ଷରେ ଶୁକ୍ରବାର ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଜାରି କରାଯାଇଥିବା ବିଜ୍ଞପ୍ତି ଅନୁଯାୟୀ ସଞ୍ଚୟ ଜମା ଉପରେ ୪% ଏବଂ ୧ ବର୍ଷର ମିଆଦୀ ଜମା ଉପରେ ୬.୯% ସୁଧ ପୂର୍ବ ଭଳି ଉପଲବ୍ଧ ରହିବ। ସେହିପରି ୨ବର୍ଷ ଓ ୩ ବର୍ଷର ମିଆଦୀ ଜମା ଉପରେ ସୁଧ ହାର ୭% ରହିଥିବା ବେଳେ ୫ବର୍ଷିଆ ମିଆଦୀ ଜମା ଉପରେ ସୁଧ ହାର ୭.୫% ରହିଛି। ବିଶେଷକରି ବରିଷ୍ଠ ନାଗରିକ ସଞ୍ଚୟ ଯୋଜନାରେ ୮.୨% ସୁଧ ମିଳିବ ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଉଲ୍ଲେଖଯୋଗ୍ୟ, ସରକାରଙ୍କ ପ୍ରମୁଖ ଯୋଜନା ଏମ୍‌ଆଇଏସ୍ ସ୍କିମ୍‌ରେ ସୁଧ ହାର ୭.୪% ଥିବାବେଳେ ଏନ୍‌ଏସ୍‌ସି ସ୍କିମ୍ ଉପରେ ୭.୭% ଓ ପିପିଏଫ୍ ସ୍କିମ୍ ଉପରେ ୭.୧% ରହିଛି, କେଭିପି ଉପରେ ସୁଧ ହାର ୭.୫ % ରହିଥିବାବେଳେ ଏହା ୧୧୫ ମାସ ମଧ୍ୟରେ ପରିପକ୍ୱ ହେବ। ସୁକନ୍ୟା ସମୃଦ୍ଧି ଆକାଉଣ୍ଟର ସୁଧ ହାର ୮% କୁ ବଜାୟ ରଖାଯାଇଛି।

## ଶେୟାର ବଜାର କାରବାରରେ ଉତ୍ସାହ

ନୂଆଦିଲ୍ଲୀ,୨୯।୯

ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଚଳିତ ସପ୍ତାହର ଶେଷ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢ଼ାଇଛନ୍ତି। ଶୁକ୍ରବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୩୨୦ (୩୨୦.୦୯) ପଏଣ୍ଟ ବୃଦ୍ଧି ଘଟି ୬୫,୮୨୮ (୬୫,୮୨୮.୪୧) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୧୧୫ (୧୧୪.୭୫) ପଏଣ୍ଟ ବଢ଼ି ୧୯,୬୩୮ (୧୯,୬୩୮.୩୦) ଅଙ୍କରେ କାରବାର ବନ୍ଦ କରିଥିଲା। ଉଲ୍ଲେଖଯୋଗ୍ୟ, ବିଏସ୍‌ଇ ସେନ୍‌ସେକ୍ସର ମିଡ୍‌କ୍ୟାପ୍ ଓ ସ୍ମଲ୍‌କ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ବୃଦ୍ଧି ସହ ଏନ୍‌ଏସ୍‌ଇ ନିଫ୍ଟି ମିଡ୍ କ୍ୟାପ୍, ସ୍ମଲ କ୍ୟାପ୍ ଏବଂ ବ୍ୟାଙ୍କ ଶେୟାରଗୁଡ଼ିକରେ ମଧ୍ୟ କାରବାର ବଢ଼ିଥିବାବେଳେ ସେକ୍ଟୋରାଲ ଇଣ୍ଡେକ୍ସର କାରବାରରେ ମଧ୍ୟ ବୃଦ୍ଧି ଘଟିଛି।

## ଇଣ୍ଡିଆନ୍ ବ୍ୟାଙ୍କର ନୂତନ ଆଞ୍ଚଳିକ ମୁଖ୍ୟ

ଭୁବନେଶ୍ୱର, ୨୯।୯



ସଚ୍ଚିକାନ୍ତ ଦାସ

ଇଣ୍ଡିଆନ୍ ବ୍ୟାଙ୍କର ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟର ନୂତନ ଆଞ୍ଚଳିକ ମୁଖ୍ୟ ଭାବେ ଉପ-ମହାପ୍ରବନ୍ଧକ ସଚ୍ଚିକାନ୍ତ ଦାସ ନିକଟରେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ଦାସ ବ୍ୟାଙ୍କର କର୍ପୋରେଟ୍ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ବିଭାଗର ଉପ-ମହାପ୍ରବନ୍ଧକ ଭାବେ କାର୍ଯ୍ୟ କରୁଥିଲେ। ବିଶେଷକରି ୨୭ ବର୍ଷ କାର୍ଯ୍ୟକାଳ ମଧ୍ୟରେ ଦାସ ବ୍ୟାଙ୍କର ବିଭିନ୍ନ ଶାଖା, ଆଞ୍ଚଳିକ କାର୍ଯ୍ୟାଳୟ ଏବଂ କର୍ପୋରେଟ୍ କାର୍ଯ୍ୟାଳୟ ଆଦିରେ କାର୍ଯ୍ୟ କରିଛନ୍ତି। ସେହିଭଳି ପୂର୍ବରୁ ମଧ୍ୟ ସେ କୋଲକାତାଠାରେ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ବିଭାଗର ସହାୟକ ମହାପ୍ରବନ୍ଧକ ଭାବେ କାର୍ଯ୍ୟ କରିଛନ୍ତି।

ଏହି ପରିପ୍ରେକ୍ଷୀରେ ଉପ-ମହାପ୍ରବନ୍ଧକ ସଚ୍ଚିକାନ୍ତ ଦାସ କହିଛନ୍ତି, ରିଟେଲ୍, କୃଷି ଓ ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରକୁ ଗୁରୁତ୍ୱ ଦେବା ସହ ଉନ୍ନତମାନର ଗ୍ରାହକସେବା ଯୋଗାଇଦେବା ତାଙ୍କର ମୂଳ ଲକ୍ଷ୍ୟ ବୋଲି ଦାସ ମତପ୍ରକାଶ କରିଛନ୍ତି।

ଉଲ୍ଲେଖଯୋଗ୍ୟ, ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟ ଅଧୀନରେ ବ୍ୟାଙ୍କର ମୋଟ ୫୪ ଶାଖା ରହିଛି, ଯାହାର ମୋଟ୍ ବ୍ୟବସାୟ ପ୍ରାୟ ୧୩,୫୬୭କୋଟି ଟଙ୍କା ରହିଥିବା ବେଳେ ସିଡି ଅନୁପାତ ୭୯.୪୭% ରହିଛି।

## ଜୁଲାଇରେ ଜିଓର ସର୍ବାଧିକ ନୂତନ ଗ୍ରାହକ

ଭୁବନେଶ୍ୱର, ୨୯।୯

ଚଳିତ ବର୍ଷ ଜୁଲାଇରେ ରିଲାଏନ୍ସ ଜିଓ ଓଡ଼ିଶାର ସର୍ବାଧିକ ସଂଖ୍ୟକ ନୂଆ ମୋବାଇଲ ଗ୍ରାହକ ଯୋଡ଼ିଥିବାବେଳେ ରାଜ୍ୟରେ ସବୁଠାରୁ ପସନ୍ଦର ଡିଜିଟାଲ ସେବା ପ୍ରଦାନକାରୀ କମ୍ପାନୀ ଭାବେ ଉଭାହୋଇଛି। ଏପରିକି ଭାରତୀୟ ଦୂରସଞ୍ଚାର ନିୟାମକ କର୍ତ୍ତୃପକ୍ଷ (ଟ୍ରାଇ) ଦ୍ୱାରା ପ୍ରକାଶିତ ସଦ୍ୟତମ ଟେଲିକମ୍ ଗ୍ରାହକ ତଥ୍ୟ ଅନୁଯାୟୀ ରିଲାଏନ୍ସ ଜିଓ ୨୦୨୩ ଜୁଲାଇରେ ପ୍ରାୟ ୧.୪୨ଲକ୍ଷ ନୂତନ ମୋବାଇଲ ଗ୍ରାହକ ଯୋଡ଼ିଛି। ଏହା ସହ ୨୦୨୩ ଜୁଲାଇ ୩୧ସୁଦ୍ଧା ଜିଓ ସର୍ବାଧିକ ୧.୪୩କୋଟି ମୋବାଇଲ ଗ୍ରାହକ ଏବଂ ୨.୩୮ ଲକ୍ଷ ଜିଓ ଫାଇବର ହୋମ୍ ବ୍ରଡ୍‌ବ୍ୟାଣ୍ଡ ଉପଭୋକ୍ତାଙ୍କ ସହ ଉଭୟ ଓ୍ୱାୟାରଲେସ୍ ଏବଂ ଓ୍ୱାୟାରଲାଇନ୍ ବର୍ଗରେ ସାମିଲ କରାଇବା ସହିତ ରାଜ୍ୟରେ ଏକ ନମ୍ବର ସ୍ଥାନକୁ ସୁଦୃଢ଼ କରିଛି। ବିଶେଷକରି ୨୦୨୩ ଜୁଲାଇରେ ଓଡ଼ିଶାର ମୋଟ ମୋବାଇଲ ଉପଭୋକ୍ତାଙ୍କ ସଂଖ୍ୟା ୧.୫ଲକ୍ଷ ବୃଦ୍ଧି ପାଇଛି। ଅପରପକ୍ଷରେ ଟ୍ରାଇ ଦ୍ୱାରା ପ୍ରକାଶିତ ସଦ୍ୟତମ ଟେଲିକମ୍ ଉପଭୋକ୍ତାଙ୍କ ତଥ୍ୟ ଅନୁଯାୟୀ, ଜିଓ ସାରା ଦେଶରେ ୩୯ ଲକ୍ଷରୁ ଅଧିକ ନୂଆ ଗ୍ରାହକଙ୍କୁ ଜୁଲାଇରେ ଯୋଡ଼ିଥିବା ବେଳେ ୨୦୨୩ ଜୁଲାଇ ୩୧ ସୁଦ୍ଧା ଜିଓର ମୋଟ ଗ୍ରାହକ ୪୪.୨ କୋଟିରୁ ଅଧିକ ମୋବାଇଲ ଗ୍ରାହକ ରହିଛନ୍ତି। ସେହିଭଳି ରିଲାଏନ୍ସ ଜିଓ ମଧ୍ୟ ଜୁଲାଇରେ ୧.୯୭ଲକ୍ଷରୁ ଅଧିକ ଜିଓଫାଇବର ହାଇସ୍ପିଡ୍ ବ୍ରଡ୍‌ବ୍ୟାଣ୍ଡ ଗ୍ରାହକ ଯୋଡ଼ିଛି। ଫଳରେ ଦେଶରେ ଜିଓ ଫାଇବର ଗ୍ରାହକଙ୍କ ସଂଖ୍ୟା ୧କୋଟିରୁ ଅଧିକ ହୋଇଛି। ସୂଚନାଯୋଗ୍ୟ, ରିଲାଏନ୍ସ ଜିଓ ଓଡ଼ିଶାରେ ସର୍ବାଧିକ ପସନ୍ଦଯୋଗ୍ୟ ଡିଜିଟାଲ ସେବା ପ୍ରଦାନକାରୀ କମ୍ପାନୀ ହୋଇଥିବା ବେଳେ ଟେଲିକମ୍ ଶିଳ୍ପରେ ମଧ୍ୟ ସର୍ବାଧିକ ଗ୍ରାହକ ଓ ରାଜସ୍ୱ ବଜାର ଅଂଶ ହାସଲ କରିଛି। ଓଡ଼ିଶାର ୧ ନମ୍ବର ଡିଜିଟାଲ ସେବା ପ୍ରଦାନକାରୀ ଭାବେ ଜିଓ ଦ୍ରୁତଗତିରେ ନିଜର ଟ୍ରୁ-୫ଜି ନେଟ୍‌ୱାର୍କକୁ ବିସ୍ତାର କରୁଛି ଏବଂ ରାଜ୍ୟର ସମସ୍ତ ଜିଲାରେ ୫ଜି ନେଟ୍‌ୱାର୍କ ପହଞ୍ଚାଇଥିବା ପ୍ରଥମ ଟେଲିକମ୍ ଅପରେଟର ହୋଇଛି।

## ଏନ୍‌ଏଲ୍‌ସିଆଇଏଲ୍ ସହ ଗ୍ରୀଡ୍‌କୋର ବୁଝାମଣା

ଭୁବନେଶ୍ୱର, ୨୯।୯




ଏନ୍‌ଏଲ୍‌ସି ଇଣ୍ଡିଆ ଲିମିଟେଡ୍ (ଏନ୍‌ଏଲ୍‌ସିଆଇଏଲ୍) ଏବଂ ଗ୍ରୀଡ୍‌କୋ ଲିମିଟେଡ୍ ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ନିକଟରେ ହୋଇଯାଇଛି। ବିଶେଷକରି ଓଡ଼ିଶାରେ ପ୍ରସ୍ତାବିତ ନେଭେଲି ତଲାବିରା ସୁପର କ୍ରିଟିକାଲ ଥର୍ମାଲ ପାୱାର ଷ୍ଟେଶନ (ଏନ୍‌ଟିଟିପିପି)ର ଷ୍ଟେଜ-୧ରେ ୪୦୦ମେଗାୱାଟ ଏବଂ ଷ୍ଟେଜ-୨ରେ ୪୦୦ମେଗାୱାଟର ବିଦ୍ୟୁତ୍ କ୍ରୟ ଚୁକ୍ତି (ପିପିଏ) ପାଇଁ ଭୁବନେଶ୍ୱର ଗ୍ରୀଡ୍‌କୋ ମୁଖ୍ୟାଳୟଠାରେ ଏକ ଚୁକ୍ତିନାମା ସ୍ୱାକ୍ଷର ହୋଇଛି। ଏପରିକି ଉକ୍ତ ବୁଝାମଣା ସହ ଏନ୍‌ଏଲ୍‌ସିଆଇଏଲ୍ ନେଭେଲି ତଲାବିରା ସୁପର କ୍ରିଟିକାଲ ଥର୍ମାଲ ପାୱାର ଷ୍ଟେଶନ ଷ୍ଟେଜ-୧ର ୨୪୦୦ ମେଗାୱାଟକୁ ସମ୍ପୂର୍ଣ୍ଣ କ୍ଷମତା ଅନୁବନ୍ଧିତ କରିଛି। ଏହି ପରିପ୍ରେକ୍ଷୀରେ ଏନ୍‌ଏଲ୍‌ସି ଇଣ୍ଡିଆ ଲିମିଟେଡ୍‌ର ନିର୍ଦ୍ଦେଶକ ଏମ୍. ଭେଙ୍କଟଚଲମ୍ ଏବଂ ଗ୍ରୀଡ୍‌କୋ ଲିମିଟେଡ୍‌ର ନିର୍ଦ୍ଦେଶକ (ଟି ଆଣ୍ଡ ବିଡି) ଉମାକାନ୍ତ ସାହୁ ଉପରୋକ୍ତ (ବିଦ୍ୟୁତ୍ କ୍ରୟ ଚୁକ୍ତି) ଚୁକ୍ତିନାମାରେ ସ୍ୱାକ୍ଷର କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏନ୍‌ଏଲ୍‌ସି ଇଣ୍ଡିଆ ଲିମିଟେଡ୍‌ର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଏମ୍.ପ୍ରସନ୍ନ କୁମାର ମୋଟୁପଲ୍ଲୀ ଏବଂ ଗ୍ରୀଡ୍‌କୋ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ତ୍ରିଲୋଚନ ପଣ୍ଡାଙ୍କ ସମେତ ଗ୍ରୀଡ୍‌କୋ ଲିମିଟେଡ୍‌ର ନିର୍ଦ୍ଦେଶକ (ଏଫ୍ ଆଣ୍ଡ ସିଏ) ଗଗନ ବିହାରୀ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ଭାରତ ସରକାରଙ୍କ କୋଇଲା ମନ୍ତ୍ରଣାଳୟ ଅଧୀନରେ ଥିବା ଏନ୍‌ଏଲ୍‌ସିଆଇଏଲ୍ ଏବଂ ଓଡ଼ିଶା ସରକାରଙ୍କ ଗ୍ରୀଡ୍‌କୋ ଲିମିଟେଡ୍ ମଧ୍ୟରେ ଉପରୋକ୍ତ ଚୁକ୍ତିନାମା ସ୍ୱାକ୍ଷର ହୋଇଛି।

## ସାମ୍‌ସଙ୍ଗ୍‌ର ପାର୍ବଣ ସେଲିଂ

ଭୁବନେଶ୍ୱର, ୨୯।୯

ଚଳିତ ବର୍ଷ ପାର୍ବଣ ଉପଲକ୍ଷେ ସାମ୍‌ସଙ୍ଗ୍ ପକ୍ଷରୁ ପାର୍ବଣ ସେଲିଂର ଶୁଭାରମ୍ଭ ହୋଇଯାଇଛି। ବିଶେଷକରି ସାମ୍‌ସଙ୍ଗ୍‌ର ବଛା ବଛା ସ୍ମାର୍ଟଫୋନ ଉପରେ ଆକର୍ଷଣୀୟ ସ୍ୱତନ୍ତ୍ର ମୂଲ୍ୟ ସମ୍ପର୍କରେ ମଧ୍ୟ ଘୋଷଣା କରାଯାଇଛି। ଯେଉଁଥିରେ ସାମ୍‌ସଙ୍ଗ୍ ଗାଲାକ୍ସି ଏମ୍ ଓ ଗାଲାକ୍ସି ଏଫ୍ ସିରିଜ୍ ଅନ୍ତର୍ଭୁକ୍ତ ରହିଛି। ଏପରିକି ଗ୍ରାହକମାନେ ବର୍ତ୍ତମାନ ଗାଲାକ୍ସି ଏମ୍ ୦୪ ଓ ଗାଲାକ୍ସି ଏଫ୍ ୦୪କୁ ପ୍ରାରମ୍ଭିକ ମୂଲ୍ୟ ୬,୪୯୯ ଟଙ୍କାରୁ କିଣିପାରିବେ। ସେହିଭଳି ଗାଲାକ୍ସି ଏମ୍ ୦୪ ଓ ଗାଲାକ୍ସି ଏଫ୍ ୦୪ରେ ଅତୁଳନୀୟ ଷ୍ଟାଇଲ୍ ରହିଛି। ଏହା ବିନା କୌଣସି ବ୍ୟାଘାତରେ ନିରନ୍ତର କାର୍ଯ୍ୟଦକ୍ଷତା ପ୍ରଦାନ କରିଥାଏ। ବିଶେଷକରି ଏହା ନୂତନ ଜେନ୍ ଜେଡ୍‌ଙ୍କ ଆବଶ୍ୟକତା ପୂରଣ କରିବା ପାଇଁ ସର୍ବୋତ୍କୃଷ୍ଟ । ସେହିପରି ଗାଲାକ୍ସି ଏମ୍ ୦୪ ସେହିସବୁ ଗ୍ରାହକମାନଙ୍କ ପାଇଁ ଡିଜାଇନ କରାଯାଇଛି, ଯେଉଁମାନେ ଉଚ୍ଚ କାର୍ଯ୍ୟଦକ୍ଷତାସମ୍ପନ୍ନ ଡିଭାଇସ୍ ଚାହିଁଥାନ୍ତି, ଯାହାକି ମଲ୍‌ଟି ଟାସ୍କିଂ ପାଇଁ ସର୍ବୋତ୍କୃଷ୍ଟ ଓ ସେମାନଙ୍କୁ ସର୍ବଦା ଆଗରେ ରଖିଥାଏ। ଏଥିରେ ୮ଜିବି ମେମୋରି ସହିତ ରାମ୍ ପ୍ଲସ୍ ବୈଶିଷ୍ଟ୍ୟ, ବ୍ୟାପକ ୧୨୮ଜିବି ଷ୍ଟୋରେଜ୍ ରହିଛି, ଯାହାକି ୧ଟିବି ପର୍ଯ୍ୟନ୍ତ ସମ୍ପ୍ରସାରଣଯୋଗ୍ୟ ଓ ଦୀର୍ଘସ୍ଥାୟୀ ୫୦୦୦ଏମ୍‌ଏଏଚ୍ ବ୍ୟାଟେରି ସାମିଲ ରହିଛି। ଅପରପକ୍ଷରେ ଗାଲାକ୍ସି ଏମ୍ ୦୪ରେ ଷ୍ଟାଇଲିଶ୍ ଗ୍ଲସି ଡିଜାଇନ ସାମିଲ ରହିଛି। ଏହା ଏକ ଅତୁଳନୀୟ ସ୍ମାର୍ଟଫୋନ୍ ଅନୁଭବ ପ୍ରଦାନ କରିଥାଏ। ଗାଲାକ୍ସି ଏମ୍ ୧୩ ଓ ଗାଲାକ୍ସିଏଫ୍ ୧୩ର ପ୍ରାରମ୍ଭିକ ମୂଲ୍ୟ ୯୧୯୯ ଟଙ୍କାରେ ଉପଲବ୍ଧ। ଗାଲାକ୍ସି ଏମ୍ ୧୩ରେ ଗାଲାକ୍ସି ଏମ୍ ୫୦ ଏମ୍‌ପି ଟ୍ରିପଲ୍ କ୍ୟାମେରା ଓ ବୃହତ୍ ୬୦୦୦ଏମ୍‌ଏଏଚ୍ ବ୍ୟାଟେରି ରହିଛି। ଗାଲାକ୍ସି ଏମ୍ ୧୩ରେ ୬.୬''ଫୁଲ୍ ଏଚ୍‌ଡି+ଡିସ୍‌ପ୍ଲେ ରହିଛି। ବିଶେଷକରି ବିଞ୍ଜ ୱାଚରମାନଙ୍କ ପାଇଁ ଏହା ଡିଜାଇନ କରାଯାଇଛି। ଯେଉଁମାନେ ତାଙ୍କର ପ୍ରିୟ କଣ୍ଟେଣ୍ଟକୁ ସବୁ ସମୟରେ ଉପଭୋଗ କରିପାରିବେ। ଏଥିରେ ମନଷ୍ଟର ୬୦୦୦ ଏମ୍‌ଏଏଚ୍ ବ୍ୟାଟେରି ରହିଛି, ଯାହାକି ୟୁଜରମାନଙ୍କୁ ସର୍ବଦା ଶକ୍ତି ପ୍ରଦାନ କରିଥାଏ। ଏହା ସହ ଏଥିରେ ୫୦ଏମ୍‌ପି ଟ୍ରିପଲ୍ କ୍ୟାମେରା ରହିଛି।

ଫୁରସତ୍



ପ୍ରଭାସ

## ଡିସେମ୍ବରରେ ରିଲିଜ ହେବ ସାଲାର

**ମୁମ୍ବାଇ:** ଶାହରୁଖ ଖାନ୍‌ଙ୍କ 'ପଠାନ' ଏବଂ 'ଯବାନ' ବ୍ଲକବଷ୍ଟର ହୋଇସାରିବା ପରେ ଏବେ ଅଭିନେତା ରାଜକୁମାର ହିରାନୀଙ୍କ ମୁଭି 'ଡଙ୍କି' ରିଲିଜ ପାଇଁ ପ୍ରସ୍ତୁତ ହେଉଛି। ସମସ୍ତ କଳ୍ପନାଜଳ୍ପନା ମଧ୍ୟରେ ଏବେ ନିଶ୍ଚିତ ହୋଇଛି ଯେ ଏହି ଖ୍ରୀଷ୍ଟମାସରେ ଶାହାରୁଖ ଖାନ୍ ଓ ପ୍ରଭାସଙ୍କ ଚଳଚ୍ଚିତ୍ର ପରସ୍ପରକୁ ଟକ୍କର ଦେବେ। କାରଣ ଉଭୟ ଅଭିନେତାଙ୍କ ଆଗାମୀ ମୁଭି ଏକ ସମୟରେ ରିଲିଜ ହେବ। ଫିଲ୍ମ ଟ୍ରେଡ ଆନାଲିଷ୍ଟ ମନୋବାଲା ବିଜୟବାଲାନ ସାଲାର ପାର୍ଟ :୧ ରିଲିଜ ତାରିଖ ଟୁଇଟରରେ (ଏକ୍ସ)ରେ ଏକ ଅପଡେଟ ଶେୟାର କରିଛନ୍ତି। ସେ ଟୁଇଟ କରି କହିଛନ୍ତି, ବ୍ରେକିଙ୍ଗ ପାନ ଇଣ୍ଡିଆ ତାରକା ପ୍ରଭାସଙ୍କ 'ସାଲାର' ୨୨ ଡିସେମ୍ବର ୨୦୨୩ରେ ସାରା ବିଶ୍ୱରେ ବଡ ପରଦାରେ ରିଲିଜ ହେବ। ସାଲାର ପାର୍ଟ ୧: ସିଜ୍‌ଫାୟାର ଡିସେମ୍ବର ୨୨ରେ (ଫାୟାର ଇମୋଜି)। ଶାହାରୁଖ ଖାଁଙ୍କ ଡଙ୍କି ସହ କ୍ଲାସ୍। ଡେଟ୍ ଏତେ ଭଲ ଯେ ପ୍ରଶାନ୍ତ ନୀଲଙ୍କ ସାଲାର ବିଶ୍ୱର ବକ୍ସ ଅଫିସରେ ବର୍ଷର ଏକ ଐତିହାସିକ ଆରମ୍ଭ ହେବ। କିଛି ବୈଷୟିକ ସମସ୍ୟା ହେତୁ ସାଲାର ରିଲିଜ ତାରିଖ ସ୍ଥଗିତ ରଖାଯାଇଥିଲା। ଏହା ପୂର୍ବରୁ ସେପ୍ଟେମ୍ବର ୨୮ରେ ଏହା ରିଲିଜ ହେବାର ଥିଲା। ବର୍ତ୍ତମାନ ଏହା ୨୨ ଡିସେମ୍ବରରେ ରିଲିଜ ହେଉଛି। ଖବର ଅନୁଯାୟୀ ଡଙ୍କି ସେହିଦିନ ତାର ଖ୍ରୀଷ୍ଟମାସ ସ୍ଲଟ୍ ପୂର୍ବରୁ ବୁକ୍ କରିସାରିଛନ୍ତି, କିନ୍ତୁ ରିଲିଜ ତାରିଖ ଏପର୍ଯ୍ୟନ୍ତ ଘୋଷଣା କରାଯାଇ ନାହିଁ।

## ବୋଧଗମ୍ୟତାକୁ ସହଜ କରେ ଅନୁବାଦ

### ଅନ୍ତର୍ଜାତୀୟ ଅନୁବାଦ ଦିବସ



ଜଣଙ୍କର ଭାଷା ଅନ୍ୟ ଜଣେ ନ ବୁଝିପାରିଲେ ଭାବର ଆଦାନ ପ୍ରଦାନ ସମ୍ଭବ ହୋଇ ପାରେ ନାହିଁ। ଫଳରେ ଜଣଙ୍କର ଭାବାବେଗ ଠିକ୍ ଭାବେ ଅନ୍ୟ ଜଣେ ଜାଣି ପାରେନା। ଏହା ଦ୍ୱାରା ସମସ୍ୟା ସୃଷ୍ଟି ହୋଇଥାଏ। ଏଭଳି ସ୍ଥିତି ଗୋଟିଏ ପରିବାରଠାରୁ ଆରମ୍ଭ କରି ଦୁଇ ଭିନ୍ନ ସମାଜ ଏବଂ ଦେଶ ଦେଶ କ୍ଷେତ୍ରରେ ମଧ୍ୟ ପ୍ରଯୁଜ୍ୟ। ଗୋଟିଏ ଦେଶର ଭାଷା ଅନ୍ୟ ପଡ଼ୋଶୀ ଦେଶ ନ ବୁଝିପାରିଲେ ସମ୍ପର୍କରେ ଦୂରତା ବଢ଼େ। ଫଳରେ ସମ୍ପର୍କ ସ୍ଥାପନ କଷ୍ଟକର ହୋଇଯାଏ। ଏ କ୍ଷେତ୍ରରେ ଦୁଇ ଦେଶର ଭାଷା ବୁଝୁଥିବା ଜଣେ ଲୋକଙ୍କ ଦ୍ୱାରା ଭାବର ଆଦାନ ପ୍ରଦାନ କରାଯାଇପାରେ। ଭାବ ଆଦାନ ପ୍ରଦାନରେ ଭାଷାର ଉପଯୋଗିତା ଏବଂ ଗୋଟିଏ ଭାଷାକୁ ଅନ୍ୟ ଭାଷାରେ ଅନୁବାଦର ବ୍ୟବହାରକୁ ଉପଲବ୍ଧି କରି ପ୍ରତିବର୍ଷ ସେପ୍ଟେମ୍ବର ୩୦ରେ ଅନ୍ତର୍ଜାତୀୟ ଅନୁବାଦ ଦିବସ ପାଳନ କରାଯାଇଥାଏ। ଏହି ଦିନ ଉତ୍ତର-ପୂର୍ବ ଇଟାଲୀର ସେଣ୍ଟ ଜେରୋମେଙ୍କ ପରଲୋକ ଘଟିଥିଲା। ସେ ପ୍ରଥମେ ବାଇବେଲର ଲାଟିନ ଭାଷାରେ ଅନୁବାଦ କରିଥିଲେ। ଭାଷାଗତ ବ୍ୟବଧାନ ଦୂର ହେବା ନିତାନ୍ତ ଆବଶ୍ୟକ ବୋଲି ତାଙ୍କର ଦୃଢ଼ ମତ ଥିଲା। ତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ପୂର୍ବକ ଅନ୍ତର୍ଜାତୀୟ ଅନୁବାଦ ଦିବସ ପାଳନ କରାଯାଉଛି।

୨୦୦୫ଠାରୁ ଏହି ଦିନ ଜାତିସଂଘ ପକ୍ଷରୁ ସଦସ୍ୟ ରାଷ୍ଟ୍ରଙ୍କ ମଧ୍ୟରେ ଅନୁବାଦ ପ୍ରତିଯୋଗିତା ଆୟୋଜନ କରାଯାଉଛି। ବିଶ୍ୱ ଅନୁବାଦ ଦିବସ ପାଳନ ପାଇଁ ୨୦୧୭ ମେ' ୨୪ରେ ଜାତିସଂଘ ମହାସଭାରେ ଏକ ପ୍ରସ୍ତାବ ଗୃହୀତ ହୋଇଥିଲା। ୨୦୧୮ଠାରୁ ପ୍ରତିବର୍ଷ ଅନ୍ତର୍ଜାତୀୟ ଅନୁବାଦ ଦିବସ ପାଳନ କରାଯାଉଛି। ୧୯୪୬ ଖ୍ରୀଷ୍ଟାବ୍ଦରେ ପ୍ରକାଶିତ ପରମହଂସ ଯୋଗାନନ୍ଦଙ୍କ ଦ୍ୱାରା ଲିଖିତ 'ଅଟୋବାଇଓଗ୍ରାଫି ଅଫ ଏ ଯୋଗୀ' ପୃଥିବୀର ୫୦ଟିରୁ ଅଧିକ ଭାଷାରେ ଅନୁବାଦ ହୋଇ ପାରିଛି। ପୋଲାଣ୍ଡର ପ୍ରସିଦ୍ଧ ଗାଳ୍ପିକ ଆଇଜାକ ବାସେଭିସ ସିଙ୍ଗର ତାଙ୍କ କାଳଜୟୀ କାହାଣୀ ଏବଂ ଉପନ୍ୟାସ ତାଙ୍କ ମାତୃଭାଷା ୟିଡିସରେ ଲେଖୁଥିଲେ । ଏହି ଭାଷାଟି ଅତ୍ୟନ୍ତ କମ ଲୋକଙ୍କ ଦ୍ୱାରା ବ୍ୟବହୃତ ଭାଷା ଥିଲା। ପରେ ତାଙ୍କ ପୁସ୍ତକର ଇଂଲିଶ ଅନୁବାଦ ତାଙ୍କୁ ବିଶ୍ୱପ୍ରସିଦ୍ଧ କରିଥିଲା। ସାହିତ୍ୟରେ ଏହା ନୋବେଲ ପୁରସ୍କାର ହାସଲ କରିଥିଲା।

ବ୍ରାଜିଲର ଲେଖକ ପାଉଲୋ କୋଏଲହୋଙ୍କ ରଚିତ ପୁସ୍ତକ 'ଆଲକେମିଷ୍ଟ' ୮୦ଟି ବିଭିନ୍ନ ଭାଷାରେ ଅନୁବାଦ ହୋଇ ସାରା ପୃଥିବୀରେ ଲୋକପ୍ରିୟ ହୋଇ ପାରିଛି। କରିଛି। ବେଲଜିୟମର ଟିନ୍‌ଟିନ କମିକ୍ସ ୯୩ଟି ଭାଷାରେ ଅନୁବାଦ ହୋଇ ବିଶ୍ୱବ୍ୟାପୀ ପିଲାମାନଙ୍କର ଅତି ପ୍ରିୟ ହୋଇପାରିଛି। ଲିୱିସ କାରୋଲଙ୍କ ଲିଖିତ ଇଂଲିଶ ପୁସ୍ତକ ଏଲିସସ ଆଡଭେଞ୍ଚର୍ସ ଇନ ୱଣ୍ଡରଲାଣ୍ଡ' ୧୭୫ଟି ବିଭିନ୍ନ ଭାଷାରେ ଅନୁବାଦ ହୋଇଛି। ଅନୁବାଦ ଯୋଗୁ ଅନେକ ପୁସ୍ତକ ଲୋକପ୍ରିୟ ହୋଇ ପାରିଛି। ଆମ ଓଡିଆ ଭାଷାର ଭକ୍ତ କବି ଅତିବଡୀ ଜଗନ୍ନାଥ ଦାସ ହେଉଛନ୍ତି ଅନୁବାଦର ଏକ ଅତ୍ୟନ୍ତ ଉଜ୍ଜ୍ୱଳ ଉଦାହରଣ। ତାଙ୍କ ମା' ବ୍ୟାସଦେବଙ୍କ ରଚିତ ମୂଳ ସଂସ୍କୃତ ଭାଗବତ ବୁଝିପାରିଲେ ନାହିଁ ବୋଲି ଜଗନ୍ନାଥ ଦାସ ତାକୁ ଓ ଅନୁବାଦ କରିଥିଲେ, ଯାହା ଆମ ଓଡ଼ିଆ ଭାଷାର ପ୍ରାଣପିଣ୍ଡ ହୋଇ ପାରିଛି। ଗାଁ ଗାଁରେ ଭାଗବତ ଟୁଙ୍ଗୀ ଭାଗବତକୁ ଏକ ନୂତନ ପରିଚୟ ଦେଇ ପାରିଛି। ସେହିପରି ବ୍ୟାସକବି ଫକୀର ମୋହନ ସେନାପତି ତାଙ୍କ ଗଳ୍ପ ଓ ଉପନ୍ୟାସର ଇଂଲିଶ ଅନୁବାଦ କରି ପୃଥିବୀରେ ପରିଚିତ ହେବା ସହିତ ଉଚ୍ଚ ପ୍ରଶଂସିତ ହୋଇ ପାରିଛନ୍ତି।

## ବିବାହ ଲେହେଙ୍ଗାରେ ଜେଜେମା'ଙ୍କୁ ଶ୍ରଦ୍ଧାଞ୍ଜଳି ଦେଲେ ପରିଣୀତି

ମୁମ୍ବାଇ



ଅଭିନେତ୍ରୀ ପରିଣୀତି ଚୋପ୍ରା ଓ ରାଘବ ଚଢା ସେପ୍ଟେମ୍ବର ୨୪ରେ ବିବାହ ବନ୍ଧନରେ ବାନ୍ଧି ହୋଇଛନ୍ତି। ଉଦୟପୁରର ଲିଲା ପ୍ୟାଲେସରେ ଦୁଇ ଲଭବାର୍ଡଙ୍କ ବିବାହ ଧୁମ୍‌ଧାମରେ ଅନୁଷ୍ଠିତ ହୋଇଛି। ତେବେ ବିବାହରେ ପରିଣୀତି ପିନ୍ଧିଥିବା ଲେହେଙ୍ଗାକୁ ଫ୍ୟାନ୍ସ ବହୁତ ପସନ୍ଦ କରିଛନ୍ତି। ଅଫ ହ୍ୱାଇଟ ରଙ୍ଗର ଏହି ଲେହେଙ୍ଗାକୁ ମନୀଷ ମଲହୋତ୍ରା ଡିଜାଇନ କରିଛନ୍ତି। ପରିଣୀତିଙ୍କ ଏହି ଲେହେଙ୍ଗାରେ ତାଙ୍କ ଜେଜେମା'ଙ୍କର ସ୍ମୃତି ରହିଛି ବୋଲି ନିକଟରେ ମନୀଷ କହିଛନ୍ତି। ତାଙ୍କ ଲେହେଙ୍ଗାରେ ଛଲ୍ଲା(ପାରମ୍ପରିକ କି ଚେନ୍) ଲଗାଯାଇଛି। ଏହାକୁ ଲଗେଇବାକୁ ପରିଣୀତି ହିଁ ମନୀଷଙ୍କୁ କହିଥିଲେ। ପରିଣୀତିଙ୍କ ଜେଜେମାଆ ଏହି କି ଚେନ୍ ସବୁବେଳେ ପିନ୍ଧିଥାନ୍ତି। ତେଣୁ ଏହାକୁ ନିଜ ଲେହେଙ୍ଗାରେ ଡିଜାଇନିଂ କରି ପରିଣୀତି ତାଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଛନ୍ତି। ସୋସିଆଲ ମିଡିଆରେ ପୋଷ୍ଟ କରି ପରିଣୀତି ବିବାହ ପାଇଁ ମନୀଷଙ୍କ ସହମତ ଶୁଭେଚ୍ଛା ଜଣାଇଥିବା ଫ୍ୟାନ୍ସଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି।

## ପାକିସ୍ତାନର ଅମ୍ବାନୀ

ଇସଲାମାବାଦ



ଭାରତର ପଡ଼ୋଶୀ ଦେଶ ବର୍ତ୍ତମାନ ପାକିସ୍ତାନ ଅର୍ଥନୈତିକ ଅଚଳାବସ୍ଥା ଦେଇ ଗତି କରୁଛି। ସେଠାରେ ପ୍ରତିଟି ଜିନିଷର ଦର ଆକାଶଛୁଆଁ ହୋଇଛି। ହେଲେ ପାକିସ୍ତାନର ଅଚଳାବସ୍ଥା ସମୟରେ କିଛି ଲୋକ ଏଭଳି ଅଛନ୍ତି ଯାହାଙ୍କ ସମ୍ପତ୍ତି ଲଗାତର ବୃଦ୍ଧି ପାଉଛି। ସେମାନଙ୍କ ମଧ୍ୟରେ ଜଣେ କୋଟିପତି ଅଛନ୍ତି ଯାହାଙ୍କୁ 'ପାକିସ୍ତାନର ଅମ୍ବାନୀ' କୁହାଯାଏ। ପାକିସ୍ତାନର ଏହି କୋଟିପତି ଆମେରିକାରେ ରୁହନ୍ତି। ହେଲେ ସେ ନିଜ ଦେଶରେ ସମାଜସେବା କାମ କରୁଛନ୍ତି। ତାଙ୍କ ସମ୍ପତ୍ତି ଅନେକ ଭାରତୀୟ କୋଟିପତିଙ୍କଠାରୁ ମଧ୍ୟ ଅଧିକ। ନିକଟରେ ତାଙ୍କ ଝିଅ ସନା ଖାନ୍ ନିଜର ୧୨୩ କୋଟି ଟଙ୍କାର ସମ୍ପତ୍ତି ଦାନ କରି ଚର୍ଚ୍ଚାକୁ ଆସିଥିଲେ। ଆମେରିକାରେ ପାକିସ୍ତାନୀ ବଂଶୋଦ୍ଭବ ସବୁଠାରୁ ଧନୀ କୁହାଯାଉଥିବା ଏହି ବ୍ୟକ୍ତିଙ୍କ ନାମ ହେଉଛି ଶାହିଦ ଖାନ୍। ତାଙ୍କୁ ସ୍ୱୋଟ୍ସ ଟାଇକୁନ ମଧ୍ୟ କୁହାଯାଏ। ଆମେରିକାର ଲୋକପ୍ରିୟ ମୋଟର ସାଇକେଲ ସପ୍ଲାୟର କମ୍ପାନୀ ଫ୍ଲେକ୍ସ-ଏନ-ଗେଟ୍ର ସେ ମାଲିକ। ଏହାଛଡ଼ା ନ୍ୟାଶନାଲ ଫୁଟବଲ ଲିଗ୍ ଟିମ୍ ଜ୍ୟାକ୍ସନଭିଲେ ଜାଗୁଆର୍ସ, ପ୍ରିମିୟର ଲିଗ୍‌ର ଫୁଟବଲ କ୍ଲବ୍ ଫୁଲ୍‌ହାମ ଏଫ୍‌ସି ଏବଂ ରେସଲିଂ ଟିମ୍ ଏଲିଟ ରେସଲିଂର ମଧ୍ୟ ସେ ମାଲିକ । ଏହାଛଡ଼ା ସେ ଅନେକ ଗଣମାଧ୍ୟମ କମ୍ପାନୀରେ ମଧ୍ୟ ଟଙ୍କା ନିବେଶ କରିଛନ୍ତି। ୧୯୫୦ ଜୁଲାଇ ୧୮ରେ ଶାହିଦଙ୍କ ଜନ୍ମ ଲାହୋରରେ ହୋଇଥିଲା। ସେ ୨୦୧୨ରେ ଫୋର୍ବ୍ସ ପତ୍ରିକାର ଫ୍ରଣ୍ଟ କଭରରେ ନଜର ଆସିଥିଲେ। ୨୦୨୧ରେ ଫୋର୍ବ୍ସର ଧନୀ ବ୍ୟବସାୟୀ ତାଲିକାରେ ସେ ୯୪ତମ ସ୍ଥାନରେ ଏବଂ ବିଶ୍ୱର ଧନୀ ବ୍ୟବସାୟୀ ତାଲିକାରେ ୨୯୧ ନମ୍ବର ସ୍ଥାନରେ ରହିଥିଲେ। ଏବେ ତାଙ୍କର ମୋଟ ସମ୍ପତ୍ତି ୧ ଲକ୍ଷ କୋଟି ବୋଲି ଜଣାପଡ଼ିଛି।

# ଅଣ୍ଟା ଚାବିପେନ୍ଥା

ଗଳ୍ପ

ପ୍ରତାପ ବିଶ୍ୱାଳ

ମୋ' ଜେଜେମା' କାଳେ ତା' ଅଣ୍ଟାରେ ଚାବିପେନ୍ଥା ଝୁଲାଉଥିଲା। ଉତ୍ତରାଧିକାର ସୂତ୍ରରେ ସିଏ ଆସିଥିଲା ମୋ' ବୋଉ ପାଖକୁ। ମୁଁ ମୋ' ଛୋଟବେଳୁ ଦେଖୁଛି ସେଇ ଗୋଲାକାର ରୁପାରେ ତିଆରି ଉପରକୁ ହୁକ ଭଳି ଥିବା ଚାବିପେନ୍ଥାଟା ବୋଉ ଅଣ୍ଟାରେ ଝୁଲୁଥିବାର। ଦାଣ୍ଡ ଓ ଘର ଭିତର କୋଳପ ଚାବି ସବୁକୁ ଛାଡ଼ି ସିନ୍ଦୁକ, ଆଲମିରା, ପେଟେରା, ଟ୍ରଙ୍କ୍ ସବୁର ଚାବି ଥାଏ ସେ ପେନ୍ଥାରେ। ସିନ୍ଦୁକରେ ଥାଏ ସବୁ ଆଳିମାଳିକା ଜିନିଷ। ଆଚାର, ବଡ଼ିଠାରୁ ଆରମ୍ଭ କରି ପୁରୁଣା ଗାଈଘିଅଯାଏଁ। ଆଲମିରାରେ ଜମିଜମା କାଗଜପତ୍ର, ଜାତକ, ଖଞ୍ଜଣା, ଜଳକରର ପାଉତି, ମୋର ସାର୍ଟିଫିକେଟ। ଟ୍ରଙ୍କ୍‌ରେ ବୋଉର ଲୁଗାପଟା, ବାପାଙ୍କ ଧୋତି ପଞ୍ଜାବି। ମୋର ଶାର୍ଟ ପ୍ୟାଣ୍ଟ ବି। ପେଟରାରେ କ'ଣ ଥାଏ ସେଇଟା ଗୁପ୍ତ। ବୋଉ ଛଡ଼ା ବାପା ସେତେବେଳେ ଜାଣିଥିବେ କି ନାହିଁ ସନ୍ଦେହ। କାହିଁକି ଯେ ଜେଜେମା', ବୋଉ ଚାବିପେନ୍ଥା ଅଣ୍ଟାରେ ଝୁଲାଇଥା'ନ୍ତି ସେ କଥା ବୁଝିବା ମୁସ୍କିଲ। ଥରେ ପଚାରିଥିଲି ସେଇ ପିଲାବେଳେ: ବୋଉ ଏ ଚାବିପେନ୍ଥାକୁ କାହିଁକି ଅଣ୍ଟାରେ ରଖିଛୁ? ବୋଉ କହିଥିଲା: ସମୟ ଆସିଲେ କହିବି।

ବାପା ଦୁଇ ଭାଇ। ଆମେ ବି ଦୁଇଭାଇ। ଗୋଟିଏ ଭଉଣୀ। ମୁଁ ବଡ଼। ମୋ' ତଳେ ଭଉଣୀ। ତା' ତଳେ ସାନଭାଇ। ଭଉଣୀର ବାହାଘରକୁ ତିନି ବର୍ଷ ବିତିଗଲାଣି। ମୋ' ବାହାଘର ବି ବର୍ଷେ ହେଲା ସରିଲାଣି। ଏକାନ୍ନ ପରିବାର ହେଲେ ବି ଦାଦାଙ୍କ ପରିବାର ବାହାରେ। ସମ୍ପର୍କରେ କିନ୍ତୁ ଟିକିଏ ବି ଊଣା ନ ଥାଏ। ପ୍ରାୟ ସବୁ ପର୍ବପର୍ବାଣିକୁ ସେମାନେ ସମସ୍ତେ ଘରକୁ ଆସନ୍ତି। ଘରଟା ସେଇ କେତେଦିନ ପୂରିଲା ପୂରିଲା ଲାଗେ। ହସଖୁସିରେ ଦିନ ଯାଏ। ଦାଦାଙ୍କର ପୁଅଟିଏ, ଝିଅଟିଏ। ଝିଅକୁ ବାର, ପୁଅକୁ ନ' ବର୍ଷ। ସେମାନେ ବୋଉକୁ ଏତେ ଭଲପାଆନ୍ତି ଯେ ଗଲାଦିନ ନ କାନ୍ଦି ଯିବାର ମୁଁ କେବେ ଦେଖିନି।

ସାନଭାଇର ବାହାଘର ଦୁଇଦିନ ଅଛି ବୋଉ ସେ ଚାବିପେନ୍ଥାଟା ଆଣି ମୋ' ସ୍ତ୍ରୀକୁ ଦେଇ କହିଲା: ନେ ଏ ଚାବିପେନ୍ଥାଟା ରଖ। ଶୋଇଲାବେଳ, ଗାଧୋଇଲାବେଳ ଛଡ଼ା ଯାକୁ କେବେ ଅଣ୍ଟାରୁ ବାହାର କରିବୁନି। ଦାଦା ଘରେ ନ ଥିଲେ। ମୋ' ସ୍ତ୍ରୀ କହିଥିଲେ: କାହିଁକି ବୋଉ! ଇଏ ତ ତୁମ ପାଖରେ ଅଛି। ଥାଉ। ମୁଁ ନେଇ କ'ଣ କରିବି? ବୋଉ ଜବରଦସ୍ତି ତାଙ୍କ ହାତକୁ ଦେଇ କହିଲା: ତୋତେ କହିଲିନା ରଖ ବୋଲି। ସ୍ତ୍ରୀ ମୋର ଡରି ଯାଇ କହିଲେ: ଦେବେ ଯଦି ଖୁଡ଼ୀଙ୍କୁ ଦେଉନାହାନ୍ତି। ସେ କ'ଣ ଭାବିବେ?

ତୁ କ'ଣ ଭାବୁଛୁ ମୁଁ ଖୁଡ଼ୀକୁ ନ ପଚାରି ଦେଉଛି ବୋଲି। ତୋ' ଖୁଡ଼ୀ ବି ଏକମତ। ତା'ପରେ ସିଏ ତ ତା' ପିଲାମାନଙ୍କ ସହ ବାହାରେ। ସିଏ କେମିତି ସମ୍ଭାଳିପାରନ୍ତା ଯାକୁ ନେଇ। ପରମ୍ପରା ଅନୁଯାୟୀ ଘରର ବଡ଼ବୋହୂର ଏହା ପ୍ରାପ୍ୟ।

ବାହାଘର ପାଇଁ ବନ୍ଧୁବାନ୍ଧବ ଘରେ ଭର୍ତ୍ତି। ତେଣୁ କଥା ଆଗକୁ ନ ଦେଇ ସ୍ତ୍ରୀ ଚାବିପେନ୍ଥାକୁ ଧରିଲେ। ବୋଉ ତାଙ୍କ ହାତରୁ ପୁଣି ଚାବିପେନ୍ଥାଟା ନେଇ ତାଙ୍କ ଅଣ୍ଟା ପାଖ ଅଣ୍ଟାସୂତାରେ ନିଜ ହାତରେ ଟାଙ୍ଗି ଦେଇ ଠାକୁରଙ୍କ ଉଦ୍ଦେଶ୍ୟରେ ହାତଯୋଡ଼ି କହିଲା: ହେ ବଡ଼ଠାକୁର, ତୋ' କରୁଣା ଏହିପରି ସବୁବେଳେ ଏ ଘର ପ୍ରତି ରହିଥାଉ।

ବୋଉ ଠାକୁରଙ୍କୁ ଡାକିବା ଦେଖି ହେଉ କିମ୍ବା ଏହା ଏକ ସାମାଜିକ ଧାରା ହେଉ ମୋ' ସ୍ତ୍ରୀ ବି ନଇଁପଡ଼ି ଶାଶୁଙ୍କ ପାଦଧୂଳି ଆଣି ମଥାରେ ମାରିଲାବେଳେ ତାକୁ କୋଳେଇ ନେଇ ବୋଉ ତା' ମଥାରେ ଗୋଟାଏ ଚୁମ୍ବନ ଦେଇ କହିଲା: ଠାକୁର ତୋତେ ସଦୟ ହୁଅନ୍ତୁ। ଏ ସଂସାର ନାଆକୁ ଠିକ୍ ବାଟେ ଚଳା।

ମୋ' ସ୍ତ୍ରୀ ଏସବୁ କଥା କହିଥିଲେ ମୋତେ ସେଦିନ ରାତିରେ। ଶୋଇବା ଘରେ। ଅଣ୍ଟାରେ ଚାବିପେନ୍ଥା ଟାଙ୍ଗିଲା ପରେ ଦିନଯାକ ବାହାଘରର ଖଟଣିକୁ, ସେ ଜାଗାଟା ଝାଳ ଲାଗି ନାଲି ପଡ଼ି ଫଳିଯାଇଥିଲା।

ମୁଁ ବି ବୁଝିପାରୁ ନଥିଲି ଚାବିପେନ୍ଥାକୁ ଅଣ୍ଟାରେ ଝୁଲାଇବାର ରହସ୍ୟ। ପୁଣି ଘରର ବଡ଼ବୋହୂ ଉପରେ ନ୍ୟସ୍ତର କାରଣ। ଚାବି ଦେବା ପୂର୍ବରୁ ବାହାଘରର ସବୁ ଦାୟିତ୍ୱ ବୁଝୁଥିଲା ବୋଉ। ନିର୍ବନ୍ଧଠାରୁ କୁଣିଆ ମୈତ୍ରଙ୍କ ଚର୍ଚ୍ଚା, ଖର୍ଚ୍ଚ ଭଲମନ୍ଦ ସମସ୍ତଙ୍କ କଥା। କିନ୍ତୁ ଚାବି ଦେଲା ପରେ ସେ ଯେମିତି ଓଲଟା ମଣିଷ ପାଲଟିଗଲା। ଯାହା ପଚାରିଲେ କହୁଥିଲା: ବଡ଼ବୋହୂକୁ ପଚାରି କର। ମୋ' ସ୍ତ୍ରୀଙ୍କୁ ଖରାପ ଲାଗୁଥିଲା ଏସବୁ କଥା। ସେ ବୋଉକୁ କିଛି ନ କହି ମୋତେ ଧୀରେ କହୁଥିଲେ: ବୋଉ ମୋତେ ଚାବି ଦେଲାଠାରୁ ପୂରା ବଦଳିଯାଇଛନ୍ତି। ସବୁ ମୋ' ମୁଣ୍ଡକୁ ଠେଲି ଦେଉଛନ୍ତି।

ବଡ଼ ମାଈଁ ଆସିଥିଲେ ବାହାଘର ଦିନ। ମୋ' ସ୍ତ୍ରୀ ମୁଣ୍ଡିଆମାରି ଉଠୁ ଉଠୁ ଚାବିପେନ୍ଥାର ଝଣଝଣ ଶବ୍ଦ ଶୁଣି ମାଈଁ କହିଲେ: ମୁଁ ପରା ସେଦିନଠୁ କହୁଛି ବୋହୂକୁ ଚାବି ଦେଇ ଦେ ବୋଲି। ତାଙ୍କ ସଂସାର ସେ ସମ୍ଭାଳିବେ। ତୁ କାହିଁ ସେଥିରେ ଆଉ ଏ ବୟସରେ ପଶୁଛୁ। ସଂସାର ସାଗରରେ ଆଉ ଉବୁଟୁବୁ ନ ହୋଇ ଭଗବାନ୍‌ଙ୍କ ଶରଣ ନେ। ଯାହାହେଉ ଦେଇଛି ଭଲ କରିଛି।

ଯୋଗକୁ ମୁଁ ଥିଲି ସେଠି। କହିଲି: ମାଈଁ ଏ ଚାବିପେନ୍ଥାଟା କ'ଣ ଏମିତି ସଂସାରକୁ ସାଗର କରି ବୋଉକୁ ଉବୁଟୁବୁ କରି ତା'ର ଅସୁବିଧା କରି ଚାଲିଥିଲା। ବୋଉ ବାଧହେଲା ବୋହୂକୁ ଦେବାକୁ? ଖାଲି ଚାବିପେନ୍ଥାଟାଏ ଇଏ। ଆଜିକାଲି କ'ଣ ଆଉ ସିନ୍ଦୁକ, ଟ୍ରଙ୍କ୍‌ର ବ୍ୟବହାର ହେଉଛି ଯେ ଦରକାରରେ ଆସିବ? ବରଂ କୁହ ଅଣ୍ଟାରେ ରହି ଅଣ୍ଟା ତାଙ୍କର ଘା' ହୋଇଯିବ।

ମାଈଁ ଚିହିଁକି କହିଲେ: କିଏ କହିଲା ସିନ୍ଦୁକ, ଟ୍ରଙ୍କ୍‌ରେ କିଛି ନାହିଁ। ଏଥିରେ ଅଛି ଅତୀତର ନିବିଡ଼ତା। ଏଥିରେ ଭରିରହିଛି ପରିବାର ମଧ୍ୟରେ ଥିବା ସ୍ନେହ, ଶ୍ରଦ୍ଧା, ଭଲପାଇବାର ଆପଣାପଣ। ଏଥିରେ ଅଛି ଆମ ପରମ୍ପରା ସଂସ୍କାର ଓ ସଂସ୍କୃତି। ଇଏ ଖାଲି ଚାବି ନୁହେଁ ଇଏ ଆମ ପରମ୍ପରା, ସଂସ୍କୃତି ସମ୍ପର୍କ ତାଲାର ଚାବି। ଶାଶୁ, ନଣନ୍ଦ, ଯା', ଦାଦା, ଖୁଡ଼ୀ, ବନ୍ଧୁବାନ୍ଧବ ସମସ୍ତେ ଏମାନେ ଗୋଟେ ଗୋଟେ ଚାବି। ସେମାନଙ୍କ ମନର ତାଲାକୁ ଖୋଲି ହେବ ଏଥିରେ। ଗୋଟିଏ ନାରୀର ପ୍ରଥମ ଓ ପ୍ରଧାନ କର୍ତ୍ତବ୍ୟ ହେଉଛି ସେମାନଙ୍କ ମନକୁ ଅଣ୍ଟାର ଚାବିପେନ୍ଥା କରି ଘରର ଏକତା ବଢ଼ାଇବା। ଏହା ପୁଣି ଘରର ବଡ଼ବୋହୂର କର୍ତ୍ତବ୍ୟ ଖାଲି ନୁହେଁ, ଦାୟିତ୍ୱ ବି। କେଉଁ ଚାବିରେ କାହା ମନର ତାଲା ଖୋଲିବ ସେହି ଜାଣି ଖୋଲିବ। କେଉଁଠି ସିନ୍ଦୁକ, ବାକ୍ସ, କି ଆଉ କେଉଁଠି ରଖିଲେ ଜିନିଷ ସୁରକ୍ଷିତ ରହିଲା ପରି, ତା' ପରିବାର, ତା' ଘରର ମାନମହତ କେମିତି କ'ଣ କଲେ ସୁରକ୍ଷିତ ପୁଣି ବହୁଦିନ ରହିପାରିବ ଏ ଚାବିପେନ୍ଥା ହିଁ ଶିଖାଇଥାଏ। ଅଣ୍ଟା ଟିକିଏ ନାଲି ପଡ଼ିଛି ବୋଲି କହୁଛୁ କ'ଣ, ବେଳେବେଳେ ଘା' ବି ହୋଇଯାଏ। ସେ ଯନ୍ତ୍ରଣାକୁ ବି ସହିବାକୁ ପଡ଼େ। ରାଗ, ରୁଷା, ମାନ, ଅଭିମାନ, କଳି, ତକରାଳକୁ ନେଇ ସଂସାର। ସମସ୍ତଙ୍କ ମନକୁ ଚାବିପେନ୍ଥା ପରି ଅଣ୍ଟାରେ ବାନ୍ଧିରଖିଲେ ଯାଇ ସୁରୁଖୁରୁରେ ସଂସାର ଚାଲେ। ଯାହା ତୋ' ବୋଉ ଏପର୍ଯ୍ୟନ୍ତ କରି ଆସିଥିଲା। ତୋ' ବାପା ଚାଲିଗଲା ପରେ ବି ତୋ' ଦାଦା ଖୁଡ଼ୀଙ୍କୁ ସେତିକି ସେ ନିଜର କରିଛି ବୋଲି ଆଜି ତୁମର ଏକାନ୍ନବର୍ତ୍ତୀ ପରିବାର ଅଛି। ତେଣୁ ତୁ ତାକୁ ତୁଚ୍ଛା ଚାବିପେନ୍ଥା କ'ଣ ଭାବୁଛୁ, ସେ ସମସ୍ତ ପରିବାର, ବନ୍ଧୁବାନ୍ଧବଙ୍କ ମନର ଚାବିକାଠି।

ମୁଁ ଚୁପ୍ ହୋଇଗଲି। ସ୍ତ୍ରୀଙ୍କୁ ଚାହିଁଲି। ତାଙ୍କ ମୁହଁରେ ଉଙ୍କି ଆସିଥିଲା ଦ୍ୱିତୀୟା ଜହ୍ନର ହସ। ସେ ଅଣ୍ଟାରେ ଥିବା ଚାବିପେନ୍ଥାକୁ ହାତରେ ଛୁଇଁ ମଥାରେ ନେଇ ହାତକୁ ଲଗାଉଥିଲେ। କ'ଣ ପାଇଁ ସଠିକ ଜାଣି ପାରୁନଥିଲେ ବି ମୁଁ ଅନୁମାନ କରୁଥିଲି ବୋଧେ ସିଏ ଭଗବାନ୍‌ଙ୍କୁ କହୁଥିଲେ ତାଙ୍କ ଅଣ୍ଟାର ଚାବିପେନ୍ଥାକୁ ସୁରକ୍ଷିତ ରଖିବାକୁ। ତାଙ୍କ କର୍ତ୍ତବ୍ୟରେ ଯେପରି ହେଳା ନ ହୁଏ, ସେଥିପାଇଁ ସେ ଭଗବାନ୍‌ଙ୍କୁ ଡାକୁଥିଲେ।

ମୋ: ୯୪୩୭୭୪୫୯୮୩



## ପୁସ୍ତକ ପରିଚୟ

### ଓଡ଼ିଆ ସମାଲୋଚନା ସାହିତ୍ୟ ସ୍ରଷ୍ଟା ଓ ସୃଷ୍ଟି




**ସମ୍ପାଦନା:** ପ୍ର. ନାରାୟଣ ସାହୁ
**ପ୍ରକାଶକ:** ଫ୍ରେଣ୍ଡ୍‌ସ ପବ୍ଲିଶର୍ସ, ବିନୋଦ ବିହାରୀ, କଟକ-୨
**ପ୍ରଥମ ପ୍ରକାଶ:** ୨୦୨୩, **ମୂଲ୍ୟ:** ଟ.୮୦୦/-

ଆଲୋଚ୍ୟ ନିବନ୍ଧଗ୍ରନ୍ଥରେ ମୋଟ ୫୬ଟି ନିବନ୍ଧ ସ୍ଥାନିତ ହୋଇଛି। ଓଡ଼ିଆ ସମାଲୋଚନା ସାହିତ୍ୟ ପରିସର ମଧ୍ୟରୁ କତିପୟ ସମାଲୋଚକଙ୍କର କୃତୀ ଓ କୃତିତ୍ୱକୁ ବିଭିନ୍ନ ଆଲୋଚକଙ୍କ ଦ୍ୱାରା ଯେପରି ମପାଯାଇଛି, ତା'ର ଏକ ବିବରଣାତ୍ମକ ଉପସ୍ଥାପନା ଏହି ଗ୍ରନ୍ଥଟି। ଯେଉଁ ଖ୍ୟାତନାମା ଓଡ଼ିଆ ସାହିତ୍ୟ ସମାଲୋଚକଙ୍କ ସମ୍ପର୍କରେ ଆଲୋଚନା ପ୍ରସ୍ତୁତ, ସେମାନଙ୍କ ମଧ୍ୟରୁ କେତେକ ହେଲେ ପଣ୍ଡିତ ଗୋପୀନାଥ ନନ୍ଦଶର୍ମା, ନୀଳକଣ୍ଠ ଦାସ, ଆର୍ତ୍ତବଲ୍ଲଭ ମହାନ୍ତି, ପଣ୍ଡିତ ବିନାୟକ ମିଶ୍ର, ମାୟାଧର ମାନସିଂହ, କୁଞ୍ଜବିହାରୀ ଦାଶ, ନଟବର ସାମନ୍ତରାୟ, ବେଣୀମାଧବ ପାଢ଼ୀ, କାହ୍ନୁଚରଣ ମିଶ୍ର, ଚିତ୍ତରଞ୍ଜନ ଦାସ, କୃଷ୍ଣଚରଣ ସାହୁ, ଦାଶରଥି ଦାସ, ନିତ୍ୟାନନ୍ଦ ଶତପଥୀ, ସୁଦର୍ଶନ ଆଚାର୍ଯ୍ୟ ଓ ଗଗନେନ୍ଦ୍ର ନାଥ ଦାଶ ପ୍ରମୁଖ। ଅନ୍ୟ ଯେଉଁ ଅଧ୍ୟାପକ ସମାଲୋଚକମାନଙ୍କ ସମ୍ପର୍କରେ ଆଲୋଚନା କରାଯାଇଛି, ସେମାନଙ୍କ ମଧ୍ୟରୁ କେତେକଙ୍କର ସମାଲୋଚକୀୟ ମୌଳିକ ଦୃଷ୍ଟିକୋଣ ଥିଲେ ବି ଆଉ କେତେକଙ୍କ ପ୍ରତି ସମ୍ପାଦକ ଉପ୍ରୋଧ ରଖିଥିବା ଲକ୍ଷ୍ୟ କରାଯାଏ। ତେବେ, ଗ୍ରନ୍ଥଟି ସର୍ବତୋଭାବେ ଭଲମନ୍ଦର ମିଶ୍ରଣ ହେବା ସତ୍ତ୍ୱେ ଓଡ଼ିଆ ସାହିତ୍ୟର ଛାତ୍ର ଓ ଗବେଷକଙ୍କ ପାଇଁ ଯେ ଅନୁପଯୋଗୀ ସାବ୍ୟସ୍ତ ହେବ ନାହିଁ -ଏହା ନିଃସନ୍ଦେହରେ କୁହାଯାଇପାରେ।

### ନାଟ୍ୟ ଚର୍ଚ୍ଚା




**ଲେଖକ:** ବିବେକାନନ୍ଦ ପାଣିଗ୍ରାହୀ
**ପ୍ରକାଶକ:** ସର୍ଜନା, ବ୍ରହ୍ମପୁର-୩
**ପ୍ରଥମ ପ୍ରକାଶ:** ୨୦୨୩, **ମୂଲ୍ୟ:** ଟ.୧୫୦/-

୩୫ ବର୍ଷର ଅଧ୍ୟାପନା ଜୀବନରେ ଶ୍ରେଣୀଗୃହରେ ନାଟକ ପଢ଼ାଇବା ଓ ବିଭିନ୍ନ ସମୟରେ ରଙ୍ଗମଞ୍ଚରେ ଅଭିନୀତ ନାଟକ ଦେଖି ଲେଖକ ଯେଉଁ ପର୍ଯ୍ୟାପ୍ତ ଅନୁଭୂତି ସଞ୍ଚୟ କରିଛନ୍ତି, ତା'ରି ଫଳଶ୍ରୁତି ହେଉଛି ଆଲୋଚ୍ୟ ଆକଳନଗ୍ରନ୍ଥ 'ନାଟ୍ୟ ଚର୍ଚ୍ଚା'। ଏଥିରେ ଅନ୍ତର୍ଭୁକ୍ତ ଆଲୋଚନାଗୁଡ଼ିକ ମଧ୍ୟରୁ କେତେକ ବିଭିନ୍ନ ରାଜ୍ୟ ଓ ଜାତୀୟ ସ୍ତରର ସମ୍ମାନରେ ମଧ୍ୟ ଉପସ୍ଥାପିତ। ମୋଟ ୧୨ଟି ଆଲେଚନାକୁ ଏକତ୍ର କରି ବିବେକାନନ୍ଦ ଏହି ପୁସ୍ତକଟି ପ୍ରକାଶ କରିଛନ୍ତି। ଗ୍ରନ୍ଥାୟିତ ଆଲୋଚନାଗୁଡ଼ିକ ମଧ୍ୟରୁ କେତୋଟି ହେଲା - 'ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ନାଟକରେ ଇତିହାସର ପ୍ରତିଧ୍ୱନି', 'ଓଡ଼ିଆ ଚରିତ ନାଟକର ଅନୁଶୀଳନ', 'ଅରଣ୍ୟ ଫସଲ ନାଟକର ମୂଲ୍ୟାୟନ, ନବନାଟ୍ୟର ମୁଖଶାଳା: ମୁଁ ଆମ୍ଭେ ଓ ଆମ୍ଭେମାନେ', 'ବିଜୟ ମିଶ୍ରଙ୍କ ତିମିର ତୀର୍ଥ', 'ଅଥଚ ଚାଣକ୍ୟ: ଏକ ଦୃଷ୍ଟିପାତ' ଓ 'ଭିନ୍ନ ସ୍ୱାଦର ଚରିତ ନାଟକ: ସିଦ୍ଧାର୍ଥ'। ବିଭିନ୍ନ ଆଲୋଚନାରେ ଲେଖକ ଆଲେଚନା ପରିସରଭୁକ୍ତ ନାଟ୍ୟକାରଙ୍କ ସବିଶେଷ ପରିଚୟ ସହିତ ଆଲୋଚ୍ୟ ନାଟକର ବିଷୟଗତ ଓ ଶୈଳୀଗତ ମୂଲ୍ୟ ନିରୂପଣ ପ୍ରତି ଧ୍ୟାନନିଷ୍ଠ ହୋଇଛନ୍ତି। ନାଟକର ଚରିତ୍ର, ସଂଳାପ ଓ ମଞ୍ଚୋପଯୋଗିତାର ନିରପେକ୍ଷ ବିବେଚନା ସାଙ୍ଗକୁ ନାଟକଟି ଦର୍ଶକମାନଙ୍କ ଉପରେ କିପରି ପ୍ରଭାବ ସୃଷ୍ଟି କରିବାକୁ ସକ୍ଷମ ବା ଅକ୍ଷମ ତା'ର ନିରାସକ୍ତ ଆକଳନ ଯୋଗୁ ପୁସ୍ତକଟି ଛାତ୍ରୀଛାତ୍ର, ଗବେଷିକା ଗବେଷକ ଓ ସାଧାରଣ ପାଠିକାପାଠକଙ୍କ ପାଇଁ ଅନୁକୂଳ ହୋଇପାରିଛି।

## କାଳକାଳକୁ

"ମୋତେ ଲାଗେ ଯେ ଆଧୁନିକ ଭାରତ ଭାରତରେ ରହୁଥିବା ଲେଖକଙ୍କର ନୁହେଁ।"
- କିରଣ ଦେଶାଇ



**କିରଣ ଦେଶାଇଙ୍କ** ଜନ୍ମ ୩ ସେପ୍ଟେମ୍ବର ୧୯୭୧ରେ, ନୂଆଦିଲ୍ଲୀରେ। ତାଙ୍କର ଦୁଇ ପ୍ରସିଦ୍ଧ ଉପନ୍ୟାସ ହେଲା- 'ହୁଲାବାଲୁ ଇନ୍ ଦ ଗୁଆଭା ଅର୍‌ଚାର୍ଡ' (୧୯୯୮) ଓ 'ଦ ଇନ୍‌ହେରିଟାନ୍ସ ଅଫ୍ ଲଭ୍' (୨୦୦୬)। ଦ୍ୱିତୀୟ ପୁସ୍ତକଟି ପାଇଁ ତାଙ୍କୁ ମିଳେ ମ୍ୟାନ୍ ବୁକର୍ ପ୍ରାଇଜ୍ ଓ ନ୍ୟାଶନାଲ୍ ବୁକ୍ କ୍ରିଟିକ୍‌ସ ସର୍କଲ ଉପନ୍ୟାସ ପୁରସ୍କାର ୨୦୦୬। 'ଦ ଇକୋନୋମିକ୍ସ ଟାଇମ୍‌ସ' ୨୦୧୫ ଜାନୁୟାରୀରେ ତାଙ୍କୁ ବିଶ୍ୱର ୨୦ଜଣ ପ୍ରଭାବଶାଳୀ ମହିଳାଙ୍କ ମଧ୍ୟରେ ସ୍ଥାନିତ କରନ୍ତି। କିରଣ କହନ୍ତି: "ଆମ ପାଠକମାନେ ବେଶ୍ ସାହସୀ, କିନ୍ତୁ ଆମର ପ୍ରକାଶନ ଦୁନିଆ ଖୁବ୍ ଡରୁଆ।" ଆଉ କହନ୍ତି: "କୌଣସି ଧରାବନ୍ଧା ନିୟମ ମାନି କେହି ଲେଖକ ଭାବେ ପ୍ରତିଷ୍ଠା ପାଇପାରେ ନାହିଁ, ପ୍ରତିଷ୍ଠା ପାଏ ନିଜ ମତେ ଲେଖାଲେଖି କରି।" ଅନୀତା ଦେଶାଇ କିରଣଙ୍କର ମାଆ।

## ନୁଣ କାଠୁଆ

ଚିନିଗଳ୍ପ

ଡ. ନରେନ୍ଦ୍ର ସେଠୀ

ଚାରିକୋଣିଆ ନାଙ୍ଗୁଡ଼ ଥିବା କାଠ ତିଆରି ଜାଗାଟିଏ ନୁଣ କାଠୁଆ। ସେରେ ହବ ବଗଡ଼ା ନୁଣକୁ ଧରି ରଖି ଘରର ଗୋଟିଏ କୋଣରେ ପଡ଼ିରହିଥାଏ। ପଖାଳ, ଶାଗ, କଞ୍ଚା ନଙ୍କା, ପିଆଜ, ଆଳୁ ଚଟୁଣି, ଯିଏ ଯାହା ଖାଇଲେ ଆଗ ଖୋଜେ ନୁଣ କାଠୁଆକୁ। ସବୁ ସୁଆଦକୁ ସୁଆଦ ଦିଏ ନୁଣ। ନୁଣ କାଠୁଆକୁ କିଏ କୋଉ ଦିନ ଘରର ସଦସ୍ୟ କଲା କାହାରି ମନେ ନାଇଁ। ଜେଜେ କହନ୍ତି, ସିଏ ବି ଜାଣିଛନ୍ତି ପିଲାଦିନୁ ନୁଣ କାଠୁଆକୁ। ଚୂର। କୋଳଥ ଡାଲି କିମ୍ବା ଦହି କାଞ୍ଜି ଅଲଣା ହେଇଗଲେ ବୋଉକୁ ଯାଛାତା କହି ନୁଣ କାଠୁଆକୁ ଖୋଜୁଥିଲେ ବାପା। ଦାଣ୍ଡପିଣ୍ଡା, ସାଇ, ଚୁଲିମୁଣ୍ଡ ଯାହାର ଯୋଉଠି ଇଚ୍ଛା ହେଲା ଭାତ ଧରି ବସି ପଡୁଥିଲେ ସମତେ। ନୁଣ ଦରକାର ହେଲେ କାଠୁଆ ପହଞ୍ଚେଇ ଦିଆଯାଉଥିଲା ଖାଇବା ନୋକ ପାଖରେ। ସବୁଠୁ ଶସ୍ତା ଓ ଅବହେଳିତ ଜିନିଷ ନୁଣ କାଠୁଆ ନୁଣ ଜରିଆରେ ଆମ ପରିବାରକୁ ବାନ୍ଧି ରଖୁଥିଲା ତା' ସୁଆଦରେ। ମୁଁ, ଭାଇ ଓ ଦେଇ ତିନିଜଣ ଏବେ ତିନି ଜାଗାରେ। ଡାଇନିଂ ଟେବୁଲ ଉପରେ ଚିନିର ଭ୍ରମ ତିଆରି କରୁଥିବା ଆୟୋଡିନ୍‌ଯୁକ୍ତ ନୁଣ ଏବେ କାଚ ଡବାରେ। ଆମେ ଆଉ କେହି କାହାର ନୁଣ ଖାଉନୁ। ସମସ୍ତଙ୍କ ନୁଣ ଅଲଗା। ସୁଆଦ ଅଲଗା। ଖାଲି ନୁଣ କାଠୁଆକୁ ଖୋଜିଲେ ଆଉ ମିଳୁନି।



ମୋ: ୭୦୦୪୦୬୮୧୧୦

## କବିତା

### ତୁ' ଗୋଟେ ଡାକଘର

ସେନାପତି ପ୍ରଦ୍ୟୁମ୍ନ କେଶରୀ

ବ୍ୟସ୍ତ ହବୁନିରେ ଧନ
ଯଦି ମୁଁ ତୋ' ପାଖରେ ନ ଥାଏ।

ତୁ' ନିଆଁ ହେଲେ ମୁଁ ଅଙ୍ଗାର
ଆମେ ଜଳିଜଳି ଜଳୁଥିବା ଥରକୁ ଥର
ଦୁହେଁ ଦୁହିଁଙ୍କୁ ପାଇବାଯାଏ।

ମନରେ ସାଇତି ରଖିଥା' ଧନ
ବିଶ୍ୱାସର ଆକାଶଟିଏ
କେତେବେଳେ ତୋ'ଠୁ ମୁଁ
ଅଲଗା ଥିଲି କହ ତ?

ଗାଆଁ ଡାକଘର ପାଖରେ
ନାହିଁ ମୋର କିଛି ଖୋଜଖବର
କିନ୍ତୁ ଯେତେ ଚିଠି ବାଣ୍ଟିବ ଡାକବାଲା
ସବୁ ଚିଠିରେ ଥିବି ମୁଁ
ସବୁ ଲଫାପାରେ ଥିବ ମୋ' ପ୍ରେମର
ଅଜନ୍ତା ଏଲୋରା ଛବି।

ମୋର ଜୀବନ ଗୋଟେ
ସରଳ ବର୍ଣ୍ଣବୋଧ ନୁହେଁ
ସଦ୍ୟ ଫିଟିଥିବା ଚଢ଼େଇ ଶାବକର
କୁନି କୁନି ଆଖି ଦର୍ପଣରେ
ମୁଁ ଗୋଟେ ହାଲୁକା କୌତୂହଳ!

ଯୋଉମାନେ ରାତିକୁ କଳା କିଟିମିଟି କରି
ଅନ୍ଧାର ତିଆରି କଲେ
ସେମାନେ ହୁଏତ ଜାଣନ୍ତିନି
କାହିଁକି ନିରୋଳାରେ ବସି ବସି
ମୁଣ୍ଡ କୋଡ଼େ ନିଥର ଅନ୍ଧାର
କାହିଁକି ତା'ର ଲୁହ ତିନ୍ତେଇଦିଏ
ପ୍ରେମ ବଞ୍ଚିତ କୁଡ଼ିଆର ଛଣ ଛପର।

ତଥାପି ସେ ତୁନି ରହିଥାଏ
ତୁଣ୍ଡ ଖୋଲି କହିପାରେନା କିଛି
କାହାକୁ ଦେଖାଏନି ବି ନିଜ ଭିତରେ
ଝରୁଥିବା ରକ୍ତ ଦାଗ।

ଆଲୁଅ ପାଖରୁ ଋଣ ନ କରି
ଅଭିମାନର ଅଣସର ଘର ଭିତରେ
ଏମିତି ଗୁମୁରୁଥାଏ ନିବୁଜ ଅନ୍ଧାର।

ତୁମ ଗାଆଁରେ ଅଛି ଯୋଉ ଦୁଃଖର ଗୁମାନ
ମୋ' ଗାଆଁରେ ସେଇ ଦୁଃଖ ଇ କୁଣିଆ
କାହା ଚୁଲିରେ ଜାଳ ନାହିଁ ତ
କାହା ଘରେ ନାହିଁ ଦିନକର ରାଶନ
କାହା ରୋଗର ନାହିଁ ନିଦାନ ତ
କାହାର କୋଳ ବର୍ଷ ବର୍ଷ ଧରି ଶୂନ୍ୟ
ତଥାପି ଦୁଃଖକୁ ପାଛୋଟି
ଉପାସରେ ଶୁଆଇଦେବା ଇ ପ୍ରେମ।

ବ୍ୟସ୍ତ ହବୁନିରେ ଧନ
ମୋ' ହାତରେ ଭରସାର ଦୀପଟିଏ ଧରିଛି ମୁଁ
ଯଦି ଉପାସ ଭୋକକୁ ଲିଭେଇପାରିବ
ଆଲୁଅର କରାମତି
ତେବେ ଜାଣିବୁ, ତୁ ଗୋଟେ ଡାକଘର
ତୋ' ଭିତରେ ଇ ଅଛି
ମୋର ଅଜସ୍ର ଅପହଞ୍ଚ ପ୍ରେମ ଚିଠି
ଆଶା ରଖିଛି, କେବେ ନା କେବେ
ସେସବୁ ମୋ' ପାଖରେ ପହଞ୍ଚିବ
ମୋତେ ଖୋଜି ଖୋଜି।

ମୋ: ୬୩୭୧୫୨୩୫୯୮

### ଅଚାନକ

ଡ. ବିଦ୍ୟୁତ୍‌ପ୍ରଭା ଗନ୍ତାୟତ

ଅଚାନକ ଝଣତ୍କାର
କିଛି ଗୋଟେ ଘଟିଯାଏ କେଉଁଠି
ଚମକି ପଡ଼େ, ଛାତି ଥରେ
ହାତ କମ୍ପେ, ଆଖି ଆପେ ମୁଦିଯାଏ
ସାହସ କୁହୁଳେ ନାହିଁ
ଶବ୍ଦକୁ ଅନୁସରଣ କରିବାକୁ
ଶିଳାର ନିଥରତା ପବନର ସ୍ତବ୍ଧତା,
ସତେ କି ଆବୋରି ବସେ
କିଏ କହିବ! କାହାକୁ ପଚାରିବି
ମୋର ଏମିତି କାହିଁକି ହୁଏ

ମିଛିମିଛିକା ତୁମେ ଯେମିତି
ମୋତେ ଡରାଅ,
କାନରେ ହୁଁ କରିଦେଲେ
ମୁଁ ଚମକି ପଡ଼େ,
ଛାତିରେ ଛେପ ପକାଇ ସମ୍ବିତ୍ ପାଏ
କହେ ଯାଃ, ତୁମେ ଗୋଟେ ଭାରି...
ତୁମକୁ କି ବିଶ୍ୱାସ
କେତେବେଳେ ଯେ କ'ଣ କରିବସ

ତୁମେ ହସୁଥାଅ,
ସେଇ ଦୁଷ୍ଟାମିର ହସ
ଅଚାନକ ଚମକାଇ ଦେବା
ଯେ ତୁମର ପୁରୁଣା ଅଭ୍ୟାସ

ହାୟ! ଏ ସବୁ କଥା ମୋର
ଆଜି କାହିଁକି ମନେପଡୁଛି ଜାଣେନା
ଝରାପତ୍ର ଖସ ଖସ ହେଲେ
ଲାଗୁଚି ତୁମେ ଆସୁଛ
ଦୃଷ୍ଟି ମୋ' ଲମ୍ବିଯାଉଛି
କୁଞ୍ଜବନରୁ କାଳିନ୍ଦୀ
ଥରଟିଏ ସେ ଶବ୍ଦମାନେ
ସତ ହୁଅନ୍ତେନି
ମୋତେ ଚମକାଇ ଦେବାପାଇଁ
ମୋତେ ସ୍ତବ୍ଧ କରିଦେବା ପାଇଁ।

ମୋ: ୭୯୭୮୬୨୮୨୨୦

### ଲୁହ

ରମାକାନ୍ତ ଦାସ

ଲୁହ ପଥଭୁଲା ଝରଣା ପରି
ଅନ୍ତରରୁ ଝରିଯାଏ
ଅବୁଝା ପକ୍ଷୀଟିଏ ପରି
ନିତି ସାହାରା ଖୋଜୁଥାଏ
ଅତୀତର ଧୂଳିଲଗା
ମୁହୂର୍ତ୍ତମାନଙ୍କୁ ଧୋଇଦିଏ
ଅମାନିଆ ଶ୍ରାବଣର ବର୍ଷାରେ
ବହିଯାଏ ଭାବନାର ଧାରେଧାରେ।

ଲୁହ ଏକ ସ୍ୱଚ୍ଛ ହୃଦୟର ପ୍ରତିବିମ୍ବ
ଅନେକ କିଛି ଉଜାଡ଼ିଦିଏ
ଅନେକ କିଛି ଭସେଇଦିଏ
ଆଖି କୋଣରୁ ନିତି ଝରି ବୋହିଯାଏ
ମନର ଅକୁହା କୋହର ପ୍ରତିଧ୍ୱନି
ଏ ଲୁହ କେବେ ଦିଏ ଶାନ୍ତି
କେବେ ଲାଗେ କ୍ଲାନ୍ତି
କେବେ ପୁଣି ପାଲଟିଯାଏ ସ୍ମୃତି
ଏ ଲୁହର ଓଜନ ଲୁହାଠୁ ବି ବେଶି।

ମୋ: ୯୬୬୮୮୧୫୩୬୯

### ନିବେଦିତା

ଗୀତି-କବିତା

ଜୟନ୍ତୀ ସାହୁ

ମନ୍ଦିରବେଢ଼ାର ଫୁଟନ୍ତା ଫୁଲ ମୁଁ
ମଧୁପ ରହିଯା' ଦୂରେ
ଦେବତାଙ୍କ ପଦେ ନୈବେଦ୍ୟ ସାଜିବି
ଜନ୍ମ ମୋର ସେ ହେତୁରେ।

କୁଆଁରୀ କଳି ମୁଁ ଶୁଭ୍ର ତନୁ ମୋ
ନାହିଁ କାଳିମାର ଦାଗ
ବ୍ରହ୍ମଚାରିଣୀ ତପସ୍ୱିନୀ ମୁଁ ଯେ
ପରମ ବ୍ରତ ମୋ ତ୍ୟାଗ।

ଜୀବନ ତରୁର ଶାଖାରେ ଶାଖାରେ
ଫୁଟି ବିତରିବି ବାସ
ଦୂରେ ଥାଇ ଅଳି ମୋ ରୂପକୁ ଭାଳି
ପାଅନାହିଁ ଜମା କ୍ଳେଶ।

ଜୀବନେ ଯୌବନ ତୁଚ୍ଛ ସିନା ଅଟେ
ସମୟର ଯାହା ଖେଳ
ଦେହର ଦହନ କରିଲେ ଦମନ
ପାଶେ ନ ପଶିବ କାଳ।

ମଉନାବତୀ ମୁଁ ମଉନ ଅନ୍ତରେ
ସାଇତିଛି ପ୍ରଭୁ ଛବି
ଦେବ ଦରଶନ ସଦା ମୋର ଧ୍ୟାନ
କାହାକୁ ନ ପାରେ ଭାବି।

ମୋ: ୮୦୯୩୪୮୬୬୭୪

## ଆଢ଼ବାୟାଣୀ ଚାରୁଦିଦି

ଲଘୁଗଳ୍ପ

ଶିବ ମିଶ୍ର

ଚାରୁଦିଦି ଚାଲିଗଲେ। ପାଖାପାଖି ଚାଳିଶ ବର୍ଷ ହେଲା ସିଏ ଆମ ଗାଁ ସ୍କୁଲରେ ମାଷ୍ଟରାଣୀ ହୋଇ, ଶହ ଶହ ପିଲାଙ୍କ ତୁଣ୍ଡ ସଳଖି, କଥା କହିବା ଶିଖାଇ ଥିଲେ। ହାତଧରି ଅକ୍ଷର ଲେଖା ବତାଇଥିଲେ। ପିଲାଙ୍କୁ ପଢ଼ାଇଲା ବେଳେ ସିଏ ବଡ଼ପାଟିରେ ପଢ଼ାନ୍ତି, ପୁଣି ମଝିରେ ମଝିରେ ଖୁବ୍ ହସନ୍ତି। ତାଙ୍କ ହସରେ ପିଲାଙ୍କ ହସ ମିଶି ସ୍କୁଲ ହତା ଡେଇଁ ଆରପଟ ସଡ଼କ ଯାଏଁ ମାଡ଼ିଯାଏ ସେ ହସର ଉଚ୍ଛୁଳା ଲହରୀ। ସନ୍ଧ୍ୟାବେଳେ ସ୍କୁଲ ବାରଣ୍ଡାରେ ଗାଁର କିଛି ବୟସ୍କ ଲୋକଙ୍କ ମେଳରେ ବସି ଚାରୁଦିଦି ଭାଗବତ ପଢ଼ି ଶୁଣାନ୍ତି।

ଚାରୁଦିଦି ଆମ ଗାଁକୁ ଆସିଲାଦିନ ଏକୁଟିଆ ଆସିଥିଲେ। ଆଜିଯାଏଁ ସ୍କୁଲ ଘରେ ଏକୁଟିଆ ରହୁଥିଲେ। ତାଙ୍କର କୋଉ ଗାଁ, ସିଏ ବାହା ହୋଇଛନ୍ତି କି ନାହିଁ, ତାଙ୍କ ବାପା, ମାଆଙ୍କ ନାଁ କ'ଣ, ଏସବୁ ପଚାରିଲା ବେଳେ ସିଏ ନିରବ ରହୁଥିଲେ। ଆଉ କୋଉ ବାଲୁଙ୍ଗା ଟୋକା ବା କେହି ଖଳଲୋକ ତାଙ୍କ ସ୍ୱଭାବ, ଚରିତ୍ରକୁ ନେଇ କିଛି ମନଗଢ଼ା ଅଯଥା ଟୀକା ଟିପ୍ପଣୀ କଲାବେଳେ ବି ସିଏ ପାଟି ଫିଟାଉ ନ ଥିଲେ। ତେବେ ସେତେବେଳେ ତାଙ୍କୁ ଦେଖିଲେ ଲାଗୁଥିଲା, ଆଷାଢ଼ ଆକାଶର ମେଘ ପରି ତାଙ୍କ ଆଖିର ଜମାଟବନ୍ଧା ଲୁହ ଏଇଲେ ଫାଟି ପଡ଼ିବ, ଅଜାଡ଼ିଦବ ଅକାତକାତ ପାଣି। ଖାଇବା ପିନ୍ଧିବା ଯାହାତାହା ହେଲେ ବି ଚଳେଇ ଦିଅନ୍ତି ସିଏ, ଚଳିଯାଆନ୍ତି। ସେଇଥିପାଇଁ ମୁଁ କହେ, ଚାରୁଦିଦି ଆଢ଼ବାୟାଣୀ।

ଏଇ ସକାଳୁ ସକାଳୁ ମୋର ପ୍ରିୟସାଙ୍ଗ ଆମ ପଞ୍ଚାୟତର ସରପଞ୍ଚ, ମୋତେ ଚାରୁଦିଦି ଚାଲିଯିବା ଖବର ଶୁଣାଇଲା ବେଳେ କହିଲା- ଗତକାଲି ସନ୍ଧ୍ୟାରେ ସିଏ ସ୍କୁଲଆଡ଼େ ଯାଇଥିଲା। ଭାଗବତପଢ଼ା ସରିଲା। ଶ୍ରୋତାମାନେ ଗଲେ। ତା'ପରେ ଚାରୁଦିଦି, ମୋ' ସାଙ୍ଗ ହାତକୁ କାଗଜ ପ୍ୟାକେଟ୍‌ଟିଏ ବଢ଼ାଇ ଦେଇ କହିଲେ- "ଏଥିରେ ଯାହା ଅଛି, ତାକୁ ତମେ ଏବେ ଦେଖିବ ନାହିଁ। ମୁଁ ମଲା ପରେ ଦେଖିବ।"

ସାଙ୍ଗ ଆଣିଥିବା ସେଇ କାଗଜ ପ୍ୟାକେଟ୍‌ଟି ଏବେ ମୋତେ ଦେଇ କହିଲା- ତୁ ଚାରୁଦିଦିଙ୍କୁ ଆଢ଼ବାୟାଣୀ କହୁଥିଲୁପରା, ଏଇଟା ଦେଖେ। ମୁଁ ସେ ପ୍ୟାକେଟ୍‌ଟିକୁ ଖୋଲିଲି। ଦେଖିଲି, ସେଥିରେ ଥିବା ଖଣ୍ଡେ କାଗଜରେ ଚାରୁଦିଦି ଲେଖିଥିଲେ- "ମୁଁ କିଏ, କୋଉଠୁ ଆସିଲି, କିଏ ମୋତେ ଏ ସଂସାରକୁ ଆଣିଲା, ସେକଥା ମୁଁ ଜାଣିନି। ମୋ'ର ଆଖି ଫିଟିଲାବେଳକୁ ମୁଁ ଥିଲି ଗୋଟିଏ ଅନାଥ ଆଶ୍ରମରେ। କେଉଁ ରାସ୍ତାକଡ଼ର ଅଳିଆ ଗଦାରୁ, ଏଠିକି ଆସିଥିଲି ବୋଧହୁଏ। ସେଇ ଆଶ୍ରମରେ ରହି ବଢ଼ିଲି, ପାଠ ପଢ଼ିଲି। ଆଉ ସେଇ ଆଶ୍ରମର ପରିଚାଳକଙ୍କ ଆଶୀର୍ବାଦରୁ ଏଇ ସ୍କୁଲରେ ଚାକିରି ବି କଲି। ଏଇ ସ୍କୁଲ ମୋ' ଘର, ଏଇଠି ପଢୁଥିବା ପିଲାମାନେ ମୋ' ରକ୍ତମାଂସର ନ ହେଲେ ବି ମୋ' ମନର, ମୋ' ହୃଦୟର। ମୋ' ରୋଜଗାରରୁ ମୁଁ ଯାହା କିଛି ସଞ୍ଚିଛି, ସେ ସବୁ ଏଇ ସ୍କୁଲର, ସ୍କୁଲ ପିଲାମାନଙ୍କର।" ଏଇ କାଗଜଖଣ୍ଡିକ ସହିତ ସେଥିରେ ଥିଲା ସ୍କୁଲ ନାଁରେ ଏକ ବ୍ୟାଙ୍କ ଖାତା, ଯେଉଁଥିରେ କିଛି ଟଙ୍କା ଜମା ହୋଇଥିଲା।



ମୁଁ କାଠ ପିତୁଳା ପରି ନିଶ୍ଚଳ ହୋଇ ଚାହିଁ ରହିଥିଲି ସେ କାଗଜକୁ ଆଉ ସେ ବ୍ୟାଙ୍କ ଖାତାକୁ। ସେତେବେଳେ କେଜାଣି କିଏ ମୋ' କାନ ପାଖରେ କହୁଥିଲା- ଆଗରୁ ତ ଭଡ଼ ଭଡ଼ ହୋଇ କହୁଥିଲୁ, ଏବେ ତୁଣ୍ଡ ସିଲେଇ କରି ଦେଇଛୁ କାହିଁକି? ତୋ' ନିଜକୁ ପଚାରି କହ, ସତରେ କ'ଣ ଚାରୁଦିଦି ଆଢ଼ବାୟାଣୀ?

ମୋ: ୯୮୫୩୦୭୦୦୧୮

# ମନିକା ବାତ୍ରା କ୍ୱାର୍ଟରରେ

**ଟେବୁଲ ଟେନିସ**

**ହାଙ୍ଗ୍‌ଝୋ(ଚାଇନା), ୨୯।୯(ପି.ଟି.)**

ରାଜ୍ୟଗୋଷ୍ଠୀ କ୍ରୀଡ଼ା ସ୍ୱର୍ଣ୍ଣ ବିଜେତା ମନିକା ବାତ୍ରା ଏସିଆନ ଗେମ୍ସ ଟେବୁଲ ଟେନିସ ପ୍ରତିଯୋଗିତାର ମହିଳା ସିଙ୍ଗଲ୍ସ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ଭେଟେରାନ ଏ. ଶରଥ କମଲ ଓ ଜି. ସାଥିୟାଁ କିନ୍ତୁ ପ୍ରି-କ୍ୱାର୍ଟରଫାଇନାଲରୁ ବିଦାୟ ନେଇଛନ୍ତି। ସକାଳ ସେସନରେ ଏକ ତୀବ୍ର ପ୍ରତିଦ୍ୱନ୍ଦ୍ୱିତାମୂଳକ ମ୍ୟାଚରେ ମନିକା ୪-୨ (୧୧-୭, ୬-୧୧, ୧୨-୧୦, ୧୧-୧୩, ୧୨-୧୦, ୧୧-୬)ରେ ଥାଇଲାଣ୍ଡର ସୁଥାସିନୀ ସାୱେଟାବଟଙ୍କୁ ହରାଇ ଦେଇଛନ୍ତି। ଜାକର୍ତ୍ତା ଏସିଆନ ଗେମ୍ସର ମିକ୍ସଡ ଡବଲ୍ସ ବ୍ରୋଞ୍ଜ ବିଜେତା ମନିକା ଶନିବାର କ୍ୱାର୍ଟରଫାଇନାଲରେ ବିଶ୍ୱର ୩ ନମ୍ବର ଚାଇନାର ୟିଦି ୱାଙ୍ଗଙ୍କୁ ଭେଟିବେ। ଗେମ୍ସରେ ପଦକ ଜିତିବା ଲାଗି ତାଙ୍କ ପାଇଁ ଏହା ଶେଷ ସୁଯୋଗ, କାରଣ ଇତିମଧ୍ୟରେ ସେ ମିକ୍ସଡ ଓ ମହିଳା ଟିମ୍ ଇଭେଣ୍ଟରେ ହାରିସାରିଛନ୍ତି। ପୁରୁଷ ସିଙ୍ଗଲ୍ସରେ ଶରଥ ଲଢୁଆ ପ୍ରଦର୍ଶନ କରି ୧୧-୭, ୧୨-୧୦, ୯-୧୧, ୧୧-୫, ୧୦-୧୨, ୬-୧୧, ୧୧-୮ରେ ହାରିଯାଇଛନ୍ତି। ଅନ୍ୟପକ୍ଷରେ ଜି. ସାଥିୟାଁ ଚାଇନାର ଚିକ୍ୱିନ ୱାଙ୍ଗଙ୍କଠାରୁ ୩-୧୧, ୩-୧୧, ୬-୧୧, ୩-୧୧ରେ ହାରିଯାଇଛନ୍ତି। ମହିଳା ଡବଲ୍ସରେ ଭାରତ ପାଇଁ ଶୁକ୍ରବାର ମିଶ୍ରିତ ଦିବସ ଥିଲା। ସୁତୀର୍ଥ ମୁଖାର୍ଜୀ ଓ ଆହିକା ମୁଖାର୍ଜୀ ୧୧-୮, ୧୧-୭, ୧୧-୪ରେ ଥାଇଲାଣ୍ଡର ଜିନ୍ନିପା ଓ ୱାନୱିସାଙ୍କୁ ହରାଇ କ୍ୱାର୍ଟରଫାଇନାଲକୁ ଉନ୍ନୀତ ହୋଇଛନ୍ତି। ଶ୍ରୀଜା ଆକୁଲା ଓ ଦିୟା ଚିତାଲେ କିନ୍ତୁ ୫ମ ସିଡ୍ ଜାପାନର ମିୱା ହାରିମୋତୋ ଓ ମିୟୁ କିହାରାଙ୍କଠାରୁ ୧୧-୩, ୧୧-୫, ୧୧-୮ରେ ପରାଜିତ ହୋଇଛନ୍ତି।


ମନିକା ବାତ୍ରା

# ଭାରତୀୟ ମହିଳା ସ୍କ୍ୱାଶ୍ ଦଳକୁ ବ୍ରୋଞ୍ଜ

**ଏସିଆନ ଗେମ୍ସ**

**ପୁରୁଷ ଦଳ ଫାଇନାଲରେ ପାକିସ୍ତାନକୁ ଭେଟିବ**

**ହାଙ୍ଗଝୋ, ୨୯।୯ (ପି.ଟି.)**

ଏସିଆନ ଗେମ୍ସରେ ଭାରତୀୟ ମହିଳା ସ୍କ୍ୱାଶ୍ ଦଳ ବ୍ରୋଞ୍ଜ ପଦକରେ ସନ୍ତୁଷ୍ଟ ହୋଇଛି। ତେବେ ପୁରୁଷ ଦଳ ଫାଇନାଲରେ ପ୍ରବେଶ କରି ସ୍ୱର୍ଣ୍ଣ ପଦକ ଆଶା ଉଜ୍ଜ୍ୱଳ କରିଛି। ଶୁକ୍ରବାର ଅନୁଷ୍ଠିତ ପୁରୁଷ ବର୍ଗ ସେମିଫାଇନାଲରେ ସୌରଭ ଘୋଷାଲ ଓ ଅଭୟ ସିଂଙ୍କୁ ନେଇ ଗଠିତ ଭାରତୀୟ ଦଳ ଡିଫେଣ୍ଡିଂ ଚାମ୍ପିୟନ ମାଲେସିଆକୁ ପରାସ୍ତ କରିଛି। ଫାଇନାଲରେ ଭାରତର ପ୍ରତିଦ୍ୱନ୍ଦ୍ୱୀ ହେଉଛି ପାକିସ୍ତାନ। ପୁଲ୍ ପର୍ଯ୍ୟାୟରେ ପାକିସ୍ତାନଠାରୁ ଭାରତ ହାରି ଯାଇଥିଲା। ତେଣୁ ଫାଇନାଲରେ ଏହି ଦଳକୁ ପରାସ୍ତ କରି ମଧୁର ପ୍ରତିଶୋଧ ନେବା ସୁଯୋଗ ସୃଷ୍ଟି ହୋଇଛି। ଭାରତ ପକ୍ଷରୁ ଅଭୟ ସିଂ ୩-୧ (୧୧-୩, ୧୨-୧୦, ୯-୧୧, ୧୧-୬)ରେ ବିପକ୍ଷ ଦଳର ମହମ୍ମଦ ଅଦିନ ଇଦ୍ରାକି ବିନ୍ ବହତିଆରଙ୍କୁ ହରାଇ ଅଭିଯାନ ଆରମ୍ଭ କରିଥିଲେ। ପରେ ଘୋଷାଲ ୩-୧ (୧୧-୮, ୧୧-୬, ୧୨-୧୦, ୧୧-୩)ରେ ଇଏନ ୟୋ ଏନ୍‌ଜିଙ୍କୁ ହରାଇ ଭାରତର ବିଜୟ ନିଶ୍ଚିତ କରିଥିଲେ। ଫଳରେ ମହେଶ ମଙ୍ଗାଓଙ୍କର ଖେଳିବା ଆବଶ୍ୟକ ପଡ଼ି ନ ଥିଲା। ଗତ ସଂସ୍କରଣରେ ଭାରତୀୟ ପୁରୁଷ ଦଳ ବ୍ରୋଞ୍ଜ ପଦକ ପାଇଥିଲା। ଏଥର ମହିଳା ଦଳ କିନ୍ତୁ ବ୍ରୋଞ୍ଜ ପଦକ ସହ ଅଭିଯାନ ଶେଷ କରିଛି। ସେମିଫାଇନାଲରେ ଦଳ ହଂକଂଠାରୁ ହାରି ଯାଇଛି। ଜ୍ୟୋତ୍ସ୍ନା ଚିନାପ୍ପା ଅନାହତ ସିଂ ଓ ତନଭି ଖାନ୍ନାଙ୍କୁ ନେଇ ଗଠିତ ଭାରତୀୟ ଦଳ ୧-୨ରେ ପରାସ୍ତ ହୋଇଥିଲା। ୨୦୧୮ ଜାକର୍ତ୍ତା ଗେମ୍ସରେ ଭାରତ ରୌପ୍ୟ ପଦକ ପାଇଥିଲା। ଫାଇନାଲରେ ହଂକଂଠାରୁ ପରାସ୍ତ ହୋଇଥିଲା।


ବ୍ରୋଞ୍ଜ ପଦକ ବିଜୟୀ ଭାରତୀୟ ମହିଳା ସ୍କ୍ୱାଶ୍ ଦଳ।

## ଏସିଆନ ଗେମ୍ସ ପଦକ ତାଲିକା

| ଦେଶ | ସ୍ୱର୍ଣ୍ଣ | ରୌପ୍ୟ | ବ୍ରୋଞ୍ଜ | ମୋଟ |
|---|---|---|---|---|
| ଚାଇନା | ୧୦୫ | ୬୩ | ୩୨ | ୨୦୦ |
| ଜାପାନ | ୨୭ | ୩୫ | ୩୭ | ୯୯ |
| ଦ.କୋରିଆ | ୨୬ | ୨୮ | ୪୮ | ୧୦୨ |
| **ଭାରତ** | **୮** | **୧୨** | **୧୩** | **୩୩** |
| ଥାଇଲାଣ୍ଡ | ୮ | ୩ | ୯ | ୨୦ |
| ଉଜ୍‌ବେକିସ୍ତାନ | ୭ | ୧୦ | ୧୫ | ୩୨ |
| ହଂକଂ | ୫ | ୧୩ | ୧୮ | ୩୬ |
| ଚାଇନିଜ ତାଇପେ | ୫ | ୬ | ୯ | ୨୦ |
| ଇରାନ | ୩ | ୧୦ | ୧୦ | ୨୩ |
| ଉ.କୋରିଆ | ୩ | ୬ | ୪ | ୧୩ |
| କାଜାଖସ୍ତାନ | ୩ | ୪ | ୧୯ | ୨୬ |
| ଇଣ୍ଡୋନେସିଆ | ୩ | ୩ | ୧୦ | ୧୬ |
| ସିଙ୍ଗାପୁର | ୨ | ୪ | ୪ | ୧୦ |
| ମାଲେସିଆ | ୨ | ୩ | ୮ | ୧୩ |
| ଭିଏତନାମ | ୧ | ୨ | ୧୨ | ୧୫ |
| ୟୁଏଇ | ୧ | ୧ | ୪ | ୬ |
| ମକାଓ | ୧ | ୧ | ୨ | ୪ |
| କାତାର | ୧ | ୧ | ୨ | ୪ |
| କୁଏତ୍ | ୧ | ୧ | ୧ | ୩ |
| ତାଜିକିସ୍ତାନ | ୧ | ୧ | ୧ | ୩ |
| କିର୍ଗିଜସ୍ତାନ | ୧ | ୦ | ୨ | ୩ |
| ବାହାରିନ | ୧ | ୦ | ୦ | ୧ |
| ମଙ୍ଗୋଲିଆ | ୦ | ୨ | ୫ | ୭ |
| ଜୋର୍ଡାନ | ୦ | ୨ | ୧ | ୩ |
| ଫିଲିପାଇନ୍ସ | ୦ | ୧ | ୬ | ୭ |
| ବ୍ରୁନେଇ | ୦ | ୧ | ୦ | ୧ |
| ଓମାନ | ୦ | ୧ | ୦ | ୧ |
| ଶ୍ରୀଲଙ୍କା | ୦ | ୧ | ୦ | ୧ |
| ଆଫଗାନିସ୍ତାନ | ୦ | ୦ | ୩ | ୩ |
| ଲାଓ | ୦ | ୦ | ୨ | ୨ |
| ବାଂଲାଦେଶ | ୦ | ୦ | ୧ | ୧ |
| ଇରାକ | ୦ | ୦ | ୧ | ୧ |
| ଲେବାନନ | ୦ | ୦ | ୧ | ୧ |
| ପାକିସ୍ତାନ | ୦ | ୦ | ୧ | ୧ |
| ତୁର୍କମେନିସ୍ତାନ | ୦ | ୦ | ୧ | ୧ |

# ଭାରତୀୟ ରଗ୍‌ବୀ ଦଳରେ କିସ୍‌ର ୪ ଖେଳାଳି

**ଭୁବନେଶ୍ୱର, ୨୯।୯ (ବିଜୟ ରଣା)**

ଚାଇନାର ଚାଇନିଜ ତାଇପେଠାରେ ୧୮ ବର୍ଷରୁ କମ୍ ଏସିଆ ରଗ୍‌ବୀ ସେଭେନ୍ସ ଟୁର୍ନାମେଣ୍ଟ ଶନିବାରଠାରୁ ଅକ୍ଟୋବର ୧ ପର୍ଯ୍ୟନ୍ତ ଚାଲିବ। ଏଥିରେ ଭାରତର ଉଭୟ ବାଳକ ଓ ବାଳିକା ଦଳ ଅଂଶଗ୍ରହଣ କରିବ। ଭାରତୀୟ ଦଳରେ କିସ୍‌ର ୪ଜଣ ଖେଳାଳି (୨ବାଳକ ଓ ୨ ବାଳିକା) ସ୍ଥାନ ପାଇଛନ୍ତି। ସେମାନେ ହେଲେ ଧର୍ମାନନ୍ଦ ବିଶ୍ୱାଳ, ଚରଣ ହେମ୍ବ୍ରମ, ରୀତୁ ମାଝି ଓ ମାମଲି ସିଂ।

ପ୍ରତିଯୋଗିତା ପାଇଁ ଭାରତୀୟ ରଗ୍‌ବୀ ଦଳର କୋଚିଂ କ୍ୟାମ୍ପ ଭୁବନେଶ୍ୱରସ୍ଥିତ କିଟ୍ ବିଶ୍ୱବିଦ୍ୟାଳୟରେ ଇଣ୍ଡିଆନ ରଗ୍‌ବୀ ଫୁଟ୍‌ବଲ ଆସୋସିଏଶନ ତରଫରୁ ଅଗଷ୍ଟ ୨୦ରୁ ସେପ୍ଟେମ୍ବର ୨୭ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, ଭାରତୀୟ ରଗ୍‌ବୀ ଫୁଟ୍‌ବଲ ୟୁନିୟନର ସଭାପତି ରାହୁଲ ବୋଷ ଏବଂ ଓଡ଼ିଶା ରଗ୍‌ବୀ ଫୁଟ୍‌ବଲ ଆସୋସିଏଶନର ସାଧାରଣ ସମ୍ପାଦକ ଉପେନ୍ଦ୍ର କୁମାର ମହାନ୍ତି ପ୍ରମୁଖ ଦଳର ଶୁଭକାମନା କରିଛନ୍ତି।


ଭାରତୀୟ ଦଳରେ ସାମିଲ ହୋଇଥିବା କିସ୍ ଖେଳାଳି।

# ମର୍ଡେକା କପ୍‌ରେ ଭାଗ ନେବ ଭାରତ

**ନୂଆଦିଲ୍ଲୀ, ୨୯।୯ (ପି.ଟି.)**

ମଲେସିଆରେ ଅକ୍ଟୋବର ୧୩ରୁ ୧୭ ପର୍ଯ୍ୟନ୍ତ ଖେଳାଯିବାକୁ ଥିବା ମର୍ଡେକା କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ ପାଇଁ ଭାରତୀୟ ପୁରୁଷ ଦଳର ମୁଖ୍ୟ କୋଚ୍ ଇଗୋର ଷ୍ଟିମାକ୍ ୨୬ ଜଣିଆ ସମ୍ଭାବ୍ୟ ଖେଳାଳି ତାଲିକା ଘୋଷଣା କରିଛନ୍ତି। ମର୍ଡେକା କପ୍ ୪ ଫୁଟ୍‌ବଲ ଦଳକୁ ନେଇ ହେବ। ଭାରତ ବ୍ୟତୀତ ଭାଗ ନେଉଥିବା ଅନ୍ୟ ଦଳଗୁଡ଼ିକ ହେଲେ ଆୟୋଜକ ମାଲେସିଆ, ପାଲେଷ୍ଟାଇନ୍ ଓ ତାଜିକିସ୍ତାନ। ଭାରତ ଓ ଆୟୋଜକ ମାଲେସିଆ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ଅକ୍ଟୋବର ୧୩ରେ ଖେଳାଯିବାକୁ ଥିବା ବେଳେ ସେହିଦିନ ପୂର୍ବରୁ ପ୍ରଥମ ସେମିଫାଇନାଲରେ ପାଲେଷ୍ଟାଇନ୍ ଓ ତାଜିକ୍‌ସ୍ତାନ ପରସ୍ପରକୁ ଭେଟିବେ। ଅକ୍ଟୋବର ୧୭ରେ ଫାଇନାଲ ଏବଂ ଦୁଇ ଲୁଜିଂ ସେମିଫାଇନାଲିଷ୍ଟ ମଧ୍ୟରେ ତୃତୀୟ ସ୍ଥାନ ପାଇଁ ମ୍ୟାଚ ଖେଳାଯିବ। ମାଲେସିଆ ଯିବା ପୂର୍ବରୁ ଟୁର୍ନାମେଣ୍ଟ ପାଇଁ ଚୂଡ଼ାନ୍ତ ୨୩ ଖେଳାଳି ତାଲିକା ଅକ୍ଟୋବର ଦ୍ୱିତୀୟ ସପ୍ତାହରେ ଘୋଷଣା କରାଯିବ।

**୨୬ ଜଣିଆ ସମ୍ଭାବ୍ୟ ଖେଳାଳି ତାଲିକା**

ଗୋଲ୍‌କିପର-ଗୁରପ୍ରୀତ ସିଂ ସାନ୍ଧୁ, ଅମରିନ୍ଦର ସିଂ, ବିଶାଲ କାଇଥ୍ ଓ ଧୀରଜ ସିଂ। ଡିଫେଣ୍ଡର- ନିଖିଳ ପୂଜାରୀ, ରୋଶନ ସିଂ, ସନ୍ଦେଶ ଝିଙ୍ଗାନ, ଅନୱର ଅଲି, ମେହତାବ ସିଂଙ୍କ ଲାଲ୍‌ଚୁଙ୍ଗନୁଙ୍ଗା, ଆକାଶ ମିଶ୍ର ଓ ସୁଭାଶିଷ ବୋଷ୍। ମିଡ୍‌ଫିଲ୍ଡର- ଜିକନ ସିଂ, ସୁରେଶ ସିଂ, ଅନିରୁଦ୍ଧ ଥାପ୍ପା, ରୋହିତ କୁମାର, ସହାଲ ଅବ୍‌ଦୁଲ ସମଦ, ବ୍ରାଣ୍ଡନ ଫର୍ନାଣ୍ଡିଜଲ ଲାଲଲିଆନଜୁଆଲା, ଚାଙ୍ଗ୍‌ଟେ, ଉଦାନ୍ତ ସିଂ, ବିକ୍ରମ ପ୍ରତାପ ସିଂ, ମହେଶ ସିଂ ନାଓରେମ୍, ଲିଷ୍ଟନ କୋଲାକୋ ଓ ନନ୍ଦାକୁମାର ସେକର। ଫରୱାର୍ଡ: ସୁନିଲ ଛେତ୍ରୀ ଓ ମନବୀର ସିଂ।

# ଭାରତ ଆଜି ଇଂଲଣ୍ଡକୁ ଭେଟିବ

**ୱାର୍ମଅପ୍ ମ୍ୟାଚ**

**ଗୁଆହାଟି, ୨୯।୯ (ପି.ଟି.)**

ଆଇସିସି ଦିନିକିଆ କ୍ରିକେଟ ବିଶ୍ୱକପ ପାଇଁ ବିଭିନ୍ନ ଦଳର ପ୍ରସ୍ତୁତି ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ଅଂଶଗ୍ରହଣକାରୀ ଦଳ ଗୁଡ଼ିକ ଭାରତରେ ପହଞ୍ଚି ୱାର୍ମଅପ୍ ମ୍ୟାଚରେ ନିଜ ଦକ୍ଷତା ପରଖୁଛନ୍ତି। ଭାରତ ଏହାର ପ୍ରଥମ ୱାର୍ମଅପ୍ ମ୍ୟାଚ ଶନିବାର ଇଂଲଣ୍ଡ ବିପକ୍ଷରେ ଖେଳିବ। ଇଂଲଣ୍ଡ ହେଉଛି ଗତଥରର ଚାମ୍ପିୟନ। ତେଣୁ ଟିମ୍ ଇଣ୍ଡିଆ ଏହି ମ୍ୟାଚରେ ନିଜର ଅଭ୍ୟାସକୁ ଚୂଡ଼ାନ୍ତ ରୂପଦେବ। ୱାର୍ମଅପ୍ ମ୍ୟାଚ ଅଫିସିଆଲ ମର୍ଯ୍ୟାଦା ପାଉ ନ ଥିବାରୁ ଏଥିରେ ଦଳ ଗୁଡ଼ିକ ଆବଶ୍ୟକ ଅନୁସାରେ ଅଧିକ ଖେଳାଳି ଖେଳାଇବା ନିୟମ ରହିଛି। ତେଣୁ ଏଥିରେ ଉଭୟ ଦଳ ଏକାଧିକ ଖେଳାଳିଙ୍କୁ ପରୀକ୍ଷା କରିପାରିବେ।

ଜନି ବେୟାରଷ୍ଟୋ, ଜୋସ ବଟଲର, ଡାୱିଦ ମଲନ, ବେନ୍ ଷ୍ଟୋକ୍ସ, ହାରି ବ୍ରୁକ୍, ଲିଆମ ଲିଭିଂଷ୍ଟୋନ ଓ ମୋଇନ୍ ଅଲୀଙ୍କୁ ନେଇ ଇଂଲଣ୍ଡର ବ୍ୟାଟିଂ ଲାଇନ୍‌ଅପ୍ ବେଶ୍ ଦୃଢ଼। ତେଣୁ ଭାରତୀୟ ବୋଲରମାନେ ଆଗାମୀ ମ୍ୟାଚରେ ନିଜର ଦକ୍ଷତା ମାପି ପାରିବେ। ବିଶେଷ କରି କୁଲଦୀପ ଯାଦବ, ରବିଚନ୍ଦ୍ରନ ଅଶ୍ୱିନ ଓ ରବୀନ୍ଦ୍ର ଜାଡେଜା ନିଜକୁ ପରୀକ୍ଷା କରିପାରିବେ।

**ଦିନିକିଆ ବିଶ୍ୱକପ**
ICC MEN'S CRICKET WORLD CUP INDIA 2023
**ଆଉ ୫ ଦିନ**

ଆଶା କରାଯାଉଛି ଭାରତ ଏହି ମ୍ୟାଚରେ ସମସ୍ତ ବୋଲରଙ୍କୁ ଅଳ୍ପ କିଛି କିଛି ଓଭର ହେଉ ପଛେ ସୁଯୋଗ ଦେବ। ସେହିପରି ଇଂଲଣ୍ଡ ଅଧିନାୟକ ବଟଲର ହୁଅନ୍ତୁ କିମ୍ବା ନିର୍ଭରଯୋଗ୍ୟ ଷ୍ଟୋକ୍ସ ଭାରତୀୟ ବୋଲରଙ୍କ ବିପକ୍ଷରେ ନିଜକୁ ପରଖି ପାରିବେ। ବ୍ୟାଟିଂ ଦୃଢ଼ତା ହେଉଛି ଇଂଲଣ୍ଡର ମୁଖ୍ୟ ଶକ୍ତି। ସାମ୍ କୁରାନ ୮ ନମ୍ବରରେ ଏବଂ ଲର୍ଡ୍ସରେ ଭାରତୀୟ ବୋଲରଙ୍କୁ ଧୁଇଁଦେଇ କରି ଟେଷ୍ଟ ଶତକ ହାସଲ କରିଥିବା କ୍ରିସ୍ ୱୋକ୍ସ ୯ ନମ୍ବରରେ ବ୍ୟାଟିଂ କରିବାକୁ ଆସିବେ। ଏହି ଖେଳାଳିଙ୍କ ଉପସ୍ଥିତି ଦଳକୁ ବେଶ୍ ସନ୍ତୁଳିତ କରିଛି।

ବିଶ୍ୱକପରେ ଭାରତ ଶ୍ରେୟସ ଆୟରଙ୍କୁ ନା ଇଶାନ କିଶନଙ୍କୁ ନେଇ ଖେଳିବ ଏହାକୁ ନେଇ ବିତର୍କ ଲାଗି ରହିଛି। ଆୟର ମିଡିଲ ଓଭର ଗୁଡ଼ିକରେ ସ୍ପିନ୍ ବୋଲିଂକୁ ସଫଳତାର ସହ ମୁକାବିଲା କରି ଦିନିକିଆ ଇନିଂସ ଗଢ଼ିବାରେ ମାହିର। ତାଙ୍କ ରେକର୍ଡ ମଧ୍ୟ ଭଲ ଅଛି। ତେଣୁ ସେ ପ୍ଲେଇଂ ଇଲେଭେନରେ ରହିବାରେ ଅସୁବିଧା ନାହିଁ। ତେବେ ତାଙ୍କ ଇଞ୍ଜୁରି ସମୟରେ କିଶନ ପ୍ରତି ପୋଜିଶନରେ ନିଜକୁ ପ୍ରମାଣିତ କରିଛନ୍ତି। ଏହା ବାମହାତୀ ବ୍ୟାଟର ମିଳିଥିବା ପ୍ରତି ସୁଯୋଗର ସଦୁପଯୋଗ ମଧ୍ୟ କରିଛନ୍ତି।

**ମ୍ୟାଚ ଆରମ୍ଭ: ଅପରାହ୍ନ ୨ଟା**

# ରାଜ୍ୟସ୍ତରୀୟ ସ୍କୁଲ ବ୍ୟାଡ୍‌ମିଣ୍ଟନ ଉଦ୍‌ଯାପିତ

- ୧୪ ବର୍ଷରୁ କମ୍ ବାଳକରେ କଟକ, ବାଳିକାରେ ଭୁବନେଶ୍ୱର ଚାମ୍ପିୟନ
- ୧୭ ବର୍ଷରୁ କମ୍ ବାଳକରେ ଭୁବନେଶ୍ୱର, ବାଳିକାରେ ମୟୂରଭଞ୍ଜ ବିଜେତା

**ବଲାଙ୍ଗୀର, ୨୯।୯**
**(ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ଜିଲା ସଦର ମହକୁମାସ୍ଥିତ ପୃଥ୍ୱୀରାଜ ହାଇସ୍କୁଲ ଇନ୍‌ଡୋର ଷ୍ଟାଡିୟମ୍‌ରେ ତିନିଦିନ ବ୍ୟାପୀ ଆୟୋଜିତ ରାଜ୍ୟ ସ୍କୁଲ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା ଗୁରୁବାର ଉଦ୍‌ଯାପିତ ହୋଇଛି। ୧୪ ବର୍ଷରୁ କମ୍ ବାଳକ ବିଭାଗରେ କଟକ ଚାମ୍ପିୟନ ଓ ସମ୍ବଲପୁର ଉପବିଜେତା ହୋଇଥିଲା। ୧୪ବର୍ଷରୁ କମ୍ ବାଳିକା ବିଭାଗରେ ଭୁବନେଶ୍ୱର ଚାମ୍ପିୟନ୍ ହୋଇଥିବାବେଳେ ସମ୍ବଲପୁର ଉପବିଜେତା ହୋଇଥିଲା। ୧୭ବର୍ଷରୁ କମ୍ ବାଳକ ବିଭାଗରେ ଭୁବନେଶ୍ୱର ଚାମ୍ପିୟନ୍ ହୋଇଥିବାବେଳେ ରାୟଗଡ଼ା ଉପବିଜେତା ହୋଇଥିଲା। ୧୭ବର୍ଷରୁ କମ୍ ବାଳିକା ବିଭାଗରେ ମୟୂରଭଞ୍ଜ ଚାମ୍ପିୟନ ହୋଇଥିବାବେଳେ ଭୁବନେଶ୍ୱର ଉପବିଜେତା ହୋଇଥିଲା। ଏଠାରୁ ଚୟନ ହୋଇଥିବା ସବୁବର୍ଗର ଖେଳାଳି ଜାତୀୟ ସ୍ତରରେ ଖେଳିବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଜିଲା ଶିକ୍ଷାଧିକାରୀ ଧ୍ରୁବ ଚରଣ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ବଲାଙ୍ଗୀର ଜିଲା ଆରକ୍ଷୀ ଅଧୀକ୍ଷକ ଋଷିକେଶ ଖିଲାରି ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରତିଯୋଗୀଙ୍କୁ ଖେଳୁଆଡ ମନୋଭାବ ରଖି ଖେଳିବା ପାଇଁ ପରାମର୍ଶ ଦେଇଥିଲେ। ବଲାଙ୍ଗୀର ଡିଏଫ୍‌ଓ ନୀତିଶ କୁମାର ସମ୍ମାନିତ ଅତିଥି ଭାବେ ଯୋଗଦେଇ ବଲାଙ୍ଗୀର ଜିଲାରେ ଜାତୀୟ ମାନର ଏକ ଇନ୍‌ଡୋର ଷ୍ଟାଡିୟମ୍‌ର ଅନୁଭୂତି ପିଲାଙ୍କ ଖେଳକୁ ଆହୁରି ଆଗକୁ ନେବ ବୋଲି କହିଥିଲେ। ରାଜ୍ୟ ସ୍କୁଲ ଶାରୀରିକ ଶିକ୍ଷା ଉପନିର୍ଦ୍ଦେଶକ କୈଳାଶ ଚନ୍ଦ୍ର ପଧାନ ଖେଳର ସମସ୍ତ ବିବରଣୀ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ କେଶବ ମେହେର, ବଲାଙ୍ଗୀର ବ୍ୟାଡ୍‌ମିଣ୍ଟନ ଆସୋସିଏଶନ୍‌ର ସମ୍ପାଦକ ସୁରୁଲାଲ ମଟାରୀ, କ୍ରୀଡ଼ା ଅଧିକାରୀ ପ୍ରଦୀପ କୁମାର ପାତ୍ର ମଞ୍ଚାସୀନ ଥିଲେ। ଅନ୍ତର୍ଯ୍ୟାମୀ ବିଶ୍ୱାଳ ସଭାରେ ସଂଯୋଜନା କରିଥିଲେ। ପ୍ରତିଯୋଗିତାରେ ରାଜ୍ୟ ଓ ଜିଲାର ସ୍ୱୀକୃତିପ୍ରାପ୍ତ ଅଭିଜ୍ଞ ଟେକ୍ନିକାଲ ଅଫିସିଆଲ୍ ସମସ୍ତ ଖେଳ ପରିଚାଳନାରେ ସହଯୋଗ କରିଥିଲେ।



କୃତୀ ପ୍ରତିଯୋଗୀଙ୍କ ସହ ଉଦ୍‌ଯାପନୀ ଉତ୍ସବର ଅତିଥି ଓ ଆୟୋଜକ।

## ଆସନ୍ତାବର୍ଷରୁ ଜାତୀୟ କୋଚିଂ କ୍ୟାମ୍ପର ବିକେନ୍ଦ୍ରୀକରଣ

**ହାଙ୍ଗ୍‌ଝୋ, ୨୯।୯ (ପି.ଟି.):** ଆସନ୍ତାବର୍ଷରୁ ଜାତୀୟ କୋଚିଂ କ୍ୟାମ୍ପଗୁଡ଼ିକର ବିକେନ୍ଦ୍ରୀକରଣ କରାଯିବ ବୋଲି ଆଥ୍‌ଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ (ଏଏଫ୍‌ଆଇ) ସଭାପତି ଆଦିଲ ସୁମାରିୱାଲା ଶୁକ୍ରବାର ପ୍ରକାଶ କରିଛନ୍ତି। ତେବେ ୨୦୧୪ ପ୍ୟାରିସ ଅଲିମ୍ପିକ ଗେମ୍ସ ପାଇଁ ବଛାବଛା ଇଭେଣ୍ଟ ଲାଗି ଏଲିଟ୍ ଆଥ୍‌ଲେଟଙ୍କ ପ୍ରସ୍ତୁତି କ୍ୟାମ୍ପ ପୂର୍ବଭଳି ଜାରି ରହିବ। ଜାତୀୟ କ୍ୟାମ୍ପକୁ ୩ ଅନ୍ୟତମ ପ୍ରମୁଖ ସହର ବେଙ୍ଗାଲୁରୁ, ପଟିଆଲା ଓ ଥିରୁଭାନନ୍ତପୁରମରେ ସୀମିତ ନ ରଖି ଭବିଷ୍ୟତରେ ସମଗ୍ର ଦେଶର ୨୦ଟି ବିଭିନ୍ନ ସ୍ଥାନରେ କ୍ୟାମ୍ପ ଆୟୋଜନ କରିବା ଲାଗି ଏଏଫ୍‌ଆଇ ନିଷ୍ପତ୍ତି ନେଇଛି। ଗୁରୁବାର ଏଠାରେ ଏଏଫ୍‌ଆଇର ସ୍ୱତନ୍ତ୍ର ସାଧାରଣ ବୈଠକ ପରେ ସୁମାରିୱାଲ ଏକଥା ପ୍ରକାଶ କରିଛନ୍ତି। ୨୦୨୪ ପ୍ୟାରିସ ଗେମ୍ସ ଲାଗି ଏଲିଟ୍ ଆଥ୍‌ଲେଟଙ୍କ ଲାଗି ଜାତୀୟ କ୍ୟାମ୍ପ ଜାରି ରହିବ। ମୁଖ୍ୟତଃ ଜାଭେଲିନ୍ (ପୁରୁଷ ଓ ମହିଳା), ଷ୍ଟିପଲଚେଜ୍ (ପୁରୁଷ ଓ ମହିଳା), ଜମ୍ପ (ଲଙ୍ଗ୍ ଓ ଟ୍ରିପିଲ), ଥ୍ରୋଜ୍ (ପୁରୁଷ ଶଟ୍‌ପୁଟ୍), ରେସ୍ ୱାକିଂ (ଉଭୟ ମହିଳା ଓ ପୁରୁଷ) ଏବଂ ୪x୪୦୦ ମିଟର ରିଲେ (ପୁରୁଷ ଓ ମହିଳା) ସହ ସମ୍ପୃକ୍ତ ଏଲିଟ୍ ଆଥ୍‌ଲେଟମାନଙ୍କ ଲାଗି ଏହା ଉଦ୍ଦିଷ୍ଟ।

# ରାଜ୍ୟ ର୍ୟାଙ୍କିଙ୍ଗ୍ ଟେବୁଲ ଟେନିସ ଆରମ୍ଭ


ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ଖେଳାଳିମାନେ।

**ଭୁବନେଶ୍ୱର, ୨୯।୯ (ତପନ ସ୍ୱାଇଁ)**

ଖୋର୍ଦ୍ଧାଜିଲା ଟେବୁଲ ଟେନିସ ଆସୋସିଏଶନ ଆନୁକୂଲ୍ୟରେ ରାଜ୍ୟ ର୍ୟାଙ୍କିଙ୍ଗ୍ ଟେବୁଲ ଟେନିସ ଚାମ୍ପିୟନଶିପ୍ ଶୁକ୍ରବାର କିଟ୍ ବିଶ୍ୱବିଦ୍ୟାଳୟ ପରିସରରେଥିବା ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମରେ ଆରମ୍ଭ ହୋଇଛି। ଅକ୍ଟୋବର ୨ ପର୍ଯ୍ୟନ୍ତ ଚାଲିବାକୁଥିବା ଏହି ପ୍ରତିଯୋଗିତାରେ ରାଜ୍ୟର ପାଖାପାଖି ୨୫୦ ଖେଳାଳି ଅଂଶଗ୍ରହଣ କରିଛନ୍ତି। ପ୍ରତିଯୋଗିତା ୧୧, ୧୩, ୧୫, ୧୭ ଓ ୧୯ ବର୍ଷରୁ କମ୍ ବୟସ ବର୍ଗରେ ବାଳିକା ଓ ବାଳକ, ପୁରୁଷ ସିଙ୍ଗଲ୍ସ, ମହିଳା ସିଙ୍ଗଲ୍ସ, ଜୁନିୟର ଡବଲ୍ସ, ସିନିୟର ଡବଲ୍ସ ଓ ଭେଟେରାନ ସିଙ୍ଗଲ୍ସ ବିଭାଗରେ ଅନୁଷ୍ଠିତ ହେଉଛି। ଏଥିରେ ଉନ୍ନତି ପ୍ରଦର୍ଶନ କରିଥିବା ଖେଳାଳି ଜାତୀୟ ସ୍ତରରେ ରାଜ୍ୟ ପକ୍ଷରୁ ପ୍ରତିନିଧିତ୍ୱ କରିବାର ସୁଯୋଗ ପାଇବେ। ୫୪ଟି ଟ୍ରଫି ସହିତ ୨୫,୦୦୦ ଟଙ୍କା ପୁରସ୍କାର ଆକାରରେ ପ୍ରଦାନ କରାଯିବ। ବିଧାୟକ ସୁଶାନ୍ତ ରାଉତ ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଛନ୍ତି। ଆୟୋଜକ ଜିଲା ଆସୋସିଏଶନ ସମ୍ପାଦକ ସ୍ମୃତି ରଞ୍ଜନ ଦାସ, ଯୁଗ୍ମ ସମ୍ପାଦକ ଶଶାଙ୍କ ଶେଖର ମହାପାତ୍ର, କାର୍ଯ୍ୟକାରିଣୀ ସଦସ୍ୟ ତ୍ରୈଲୋକ୍ୟ ନାଥ ରାଉତ ଏବଂ ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ମୁଖ୍ୟ ରେଫରି ବିଜନ ଦାସ ମହାପାତ୍ର, ତପନ ଖା, ସୁଜିତ କୁମାର ରୟ, କେ.ଏସ.ଏନ୍. ମୂର୍ତ୍ତୀ (ସମସ୍ତେ ଅନ୍ତର୍ଜାତୀୟ ରେଫରି) ମ୍ୟାଚ ଗୁଡ଼ିକ ପରିଚାଳନା କରୁଛନ୍ତି। କେଭିପି ରାମାରାଓ, କେ.ଚିନାରାଓ, ସୁରଭି ପରିଜା ତାଙ୍କୁ ସହାୟତା କରୁଛନ୍ତି। ପ୍ରଥମ ଦିବସରେ ୧୧ ବର୍ଷରୁ କମ୍ ବାଳିକା ଓ ବାଳକ ସିଙ୍ଗଲ୍ସ ଏବଂ ମହିଳା ଓ ପୁରୁଷ ସିଙ୍ଗଲ୍ସ ପ୍ରତିଯୋଗିତା ଆରମ୍ଭ ହୋଇଛି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶନିବାର, ସେପ୍ଟେମ୍ବର ୩୦/୨୦୨୩ Bhubaneswar, Saturday, September 30/ 2023



ଏସିଆନ ଗେମ୍ସରେ ଶୁକ୍ରବାର ଶଟ୍‌ପୁଟ୍ ଥ୍ରୋ ଅବସରରେ ଭାରତର କିରଣ ବଳିୟାନ।

# ୭୨ ବର୍ଷ ପ୍ରତୀକ୍ଷାର ଅନ୍ତ ଘଟାଇଲେ କିରଣ

**ମହିଳା ଶଟ୍‌ପୁଟ୍‌ରେ ଜିତିଲେ ବ୍ରୋଞ୍ଜ**

ହାଙ୍ଗଝୋ, ୨୯।୯ (ପି.ଟି.)

ଚଳିତ ଏସିଆନ ଗେମ୍ସର ଆଥଲେଟିକ୍ସ ଇଭେଣ୍ଟରୁ ଭାରତ ପାଇଁ ପ୍ରଥମ ପଦକ ଜିତିଛନ୍ତି କିରଣ ବଳିୟାନ। ଦୀର୍ଘ ୭୨ ବର୍ଷ ପ୍ରତୀକ୍ଷାର ଅନ୍ତ ଘଟାଇ ମହିଳା ଶଟ୍‌ପୁଟ ଇଭେଣ୍ଟରେ ସେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ୨୪ ବର୍ଷୀୟା ବଳିୟାନ ନିଜର ତୃତୀୟ ଉଦ୍ୟମରେ ୧୭.୩୬ ମିଟର ଶଟ୍‌ପୁଟ୍ ଫିଙ୍ଗିଥିଲେ। ଯାହାକି ତାଙ୍କୁ ବ୍ରୋଞ୍ଜ ପଦକ ସଫଳତା ଦେଇଥିଲା। ଏସିଆନ ଗେମ୍ସ ଇତିହାସରେ କିରଣ ଦ୍ୱିତୀୟ ଭାରତୀୟ ଭାବେ ମହିଳା ଶଟ୍‌ପୁଟ୍ ଇଭେଣ୍ଟରେ ପଦକ ହାସଲ କରିଛନ୍ତି। ୧୯୫୧ରେ ନୂଆଦିଲ୍ଲୀରେ ଅନୁଷ୍ଠିତ ସଂସ୍କରଣରେ ମୁମ୍ବାଇର ଆଙ୍ଗ୍ଲୋ-ଇଣ୍ଡିଆନ ବାର୍ବରା ଓ୍ୱେବଷ୍ଟର ଏହି ଇଭେଣ୍ଟରୁ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ଚଳିତ ସିଜନରେ କିରଣଙ୍କର ବ୍ୟକ୍ତିଗତ ଶ୍ରେଷ୍ଠ ଥ୍ରୋ ହେଉଛି ୧୭.୯୨ ମିଟର। ସେପ୍ଟେମ୍ବର ୧୦ରେ ଚଣ୍ଡିଗଡ଼ରେ ଅନୁଷ୍ଠିତ ଇଣ୍ଡିଆନ ଗ୍ରାଁ ପ୍ରି ୫ରେ ସେ ଏହି ସଫଳତା ପାଇଥିଲେ। କିରଣଙ୍କ ସହ ଏସିଆନ ଗେମ୍ସରେ ପ୍ରତିଦ୍ୱନ୍ଦ୍ୱିତା କରିଥିବା ଅନ୍ୟତମ ଭାରତୀୟ ମନପ୍ରୀତ କୌର ୧୬.୨୫ ମିଟର ସହିତ ୫ମ ସ୍ଥାନରେ ରହିଥିଲେ।

ମହିଳା ୪୦୦ ମିଟର ରେସ୍‌ରେ ହିମାଂଶି ମଲିକ ହିଟ୍‌ରେ ୫ମ ସ୍ଥାନରେ ରହିବାରୁ ଫାଇନାଲ୍ସ ପାଇଁ ଯୋଗ୍ୟତା ପାଇ ନ ଥିଲେ। ୨୧ ବର୍ଷୀୟା ହିମାଂଶି ହିଟ୍ ନମ୍ବର ୩ରେ ୫୭.୮୨ ସେକେଣ୍ଡ ସମୟ ନେଇଥିଲେ। ତାଙ୍କ ସହ ରେସ୍ କରିଥିବା ଅନ୍ୟତମ ଭାରତୀୟ ଐଶ୍ୱର୍ଯ୍ୟା ମିଶ୍ରା ୫୨.୭୩ ସେକେଣ୍ଡ ସମୟ ନେଇ ଫାଇନାଲ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ପୁରୁଷ ୪୦୦ ମିଟର ରେସ୍‌ରେ ମହମ୍ମଦ ଆଜମଲ ୪୫.୭୬ ସେକେଣ୍ଡ ସମୟ ନେଇ ଫାଇନାଲ୍ସରେ ପ୍ରବେଶ କରିଛନ୍ତି। ମହମ୍ମଦ ଆନାସ ୟାହିୟା କିନ୍ତୁ ବିଫଳ ହୋଇଛନ୍ତି। ମହିଳା ହାମର ଥ୍ରୋ ଫାଇନାଲରେ ତାନ୍ୟା ଚୌଧାରୀ ଓ ରଚନା କୁମାର ଯଥାକ୍ରମେ ୬୦.୫୦ ଓ ୫୮.୧୩ ମିଟର ସହିତ ୭ମ ଓ ୯ମ ସ୍ଥାନରେ ରହିଥିଲେ। ମହିଳା ୨୦ କିଲୋମିଟର ରେସ୍ ୱାକ୍‌ରେ ପ୍ରିୟଙ୍କା ଗୋସ୍ୱାମୀ ୫ମ ସ୍ଥାନରେ ରହିଥିଲେ। ସେ ୧ ଘଣ୍ଟା ୪୩ ମିନିଟ ୭ ସେକେଣ୍ଡ ସମୟ ନେଇଥିଲେ। ପୁରୁଷ ୨୦ କିମି ରେସ୍ ୱାକ୍‌ରେ ବିକାଶ ସିଂ ୫ମରେ ରହିଥିଲେ। ସନ୍ଦିପ ସିଂ ରେସ୍ ସମୟରେ ଅଯୋଗ୍ୟ ଘୋଷିତ ହୋଇଥିଲେ।



ଶୁଟିଂର ପୁରୁଷ ୫୦ ମିଟର ରାଇଫଲ ୩ ପୋଜିଶନ ଟିମ୍ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ବିଜୟୀ ଭାରତର ଐଶ୍ୱର୍ଯ୍ୟ ପ୍ରତାପ ସିଂ ତୋମାର, ସ୍ୱପ୍ନିଲ ସୁରେଶ କୁଶାଲେ ଓ ଅଖିଲ ଶେଓରନ।

## ଏସିଆନ ଗେମ୍ସରେ ଭାରତର ପଦକ (ଶୁକ୍ରବାର)

**ସ୍ୱର୍ଣ୍ଣ**

- ପଲକ ଗୁଲିଆ: ମହିଳା ୧୦ ମିଟର ଏୟାର ପିସ୍ତଲ
- ଐଶ୍ୱର୍ଯ୍ୟ ପ୍ରତାପ ସିଂ ତୋମାର, ସ୍ୱପ୍ନିଲ ସୁରେଶ କୁଶାଲେ, ଅଖିଲ ଶେଓରନ : ପୁରୁଷ ୫୦ ମିଟର ରାଇଫଲ ୩ ପୋଜିଶନ ଟିମ୍ ଇଭେଣ୍ଟ

**ରୌପ୍ୟ**

- ପଲକ, ଇଶା ସିଂ ଓ ଦିବ୍ୟା ଥାଡିଗୋଲ: ମହିଳା ୧୦ ମିଟର ଏୟାର ପିସ୍ତଲ ଟିମ୍ ଇଭେଣ୍ଟ
- ଇଶା ସିଂ: ମହିଳା ୧୦ ମିଟର ଏୟାର ପିସ୍ତଲ
- ଐଶ୍ୱର୍ଯ୍ୟ ପ୍ରତାପ ସିଂ ତୋମାର: ପୁରୁଷ ୫୦ ମିଟର ରାଇଫଲ ୩ ପୋଜିଶନ
- ରାମକୁମାର ରମାନାଥନ ଓ ସାକେଥ ମାଇନେନି: ପୁରୁଷ ଡବଲ୍ସ ଟେନିସ

**ବ୍ରୋଞ୍ଜ**

- ଜ୍ୟୋତ୍ସ୍ନା ଚିନାପ୍ପା, ଅନାହତ ସିଂ, ତନଭି ଖାନ୍ନା: ସ୍କ୍ୱାଶ୍ ମହିଳା ଟିମ୍ ଇଭେଣ୍ଟ
- କିରଣ ବଳିୟାନ: ମହିଳା ଶଟ୍‌ପୁଟ

**ମହିଳା ହକି**

# ମାଲେସିଆକୁ ୬-୦ ଗୋଲ୍‌ରେ ହରାଇଲା ଭାରତ

ହାଙ୍ଗଝୋ, ୨୯।୯(ପି.ଟି.)

ଏସିଆନ ଗେମ୍ସ ମହିଳା ହକି ପ୍ରତିଯୋଗିତାରେ ଶୁକ୍ରବାର ମାଲେସିଆ ବିପକ୍ଷରେ ଭାରତ ୬-୦ ଗୋଲ୍‌ରେ ବିପୁଳ ବିଜୟ ହାସଲ କରିଛି। ପୁଲ୍-'ଏ'ରେ ଦଳର ଏହା ହେଉଛି କ୍ରମାଗତ ଦ୍ୱିତୀୟ ବିଜୟ। ଭାରତ ତରଫରୁ ମୋନିକା ୭ମ ମିନିଟ୍‌ରେ ଗୋଲ୍ ଓପନ କରିଥିଲେ। ଅନ୍ୟ ଗୋଲ୍‌ଗୁଡ଼ିକୁ ଦୀପ୍‌ଗ୍ରେସ୍ ଏକ୍କା (୮ମ ମିନିଟ), ନବନୀତ କୌର (୧୧ଶ ମିନିଟ), ବୈଷ୍ଣବୀ ବିଥାଲ ଫାଲ୍‌କେ (୧୫ତମ), ସଙ୍ଗୀତା କୁମାରୀ (୨୪ତମ) ଏବଂ ଲାଲରେମ୍‌ସିଆମି (୫୦ତମ) ପ୍ରମୁଖ ସ୍କୋର କରିଥିଲେ। ଭାରତ ଏହି ମ୍ୟାଚରେ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲା। ଦଳକୁ କେତୋଟି ପେନାଲ୍ଟି କର୍ନର ମିଳିଥିଲା, ହେଲେ ଏହାର ସଦୁପଯୋଗ କରିପାରି ନ ଥିଲା। ଦଳ ଏହାର ପୂର୍ବ ମ୍ୟାଚରେ ସିଙ୍ଗାପୁରକୁ ୧୩-୦ ଗୋଲ୍‌ରେ ପରାସ୍ତ କରିଥିଲା। ପୁଲ୍ 'ଏ'ରେ ଭାରତ ଏହାର ପରବର୍ତ୍ତୀ ମ୍ୟାଚ ରବିବାର କୋରିଆ ବିପକ୍ଷରେ ଖେଳିବ।

# ରାମକୁମାର-ମାଇନେନିଙ୍କୁ ରୌପ୍ୟ

**ଏସିଆନ ଗେମ୍ସ**

ହାଙ୍ଗଝୋ, ୨୯।୯(ପି.ଟି.)

ଏସିଆନ ଗେମ୍ସର ପୁରୁଷ ଡବଲ୍ସ ଟେନିସରେ ଭାରତର ରାମକୁମାର ରମାନାଥନ ଓ ସାକେଥ ମାଇନେନି ରୌପ୍ୟ ପଦକ ହାସଲ କରିଛନ୍ତି। ଶୁକ୍ରବାର ଅନୁଷ୍ଠିତ ଫାଇନାଲରେ ଏହି ଭାରତୀୟ ଯୋଡ଼ି ଚାଇନିଜ ତାଇପେର ସୁ ୟୁ-ସିଓ ଓ ଜାସନ ଜଙ୍ଗଙ୍କଠାରୁ ହାରି ଯାଇଛନ୍ତି। ତେବେ ଟେନିସ କୋର୍ଟରୁ ଭାରତର ସ୍ୱର୍ଣ୍ଣ ଆଶା ଉଜ୍ଜୀବିତ ରହିଛି। ମିକ୍ସଡ ଡବଲ୍ସରେ ରୋହନ ବୋପାନ୍ନା ଓ ଋତୁଜା ଭୋସାଲେ ଫାଇନାଲରେ ପ୍ରବେଶ କରିଛନ୍ତି। ତାଇପେ ଯୋଡ଼ି ଅଣସିଡେଡ ଭାବେ ଖେଳିଥିଲେ ହେଁ ଉଭୟ ସୁ (୧୮୨) ଓ ଜଙ୍ଗ୍ (୨୩୧) ଉନ୍ନତ ର୍ୟାଙ୍କ୍‌ପ୍ରାପ୍ତ ସିଙ୍ଗଲ୍ସ ଖେଳାଳି। ଉଭୟ ଟାଇଟଲ ପର୍ଯ୍ୟାୟରେ ଚମତ୍କାର ଗ୍ରାଉଣ୍ଡ ଷ୍ଟ୍ରୋକ୍ ଖେଳି ଭାରତୀୟ ଯୋଡ଼ିଙ୍କୁ ୬-୪, ୬-୪ ସେଟ୍‌ରେ ପରାସ୍ତ କରିଥିଲେ। ରାମକୁମାରଙ୍କ ପାଇଁ ଏହାଥିଲା ପ୍ରଥମ ଏସିଆନ ଗେମ୍ସ ପଦକ। ଅନ୍ୟପକ୍ଷରେ ମାଇନେନି ତୃତୀୟ ପଦକ ହାସଲ କରିଛନ୍ତି। ସେ ୨୦୧୪ ଇଞ୍ଚିଅନ ଏସିଆନ ଗେମ୍ସରେ ସନମ ସିଂଙ୍କୁ ସାଥିକରି ପୁରୁଷ ଡବଲ୍ସରେ ରୌପ୍ୟ ଓ ସାନିଆ ମିର୍ଜାଙ୍କୁ ପାର୍ଟନର କରି ମିକ୍ସଡ ଡବଲ୍ସରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଏଠାରେ ଶୁକ୍ରବାର ଅନୁଷ୍ଠିତ ମିକ୍ସଡ ଡବଲ୍ସ ସେମିଫାଇନାଲରେ ବୋପାନ୍ନା-ଋତୁଜା ଯୋଡ଼ି ଚାଇନିଜ୍ ତାଇପେର ଚାନ୍ ହାଓ-ଚିଙ୍ଗ୍ ଓ ୟୁ-ସିଓ ସୁଙ୍କୁ ୬-୧, ୩-୬, ୧୦-୪ରେ ପରାସ୍ତ କରିଥିଲେ।

# ସେମି ସହ ନିଖତଙ୍କୁ ଅଲିମ୍ପିକ କୋଟା

ହାଙ୍ଗଝୋ, ୨୯।୯(ପି.ଟି.)

ଦୁଇଥର ବିଶ୍ୱ ଚାମ୍ପିୟନ ଭାରତୀୟ ବକ୍ସର ନିଖତ ଜରିନ୍ ଏସିଆନ ଗେମ୍ସ ମହିଳା ୫୦କେଜି ଶ୍ରେଣୀ ବକ୍ସିଂ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଏଥିସହିତ ସେ ଏକ ପଦକ ପକ୍କା କରିପାରିଛନ୍ତି। ଟୁର୍ନାମେଣ୍ଟରେ ନିଖତଙ୍କର ଏହା ଥିଲା ତୃତୀୟ ବାଉଟ୍। କ୍ୱାର୍ଟରଫାଇନାଲରେ ସେ ଜୋର୍ଡାନର ନାସ୍‌ବାର୍ ହାନାନଙ୍କୁ ଏକ ଆର୍‌ଏସ୍‌ସି (ରେଫରି ଷ୍ଟପ୍ସ କଣ୍ଟେଷ୍ଟ) ସହ ୩ ମିନିଟରୁ କମ୍ ସମୟ ମଧ୍ୟରେ ହରାଇ ଦେଇଥିଲେ। ଭାରତର ବିଶ୍ୱ ଚାମ୍ପିୟନଶିପ୍ ବ୍ରୋଞ୍ଜ ପଦକ ବିଜେତା ପରବିନ୍ ସ୍ଥାନୀୟ ଫେଭରାଇଟ୍ ଜିଚୁନ୍ ଜୁଙ୍କୁ ୫-୦ରେ ହରାଇ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ଅନ୍ୟପକ୍ଷରେ ଲକ୍ଷ୍ୟ ଚହର ପ୍ରଥମ ରାଉଣ୍ଡରୁ ବିଦାୟ ନେଇଛନ୍ତି। ୮୦କେଜି ଶ୍ରେଣୀ ରାଉଣ୍ଡ ଅଫ୍ ୧୬ ବାଉଟ୍‌ରେ ସେ କିରଗିଜ୍‌ସ୍ତାନର ଓମୁରବେକ୍ ବେକ୍‌ଝିଗିଟ୍ ଉଲୁଙ୍କଠାରୁ ୧-୪ରେ ପରାଜିତ ହୋଇଛନ୍ତି। ୫୦କେଜି, ୫୪କେଜି, ୫୭କେଜି ଓ ୬୦କେଜି ମହିଳା ଇଭେଣ୍ଟ ସେମିଫାଇନାଲିଷ୍ଟ ଏବଂ ୬୬କେଜି ଓ ୭୫କେଜି ଶ୍ରେଣୀ ଫାଇନାଲିଷ୍ଟ ପ୍ୟାରିସ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିବେ। ପୁରୁଷ ଇଭେଣ୍ଟରେ ୭ଟି ଓଜନ ଶ୍ରେଣୀରେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ବିଜେତା ଅଲିମ୍ପିକ କୋଟା ହାସଲ କରିବେ।

# ମହିଳା, ପୁରୁଷ ଦଳର ବିଜୟ

ହାଙ୍ଗଝୋ, ୨୯।୯ (ପି.ଟି.)

ଏସିଆନ ଗେମ୍ସ ଚେସ୍ ଟିମ୍ ଇଭେଣ୍ଟରେ ଭାରତର ଉଭୟ ପୁରୁଷ ଓ ମହିଳା ଦଳ ବିଜୟ ସହ ସେମାନଙ୍କର ଅଭିଯାନ ଆରମ୍ଭ କରିଛନ୍ତି। ଶୁକ୍ରବାର ଉଭୟ ଯଥାକ୍ରମେ ମଙ୍ଗୋଲିଆ ଓ ଫିଲିପାଇନ୍ସ ବିପକ୍ଷରେ ସହଜ ବିଜୟ ହାସଲ କରିଛନ୍ତି। ଦୁଇ ଦଳ ସେମାନଙ୍କ ପ୍ରଥମ ରାଉଣ୍ଡ ମୁକାବିଲା ସମାନ ୩.୫-୦.୫ ବ୍ୟବଧାନରେ ଜିତିଛନ୍ତି।



ପୁରୁଷ ଡବଲ୍ସ ଟେନିସରେ ରୌପ୍ୟ ପଦକ ବିଜୟ ପରେ ସେଲ୍‌ଫି ନେଇଛନ୍ତି ଭାରତର ରାମକୁମାର ରମାନାଥନ ଓ ସାକେଥ ମାଇନେନି।



ରୌପ୍ୟ ପଦକ ବିଜୟିନୀ ଭାରତୀୟ ଶୁଟର ଦିବ୍ୟା ଥାଡିଗୋଲ, ଇଶା ସିଂ ଓ ପଲକ ଗୁଲିଆ।

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ